RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-167 ◆BHUBANESWAR ◆FRIDAY ◆13 DECEMBER 2024 ◆PAGE-14 ◆₹ 6.00

◆ବର୍ଷ-୪୨ ◆ସଂଖ୍ୟା-୧୬୭ ◆ଭୁବନେଶ୍ୱର ◆ଶୁକ୍ରବାର ◆୧୩ ଡିସେମ୍ବର ୨୦୨୪ ◆ପୃଷ୍ଠା-୧୪ ◆ଟ.୬.୦୦

## ଗୁକେଶ ବିଶ୍ୱ ଚେସ୍ ଚାମ୍ପିଅନ୍




■ **ସିଙ୍ଗାପୁର, ୧୨।୧୨ (ଏଜେନ୍ସି):** ଭାରତୟ ଚେସ୍ ଗ୍ରାଣ୍ଡମାଷ୍ଟର ଦୋମ୍ମାରାଜୁ ଗୁକେଶ ଇତିହାସ ସୃଷ୍ଟି କରିଛନ୍ତି। ସିଙ୍ଗାପୁରରେ ଅନୁଷ୍ଠିତ ବିଶ୍ୱ ଚେସ୍ ଚାମ୍ପିଅନସିପ୍‌ରେ ସେ ଟାଇଟଲ ହାସଲ କରିଛନ୍ତି। ଚେନ୍ନାଇ ଜନ୍ମିତ ୧୮ ବର୍ଷୀୟ ଗୁକେଶ ଏଥିସହ ବିଶ୍ୱର ସର୍ବକନିଷ୍ଠ ଖେଳାଳି ଭାବେ ଟାଇଟଲ ହାସଲ କରିଛନ୍ତି। ସେ ଗୁରୁବାର ଅନ୍ତିମ ତଥା ୧୪ତମ ମୁକାବିଲାରେ ଚୀନ୍‌ର ଡିଙ୍ଗ୍ ଲିରେନ୍‌ଙ୍କୁ ପରାସ୍ତ କରିବା ସହ ୭.୫- ୬.୫ରେ ଆଗୁଆ ରହି ବାଜି ମାରିଛନ୍ତି। ଏଥିସହ ସେ ୨୦ କୋଟି ୮୬ ଲକ୍ଷ ଟଙ୍କା ଆର୍ôଥକ ପୁରସ୍କାର ହାସଲ କରିଛନ୍ତି। ବିଶ୍ୱ ଚେସ୍ ଚାମ୍ପିଅନସିପ୍‌ର ୧୩୮ ବର୍ଷର ଇତିହାସରେ ପ୍ରଥମଥର ପାଇଁ ଦୁଇ ଏସୀୟ ଖେଳାଳି ଅର୍ଥାତ ଚୀନ୍ ଓ ଭାରତର ପ୍ରତିଯୋଗୀ ପରସ୍ପରକୁ ଭେଟିଥିଲେ। ନଭେମ୍ବର ୨୫ରେ ଏହି ଚାମ୍ପିଅନସିପ୍ ଆରମ୍ଭ ହୋଇଥିଲା। ବିଶ୍ୱନାଥନ ଆନନ୍ଦଙ୍କ ପରେ ସେ ଦ୍ୱିତୀୟ ଖେଳାଳି ଭାବେ ବିଶ୍ୱ ଚାମ୍ପିଅନ ହୋଇଛନ୍ତି। ୨୦୧୨ରେ ଆନନ୍ଦ ପ୍ରଥମ ଭାରତୀୟ ଖେଳାଳି ଭାବେ ବିଶ୍ୱ ଚାମ୍ପିଅନ ହେବାର ଗୌରବ ଅର୍ଜନ କରିଥିଲେ।

## 'ଏକ ରାଷ୍ଟ୍ର, ଏକ ନିର୍ବାଚନ' ବିଲ୍‌କୁ କ୍ୟାବିନେଟ୍ ମୋହର

### ଆସନ୍ତା ସପ୍ତାହରେ ସଂସଦରେ ଉପସ୍ଥାପନ ହୋଇପାରେ

### ବିରୋଧୀଙ୍କ ବିରୋଧ, ଜେପିସିକୁ ଯାଇପାରେ ବିଲ୍



■ **ନୂଆଦିଲ୍ଲୀ,୧୨।୧୨(ଏଜେନ୍ସି):** ସାରା ଦେଶରେ ଏକ ସମୟରେ ଲୋକସଭା ସହିତ ସମସ୍ତ ବିଧାନସଭା ନିର୍ବାଚନ ଆୟୋଜନ ଲାଗି ଉଦ୍ଦିଷ୍ଟ 'ଏକ ରାଷ୍ଟ୍ର, ଏକ ନିର୍ବାଚନ' ବିଲ୍‌ର ଚିଠାପ୍ରସ୍ତାବକୁ ଆଜି କେନ୍ଦ୍ର ମନ୍ତ୍ରିମଣ୍ଡଳ ଅନୁମୋଦନ ପ୍ରଦାନ କରିଛନ୍ତି। ଆସନ୍ତା ସପ୍ତାହ ଏହା ସଂସଦରେ ଆଗତ ହେବାର ସମ୍ଭାବନା ରହିଛି। ତେବେ ଏହି ବିଲ୍‌କୁ ବିରୋଧୀ ଦଳମାନେ ବିରୋଧ କରୁଥିବାରୁ ଏହା ଉପରେ ଅଧିକ ବିତର୍କ ଲାଗି ବିଲ୍‌କୁ ଯୁଗ୍ମ ସଂସଦୀୟ କମିଟିକୁ ପଠାଯାଇପାରେ ବୋଲି କୁହାଯାଉଛି। ଏହି ବିଲ୍‌କୁ ସରକାର ଏବଂ ସହଯୋଗୀ ଦଳ ସମର୍ଥନ କରୁଥିବା ବେଳେ ବିରୋଧୀ ଦଳ ଏହାକୁ ଅସାମ୍ବିଧାନିକ ଏବଂ ସଂଘୀୟ ▶ପୃଷ୍ଠା-୬

**ଉପାସନା ପୀଠ ଆଇନ-୧୯୯୧ର ବୈଧତା**

## ମାମଲା ଉପରେ ସୁପ୍ରିମକୋର୍ଟଙ୍କ ରୋକ୍

### ଗ୍ରହଣ ହେବନାହିଁ ନୂଆ ପିଟିସନ

### ଅଟକିବ ବିଚାରାଧୀନ ମାମଲା

### କୌଣସି ନିର୍ଦ୍ଦେଶ ଦେଇପାରିବେ ନାହିଁ ଅଦାଲତ

### ସର୍ଭେ ପ୍ରକ୍ରିୟା ବି ବନ୍ଦ ରହିବ

### ୪ ସପ୍ତାହ ମଧ୍ୟରେ ଜବାବ ରଖିବାକୁ କେନ୍ଦ୍ରକୁ ନିର୍ଦ୍ଦେଶ



■ **ନୂଆଦିଲ୍ଲୀ, ୧୨।୧୨ (ଏଜେନ୍ସି):** ଏବେ ଦେଶର ବିଭିନ୍ନ ସ୍ଥାନରେ ପୂଜାସ୍ଥଳକୁ ନେଇ ନୂଆ ନୂଆ ବିବାଦ ସୃଷ୍ଟି ହୋଇଛି ଏବଂ ଅନେକ ଅଦାଲତରେ ପିଟିସନ ସଂଖ୍ୟା ମଧ୍ୟ ବଢ଼ି ବଢ଼ି ଚାଲିଛି। ବିଶେଷ କରି ମସଜିଦ ଓ ଦରଘା ଭଳି ପୂଜାସ୍ଥଳ ଦଖଲ ପାଇଁ ଏଭଳି ପିଟିସନ କୋର୍ଟରେ ଦାଖଲ ହେଉଛି ଏବଂ କେତେକ ସ୍ଥାନରେ କୋର୍ଟ ଆଦେଶରେ ସର୍ଭେ ମଧ୍ୟ ହେଉଛି। ଏହାକୁ ନେଇ ସାରା ଦେଶରେ ଅଶାନ୍ତ ପରିବେଶ ସୃଷ୍ଟି ହୋଇଥିବା ବେଳେ ସୁପ୍ରିମ କୋର୍ଟ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। କହିଛନ୍ତି ଯେ ସର୍ବୋଚ୍ଚ ଅଦାଲତଙ୍କ ଅନ୍ୟାଦେଶ ପର୍ଯ୍ୟନ୍ତ ଦେଶର କୌଣସି ଅଦାଲତ ଏସଂକ୍ରାନ୍ତ କୌଣସି ପ୍ରକାର ନୂଆ ପିଟିସନକୁ ଗ୍ରହଣ କରିବେ ନାହିଁ। ଏହାସହିତ ବିଚାରାଧୀନ ମାମଲା ଉପରେ ମଧ୍ୟ ଅନ୍ତରୀଣ କି ଚୂଡ଼ାନ୍ତ ଆଦେଶ ଦେଇପାରିବେ ନାହିଁ। ସର୍ଭେ କାମ ମଧ୍ୟ ବନ୍ଦ ରହିବ।

ପୂଜାସ୍ଥଳ ଆଇନ-୧୯୯୧ର ବୈଧତାକୁ ଚ୍ୟାଲେଞ୍ଜ କରି ଆଗତ ପିଟିସନ ଉପରେ ଶୁଣାଣି କରି ପ୍ରଧାନ ବିଚାରପତି ଜଷ୍ଟିସ ସଂଜୀବ ଖାନ୍ନାଙ୍କ ଅଧ୍ୟକ୍ଷତାର ଗଠିତ ସ୍ୱତନ୍ତ୍ର ବେଞ୍ଚ ଏହି ଆଦେଶ ଦେଇଛନ୍ତି। ଏହି ବେଞ୍ଚରେ ଜଷ୍ଟିସ ସଂଜୟ କୁମାର ଏବଂ ଜଷ୍ଟିସ କେଭି ବିଶ୍ୱନାଥନ ଅଛନ୍ତି। ସୂଚନାଯୋଗ୍ୟ ଯେ ୧୦ଟି ମସଜିଦ ଓ ଦରଘାକୁ ବିବାଦୀୟ ଦର୍ଶାଇ ବିଭିନ୍ନ ହିନ୍ଦୁ ସଂଗଠନ ପକ୍ଷରୁ ଆଗତ ୧୮ଟି ପିଟିସନ ବିଭିନ୍ନ ଅଦାଲରେ ବିଚାରାଧୀନ ରହିଛି। ଏଥିରେ ବାରାଣାସୀରେ ଜ୍ଞାନବ୍ୟାପୀ ମସଜିଦ, ମଥୁରାରେ ସାହୀ ଇଦଘା ମସଜିଦ ଏବଂ ସମ୍ଭଲରେ ସାହୀ ଜାମା ମସଜିଦ ମାମଲା ରହିଛି। ଏହିସବୁ ଧର୍ମପୀଠର ମୂଳ ଧାର୍ମିକ ସ୍ୱରୂପ କଣ ଥିଲା ତାହା ଜାଣିବା ପାଇଁ ଏହାର ସର୍ଭେ କରିବା ଲାଗି ସେମାନେ ଦାବି କରିଛନ୍ତି। ଏହିସବୁ ମାମଲା ଉପରେ ରୋକ୍ ଲଗାଇଛନ୍ତି ସୁପ୍ରିମ କୋର୍ଟ। ମାନ୍ୟବର ବେଞ୍ଚ କହିଛନ୍ତି ଯେ ସମଗ୍ର ମାମଲା ଏବେ ଏହି ଅଦାଲତଙ୍କ ବିଚାରାଧୀନ ଥିବାରୁ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ଏସଂକ୍ରାନ୍ତ ସମସ୍ତ ଅଦାଲତୀ କାର୍ଯ୍ୟ ବନ୍ଦ ରହିବ।

ପୂଜାସ୍ଥଳ (ସ୍ୱତନ୍ତ୍ର ବ୍ୟବସ୍ଥା) ଆଇନ-୧୯୯୧ର ବୈଧତାକୁ ଚ୍ୟାଲେଞ୍ଜ କରି ସୁପ୍ରିମ କୋର୍ଟରେ ଆଗତ ୬ଟି ମାମଲାର ଶୁଣାଣି ଆଜି ଆରମ୍ଭ ହୋଇଛି। ହିନ୍ଦୁ ସଂପ୍ରଦାୟ ପକ୍ଷରୁ ୧୯୯୧ ପୂଜାସ୍ଥଳ ଆଇନର କେତେକ ଧାରାର ବୈଧତାକୁ ନେଇ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯିବା ପରେ ଏହାକୁ ମୁସଲମାନ ସଂପ୍ରଦାୟ ପକ୍ଷରୁ ତୀବ୍ର ବିରୋଧ କରାଯାଇଛି। ବିଶେଷକରି ଏହି ଆଇନର ଧାରା ୩ ଏବଂ ୪କୁ ▶ପୃଷ୍ଠା-୬

## ସଂସଦରେ ଅଚଳାବସ୍ଥା ଜାରି

### ୧୪ ଦିନ ପରେ ବି ସ୍ୱାଭାବିକ ହୋଇପାରୁନି ସଂସଦୀୟ କାର୍ଯ୍ୟ

### ଲୋକସଭାରେ ସୋରସ୍ ଝଡ଼

### ରାଜ୍ୟସଭାରେ ଧନଖଡ଼, ସୋରସ ପ୍ରସଙ୍ଗରେ ମୁହାଁମୁହିଁ

■ **ନୂଆଦିଲ୍ଲୀ, ୧୨।୧୨ (ଏଜେନ୍ସି):** ସଂସଦର ଚଳିତ ଶୀତକାଳୀନ ଅଧିବେଶନକୁ ଇତିମଧ୍ୟରେ ୧୪ ଦିନ ବିତିଛି। ହେଲେ ବର୍ତ୍ତମାନ ସୁଦ୍ଧା ଗୃହକାର୍ଯ୍ୟ ସ୍ୱାଭାବିକ ହୋଇପାରି ନାହିଁ। ବିରୋଧୀ ମେଣ୍ଟ ଆଦାନୀ ପ୍ରସଙ୍ଗକୁ ନେଇ ଶାସକ ଦଳକୁ ଘେରିଥିଲା ବେଳେ ଶାସକ ଗୋଷ୍ଠୀ ଜର୍ଜ ସୋରସ୍ ପ୍ରସଙ୍ଗକୁ ନେଇ ବିରୋଧୀଙ୍କୁ ଘେରିଛନ୍ତି। ପୁଣି ଏଥିରେ ଯୋଡ଼ି ହୋଇଯାଇଛି ରାଜ୍ୟସଭା ଅଧ୍ୟକ୍ଷ ଧନଖଡ଼ ପ୍ରସଙ୍ଗ। ଏହାକୁ ନେଇ ସଂସଦ ଆଜି ମଧ୍ୟ ଅଚଳ ରହିଛି।

ଲୋକସଭାରେ ବିଜେପି ସଭ୍ୟ ନିଶିକାନ୍ତ ଦୁବେ ଆଜି ସୋରସ ପ୍ରସଙ୍ଗ ଉଠାଇ ଗାନ୍ଧୀ ପରିବାରକୁ ଘେରିଥିଲେ। ସୋରସ ପରିବାର ସହିତ ସୋରସର କି ସଂପର୍କ ରହିଛି ବୋଲି ପ୍ରଶ୍ନ କରିବାରୁ ବିରୋଧୀ ଦଳ ଏହାକୁ ବିରୋଧ କରିଥିଲେ। ଏହାକୁ ନେଇ ବିରୋଧୀ ଏବଂ ଶାସକ ଦଳ ମୁହାଁମୁହିଁ ହୋଇଥିଲେ। ଉଭୟ ପକ୍ଷର ସଦସ୍ୟମାନେ ପରସ୍ପର ପ୍ରତି ଆରୋପ, ପ୍ରତ୍ୟାରୋପ ଆଣିବା ସହ ଗୃହ କମ୍ପାଇଥିଲେ। ସଦସ୍ୟମାନଙ୍କୁ ଶାନ୍ତ କରିବାକୁ ବାଚସ୍ପତି ଓମ୍ ବିର୍ଲା ବାରମ୍ବାର ପ୍ରୟାସ କରିଥିଲେ ହେଁ ହଟ୍ଟଗୋଳ ବନ୍ଦ ନ ହେବାରୁ ସେ ଦିନ ଗୋଟାଏ ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କରିଥିଲେ।

ସେହିପରି ରାଜ୍ୟସଭାରେ ଗୃହ କାର୍ଯ୍ୟ ଆରମ୍ଭ ହେବା କ୍ଷଣି ଉଭୟ ଶାସକ ଏବଂ ବିରୋଧୀ ଏହି ଦୁଇ ପ୍ରସଙ୍ଗକୁ ନେଇ ହୋହଲ୍ଲା ଆରମ୍ଭ କରିଦେଇଥିଲେ। ବିଜେପି ସାଂସଦ ତଥା ଦଳୀୟ ଅଧ୍ୟକ୍ଷ ଜେ ପି ନଡ୍ଡା ଜର୍ଜ ସୋରସ୍ ପ୍ରସଙ୍ଗରେ କଂଗ୍ରେସକୁ ତୀବ୍ର ଭର୍ତ୍ସନା କରିବା ସହିତ ସୋରସ ସହିତ ସୋନିଆ ଗାନ୍ଧୀଙ୍କର କି ସଂପର୍କ ରହିଛି ବୋଲି ପ୍ରଶ୍ନ କରିଥିଲେ। ଦେଶରେ ଅସ୍ଥିରତା ସୃଷ୍ଟି କରିବା ଲାଗି ସୋରସ କୋଟି ▶ପୃଷ୍ଠା-୬

## 'ପେସା' ଫାଶରେ ସରକାର

### ପ୍ରତିଶ୍ରୁତି ରଖିପାରିଲେନି ପଞ୍ଚାୟତିରାଜ ମନ୍ତ୍ରୀ

### କ୍ଷୋଭ ପ୍ରକାଶ କଲେ କଂଗ୍ରେସ ବିଧାୟକ ଦଳ ନେତା କାଡାମ୍

### ବିଜେପି-ଆରଏସଏସ ଓଡ଼ିଶାରେ ପେସା ଆଇନ ଚାହୁଁନାହାନ୍ତି

■ **ଭୁବନେଶ୍ୱର,୧୨।୧୨(ସମିସ):** ଆଦିବାସୀଙ୍କ ଭାଷା, ସଂସ୍କୃତି ଏବଂ ଅଧିକାରର ସୁରକ୍ଷା ପାଇଁ ରାଜ୍ୟ ସରକାର ବଦ୍ଧପରିକର ବୋଲି ଉଲ୍ଲେଖ ସହ ଶୀତ ଅଧିବେଶନରେ ସରକାର ପେସା ଆଇନ ଆଣିବା ପାଇଁ ଘୋଷଣା କରିଥିଲେ। ସେପ୍ଟେମ୍ବର ମାସରେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ବିଧାନସଭାରେ ଏ ସଂକ୍ରାନ୍ତରେ ଦମ୍ଭୋକ୍ତି ବାଢ଼ିଥିଲେ। ମାତ୍ର ଶୀତ ଅଧିବେଶନ ସରିଲା ସିନା; ପେସା ଆଇନ ଗୃହରେ ଆଗତ ହୋଇ ପାରିଲା ନାହିଁ।

ବଜେଟ୍ ଅଧିବେଶନ ସମୟରେ ପେସା ଆଇନକୁ ନେଇ ବିରୋଧୀ ଗୃହରେ ଉଦ୍‌ବେଗ ପ୍ରକାଶ କରିଥିଲେ। ଏହାକୁ ଦୃଷ୍ଟିରେ ରଖି ପଞ୍ଚାୟତିରାଜ ମନ୍ତ୍ରୀ ଆସନ୍ତା ଶୀତ ଅଧିବେଶନରେ ▶ପୃଷ୍ଠା-୬

## ଗର୍ଭବତୀଙ୍କୁ ଗୁଳିକରି ହତ୍ୟାକଲେ ଲୁଟେରା

■ **ବଣାଇଁ, ୧୨।୧୨ (ସମିସ):** ବଣାଇଁ ଉପଖଣ୍ଡ ଟିକାୟତପାଲି ଥାନା ଝିର୍ଡାପାଲି ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଲୁଟ୍ କରିବା ଉଦ୍ଦେଶ୍ୟରେ ଘରେ ପଶିଥିବା ଦୁର୍ବୃତ୍ତମାନେ ଜଣେ ମହିଳାଙ୍କୁ ଗୁଳି କରି ହତ୍ୟା କରିଛନ୍ତି। ମୃତ ମହିଳା ହେଲେ, ଦେବେନ ବେହେରାଙ୍କ ସ୍ତ୍ରୀ ସମ୍ୟମୟୀ (୩୦)। ଆଜି ସକାଳେ ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଖେଳି ଯାଇଛି।

ସୂଚନାନୁସାରେ, ସମ୍ୟମୟୀ ବର୍ଷକ ତଳେ ଦେବେନଙ୍କୁ ବିବାହ କରିଥିଲେ। ସେ ସାତ ମାସର ଗର୍ଭବତୀ ଥିଲେ। ଗତକାଲି ବିଳମ୍ବିତ ▶ପୃଷ୍ଠା-୬

**ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍**

## ରୁଷିଛନ୍ତି ରାଜ୍ୟପାଳ; ଆଇନ ବିଳମ୍ବିତ !

### ପ୍ରସ୍ତାବିତ ଆଇନରେ ରାଜ୍ୟପାଳଙ୍କ କ୍ଷମତା ସଂକୋଚନ ଚର୍ଚ୍ଚା

### ହଜାର ହଜାର ଅଧ୍ୟାପକ ପଦବୀ ଖାଲି; ବିପର୍ଯ୍ୟସ୍ତ ଉଚ୍ଚଶିକ୍ଷା

■ **ଭୁବନେଶ୍ୱର,୧୨।୧୨(ସମିସ):** ବିଜେଡି ସରକାର ୨୦୨୦ରେ ଆଣିଥିବା ବିଶ୍ୱବିଦ୍ୟାଳୟ ବିଲ୍‌ରେ ସଂଶୋଧନ ପାଇଁ ଆରମ୍ଭରୁ ଜୋର ଲଗାଇ ଦେଇଛି ରାଜ୍ୟର ବିଜେପି ସରକାର। ବିଶେଷ ଭାବରେ ବିଶ୍ୱବିଦ୍ୟାଳୟଗୁଡ଼ିକରେ ନିଯୁକ୍ତି ଲୋକସେବା ଆୟୋଗ ହାତରୁ କାଢ଼ିନେଇ କୁଳପତିଙ୍କ ହାତରେ ନ୍ୟସ୍ତ କରିବା, କୁଳପତିଙ୍କ କାର୍ଯ୍ୟକାଳ ବୃଦ୍ଧି ନିମନ୍ତେ ସଂଶୋଧିତ ବିଲ୍ ଆଣିବାକୁ ଯୋଜନା କରାଯାଇଛି। ଶୀତ ଅଧିବେଶନରେ ଏହି ବିଲ୍ ଆଣିବାକୁ ସରକାର ପୂରା ପ୍ରସ୍ତୁତି କରିଥିଲେ ହେଁ ଶେଷରେ ଏଥିରୁ ବିରତ ରହିଛନ୍ତି। ବିଲ୍‌ରେ କ୍ଷମତା ସଂକୁଚିତ କରାଯାଇଥିବା କୁଳାଧିପତି (ରାଜ୍ୟପାଳ) ଆପତ୍ତି କରିଥିବାରୁ ବିଲ୍ ଆଗତ ହୋଇ ପାରିଲା ନାହିଁ ବୋଲି ଅସମର୍ଥିତ ସୂତ୍ରରୁ ସୂଚନା ମିଳିଛି। ଅନ୍ୟପକ୍ଷରେ ବିଲ୍‌ର କିଛି ଅଂଶରେ ରହିଥିବା ସର୍ତ୍ତ ସରକାରୀ ବିଶ୍ୱବିଦ୍ୟାଳୟକୁ କ୍ଷତି ପହଞ୍ଚାଇବା ଓ ଘରୋଇ ବିଶ୍ୱବିଦ୍ୟାଳୟର ସ୍ୱାର୍ଥ ସାଧନ ନିମନ୍ତେ ଅଭିପ୍ରେତ ଥିବାରୁ ସରକାରୀସ୍ତରରେ ଏହାକୁ ନେଇ ସହମତି ହୋଇପାରି ନ ଥିବା ମଧ୍ୟ କୁହାଯାଉଛି। ଡିସେମ୍ବର ୨ ତାରିଖରେ ବିଧାନସଭାରେ ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍ ୨୦୨୪ ଉପସ୍ଥାପନ ହେବ ବୋଲି କାର୍ଯ୍ୟସୂଚୀ ପ୍ରସ୍ତୁତ ହୋଇଥିଲା। ମାତ୍ର ସେହିଦିନ ଏହି ବିଲ୍ ଗୃହରେ ଉପସ୍ଥାପିତ ହୋଇପାରିଲା ନାହିଁ। ଡିସେମ୍ବର ୫ ତାରିଖରେ ବ୍ୟୟମଞ୍ଜୁରୀ ବିଧେୟକ ପାରିତ ହେଲା। ଏହାପରେ କୌଣସି ସରକାରୀ କାର୍ଯ୍ୟ ନ ଥିବା ବେଳେ ସରକାର ୧୧ ତାରିଖ ପର୍ଯ୍ୟନ୍ତ ଗୃହ ଚଳାଇଲେ। ମାତ୍ର ଏହି ଦିନଗୁଡ଼ିକରେ ମଧ୍ୟ ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍ ଆଗତ ହୋଇ ପାରିନାହିଁ। ▶ପୃଷ୍ଠା-୬

**କାମ ଦେଲାନି ସରକାରଙ୍କ ନିୟମ**

## ଚାଷୀଙ୍କ ଧାନ ଉଠାଣରେ ୭କେଜି କଟ୍‌ନିଛଟ୍‌ନି



■ **ଧର୍ମଗଡ଼, ୧୨।୧୨ (ସମିସ):** ବିନା କଟନି-ଛଟନିରେ ଏବର୍ଷ ଧାନ କିଣାଯିବ ବୋଲି ରାଜ୍ୟ ସରକାର ଆରମ୍ଭରୁ ଡିଣ୍ଡିମ ପିଟୁଥିବା ବେଳେ ବାସ୍ତବ ସ୍ଥିତି କିନ୍ତୁ ପୂରା ଭିନ୍ନ। କୁଇଣ୍ଟାଲ ପିଛା ୭ କେଜି ଲେଖାଏଁ କଟନି ଛଟନି ହେଉଛି। କଳାହାଣ୍ଡି ଜିଲ୍ଲାର ବିଭିନ୍ନ ବ୍ଲକ୍‌ରୁ ଏବେ ଏପରି ଚିତ୍ର ସାମ୍ନାକୁ ଆସିଛି।

ସୂଚନାନୁଯାୟୀ, ଜିଲ୍ଲାରେ ନଭେମ୍ବର ୨୯ରୁ ଧାନ ମଣ୍ଡି ଆରମ୍ଭ ହୋଇଛି। ଗୋଲାମୁଣ୍ଡା ବ୍ଲକ୍ ଘୋଟିଆ ମଣ୍ଡିରେ ଖୋଦ ଜିଲ୍ଲା ପ୍ରଶାସନର ଅଧିକାରୀମାନେ ଉଦ୍‌ଘାଟନ ସମୟରେ ସ୍ଥାନୀୟ ଚାଷୀଙ୍କୁ ନେଇ ସଭା କରିଥିଲେ। ଏହି ସଭାରେ ବିନା କଟନି ଛଟନିରେ ଏଥର ଧାନ କ୍ରୟ ହେବ ବୋଲି ଆଲୋଚନା ହୋଇଥିଲା। ଏଣୁ ଚାଷୀ ଖୁସି ହୋଇଥିଲେ; କିନ୍ତୁ ତାହା ଏବେ ଓଲଟା ସାବ୍ୟସ୍ତ ହୋଇଛି।

ଗୋଲାମୁଣ୍ଡା ବ୍ଲକ ଘୋଟିଆ ମଣ୍ଡିରେ ଖମାରହଳଦୀ ଓ ବୃନ୍ଦାବହାଲ ପେକ୍ସ ତରଫରୁ ଧାନ କିଣା ପ୍ରକ୍ରିୟା ଆରମ୍ଭ ହୋଇଛି। ଖମାରହଳଦୀ ପେକ୍ସ ପାଇଁ ୫ ମିଲର୍ସ ଟ୍ୟାଗ୍ ହୋଇଛି। କେସିଙ୍ଗାର ପୂଜା ଏଗ୍ରୋ ମିଲର୍ସ ତରଫରୁ ଚୈତନ୍ୟ ସତନାମୀଙ୍କ ୪୬.୬୫ କୁଇଣ୍ଟାଲ, ସ୍ୱରୂପ ପ୍ରକାଶଙ୍କ ୭୫ କୁଇଣ୍ଟାଲ, କ୍ଷୀର ମାଝୀଙ୍କ ୩୦.୪୦ କୁଇଣ୍ଟାଲ, ସଞ୍ଜୟ ହଂସଙ୍କ ୨୪.୩୧ କୁଇଣ୍ଟାଲ ଓ ଯୋଗୀନ୍ଦ୍ର ମେହେରଙ୍କ ୭୧.୬୦ କୁଇଣ୍ଟାଲ ଧାନକୁ ମିଶାଇ ସମୁଦାୟ ୨୪୭.୯୬ ▶ପୃଷ୍ଠା-୬



## ଟ୍ରମ୍ପ ପୁଣି ଟାଇମ୍ସ ମାଗାଜିନ୍‌ର ‘ ପର୍ସନ ଅଫ ଦି ଇୟର’




ୱାଶିଂଟନ୍,୧୨।୧୨(ଏଜେନ୍ସି): ଆମେରିକାର ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରତିଷ୍ଠିତ ଆନ୍ତର୍ଜାତିକ ପତ୍ରିକା ଟାଇମ୍ସ ମାଗାଜିନ୍ ଦ୍ୱାରା ଚଳିତ ବର୍ଷର ‘ ପର୍ସନ ଅଫ୍ ଦି ଇୟର’ ସମ୍ମାନ ପାଇଁ ମନୋନୀତି ହୋଇଛନ୍ତି। ସେ ଦ୍ୱିତୀୟଥର ପାଇଁ ଏହି ସମ୍ମାନ ପାଇବେ। ଟ୍ରମ୍ପଙ୍କ ପ୍ରଥମ ଶାସନ କାଳରେ ୨୦୧୬ରେ ଏହି ପତ୍ରିକା ଦ୍ୱାରା ସେ ‘ ପର୍ସନ ଅଫ ଦି ଇୟର’ ଭାବେ ସମ୍ମାନିତ ହୋଇଥିଲେ।ଏବେ ୨୦୨୪ ପାଇଁ ପୁଣି ମନୋନୀତ ହୋଇଛନ୍ତି। ମାତ୍ର ୬ ମାସ ତଳେ ଏକ ଅପରାଧିକ ମାମଲାରେ ଟ୍ରମ୍ପଙ୍କ ବିରୋଧରେ ବିଚାର ଚାଲିଥିଲା ବେଳେ ଟ୍ରମ୍ପ ଆମେରିକାର ମାନହଟ୍ଟନସ୍ଥିତ ଏକ କୋର୍ଟରେ ବିଚାରପତିଙ୍କ ନିର୍ଦ୍ଦେଶ ଶୁଣୁଥିବା ଦେଖାଯାଇଥିଲା। କିନ୍ତୁ ଗତ ୬ ମାସ ମଧ୍ୟରେ ଟ୍ରମ୍ପଙ୍କ ଭାଗ୍ୟ ସମ୍ପୂର୍ଣ୍ଣ ବଦଳି ଯାଇଛି। ସେ ବିପୁଳ ବିଜୟ ସହ ରାଷ୍ଟ୍ରପତି ନିର୍ବାଚିତ ହେବା ସହିତ ୨୦୨୪ ବର୍ଷର ପର୍ସନ ଅଫ୍ ଦି ଇୟର’ରେ ସମ୍ମାନିତ ହୋଇଛନ୍ତି। ଏହି ବିଷୟ ଘୋଷଣା କରାଯିବା ପରେ ଗୁରୁବାର ଟ୍ରମ୍ପ ନ୍ୟୁୟର୍କ ଷ୍ଟକ୍ ଏକ୍ସଚେଞ୍ଜର ‘ ଓପନିଂ ବେଲ୍’ର ଉଦଘାଟନ କରିଛନ୍ତି।

### ବିଶ୍ୱର ସବୁଠୁ ମହଙ୍ଗା ଫାବ୍ରିକ୍ ‘ ଭିକୁନା’

## ଏକ ମିଟର କପଡ଼ାର ଦାମ୍ ୬.୮୨ ଲକ୍ଷ ଟଙ୍କା



**ପ୍ରଥମକରି ବେଙ୍ଗାଲୁରୁ, ହାଇଦରାବାଦ୍‌ରେ ବିକ୍ରି ଆରମ୍ଭ**

ନୂଆଦିଲ୍ଲୀ,୧୨।୧୨(ଏଜେନ୍ସି): ବିଶ୍ୱର ସବୁଠୁ ମହଙ୍ଗା ଫାବ୍ରିକ୍ ବା କପଡ଼ା ଭାବେ ପରିଚିତ ‘ ଭିକୁନା ଫାବ୍ରିକ୍’ ଏବେ ଭାରତୀୟ ବଜାରରେ ପ୍ରବେଶ କରିଛି। ପ୍ରାୟ ୨୦୦ ବର୍ଷ ପୁରୁଣା ଫ୍ରାନ୍ସର ବିଳାସପୂର୍ଣ୍ଣ ଫାବ୍ରିକ୍ ବ୍ରାଣ୍ଡ ଦୋରମିଉଲ ଦ୍ୱାରା ଏହାକୁ ଭାରତୀୟ ବଜାରରେ ପ୍ରବେଶ କରାଯାଇଛି। ହେଲେ ଏହି କପଡ଼ାର ମୂଲ୍ୟ ଯାହା ରହିଛି ତାହା ଶୁଣିଲେ ଯେକେହି ବିସ୍ମିତ ହୋଇପଡ଼ିବା ସ୍ୱାଭାବିକ କଥା। ଭିକୁନା ଫାବ୍ରିକ୍ କପଡ଼ାର ମିଟର ପିଛା ମୂଲ୍ୟ ୬.୮୨ ଲକ୍ଷ ଟଙ୍କା ରହିଛି। ଅର୍ଥାତ୍ ଯଦି କିଏ ଏହି କପଡ଼ାରେ ଏକ ସାର୍ଟ କିମ୍ବା ଅନ୍ୟ କିଛି ପରିଧାନ କରିବାକୁ ଚାହିଁବେ ତେବେ ସଂପୃକ୍ତ ବ୍ୟକ୍ତିଙ୍କୁ ଅତି କମ୍‌ରେ ୧୨ ରୁ ୧୫ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ। ଭାରତୀୟ ବଜାରରେ ବିକ୍ରି ହେଉଥିବା ଅନ୍ୟ ଯେକୌଣସି ବିଳାସପୂର୍ଣ୍ଣ ଫାବ୍ରିକ୍ ବ୍ରାଣ୍ଡ ତୁଳନାରେ ଏହି ବ୍ରାଣ୍ଡର ମୂଲ୍ୟ ସର୍ବାଧିକ ବୋଲି କୁହାଯାଇଛି। ସାରା ବିଶ୍ୱରେ କେବଳ ଦକ୍ଷିଣ ମେରିକାର ପେରୁ ସମେତ ଅନ୍ୟ କିଛି ନିର୍ଦ୍ଦିଷ୍ଟ ଅଞ୍ଚଳରେ ଭିକୁନା ନାମକ ଏକ ହରିଣ ଜାତୀୟ ପ୍ରାଣୀଙ୍କ ଲୋମରୁ ହିଁ ଏହି ଫାବ୍ରିକ୍ ପ୍ରସ୍ତୁତ ହୋଇଥାଏ। ଏହି କପଡ଼ା ଏତେ ସୂକ୍ଷ୍ମ, ହାଲୁକା ଏବଂ ମୂଲାୟମ ଯେ, ୨ ମିଟର କପଡ଼ାକୁ ଏକ ସାର୍ଟ ପକେଟ୍‌ରେ ମଧ୍ୟ ନିଆଯାଇପାରିବ। ଏତେ ହାଲୁକା ହେଲେ ମଧ୍ୟ ଏହା ଥଣ୍ଡାରୁ ଶରୀରକୁ ଗରମ ରଖିବାରେ ସମର୍ଥ। ଏଥିପାଇଁ ଏହି ଫାବ୍ରିକ୍‌କୁ ‘ ଫାବ୍ରିକ୍ ଅଫ୍ ଦି ଗଡସ୍’ ମଧ୍ୟ କୁହାଯାଏ।

# ଏବେ ବି ମହାଯୁତି ସରକାରକୁ ‘ଗୃହ’ କଣ୍ଟା




**ମୁଖ୍ୟମନ୍ତ୍ରୀଙ୍କ ଶପଥ ପରେ ବି ହୋଇପାରିନି ବିଭାଗ ବଣ୍ଟନ**

**ପ୍ରଧାନମନ୍ତ୍ରୀଙ୍କୁ ଭେଟିବାକୁ ଦିଲ୍ଲୀରେ ଦେବେନ୍ଦ୍ର ଫଡନବୀସ**



ମୁମ୍ବଇ,୧୨।୧୨(ଏଜେନ୍ସି): ମହାରାଷ୍ଟ୍ର ନିର୍ବାଚନ ଫଳାଫଳ ପ୍ରକାଶ ହେବାକୁ ଇତିମଧ୍ୟରେ ୨୦ ଦିନ ବିତିଛି। କିନ୍ତୁ ବର୍ତ୍ତମାନ ସୁଦ୍ଧା ଏଠାରେ ପୂର୍ଣ୍ଣ ସରକାର କାର୍ଯ୍ୟକ୍ଷମ ହୋଇପାରି ନାହିଁ। ଫଳାଫଳ ପ୍ରକାଶ ପାଇବା ପରେ ମୁଖ୍ୟମନ୍ତ୍ରୀ କିଏ ହେବ ତାହାକୁ ନେଇ ବିଜେପି ଏବଂ ଏକନାଥ ସିନ୍ଦେଙ୍କ ଶିବସେନା ମଧ୍ୟରେ ବେଶ କିଛି ଦିନ ବିବାଦ ଚାଲିଥିଲା। ଏହାପରେ ବୁଝାମଣା ମଧ୍ୟରେ ପ୍ରାୟ ୧୩ ଦିନ ପରେ ଦେବେନ୍ଦ୍ର ଫଡ଼ନବୀସ୍ ମୁଖ୍ୟମନ୍ତ୍ରୀ ଏବଂ ଏନସିପି ନେତା ଅଜିତ ପାୱାର ଏବଂ ସିନ୍ଦେ ଉପମୁଖ୍ୟବମନ୍ତ୍ରୀ ଭାବେ ଶପଥ ନେଲେ। ଗତ ୫ ତାରିଖରେ ଏହି ତିନି ନେତା ଶପଥ ନେଇଥିଲା ବେଳେ ଖୁବଶୀଘ୍ର ବିଭାଗ ବଣ୍ଟନ ହେବ ବୋଲି ମୁଖ୍ୟମନ୍ତ୍ରୀ ଫଡ଼ନବୀସ୍ କହିଥିଲେ। ହେଲେ ଶପଥ ଗ୍ରହଣ ଉତ୍ସବକୁ ଇତିମଧ୍ୟରେ ସପ୍ତାହେ ବିତିଥିଲେ ମଧ୍ୟ ବିଭାଗ ବଣ୍ଟନ ହୋଇପାରି ନାହିଁ କି ଅନ୍ୟ କୌଣସି ମନ୍ତ୍ରୀ ମଧ୍ୟ ଶପଥ ନେଇପାରି ନାହାନ୍ତି। ଫଳରେ ଫଡ଼ନବୀସ୍ ସରକାରକୁ ନେଇ ଏବେ ମଧ୍ୟ ଆଶଙ୍କା ଲାଗି ରହିଥିବା କୁହାଯାଉଛି। ବିଶେଷକରି ଗୃହ ବିଭାଗ ହିଁ ମହାଯୁତି ସରକାର ପାଇଁ କଣ୍ଟା ସାଜିଛି। ପ୍ରଥମତଃ ମୁଖ୍ୟମନ୍ତ୍ରୀ ହେବାକୁ ଚାହୁଁଥିବା ଏକନାଥ ସିନ୍ଦେ ପରବର୍ତ୍ତୀ ସମୟରେ ଉପମୁଖ୍ୟମନ୍ତ୍ରୀ ହେବାକୁ ବିଜେପି ସହିତ ବୁଝାମଣା କରିଥିଲେ ହେଁ ଗୃହ ବିଭାଗ ଦାୟିତ୍ୱ ତାଙ୍କ ଦଳ ହାତରେ ଦେବାକୁ ଜୋରଦାର ଦାବି କରିଥିଲେ। କିନ୍ତୁ ଏହାକୁ ପୂରଣ କରିବାକୁ ପ୍ରଶ୍ନ ଉଠୁ ନାହିଁ ବୋଲି ବିଜେପି ଦମ୍ଭୋକ୍ତି କରିଥିଲା। ହେଲେ ଏବେ ବି ସିନ୍ଦେ ତାଙ୍କ ଦାବିରେ ଅଟଳ ରହିଥିବାରୁ ବିଜେପି ପାଇଁ ଅଡୁଆ ବଢିବାରେ ଲାଗିଛି। ଗୃହ ବିଭାଗକୁ ନେଇ କିଛି ନିଷ୍ପତ୍ତି ନିଆଯାଇପାରୁ ନଥିବାରୁ ଅନ୍ୟ ବିଭାଗ ବଣ୍ଟନ ସମ୍ଭବ ହୋଇପାରୁ ନଥିବା କୁହାଯାଉଛି। ଏହିକ୍ରମରେ ଫଡ଼ନବୀସ୍ ଏବଂ ଅଜିତ ପାୱାର ଗତକାଲି ନୂଆଦିଲ୍ଲୀ ଠାରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଏବଂ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ ପି ନଡ୍ଡାଙ୍କୁ ଭେଟି ଆଲୋଚନା କରିଥିଲେ। ହେଲେ ସେମାନଙ୍କ ସହ ଏକନାଥ ସିନ୍ଦେ ଯାଇ ନଥିବାରୁ ତାଙ୍କ ଆଭିମୁଖ୍ୟ କ’ଣ ରହିଛି ତାହା ସ୍ପଷ୍ଟ ହୋଇଛି। ଇତିମଧ୍ୟରେ ବିଜେପିକୁ ୨୨ ବିଭାଗ, ଶିବସେନାକୁ ୧୧ ବିଭାଗ ଏବଂ ଏନସିପିକୁ ୧୦ ବିଭାଗ ମିଳିବା ନେଇ ତିନି ଦଳ ମଧ୍ୟରେ ବୁଝାମଣା ଚୂଡ଼ାନ୍ତ ହୋଇଛି। ଏହାସତ୍ତ୍ୱେ ଗୃହ ବିଭାଗ ଏବେ ମଧ୍ୟ କଣ୍ଟା ହୋଇ ରହିଛି। ତେବେ ଫଡ଼ନବୀସ୍ ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଆଲୋଚନା କରିଛନ୍ତି ଏବଂ ସେ ମୁମ୍ବଇ ଫେରିବା ପରେ ସବୁକିଛି ସ୍ପଷ୍ଟ ହୋଇଯିବ ବୋଲି କୁହାଯାଉଛି।

# କାହିଁକି ମୁହଁ ଲୁଚାଉଛନ୍ତି ଗଡ୍‌କରୀ



**ସଡ଼କ ଦୁର୍ଘଟଣାରେ ଭାରତର ରେକର୍ଡ ଖରାପ**

**ଦେଶରେ ଦୁର୍ଘଟଣା କମିବା ପରିବର୍ତ୍ତେ ବଢୁଛି**

**ରାସ୍ତାରେ ଟ୍ରକ୍ ପାର୍କିଂ ଦୁର୍ଘଟଣାର ବଡ଼ କାରଣ**

**ବର୍ଷକୁ ଯାଉଛି ୧.୭୮ ଲକ୍ଷ ଲୋକଙ୍କ ଜୀବନ**

ନୂଆଦିଲ୍ଲୀ, ୧୨।୧୨ (ଏଜେନ୍ସି): ସଡ଼କ ଦୁର୍ଘଟଣାରେ ବିଶ୍ୱରେ ଭାରତର ସବୁଠୁ ଖରାପ ରେକର୍ଡ ରହିଛି। ଦେଶରେ ଦୁର୍ଘଟଣା କମିବା ପରିବର୍ତ୍ତେ ବଢ଼ି ବଢ଼ି ଚାଲିଛି। ସ୍ୱିଡେନ ସଡ଼କ ଦୁର୍ଘଟଣାକୁ ଶୂନ୍ୟକୁ ଆଣିଥିବାବେଳେ ଆହୁରି ଅନେକ ଦେଶ ଏହାକୁ ହ୍ରାସ କରିଛନ୍ତି। ମାତ୍ର ଭାରତରେ ଏଭଳି ହୋଇନାହିଁ। ଏଥିପାଇଁ ସଡ଼କ ଦୁର୍ଘଟଣାକୁ ନେଇ ହେଉଥିବା ଅନ୍ତର୍ଜାତୀୟ ସମ୍ମିଳନୀରେ ସାମିଲ ହେଲେ ମୁହଁ ଲୁଚାଇବାକୁ ପଡୁଛି। ଗୁରୁବାର ଲୋକସଭାରେ ସଡ଼କ ଦୁର୍ଘଟଣା ଉପରେ ଚର୍ଚ୍ଚା ସମୟରେ ପରିବହନ ମନ୍ତ୍ରୀ ନିତିନ ଗଡ଼କରି କ୍ଷୋଭର ସହ ଏହି ମନ୍ତବ୍ୟ ଦେଇଛନ୍ତି। ନିତିନ କହିଛନ୍ତି ଯେ ମନ୍ତ୍ରାଳୟର ଦାୟିତ୍ୱ ନେବା ସମୟରେ ୨୦୨୪ ସୁଦ୍ଧା ସଡ଼କ ଦୁର୍ଘଟଣା ଏବଂ ତଦ୍‌ଜନିତ ମୃତ୍ୟୁକୁ ୫୦ ପ୍ରତିଶତ ହ୍ରାସ କରିବାକୁ ଲକ୍ଷ୍ୟ ରଖିଥିଲି। ମାତ୍ର ସ୍ଥିତି ବିପରୀତ ହୋଇଛି। ଏହା ସ୍ୱୀକାର କରିବାକୁ ମଧ୍ୟ ମୋତେ ଲାଜ ଲାଗୁ ନାହିଁ।

ପ୍ରଶ୍ନକାଳ ସମୟରେ ଏକ ପ୍ରଶ୍ନର ଉତ୍ତର ଦେଇ ଗଡକରି କହିଛନ୍ତି ଯେ ମନୁଷ୍ୟର ବ୍ୟବହାର, ସମାଜରେ ପରିବର୍ତ୍ତନ ଏବଂ ଆଇନକୁ ସମ୍ମାନ ଦେଲେ ଭାରତର ସ୍ଥିତି ବଦଳିବ। ସେ ନିଜର ଏକ ଦୁଃଖଦ ଅନୁଭୂତି ମଧ୍ୟ ବାଣ୍ଟିଛନ୍ତି। ଏକ ଦୁର୍ଘଟଣା ଯୋଗୁଁ ତାଙ୍କୁ ଦୀର୍ଘଦିନ ପର୍ଯ୍ୟନ୍ତ ହସ୍ପିଟାଲରେ ରହିବାକୁ ପଡ଼ିଥିଲା। ଈଶ୍ୱରଙ୍କ କୃପାରୁ ତାଙ୍କ ପରିବାର ବର୍ତ୍ତି ଯାଇଥିଲା। ସେ ରାସ୍ତାରେ ବେଆଇନ ଟ୍ରକ୍ ପାର୍କିଂ ଯୋଗୁଁ ଅଧିକ ଦୁର୍ଘଟଣା ହେଉଥିବା ଉଲ୍ଲେଖ କରିଛନ୍ତି। ଅନେକ ଟ୍ରକ୍ ଲେନ୍ ନିୟମକୁ ମାନୁନାହାନ୍ତି। ଏଥର ସେ ବସ୍ ନିର୍ମାଣରେ ଅନ୍ତର୍ଜାତୀୟ ମାନଦଣ୍ଡ ପାଳନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବସ୍‌ର ଝରକା ପାଖରେ ଏକ ହାତୁଡି ରହିବା ଉଚିତ। ଦୁର୍ଘଟଣା ସମୟରେ ଲୋକେ ଏହାକୁ ଭାଙ୍ଗି ସହଜରେ ବାହାରି ପାରିବେ ବୋଲି ନିତିନ କହିଛନ୍ତି। ସୂଚନା ଅନୁଯାୟୀ ଭାରତରେ ସଡ଼କ ଦୁର୍ଘଟଣାରେ ବର୍ଷକୁ ୧.୭୮ ଲକ୍ଷ ଲୋକଙ୍କ ଜୀବନ ଯାଉଛି। ଏମାନଙ୍କ ମଧ୍ୟରେ ୧୮ରୁ ୩୪ ବର୍ଷର ୬୦ ପ୍ରତିଶତ ପୀଡ଼ିତ ସାମିଲ ଅଛନ୍ତି। ଉତ୍ତର ପ୍ରଦେଶରେ ସର୍ବାଧିକ ୨୩ ହଜାର, ତାମିଲନାଡୁରେ ୧୮ ହଜାର, ମହାରାଷ୍ଟ୍ରରେ ୧୫ ହଜାର ଏବଂ ମଧ୍ୟପ୍ରଦେଶରେ ୧୩ ହଜାର ଲୋକଙ୍କ ଜୀବନ ଯାଉଛି। ସେହିପରି ସହରମାନଙ୍କ ମଧ୍ୟରେ ଦିଲ୍ଲୀ (୧୪୦୦ ମୃତ୍ୟୁ) ଆଗରେ ଥିବା ବେଳେ ବେଙ୍ଗାଲୁରୁ (୯୦୦) ଦ୍ୱିତୀୟ ସ୍ଥାନରେ ରହିଛି।

# କରୋନା ସମୟରେ ଦରକାର ନ ଥିଲା ମାସ୍କ, ସାମାଜିକ କଟକଣା

ୱାଶିଂଟନ, ୧୨।୧୨ (ଏଜେନ୍ସି): କରୋନା ମହାମାରୀ ବିଶ୍ୱକୁ ବହୁ ବର୍ଷ ପଛକୁ ନେଇଯାଇଥିଲା। ଅର୍ଥ ବ୍ୟବସ୍ଥାଠାରୁ ନେଇ ଲୋକଙ୍କ ଆର୍ଥିକ ସ୍ଥିତି ପର୍ଯ୍ୟନ୍ତ ସବୁ କିଛି ଦୋହଲାଇ ଦେଇଥିଲା। ୭୦ ଲକ୍ଷରୁ ଅଧିକ ଲୋକଙ୍କ ଜୀବନ ନେଇଥିଲା। ଗାଁଠୁ ସହର ସବୁଠି କୋକୁଆ ଭୟ ସୃଷ୍ଟି ହୋଇଥିଲା। ଅନେକ ଲୋକଙ୍କ ଜୀବନ ନେଇ ଯାଇଥିଲା। ମାନବିକତାକୁ କୁଠାରଘାତ କରୁଥିବା ଘଟଣା ମାନ ସାମ୍ନାକୁ ଆସିଥିଲା। ଗାଁ ଗାଁରେ ବାଡ଼ ପଡ଼ିଥିଲା। ସେହି ଗାଁର ଲୋକଙ୍କୁ ବି ପ୍ରବେଶ ଅନୁମତି ନ ଥିଲା। ବାପା ପୁଅକୁ ଏବଂ ମାଆ ଝିଅକୁ ଛୁଇଁବାକୁ ଡରୁଥିଲେ। ବନ୍ଧୁ ବନ୍ଧୁର ଶତ୍ରୁ ହୋଇ ଯାଇଥିଲେ। ଟିକେ ଥଣ୍ଡା ହେଲେ ସଂକ୍ରମିତଙ୍କ ଘର ଆଗରେ ସାହିପଡ଼ିଶା ରୁଣ୍ଡ ହୋଇ ଏକପ୍ରକାର ନିଆଁପାଣି ବାସନ୍ଦ କରି ଦେଉଥିଲେ। ଏକଘରିକିଆ କରି ରହିବାକୁ ବାଧ୍ୟ କରୁଥିଲେ। ମୁହଁରେ ତୁଣ୍ଡି (ମାସ୍କ) ବାନ୍ଧିବାକୁ ବାଧ୍ୟ କରାଯାଇଥିଲା। ସବୁଠି ସାମାଜିକ ଦୂରତ୍ୱ କଟକଣା ପାଳନକୁ ଗୁରୁତ୍ୱ ଦିଆଯାଇଥିଲା। କରୋନାର ଏହି କରାଳ ସମୟ ଗଲା ପରେ ଏବେ ଏହାକୁ ନେଇ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ମହାମାରୀ ସମୟରେ ମାସ୍କ ପିନ୍ଧିବା ଏବଂ ସାମାଜିକ କଟକଣା ଅଯଥାରେ ଲଗା ଯାଇଥିବା ବୋଲି ଦାବି କରାଯାଇଛି। ଏଭଳି କଟକଣାକୁ ତୀବ୍ର ସମାଲୋଚନା କରାଯାଇଛି। ଭୂତାଣୁ ସଂକ୍ରମଣକୁ ରୋକିବାରେ ମାସ୍କ ପ୍ରଭାବହୀନ ଥିଲା। ସେହିପରି ସାମାଜିକ ଦୂରତ୍ୱ କଟକଣାକୁ ଅବୈଜ୍ଞାନିକ କୁହାଯାଇଛି। ଦୁଇ ବର୍ଷର ଯାଞ୍ଚ ପରେ ଆମେରିକା କଂଗ୍ରେସ ପକ୍ଷରୁ ଏହି ସୂଚନା



ଦିଆଯାଇଛି। ଏହା ପୂର୍ବରୁ ଭାରତର ହିମ୍ସ ହସ୍ପିଟାଲ ପକ୍ଷରୁ ଏଭଳି ଦାବି କରାଯାଇଥିଲା। ମାସ୍କ ପିନ୍ଧିବାକୁ ଅଯଥା କୁହାଯାଇଥିଲା। ବିନା ମାସ୍କ ଏବଂ ଔଷଧରେ ଅନେକ କରୋନା ରୋଗୀଙ୍କୁ ସୁସ୍ଥ କରାଯାଇଥିବା ହସ୍ପିଟାଲ ପକ୍ଷରୁ ଦାବି କରାଯାଇଥିଲା।

ଆମେରିକା କଂଗ୍ରେସର ୫୨୦ ପୃଷ୍ଠାର ଏହି ରିପୋର୍ଟରେ କୁହାଯାଇଛି ଯେ କରୋନା ଭୂତାଣୁ ଚୀନ୍‌ର ଉହାନ ଲ୍ୟାବ୍‌ରୁ ଲିକ୍ ହୋଇଥିଲା। ‘ଗେନ୍ ଅଫ୍ ଫଙ୍କ୍ସନ’ ନାମରେ ଏହା ଉପରେ ଗବେଷଣା କରାଯାଇଥିଲା। ଏହି ଗବେଷଣାରେ ଭୂତାଣୁକୁ ଅଧିକ ବିପଜ୍ଜନକ କରି

**୨ ବର୍ଷର ଯାଞ୍ଚ ପରେ ଆମେରିକା କଂଗ୍ରେସର ରିପୋର୍ଟ**

ଏହାର ନିୟନ୍ତ୍ରଣ ପାଇଁ ଚିକିତ୍ସା ସନ୍ଧାନ କରାଯାଉଥିଲା। କରୋନାର ମୁକାବିଲା ପାଇଁ ନିଆଯାଇଥିବା ପଦକ୍ଷେପ ଉପରେ ପ୍ରଶ୍ନ ଉଠାଯାଇଛି। ଲକ୍‌ଡାଉନ ଯୋଗୁଁ ହୋଇଥିବା ଆର୍ଥିକ ଏବଂ ମାନସିକ ସମସ୍ୟା ସବୁଠାରୁ କ୍ଷତିକାରକ କୁହାଯାଇଛି। ସ୍କୁଲ ବନ୍ଦ ନିଷ୍ପତ୍ତି ଉପରେ ଚିନ୍ତା ପ୍ରକଟ କରାଯାଇଛି। ଶିଶୁଙ୍କ ପଢ଼ା ଏବଂ ମାନସିକ ସ୍ୱାସ୍ଥ୍ୟ ଉପରେ ଦୀର୍ଘ ଦିନ ପର୍ଯ୍ୟନ୍ତ ଏହାର ପ୍ରଭାବ ରହିବ ବୋଲି କୁହାଯାଇଛି। ଏବେ ଏହି ରିପୋର୍ଟ ଦୀର୍ଘ ଦିନ ହେଲା ଚାଲିଥିବା ରାଜନୈତିକ ବିବାଦକୁ ଆହୁରି ତୀବ୍ର କରିଦେଇଛି।

## ମ୍ୟାଁମାରରେ ଘରୋଇ ସେନା ମୁତୟନ କଲା ଚୀନ୍

ନାପିତ୍ୟ, ୧୨।୧୨ (ଏଜେନ୍ସି): ଭାରତର ପଡ଼ୋଶୀ ରାଷ୍ଟ୍ର ମ୍ୟାଁମାର୍‌ରେ ଚୀନ୍ ଘରୋଇ ସେନା ମୁତୟନ କରିଛି। ଏହି ବାହିନୀରେ ସଶସ୍ତ୍ର ଚୀନ୍ ନାଗରିକ ସାମିଲ ଅଛନ୍ତି। ଏହି ଯବାନ ଦେଶର ଆର୍ଥିକ ଏବଂ ସାମରିକ ସ୍ୱାର୍ଥ ସୁରକ୍ଷା କରୁଛନ୍ତି। ତେବେ ଏମାନଙ୍କ ଜୀବନ ପ୍ରତି ବିପଦ ରହିଛି। ବିଶେଷଜ୍ଞମାନେ ଚେତାବନୀ ଦେଇଛନ୍ତି ଯେ ଚୀନ୍‌ର ଘରୋଇ ସୁରକ୍ଷା କମ୍ପାନୀ ମୁତୟନ ଦ୍ୱାରା ଗୃହଯୁଦ୍ଧ ସ୍ଥିତି ସୃଷ୍ଟି ହୋଇପାରେ। ଏହା ସହିତ ଚୀନ୍ ପ୍ରକଳ୍ପ ଗୁଡିକୁ ପୁଣିଥରେ ଆରମ୍ଭ କରିବା ପାଇଁ କଡ଼ା ଆହ୍ୱାନର ସମ୍ମୁଖୀନ ହେବାକୁ ପଡ଼ିବ। ବିଦ୍ରୋହୀଙ୍କୁ ରାଜି କରାଇବା ମଧ୍ୟ କଷ୍ଟସାଧ୍ୟ। କାରଣ ଚୀନ୍ ପ୍ରକଳ୍ପ ଥିବା ଅଧିକାଂଶ ଅଞ୍ଚଳ ଏବେ ବିଦ୍ରୋହୀଙ୍କ କବ୍‌ଜାରେ ରହିଛି। ଚୀନ୍ ନିଜ ପ୍ରକଳ୍ପ ଏବଂ କର୍ମୀଙ୍କ ସୁରକ୍ଷା ଲାଗି ମ୍ୟାଁମାର ଜୁଣ୍ଟା ଶାସକ ସହ ମିଶି ଏକ ମିଳିତ ସୁରକ୍ଷା କମ୍ପାନୀ ଆରମ୍ଭ କରିବାକୁ ମଧ୍ୟ ଯୋଜନା କରୁଛି। ମ୍ୟାଁମାର ସଂଘର୍ଷ ଯୋଗୁଁ ଚୀନ୍ ଫସି ଯାଇଛି।

## ମଣିପୁର ପାଇଁ ସମୟ ନାହିଁ, କିନ୍ତୁ... : କଂଗ୍ରେସ

ନୂଆଦିଲ୍ଲୀ, ୧୨।୧୨ (ଏଜେନ୍ସି): ରାଜ କପୁରଙ୍କ ଶହେତମ ଜୟନ୍ତୀ ଉପଲକ୍ଷେ କପୁର ପରିବାରର ସଦସ୍ୟ ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସାକ୍ଷାତ କରିଥିଲେ। ଏହି ସମୟରେ ପ୍ରଧାନମନ୍ତ୍ରୀ ଆଲିଆ ଭଟ୍ଟ, କରିନା କପୁରଙ୍କ ସମେତ ଅନ୍ୟମାନଙ୍କ ସହ ଆଲୋଚନା କରିଥିଲେ। ପ୍ରଧାନମନ୍ତ୍ରୀ ଏହାର ଫଟୋ ମଧ୍ୟ ସେୟାର କରିଥିଲେ। ଏବେ କଂଗ୍ରେସ ପକ୍ଷରୁ ଏହାକୁ ସମାଲୋଚନା କରାଯାଇଛି। କଂଗ୍ରେସ ନେତା ପବନ ଖେଡ଼ା ମୋଦୀଙ୍କୁ କଟାକ୍ଷ କରିଛନ୍ତି। ମଣିପୁର ଗସ୍ତ ପାଇଁ ସମୟ ମିଳୁନାହିଁ, କିନ୍ତୁ କପୁର ପରିବାରକୁ ଭେଟିବା ଲାଗି ସିମୟ ଅଛି। ଗତ ବର୍ଷ ମେ’ ୩ ତାରିଖରୁ ମଣିପୁରରେ କୁକି ଏବଂ ମେଇତି ସମ୍ପ୍ରଦାୟ ମଧ୍ୟରେ ହିଂସା ଜାରି ରହିଛି। ଏ ପର୍ଯ୍ୟନ୍ତ ହିଂସାରେ ୩୦୦ରୁ ଅଧିକ ଲୋକଙ୍କ ଜୀବନ ଗଲାଣି। ଏହାକୁ ନେଇ ପ୍ରଧାନମନ୍ତ୍ରୀ ମଣିପୁର ଯାଆନ୍ତୁ ବୋଲି କଂଗ୍ରେସ ବାରମ୍ବାର ଦାବି କରିଆସୁଛି। ମୋଦୀ ସବୁଆଡେ ଯାଉଛନ୍ତି, କିନ୍ତୁ ମଣିପୁର ଯାଉନାହାନ୍ତି ବୋଲି କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଉଛି। କଂଗ୍ରେସ ନେତା ଗୌରବ ଗୋଗୋଇ କହିଛନ୍ତି ଯେ ମଣିପୁର ମାନବିକ ସମସ୍ୟା ସମାଧାନରେ ସରକାର ବିଫଳ ହୋଇଛନ୍ତି। ତେବେ କୁକି-ଜୋ ସଂଗଠନ ସହି କଂଗ୍ରେସ ଜଡ଼ିତ ରହିଛି ବୋଲି ବିଜେପି ପକ୍ଷରୁ ଅଭିଯୋଗ କରାଯାଇଛି।

## ଥାଟିଲଙ୍କ ହାତ ଧରିଲେ କୀର୍ତ୍ତି

ପାନାଜୀ, ୧୨।୧୨ (ଏଜେନ୍ସି): ଅଭିନେତ୍ରୀ କୀର୍ତ୍ତି ସୁରେଶ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ସେ ଗୁରୁବାର ପ୍ରେମିକ ଆଣ୍ଟୋନି ଥାଟିଲଙ୍କ ହାତ ଧରିଛନ୍ତି। ଗୋଆରେ ତାମିଲ ରୀତିନୀତିରେ ଉଭୟଙ୍କ ବିବାହ ଅନୁଷ୍ଠିତ ହୋଇଯାଇଛି। ଉଭୟେ ପାରମ୍ପରିକ ପୋଷାକ ପରିଧାନ କରିଛନ୍ତି। ଅଳଙ୍କାରେ ମଣ୍ଡିତ କୀର୍ତ୍ତି କନ୍ୟା ବେଶରେ ବହୁତ ସୁନ୍ଦର ଲାଗୁଛନ୍ତି। ଦକ୍ଷିଣ ଭାରତୀୟ ଶୈଳୀର ଏହି ବିବାହ ଫଟୋ ଭାଇରାଲ ହେବାରେ ଲାଗିଛି। ଉଭୟେ ୧୫ ବର୍ଷ ହେଲା ପରସ୍ପରକୁ ଭଲ ପାଉଥିଲେ। ରିପୋର୍ଟ ଅନୁଯାୟୀ ଥାଟିଲ ଦୁବାଇ, କୋଚି, କେରଳରେ କାମ କରୁଛନ୍ତି। ସେ ନିଜ ଗୃହ ସହରେ ଅନେକ ରିସୋର୍ଟର ମାଲିକ ମଧ୍ୟ। ଚଳିତ ମାସ ପ୍ରାରମ୍ଭରେ କୀର୍ତ୍ତି ଏବଂ ଆଣ୍ଟୋନିଙ୍କ ବିବାହ କାର୍ଡ ଖୁବ୍ ଭାଇରାଲ ହୋଇଥିଲା। କୀର୍ତ୍ତି ୨୦୦୦ ମସିହାରେ ଶିଶୁ କଳାକାର ଭାବେ କ୍ୟାରିୟର ଆରମ୍ଭ କରିଥିଲେ। ପରେ ୨୦୧୩ରେ ମାଲାୟାଲମ ଚଳଚ୍ଚିତ୍ର ଗୀତାଞ୍ଜଳୀରୁ ପ୍ରମୁଖ ଭୂମିକାରେ ଅଭିନୟ ଆରମ୍ଭ କରିଥିଲେ।

### ଏସିପିଙ୍କ ବିରୋଧରେ ଆଇଆଇଟି ଛାତ୍ରୀଙ୍କ ଦୁଷ୍କର୍ମ ଅଭିଯୋଗ

## କ୍ରିମିନୋଲୋଜି ପଢ଼ା ସମୟରେ ପରସ୍ପରଙ୍କୁ ଭେଟିଥିଲେ



**୨ ଘଣ୍ଟାର ଜେରାରେ ରାଜ୍ ଖୋଲିଲା**

କାନପୁର, ୧୨।୧୨ (ଏଜେନ୍ସି): କାନପୁର ଆଇଆଇଟିର ଜଣେ ଛାତ୍ରୀ କଲେକ୍ଟରଗଞ୍ଜ ଆସିଷ୍ଟାଣ୍ଟ କମିଶନର ଅଫ୍ ପୁଲିସ (ଏସିପି) ମୋହସିନ ଖାନ୍‌ଙ୍କ ବିରୋଧରେ ଦୁଷ୍କର୍ମ ଅଭିଯୋଗ ଲଗାଇଛନ୍ତି। ସେ ପ୍ରେମ ଜାଲରେ ଫସାଇ ଶାରୀରିକ ସମ୍ପର୍କ ରଖିଥିବା ଅଭିଯୋଗ କରିଛନ୍ତି। ଏବେ ଏସିପି ଆଇଆଇଟିରେ ସାଇବର କ୍ରାଇମ ଏବଂ କ୍ରିମିନୋଲୋଜି ପଢୁଛନ୍ତି। ଏଠାରେ ଉଭୟଙ୍କ ମଧ୍ୟରେ ଦେଖା ହୋଇଥିଲା। ପରେ ୨୭ ବର୍ଷୀୟ ଶେଷ ବର୍ଷର ଛାତ୍ରୀଙ୍କ ସହ ତାଙ୍କର ନିବିଡ଼ତା ବଢ଼ିଥିଲା। ମାତ୍ର ସେ ଛାତ୍ରୀଙ୍କୁ ନିଜେ ବିବାହ କରିଥିବା କଥା ଲୁଚାଇ ଥିଲେ। ଏହା ଜଣାପଡ଼ିବା ପରେ ଛାତ୍ରୀଙ୍କ ସହ ତାଙ୍କର ଝଗଡ଼ା ହୋଇଥିଲା। ସେ ପତ୍ନୀଙ୍କୁ ତଲାକ (ଛାଡ଼ପତ୍ର) ଦେଇ ଛାତ୍ରୀଙ୍କୁ ବିବାହ କରିବେ ବୋଲି କଥା ଦେଇଥିଲେ। ମାତ୍ର ଛାତ୍ରୀ ଏଥିରେ ରାଜି ହୋଇ ନ ଥିଲେ। ସେ ପୁଲିସ କମିଶନରଙ୍କୁ ଅଭିଯୋଗ କରିଥିଲେ। ଏହି ଆଧାରରେ କଲ୍ୟାଣପୁର ଥାନାର ଏସିପିଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ଅନ୍ୟପକ୍ଷରେ ପୁଲିସ କମିଶନର ଅଖିଳ କୁମାରଙ୍କ ନିର୍ଦ୍ଦେଶରେ ଗୁରୁବାର ଡିସିପି ଅଙ୍କିତା ଶର୍ମା ଏବଂ ଏସିପି ଅର୍ଚ୍ଚନା ସିଂହ ସାଦା ପୋଷାକରେ ଆଇଆଇଟିରେ ପହଞ୍ଚି ୨ ଘଣ୍ଟା ପର୍ଯ୍ୟନ୍ତ ପଚରାଉଚୁରା କରିଥିଲେ। ଏଥିରୁ ଅଭିଯୋଗ ସତ୍ୟ ସାବ୍ୟସ୍ତ ହୋଇଥିଲା। ଏସିପିଙ୍କ ବିରୋଧରେ ଦୁଷ୍କର୍ମ ସମେତ ଅନ୍ୟ ଧାରାରେ ମାମଲା ରୁଜୁ କରିବାକୁ ପୁଲିସ କମିଶନର ନିର୍ଦ୍ଦେଶ ଦେଇଛନ୍ତି। ମୋହସିନଙ୍କୁ ତୁରନ୍ତ ପଦରୁ ହଟାଇ ଦିଆଯାଇଛି। ତଦନ୍ତ ପାଇଁ ଏସଆଇଟି ଗଠନ କରାଯାଇଛି।

### ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

## ସରକାରୀ ଓକିଲଙ୍କୁ ନିର୍ଦ୍ଦେଶ ଦେଇପାରିବନି ଇଡି



ନୂଆଦିଲ୍ଲୀ, ୧୨।୧୨ (ଏଜେନ୍ସି): ସୁପ୍ରିମକୋର୍ଟ ଗୁରୁବାର ସରକାରୀ ଓକିଲଙ୍କ ସ୍ୱାଧୀନତାକୁ ନେଇ ବଡ଼ ରାୟ ଦେଇଛନ୍ତି। ଏହା ସହିତ ଯାଞ୍ଚ ଏଜେନ୍ସିର ପ୍ରଭାବକୁ ଆହୁରି ସୀମିତ କରିଦେଇଛନ୍ତି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏବଂ ଏହାର ନିର୍ଦ୍ଦେଶକଙ୍କୁ ନେଇ ସର୍ବୋଚ୍ଚ ନ୍ୟାୟାଳୟ କଡ଼ା ଟିପ୍ପଣୀ ଦେଇଛନ୍ତି। ଅଦାଲତରେ କେଉଁ ଭଳି ବ୍ୟବହାର କରାଯିବ ତାହା ଇଡି ସରକାରୀ ଓକିଲଙ୍କୁ କହିପାରିବ ନାହିଁ। କିନ୍ତୁ ମନି ଲଣ୍ଡରିଂ ମାମଲାରେ ତଥ୍ୟ ସମ୍ବନ୍ଧିତ ସୂଚନା ଦେଇପାରିବେ। ଜିସାନ ହାଇଦର ଏବଂ ଦାଉଦ ନାସିରଙ୍କୁ ଜାମିନ ଦେଇ ଜଷ୍ଟିସ ଅଭୟ ଓକା ଏବଂ ଅଗଷ୍ଟିନ ଜର୍ଜ ମସିହଙ୍କ ଖଣ୍ଡପୀଠ ଏହି ଟିପ୍ପଣୀ ଦେଇଛନ୍ତି। ଉଭୟଙ୍କୁ ୱାକଫ ବୋର୍ଡ ମନି ଲଣ୍ଡରିଂ ମାମଲାରେ ଗିରଫ କରାଯାଇଥିଲା। ଖଣ୍ଡପୀଠ ଟ୍ରାଏଲ କୋର୍ଟଙ୍କ ନିର୍ଦ୍ଦେଶ ଉପରେ ବିଚାର କରିଥିଲେ। ଏହା ସହିତ ସରକାରୀ ଓକିଲଙ୍କ ଉପରେ ଇଡି ଅଧିକାରର ସୀମାକୁ ନେଇ ରାୟ ଦେଇଥିଲେ। ପଡ଼ି ରହିଥିବା ମାମଲାର ଜାମିନକୁ ବିରୋଧ ନ କରିବା ପାଇଁ ସରକାରୀ ଓକିଲଙ୍କୁ ନିର୍ଦ୍ଦେଶ ଜାରି କରିବାକୁ ଇଡିକୁ କହିଥିଲେ। ସରକାରୀ ଓକିଲ ନିରପେକ୍ଷ ଏବଂ ସ୍ୱଚ୍ଛତାର ସହ କାମ କରିବା ଉଚିତ ବୋଲି ମତ ଦେଇଥିଲେ।

ଅନ୍ୟପକ୍ଷରେ ଜଣେ ଦିବ୍ୟାଙ୍ଗଙ୍କ ମେଡିକାଲ ନାମଲେଖା ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ କେନ୍ଦ୍ର ଉପରେ ବର୍ଷିଛନ୍ତି। ଅଲଗା ଅଲଗା ମାମଲାରେ ଶୁଣାଣି ସମୟରେ କେନ୍ଦ୍ର ଓକିଲ ବାରମ୍ବାର ଅନୁପସ୍ଥିତ ରହିବାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଠି କ’ଣ ଚାଲିଛି? ପ୍ରଥମ ଥର ପାଇଁ ଏପରି ହୋଇନାହିଁ। ବାରମ୍ବାର ଏଭଳି ସ୍ଥିତି ଦେଖିବାକୁ ମିଳୁଛି। ସମନ ପଠାଇ ସରକାରୀ ଅଧିକାରୀଙ୍କୁ କୋର୍ଟକୁ ଡାକିବାକୁ ଭଲ ଲାଗୁନି ବୋଲି ଜଷ୍ଟିସ ବିଆର ଗଭାଇ ଏବଂ କେଭି ବିଶ୍ୱନାଥାନଙ୍କ ଖଣ୍ଡପୀଠ କହିଛନ୍ତି।

### ଏଆଇ ଇଞ୍ଜିନିୟରଙ୍କ ଆତ୍ମହତ୍ୟା ମାମଲା

## ଘରଛାଡ଼ି ପଳାଇଲେ ଶ୍ୱଶୁରଘର ଲୋକେ

ବେଙ୍ଗାଲୁରୁ, ୧୨।୧୨ (ଏଜେନ୍ସି): ଏଆଇ ଇଞ୍ଜିନିୟର ଅତୁଲ ସୁଭାଷଙ୍କ ଆତ୍ମହତ୍ୟା ବିରୋଧରେ ବେଙ୍ଗାଲୁରୁ ମରାଠହଲ୍ଲିର ଆଇଟି ହବ୍‌ରେ ଇଞ୍ଜିନିୟରମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ମହମବତୀ ଯାତ୍ରା ମଧ୍ୟ ବାହାର କରିଛନ୍ତି। ମହିଳା ଦେଉଥିବା ଉତ୍ପୀଡ଼ନକୁ ବନ୍ଦ କରିବା ପାଇଁ ଆଇନ ଆଣିବାକୁ ଦାବି କରିଛନ୍ତି। ଇଞ୍ଜିନିୟରମାନେ କହିଛନ୍ତି ଯେ ମହିଳାଙ୍କ ଉତ୍ପୀଡ଼ନ ବନ୍ଦ ପାଇଁ ଆଇନ ଥିବାବେଳେ ପୁରୁଷଙ୍କ ଲାଗି କୌଣସି ନିୟମ ନାହିଁ। ଏଥିରେ ପକ୍ଷପାତ କରାଯାଉଛି। ସରକାର ତୁରନ୍ତ ଆଇନରେ ପରିବର୍ତ୍ତନ କରି ପୁରୁଷଙ୍କ ହକ୍‌ର ଧ୍ୟାନ ଦିଅନ୍ତୁ। ଏହା ମଧ୍ୟରେ ବେଙ୍ଗାଲୁରୁ ପୁଲିସ ଜୌନପୁର ପହଞ୍ଚିବାବେଳକୁ ଅତୁଲଙ୍କ ଶ୍ୱଶୁର ଘର ଲୋକେ ଘର ଛାଡ଼ି ଫେରାର ହୋଇ ଯାଇଛନ୍ତି।

## ଟ୍ରମ୍ପଙ୍କ ପରଫ୍ୟୁମ୍ ବିଜ୍ଞାପନରେ ବାଇଡେନଙ୍କ ପତ୍ନୀଙ୍କ ଫଟୋ

ପ୍ୟାରିସ, ୧୨।୧୨ (ଏଜେନ୍ସି): ଆମେରିକାର ନବ ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜ ପରଫ୍ୟୁମ ବିଜ୍ଞାପନରେ ରାଷ୍ଟ୍ରପତି ଜୋ ବାଇଡେନଙ୍କ ପତ୍ନୀ ଜିଲ୍‌ଙ୍କ ଫଟୋ ଲଗାଇଛନ୍ତି। ଆଉ ଏହାକୁ ସେୟାର କରି ଯେଉଁ ଲେଖା ଲେଖିଛନ୍ତି ତାହାକୁ ନେଇ ଜୋରଦାର ଚର୍ଚ୍ଚା ହେବାରେ ଲାଗିଛି। ‘ବାସ୍ନା ଏମିତି ଯେ ଶତ୍ରୁ ବି ନିଜକୁ ଅଟକାଇ ପାରିବେ




ନାହିଁ’ ବୋଲି ଟ୍ରମ୍ପ ଲେଖିଛନ୍ତି। ସେ ଜିଲ୍‌ଙ୍କ ଖୁବ୍ ପ୍ରଶଂସା ମଧ୍ୟ କରିଛନ୍ତି। ସୂଚନା ଅନୁଯାୟୀ ଗତ ୭ ତାରିଖରେ ଫ୍ରାନ୍ସର ରାଜଧାନୀ ପ୍ୟାରିସ୍‌ରେ ଜିଲ୍‌ଙ୍କୁ ଟ୍ରମ୍ପ ଭେଟିଥିଲେ। ଉଭୟେ ଏକ ଚର୍ଚ୍ଚର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏହା ପରେ ଜିଲ୍‌ଙ୍କ ସହ ଟ୍ରମ୍ପ ନିଜର ଏକ ଫଟୋ ଛାଡ଼ିଥିଲେ।

# ‘ହାଇ ପରଫର୍ମାନ୍ସ ସେଣ୍ଟର’ ନବୀନଙ୍କ ଉପହାର

## କୃତଜ୍ଞତା ଜଣାଇଲେ ବ୍ୟାଡମିଣ୍ଟନ୍ ତାରକା ଗୋପିଚାନ୍ଦ

**ଭୁବନେଶ୍ୱର,୧୨।୧୨(ସମିସ):** ଓଡିଶାର ପିଲାମାନେ ବି ଜାତୀୟ ଅନ୍ତର୍ଜାତୀୟ ସ୍ତରରେ ବ୍ୟାଡମିଣ୍ଟନ ଖେଳି ରାଜ୍ୟପାଇଁ ସୁନାମ ଆଣିବେ। ଭାରତୀୟ ବ୍ୟାଡମିଣ୍ଟନ ଆକାଶରେ ଓଡିଶାର ତାରକା ଝଲସିବେ, ସେଥିପାଇଁ ଉତ୍କୃଷ୍ଟ ପ୍ରଶିକ୍ଷଣ ଓ ଉପଯୁକ୍ତ ଭିତ୍ତିଭୂମି ସୃଷ୍ଟି ନିମନ୍ତେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯେଉଁ ପଦକ୍ଷେପ ନେଇଥିଲେ ତାହା ଆଜି ସାକାର ହୋଇଛି। କଳିଙ୍ଗ ଷ୍ଟାଡ଼ିୟମ ପରିସରରେ ଆଲୋକମାଳାରେ ଝଲମଲ ଗୋପିଚାନ୍ଦ ବ୍ୟାଡ଼ମିଣ୍ଟନ ହାଇପରଫରମାନ୍ସ ସେଣ୍ଟର ଆଜି ଲୋକାର୍ପିତ ହୋଇଛି । ଏହି ଉତ୍ସବରେ ଯୋଗ ଦେବା ନିମନ୍ତେ ଓଡ଼ିଶା ଆସିଥିବା ଆନ୍ତର୍ଜାତିକ ବ୍ୟାଡମିଣ୍ଟନ ତାରାକା ଗୋପିଚାନ୍ଦ ନବୀନ ନିବାସରେ ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କୁ ଭେଟି କୃତଜ୍ଞତା ଜ୍ଞାପନ କରିଛନ୍ତି । ନବୀନଙ୍କ ପାଇଁ ଏହି ମହତ୍ତ୍ୱାକାଂକ୍ଷୀ ପ୍ରକଳ୍ପ ସାକାର ରୂପ ନେଇଛି ବୋଲି ଗୋପିଚାନ୍ଦ ଏହି ଅବସରରେ ପ୍ରକାଶ କରିଛନ୍ତି ।

ଏକ ସମୟରେ ରାଜ୍ୟର କ୍ରୀଡ଼ାବିତମାନେ ଖେଳ ପଡିଆରେ କିମ୍ବା ଖୋଲା ସ୍ଥାନରେ ଥିବା ବ୍ୟାଡମିଣ୍ଟନ୍ କୋର୍ଟ କାଟି ଅଭ୍ୟାସ କରୁଥିଲେ। ମାତ୍ର ଓଡ଼ିଶାର ଯୁବ କ୍ରୀଡ଼ାବିତ୍‌ମାନଙ୍କୁ ବ୍ୟାଡ଼ମିଣ୍ଟନରେ ପ୍ରବୀଣ କରିବା ଓ ବିଶ୍ୱସ୍ତରୀୟ କ୍ରୀଡ଼ାବିତ୍‌ରେ ପରିଣତ କରିବା ପାଇଁ ପଦକ୍ଷେପ ଗ୍ରହଣ କରିଥିଲେ। ବିଶ୍ୱସ୍ତରୀୟ କ୍ରୀଡ଼ାବିତ୍ ହେବା ପାଇଁ ଅନୁରୂପ ଭିତ୍ତିଭୂମିର ଆବଶ୍ୟକତା ରହିଛି। ଏଥିପାଇଁ ନବୀନ ପଟ୍ଟନାୟକ ଭୁବନେଶ୍ୱରରେ ଏକ ଉଚ୍ଚକୋଟିର ବ୍ୟାଡମିଣ୍ଟନ ହାଇପର୍ଫର୍ମାନ୍ସ ସେଣ୍ଟର ନିର୍ମାଣ ପାଇଁ ନିଷ୍ପତ୍ତି ନେବା ସହ ଦେଶର ସ୍ୱନାମଧନ୍ୟ ବ୍ୟାଡମିଣ୍ଟନ ତାରକା ପୁଲେଲା ଗୋପିଚାନ୍ଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସେମାନଙ୍କୁ ପ୍ରଶିକ୍ଷଣ ପାଇଁ ଯୋଜନା କଲେ। ୨୦୧୮ ମସିହାରେ କ୍ରୀଡ଼ା ବିଭାଗ ସହିତ ଏ ସଂକ୍ରାନ୍ତ ବୁଝାମଣାପତ୍ର ସ୍ୱାକ୍ଷର ହୋଇଥିଲା ଓ ୨୦୧୯ ମସିହାରେ ନବୀନ ପଟ୍ଟନାୟକ ଏଥିପାଇଁ ଭିତ୍ତିପ୍ରସ୍ତର ରଖିଥିଲେ। ପ୍ରାୟ ୭୫ କୋଟି ଟଙ୍କାରେ ନିର୍ମିତ ଏହି ହାଇପର୍ଫର୍ମାନ୍ସ ସେଣ୍ଟର ୭୭ ହଜାର ବର୍ଗ ଫୁଟର ଇଣ୍ଡୋର କୋର୍ଟ ରହିଛି। ଏଠାରେ ୫୦ ଜଣ ଖେଳାଳି ରହିବା ପାଇଁ ମଧ୍ୟ ସୁବିଧା ଅଛି। ଏହା ବ୍ୟତିତ ଜିମନାସିୟମ୍, ଏମ୍ଫିଥିଏଟର ବ୍ୟବସ୍ଥା ହୋଇଛି। ତେବେ ବଡ଼ କଥା ହେଲା ପିଲାମାନଙ୍କୁ ଦେଶର ଶ୍ରେଷ୍ଠ ଅନୁଷ୍ଠାନ ପୁଲେଲା ଗୋପିଚାନ୍ଦ ବ୍ୟାଡମିଣ୍ଟନ ଫାଉଣ୍ଡେସନ୍ ପ୍ରଶିକ୍ଷଣ ଦେବ। ଭାରତୀୟ ବ୍ୟାଡମିଣ୍ଟନକୁ ଏତେ ବଡ଼ ଅବଦାନ ପାଇଁ ଆଜି ଉଦ୍‌ଘାଟନ ପୂର୍ବରୁ ନବୀନ ନିବାସରେ ପହଞ୍ଚି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଆନ୍ତରିକ ଶୁଭେଚ୍ଛା ଜଣାଇଛନ୍ତି ପୁଲେଲା ଗୋପିଚାନ୍ଦ। ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଆଜି ଏହି ଅତ୍ୟାଧୁନିକ ବ୍ୟାଡମିଣ୍ଟନ ପ୍ରଶିକ୍ଷଣ କେନ୍ଦ୍ର ଉଦ୍‌ଘାଟନ କରିଛନ୍ତି ।



## ବିରୋଧୀଙ୍କ ମନଗଢ଼ା କାହାଣୀକୁ ପ୍ରସନ୍ନଙ୍କ କଟାକ୍ଷ

# ସାତ ଜଣଙ୍କୁ ଏତେ ଡର!

**ଭୁବନେଶ୍ୱର,୧୨।୧୨(ସମିସ):** ବିଜେଡିର ଦୁଇଜଣ ରାଜ୍ୟସଭା ସଦସ୍ୟ ଦୁଇଟି ପର୍ଯ୍ୟାୟରେ ଦଳ ଓ ରାଜ୍ୟସଭାରୁ ଇସ୍ତଫା ଦେବା ଏବଂ ପରବର୍ତ୍ତୀ ସମୟରେ ବିଜେପିରେ ଯୋଗଦେବା ପରେ ବିରୋଧୀ ଏହି ପ୍ରସଙ୍ଗରେ ଅନେକ ଅବାସ୍ତବ କାହାଣୀ କହି ବୁଲୁଛନ୍ତି । ଏହାକୁ ନେଇ ବିରୋଧୀଙ୍କୁ କଟାକ୍ଷ କରିଛନ୍ତି ଦଳର ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ। ବିଜେଡିରେ ଏବେ ମାତ୍ର ୭ ଜଣ ରାଜ୍ୟସଭା ସାଂସଦ ଅଛନ୍ତି, ତଥାପି ବିରୋଧୀଙ୍କୁ ଏତେ ଡ଼ରୁଛନ୍ତି କାହିଁକି ବୋଲି ପ୍ରଶ୍ନ କରିଛନ୍ତି ପ୍ରସନ୍ନ।

ସେ କହିଛନ୍ତି ଯେ ବିଜେଡି କଦାପି ବିନା ଡେଣାରେ ଆକାଶରେ ଉଡିବାକୁ ବିଶ୍ୱାସ କରେ ନାହିଁ। ତେଣୁ ବିଜେପି ନେତାମାନେ ବାଉଳା ଚାଉଳା ହୋଇ ଏଣୁ ତେଣୁ ଗପିଲେ କିଛି ଫରକ ପଡିବ ନାହିଁ। ଯେଉଁମାନେ ସ୍ୱାର୍ଥବାଦୀ ଥିଲେ ସେମାନେ ଦଳ ଛାଡ଼ି ଚାଲି ଯାଇଛନ୍ତି। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ସହ ଆମେ ଥିଲୁ, ଅଛୁ ଓ ରହିବୁ। ରାଜନୀତିରେ ବହୁତ ଚର୍ଚ୍ଚା ହୁଏ, ବିତର୍କ ହୁଏ, ବହୁତ ଗଳ୍ପ ବି ସୃଷ୍ଟି କରାଯାଏ। ଏହା କିଛି ନୂଆ କଥା ନୁହେଁ; କିନ୍ତୁ ସବୁ କାହାଣୀ ସତ ହୁଏ ନାହିଁ । ବିଜେପି ନେତାଏ କ’ଣ କହୁଛନ୍ତି ତାହା ସେମାନଙ୍କ ବ୍ୟକ୍ତିଗତ ଚିନ୍ତାଧାରା। ତାହା ବିଜୁ ଜନତା ଦଳ ଉପରେ କିଛି ଫରକ ପକାଇବ ନାହିଁ ବୋଲି ପ୍ରସନ୍ନ କହିଛନ୍ତି ।

- ବିଜେଡି ନେତାମାନେ ସଙ୍ଗଠିତ, ନବୀନଙ୍କ ପ୍ରତି ସମ୍ପୂର୍ଣ୍ଣ ସମର୍ପିତ
- ସ୍ୱାର୍ଥ ଆଧାରିତ ରାଜନୀତିରେ ବିଜେଡି ବିଶ୍ୱାସ କରେ ନାହିଁ
- ନିଜ ସ୍ୱାର୍ଥ ପାଇଁ କିଛି ଲୋକ ଦଳ ଛାଡ଼ି ଚାଲି ଯାଇଛନ୍ତି
- ଆମକୁ ବଦନାମ କରିବାକୁ ବିରୋଧୀଙ୍କ ବୟାନବାଜି: ମୁନ୍ନା ଖାଁ

ଅପରପକ୍ଷେ ରାଜ୍ୟସଭା ସାଂସଦ ମୁଜିବୁଲ୍ଲା ଖାନ୍ କହିଛନ୍ତି ଯେ ବିଜୁ ଜନତା ଦଳର ସାଂସଦ ମାନଙ୍କୁ ବଦନାମ କରିବା ପାଇଁ ବିଜେପି ନେତା ମନଇଚ୍ଛା ବୟାନବାଜି କରୁଛନ୍ତି। ଯାହା ମନକୁ ଆସିଲା ଗପୁଛନ୍ତି। ବିଜେଡିରେ ଏବେ ଆମେ ୭ ଜଣ ରାଜ୍ୟସଭା ସାଂସଦ ଅଛୁ, ଆଉ ଆଗକୁ ମଧ୍ୟ ଏକାଠି ରହିବୁ। ଆମ ନେତା ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଆମେ ସଂଗଠିତ ଅଛୁ। ବିଜେଡି ଛାଡ଼ି ଅନ୍ୟ ଦଳକୁ ଯିବାର ପ୍ରଶ୍ନ ଉଠୁନାହିଁ। ଖୁବ୍ ଶୀଘ୍ର ସାମ୍ବାଦିକ ସମ୍ମିଳନୀରେ ଆମେ ସମସ୍ତ ରାଜ୍ୟସଭା ସାଂସଦ ବିଜେପି ନେତାଙ୍କ ମନଗଢ଼ା କାହାଣୀ ଉପରେ ଜବାବ୍ ରଖିବୁ ବୋଲି ଶ୍ରୀ ଖାନ୍ କହିଛନ୍ତି। ବିଜେଡି ଛାଡ଼ି ବିଜେପି ଟିକଟରେ ରାଜ୍ୟସଭା ଯାଉଥିବା ସୁଜିତ କୁମାରଙ୍କ ସମ୍ପର୍କରେ ଶ୍ରୀ ଖାନ୍ କହିଛନ୍ତି, ସେ ରାଜନେତା ନ ଥିଲେ। ନବୀନ ବାବୁଙ୍କ ଦୟାରେ ସେ ରାଜ୍ୟସଭାକୁ ଯାଇଥିଲେ। ତାଙ୍କର ଭାଗ୍ୟ ବଳ ଜୋର ଥିବାରୁ ସେ ନବୀନ ପଟ୍ଟନାୟକଙ୍କ ଆଶୀର୍ବାଦରେ ସାଂସଦ ହେବାର ସୁଯୋଗ ପାଇଲେ। ସାରା ଦେଶରେ ବିଜେପି ଭାଗଭାଗ ରାଜନୀତି ଆରମ୍ଭ କରିଛି ଓ ମହାରାଷ୍ଟ୍ର, ଉତ୍ତର ପ୍ରଦେଶ, କର୍ଣ୍ଣାଟକରୁ ଆରମ୍ଭ ହୋଇଥିବା ଧାରା ଓଡ଼ିଶାରେ ପହଞ୍ଚିଛି। ଓଡିଶା ପର୍ଯ୍ୟନ୍ତ ବିଜେପିର କଳୁଷିତ ରାଜନୀତି ମାଡ଼ି ଯାଇଛି। ବିଜେଡିର ଦୁଇ ଜଣ ରାଜ୍ୟସଭା ସାଂସଦଙ୍କୁ ମନାଇ ନିଜ ଶିବିରକୁ ନେଇଯିବା ପରେ ଏବେ ବିଜେପି ନେତାମାନେ ଖାଲି ବୟାନବାଜି କରି ହଟଚମଟ ସୃଷ୍ଟି କରୁଛନ୍ତି ବୋଲି ବିଜେଡି କହିଛି। ବିଧାନସଭାରେ ଓ ସଂସଦରେ ଏକ ଦକ୍ଷ ବିପକ୍ଷ ଭାବେ ବିଜେଡି ନିଜ ଦାୟିତ୍ୱ ସମ୍ପାଦନ କରୁଥିବା ବେଳେ ରାଜ୍ୟ ତଥା ରାଜ୍ୟ ବାହାରର ବିଜେପି ନେତା କାହାଣୀ କହିବାରେ ଲାଗି ପଡ଼ିଛନ୍ତି। ନାନାଦି ବିଭ୍ରାଟ ପାଇଁ ରାଜ୍ୟ ସରକାର ବଦନାମ ହୋଇଛନ୍ତି । ଭତ୍ତା ଓ ସୁଭଦ୍ରା ପ୍ରତାରଣାର ଉତ୍ତର ବିଜେପି ଦେଇପାରୁ ନାହିଁ। ଅତ୍ୟାବଶ୍ୟକ ଦରଦାମରେ ଓଡିଶାବାସୀ ହନ୍ତସନ୍ତ ହେଉଛନ୍ତି, ସରକାର ବିକାଶମୂଳକ କାମ ପାଇଁ ଟଙ୍କା ଦେଇ ପାରୁ ନାହାନ୍ତି। ଏ ସବୁରୁ ଦୃଷ୍ଟି ଏଡ଼ାଇବା ପାଇଁ ଗରମ ଗରମ ମିଛ କାହାଣୀ ସୃଷ୍ଟି କରିବାରେ ବିଜେପି ସିଦ୍ଧହସ୍ତ ବୋଲି ଶ୍ରୀ ଖାନ୍ କହିଛନ୍ତି ।

## ପରିବହନର ପଦ୍ଧତି ସଂକ୍ରାନ୍ତରେ ନିଷ୍ପତ୍ତି ନେଇପାରୁନି ଏଫ୍‌ସିଆଇ

# ଅଟା ଦର ଆକାଶଛୁଆଁ

**ଭୁବନେଶ୍ୱର,୧୨।୧୨(ସମିସ):** ଚାଉଳ ନେବାକୁ ଚାହୁଁ ନ ଥିବା ରାସନ କାର୍ଡଧାରୀ ଗହମ ପାଇବେ; ଆକାଶଛୁଆଁ ଅଟା ଦର ଆଉ ବାଧିବନି। ଓଡିଶାରେ ନୂଆ ସରକାର ଆସିବା ପରଠାରୁ ଏପରି କିଛି ନୂଆ କଥା ଶୁଣିବାକୁ ମିଳୁଛି। ଗହମ ବଣ୍ଟନ ନେଇ ଯୋଗାଣମନ୍ତ୍ରୀ ଏ ସଂକ୍ରାନ୍ତରେ ଅନେକ ବାର କଣ୍ଟ ଦେଲେଣି। ଇତିମଧ୍ୟରେ ରାଜ୍ୟରେ ପ୍ରାୟ ୨୦ ହଜାର ଟନ୍ ଗହମ ବି ପହଞ୍ଚିଛି, ମାତ୍ର ଏହା କିପରି ବଣ୍ଟନ ହେବ ତାହାର ବାଟ ସରକାର ପାଉ ନାହାନ୍ତି। ଅଗ୍ରାଧିକାର ପରିବାର (ପିଏଚ୍‌ଏଚ୍)ଙ୍କୁ ବଣ୍ଟନ ପାଇଁ ଗହମର ପରିବହନର ପଦ୍ଧତି ଭାରତୀୟ ଖାଦ୍ୟ ନିଗମ ପାଉନାହିଁ, ରାଜ୍ୟ ଯୋଗାଣ ବିଭାଗ ମଧ୍ୟ ଏ ସଂକ୍ରାନ୍ତରେ କିଛି ପଦକ୍ଷେପ ନେଉନାହିଁ। ଯାହାଫଳରେ ରାଜ୍ୟର ହିତାଧିକାରୀ ଗହମ ପାଇବାରୁ ବଞ୍ଚିତ ହୋଇଛନ୍ତି । ଚଢ଼ା ଦରରେ ଅଟା କିଣିବାକୁ ବାଧ୍ୟ ହେଉଛନ୍ତି । ବିଧାନସଭାରେ ବିଜେଡି ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ କରିଥିବା ପ୍ରଶ୍ନରେ ପରିବହନ ଜନିତ ସମସ୍ୟା ଯୋଗୁ ଗହମ ବଣ୍ଟନ ହୋଇ ପାରୁ ନ ଥିବା ସ୍ୱୀକାର କରିଛନ୍ତି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର।

ମନ୍ତ୍ରୀଙ୍କ ସୂଚନା ଅନୁସାରେ ଚଳିତ ବର୍ଷ ଅକ୍ଟୋବର ମାସରୁ ରାସନ କାର୍ଡ ଧାରୀଙ୍କୁ ଉଭୟ ଚାଉଳ ଏବଂ ଗହମ ଯୋଗାଇ ଦେବା ପାଇଁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଥିଲେ। ଜାତୀୟ ଖାଦ୍ୟ ସୁରକ୍ଷା ଆଇନ୍ ଅନୁସାରେ ସମସ୍ତ ହିତାଧିକାରୀଙ୍କୁ ଖାଦ୍ୟ ଶସ୍ୟ ବଣ୍ଟନ ନିମନ୍ତେ ୯୦:୧୦ ଅନୁପାତରେ ରାଜ୍ୟକୁ ୧୬୭୭୪୫.୯୩୧ ଚାଉଳ ଏବଂ ୧୯ ୯୦୬.୦୧୯ ମେଟ୍ରିକ୍ ଟନ୍ ଗହମ ଯୋଗାଇ ଦେଇଛନ୍ତି। ଜିଲ୍ଲାୱାରୀ କେତେ ଗହମ ଯୋଗାଣ ହେବ ତାହା ବି ବିଭାଗ ପକ୍ଷରୁ ନିର୍ଦ୍ଧାରଣ କରାଯାଇଛି; କିନ୍ତୁ ପରିବହନ ପାଇଁ ଏଫ୍‌ସିଆଇ ପକ୍ଷରୁ କୌଣସି ବ୍ୟବସ୍ଥା ହୋଇନଥିବାରୁ ଗହମ ବଣ୍ଟନ ପ୍ରକ୍ରିୟା ଏବେ ସ୍ଥଗିତ ରଖାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି ।

- ଯୋଗାଣ ବିଭାଗର ସ୍ଥାଣୁତା ପାଇଁ ତିନି ମାସ ହେଲା ଆରମ୍ଭ ହୋଇପାରୁନି
- ଗୋଦାମରେ ପଡିଛି ୧୯ ୯୦୬ ଟନ୍ ଗହମ: ଯୋଗାଣ ମନ୍ତ୍ରୀ

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଓଡିଶା ବହୁଳ ଭାବେ ଚାଉଳ ବ୍ୟବହାର କରୁଥିବା ରାଜ୍ୟ ହୋଇଥିବା ବେଳେ ରାଜ୍ୟ ସରକାରଙ୍କ ଅନୁରୋଧକ୍ରମେ କେନ୍ଦ୍ର ସରକାର ୨୦୨୨ ମସିହା ଜୁଲାଇ ଠାରୁ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ୍ ଅନ୍ତର୍ଗତ ହିତାଧିକାରୀଙ୍କୁ ଗହମ ଦେଲେ ନାହିଁ। ଫଳରେ ହିତାଧିକାରୀଙ୍କୁ କେବଳ ଚାଉଳ ବଣ୍ଟନ କରାଯାଉଥିଲା। ମାତ୍ର କେନ୍ଦ୍ର ସରକାର ୨୦୨୪ ଅକ୍ଟୋବର ମାସରୁ ଖାଦ୍ୟ ସୁରକ୍ଷା ଆଇନ ହିତାଧିକାରୀଙ୍କୁ ଉଭୟ ଚାଉଳ ଓ ଗହମ ଯୋଗାଇ ଦେବାପାଇଁ ଆବଣ୍ଟନପତ୍ର ଜାରି କରିଛନ୍ତି। ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅଧିନରେ କେନ୍ଦ୍ର ସରକାର ପୂର୍ବରୁ ମାସିକ ହାରାହାରି ୨୪,୮୩୦.୪୮୩ ମେଟ୍ରିକ ଟନ୍ ଗହମ ରାଜ୍ୟକୁ ଯୋଗାଇ ଦେଉଥିବାବେଳେ ଅକ୍ଟୋବର ୨୦୨୪ ରୁ ହାରାହାରି ମାସିକ ୧୯,୯୦୬.୦୧୯ ମେଟ୍ରିକ ଟନ୍ ଗହମ ଯୋଗାଇବାପାଇଁ ଆବଣ୍ଟନପତ୍ରରେ ଉଲ୍ଲେଖ ରହିଛି। ହେଲେ କେନ୍ଦ୍ର ସରକାରଙ୍କ ଆନ୍ତରିକତାର ଅଭାବ ଏବଂ ରାଜ୍ୟ ଯୋଗାଣ ବିଭାଗର ସ୍ଥାଣୁତା ପାଇଁ ଲୋକଙ୍କୁ ଗହମ ମିଳୁନାହିଁ। ରାଜ୍ୟରେ ଖୋଲା ବଜାରରେ ବିକ୍ରି ହେଉଥିବା ଅଟାର ଦର ସାଧାରଣତଃ ରାଜ୍ୟ ବାହାରୁ ଆମଦାନୀ କରାଯାଉଥିବା ଗହମର ଦର ଉପରେ ନିର୍ଭର କରିଥାଏ। ଗହମ ଯୋଗାଣ ବନ୍ଦ ଯୋଗୁଁ ରାଜ୍ୟରେ ଅଟା ଦର ବୃଦ୍ଧି ପାଉଥିବାବେଳେ ରାଜ୍ୟ ସରକାର ଯେପରି ଏହି ପ୍ରସଙ୍ଗକୁ ହାଲୁକା ଭାବରେ ଗ୍ରହଣ କରିଛନ୍ତି, ତାହା ସାଧାରଣରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି ।



## 'ସକାଳ' ପ୍ରସାରଣ କାର୍ଯ୍ୟନିର୍ବାହୀଙ୍କ ମାତୃ ବିୟୋଗ



ବୌଦ୍ଧ, ୧୨।୧୨(ସମିସ): ଦୈନିକ 'ସକାଳ'ର ପ୍ରସାରଣ କାର୍ଯ୍ୟନିର୍ବାହୀ ସନତ ସ୍ୱାଇଁଙ୍କ ମାତୃ ବିୟୋଗ ହୋଇଛି। ସକାଳ ସମ୍ବଲପୁର ସଂସ୍କରଣରେ ପ୍ରସାରଣ କାର୍ଯ୍ୟନିର୍ବାହୀ ଭାବେ କାର୍ଯ୍ୟରତ ସନତଙ୍କ ମା' ଶାନ୍ତିଲତା ସ୍ୱାଇଁ ୭୫ ବର୍ଷ ବୟସରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ବୌଦ୍ଧ ବ୍ଲକ ଜଗତି ଗ୍ରାମ ବାସଭବନରେ ଗୁରୁବାର ସନ୍ଧ୍ୟାରେ ସେ ଦେହତ୍ୟାଗ କରିଛନ୍ତି।

## ଛାତ୍ରୀଙ୍କୁ ଶିକ୍ଷୟିତ୍ରୀଙ୍କ ମାଡ଼ ଘଟଣାର କାର୍ଯ୍ୟାନୁଷ୍ଠାନ ନ ହେଲେ ଆନ୍ଦୋଳନ ଚେତାବନୀ



ବୌଦ୍ଧ, ୧୨।୧୨(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଆମ୍ବଗାଁ ଜନତା ଉଚ୍ଚ ବିଦ୍ୟାଳୟରେ ଜଣେ ଶିକ୍ଷୟତ୍ରୀ ଜଣେ ଛାତ୍ରୀଙ୍କୁ ଜାତିଆଣ ଆକ୍ଷେପ କରି ମାଡ଼ ମାରିଥିବା ଅଭିଯୋଗ ହୋଇଛି। ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କ ବିରୋଧରେ ପ୍ରଶାସନିକ ଏବଂ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆନ୍ଦୋଳନ କରିବାକୁ ରାଷ୍ଟ୍ରୀୟ ସମାନତା ଅଧିକାର ପରିଷଦ ତରଫରୁ ଚେତାବନୀ ଦିଆଯାଇଛି। ଗତ ୭ ତାରିଖରେ ଛାତ୍ରୀ ପୂଜାରାଣୀ ବଣ୍ଡକିଙ୍କୁ ଜଣେ ଶିକ୍ଷୟିତ୍ରୀ ଜାତିଆଣ ଆକ୍ଷେପ କରିବା ସହ ମାଡ଼ ମାରିଥିବା ଛାତ୍ରୀଙ୍କ ବାପା ପଙ୍କଜ ବଣ୍ଡକି କଣ୍ଟମାଳ ଥାନାରେ ଲିଖିତ ଏତଲା ଦେଇଛନ୍ତି। ତେବେ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କ ବରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବା ହେତୁ ରାଷ୍ଟ୍ରୀୟ ସମାନତା ଅଧିକାର ପରିଷଦ ବୌଦ୍ଧ ଶାଖାର କର୍ମକର୍ତ୍ତା ସଭାପତି ପ୍ରଦୀପ ମହାନନ୍ଦଙ୍କ ନେତୃତ୍ୱରେ ବୌଦ୍ଧ ଜିଲ୍ଲାପାଳ ଏବଂ ଉପ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଉପଯୁକ୍ତ ତଦନ୍ତ କରାଯାଇ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ ହେଲେ ଆଇନ ଅମାନ୍ୟ ଆନ୍ଦୋଳନ ଏବଂ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ କରାଯିବ ବୋଲି ପରିଷଦ ତରଫରୁ ଚେତାବନୀ ଦିଆଯାଇଛି।

## ୧୧୮ ଏକର ଗଞ୍ଜେଇ ଚାଷ ନଷ୍ଟକଲା ଘଣ୍ଟାପଡ଼ା ପୁଲିସ

ଶଗଡ଼ା, ୧୨।୧୨(ସମିସ): ଘଣ୍ଟାପଡ଼ା ପୁଲିସ ଲଣ୍ଡନପଡ଼ା ଗ୍ରାମ୍ୟ ଜଙ୍ଗଲରେ ଚଢ଼ଉ କରି ୩୫ ଏକର ଜାଗାରେ ବେଆଇନ ଭାବେ ଚାଷ ହୋଇଥିବା ୩୨ହଜାର ୮ଶହ ଗଞ୍ଜେଇ ଗଛକୁ କାଟି ପୋଡ଼ି ନଷ୍ଟ କରିଛି। ଏ ସଂକ୍ରାନ୍ତରେ ଘଣ୍ଟାପଡ଼ା ଥାନାରେ ଏକ ମାମଲା ରୁଜୁ ହୋଇଛି। ସେହିଭଳି ମନମୁଣ୍ଡା ପୁଲିସ ବରଗୋଚ୍ଛା ପଞ୍ଚାୟତ ପାଲଝିରି ନିକଟସ୍ଥ ଗ୍ରାମ୍ୟ ଜଙ୍ଗଲରେ ଚଢ଼ଉ କରି ୪୪:୮୦ ଏକର ପରିମିତ ଜାଗାରେ ବେଆଇନ ଭାବେ ହୋଇଥିବା ୫୨ ହଜାର ୭୬୨ ଗଞ୍ଜେଇ ଗଛକୁ କାଟି ପୋଡି ନଷ୍ଟ କରିଛି। ଏ ସଂକ୍ରାନ୍ତରେ ମନମୁଣ୍ଡା ଥାନାରେ ଏକ ମାମଲା ରୁଜୁ ହୋଇଛି। ସେହିପରି ବୌଦ୍ଧ ପୁଲିସ ସାନବାବଡ଼ା ଗ୍ରାମ ନିକଟ ଜଙ୍ଗଲରେ ଚଢ଼ଉ କରି ୩୮:୯୦ ଏକର ପରିମିତ ଜାଗାରେ ବେଆଇନ ଭାବେ ହୋଇଥିବା ୩୮ ହଜାର ୮୫୨ଟି ଗଞ୍ଜେଇ ଗଛକୁ କାଟି ପୋଡି ନଷ୍ଟ କରିଛି।

● ବଡ଼ଖମାର ମଠରେ ବ୍ୟଞ୍ଜନ ଦ୍ୱାଦଶୀ

## ୨୦୮ ପ୍ରକାର ଭୋଗ ଅର୍ପଣ



ସୁବଲୟା, ୧୨।୧୨(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଜଟେସିଂହା ପଞ୍ଚାୟତ ଅନ୍ତର୍ଗତ ବଡ଼ଖମାର ସ୍ଥିତ ବରାହପଦର ମଠରେ ବ୍ୟଞ୍ଜନ ଦ୍ୱାଦଶୀ ଉତ୍ସବ ପାଳିତ ହୋଇଯାଇଛି। ମଠାଧୀଶ ନିତ୍ୟଗୋପାଳ ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଞ୍ଚଳର ବିଭିନ୍ନ ମଠର ସାଧୁସନ୍ଥ ତଥା ଆଖପାଖ ବିଭିନ୍ନ ଗ୍ରାମରୁ ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ଏହି ଅବସରରେ ରାଧାକୃଷ୍ଣଙ୍କ ପୂଜାର୍ଚ୍ଚନା ସହ ତାଙ୍କଠାରେ ୨୦୮ ପ୍ରକାରର ବିବିଧ ବ୍ୟଞ୍ଜନାଦି ଅର୍ପଣ କରାଯାଇଥିଲା। ଶ୍ରଦ୍ଧାଳୁ ଭକ୍ତଜନଙ୍କ ଭଜନ, ସଙ୍କୀର୍ତ୍ତନ ରେ ମଠ ପରିସର ଉଚ୍ଛୁଳି ଉଠିଥିଲା। ସେହିପରି ଚନ୍ଦଲୀ, ସୁବଲୟା, ବାଗବର, ଟିଁପିପାଲି, ଦେଉଳଝରି ଓ ଭଙ୍ଗାମୁଣ୍ଡା ପ୍ରଭୃତି ସ୍ଥାନମାନଙ୍କରେ ଥିବା ରାଧାକୃଷ୍ଣ ମଠରେ ବ୍ୟଞ୍ଜନ ଦ୍ୱାଦଶୀ ପାଳିତ ହୋଇଯାଇଛି।

## ଗଛରେ ପିଟିହୋଇ ବାଇକ୍ ଆରୋହୀଙ୍କ ମୃତ୍ୟୁ

ଭବାନୀପାଟଣା, ୧୨।୧୨(ସମିସ): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ଥାନା ଘଣ୍ଟବାହାଲି ଛକରେ ଗୁରୁବାର ସନ୍ଧ୍ୟାରେ ଗଛରେ ପିଟିହୋଇ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତ ବାଇକ୍ ଆରୋହୀ ଜଣକ ହେଲେ ଭବାନୀପାଟଣା ବ୍ଲକ ପରମାନନ୍ଦପୁର ଗ୍ରାମର ଦେବରାଜ ଗୌଡ଼ (୩୮)। ଜୁନାଗଡ଼ ପୁଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ଡାକ୍ତରଖାନାକୁ ପଠାଇଛି।

# 'ବ୍ୟର୍ଥ ଯିବନି ସ୍ୱଦେଶୀପ୍ରେମୀ ବାବୁ ଗେନୁଙ୍କ ବଳିଦାନ'



**ଭବାନୀପାଟଣା, ୧୨।୧୨(ସମିସ):**
ସ୍ୱଦେଶୀ ପାଇଁ ପ୍ରଥମ ବଳିଦାନୀ ବାବୁ ଗେନୁଙ୍କ ବଳିଦାନ ବ୍ୟର୍ଥ ଯିବ ନାହିଁ। ତାଙ୍କ ତ୍ୟାଗ, ଆଦର୍ଶ ଓ ବଳିଦାନରେ ଅନୁପ୍ରାଣିତ ହୋଇ ଦୈନନ୍ଦିନ ଜୀବନରେ ସ୍ୱଦେଶୀ ବ୍ୟବହାର ସହିତ ପର୍ଯ୍ୟାବରଣ ସୁରକ୍ଷା ଓ ସ୍ୱଦେଶୀ ଆଧାରରେ ସ୍ୱାଭିମାନୀ, ସ୍ୱାବଲମ୍ବୀ ଓ ଶକ୍ତିଶାଳୀ ଭାରତ ନିର୍ମାଣ ହିଁ ତାଙ୍କ ପ୍ରତି ସର୍ବଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ। ବ୍ରଜବିହାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଓ ସ୍ୱଦେଶୀ ଜାଗରଣ ମଞ୍ଚ ମିଳିତ ସହଯୋଗରେ ବ୍ରଜ ବିହାର ପରିସରରେ ଅମର ବଳିଦନୀ ବାବୁ ଗେନୁଙ୍କ ବଳିଦାନ ଦିବସରେ 'ସ୍ୱଦେଶୀ ଦିବସ' ପାଳନ ଅବସରରେ ଏହି ମତ ପ୍ରକାଶ ପାଇଛି। ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଷ୍ଟେଟ ବ୍ୟାଙ୍କ ମ୍ୟାନେଜର ଦୀନବନ୍ଧୁ ମୁଣ୍ଡ ମୁଖ୍ୟ ଅତିଥି, ମଞ୍ଚର ରାଷ୍ଟ୍ରୀୟ ପରିଷଦ ସଦସ୍ୟ ମନୋଜ ନାୟକ ମୁଖ୍ୟବକ୍ତା ଓ ମଞ୍ଚ ପ୍ରାନ୍ତ ସମ୍ପର୍କ ପ୍ରମୁଖ ତଥା ସ୍ୱାବଲମ୍ବୀ ଭାରତ ଅଭିଯାନ ଜିଲ୍ଲା ସମନ୍ୱୟକ ଯୁବ ଉଦ୍ୟୋଗୀ ପ୍ରତୀକ ଯୋଷୀ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ମନୋଜ ମୁଣ୍ଡ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବା ବେଳେ ଜିଲ୍ଲା ସଂଯୋଜକ ନକୁଳ ନାୟକ ସଂଯୋଜନା କରିଥିଲେ। ଜିଲ୍ଲା ସମ୍ପର୍କ ପ୍ରମୁଖ ତଥା ଇ- ଦୋସ୍ତି ମୁଖ୍ୟ ଗଜିନ୍ଦ୍ର ଡାକୁଆ ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନାଯୋଗ୍ୟ, ସ୍ୱଦେଶୀ ପାଇଁ ପ୍ରଥମ ଅମର ବଳିଦାନୀ ବାବୁଗେନୁ ୧୯୦୮ ଜାନୁୟାରୀ ୧ରେ ମହାରାଷ୍ଟ୍ର ପଡ଼ାବଲ ମହାଲୁଙ୍ଗେରେ ଜନ୍ମଗ୍ରହଣ କରିଥିଲେ। ଏକଦା ସେ ବମ୍ବେରେ ଶ୍ରମିକ ଭାବେ କାର୍ଯ୍ୟ କରିବାବେଳେ ଏକ ଘଟଣା ଘଟିଥିଲା। ବିଦେଶୀ ଲୁଗା ବୋଝେଇ ଗାଡ଼ିକୁ ସହର ଭିତରକୁ ପ୍ରବେଶ ବେଳେ ସେ ବିରୋଧ କରିଥିଲେ। ଏଣୁ ତାଙ୍କୁ ୧୯୩୦ ଡିସେମ୍ବର ୧୨ରେ ଇଂରେଜ ଅଧିକାରୀ ଫ୍ରେଜର ବିଦେଶୀ ଲୁଗା ବୋଝେଇ ଟ୍ରକ ଚଢ଼ାଇ ହତ୍ୟା କରିଥିଲା। ସେତେବେଳେ ତାଙ୍କୁ ମାତ୍ର ୨୨ ବର୍ଷ ହୋଇଥିଲା।

## ଗୋପାଳପୁର ଏସ୍ଏସ୍ଡି ହାଇସ୍କୁଲର ବାର୍ଷିକ ଉତ୍ସବ



**ଥୁଆମୂଳ ରାମପୁର, ୧୨।୧୨(ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ଗୋପାଳପୁର ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭରତ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବିଡିଓ ଧ୍ରୁବ ଚରଣ ମୁଦୁଲି ଉପସ୍ଥିତ ଥିବା ବେଳେ ମୁଖ୍ୟଵକ୍ତା ଭାବେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ସ୍ୱତନ୍ତ୍ର ଅଧିକାରୀ ନନ୍ଦି କିଶୋର ତାଣ୍ଡି, ଅତିରିକ୍ତ ମଙ୍ଗଳ ଅଧିକାରୀ ଜାନକୀ ବଲ୍ଲଭ ସାମନ୍ତରାୟ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶୁଭ୍ରଜିତ ରଞ୍ଜନ ସ୍ୱାଇଁ ଏବଂ ମଧୁପୁର ଏସ୍ଏସ୍ଡି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବେଦବ୍ୟାସ ପଧାନ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଟଙ୍କଧର ଜାନୀ ପ୍ରମୁଖ ଯୋଗ ଦେଇ ଉଦ୍‌ବୋଧନ ଦେଇଥିଲେ। ପରେ ଅତିଥିମାନଙ୍କ ଦ୍ୱାରା କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସଭା ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ହରିପ୍ରିୟା ମାଝୀ, ମାଧବୀ ମାଝୀ ଏବଂ ଜଗଦୀଶ ଶବର ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ଜୟଶଙ୍କର ମାହାର, ଟଙ୍କଧର ଧାଙ୍ଗଡ଼ାମାଝୀ, ମିତ୍ରଭାନୁ ନାଏକ, କାଶୀନାଥ ଭୋଇ, ହିମାଞ୍ଚଳ ପୁଝାରୀ, ପୂର୍ଣ୍ଣଚନ୍ଦ୍ର ବେହେରା, ଅଜିତ ଦାସ, ସଞ୍ଜୀବ ଖୁରା, ହିମାଂଶୁ ଶେଖର ନାୟକ, ସମୀର ରଞ୍ଜନ ସାହୁ, ମହେନ୍ଦ୍ର ବିଶ୍ୱାଳ, ସାରିକା ଦୁର୍ଗା, ତପସ୍ୱିନୀ ସୁନାନୀ, ପିଇଟି ଚାଞ୍ଚଲ୍ୟ ବାଗଙ୍କ ସମେତ ବିଦ୍ୟାଳୟର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## ସୋନପୁର ଖଲିଦନାର ନିଆରା ଆଦର



**ସୋନପୁର, ୧୨।୧୨(ସମିସ):** ପୂଜା, ପାର୍ବଣ, ବିବାହ, ବ୍ରତ ଆଦି ସାମାଜିକ ଉତ୍ସବରେ ପତ୍ର ଖଲି ଦନା ଖୋଜିବାକୁ ପଡେ। ଏହାକୁ ସୁଦ୍ଧ ବୋଲି ବିବେଚନା କରାଯାଏ। ତେବେ ଦିନକୁ ଦିନ ପତ୍ର ଖଲି ଦନାର ଅଭାବରୁ ବିଭିନ୍ନ ସ୍ଥାନରେ ଏହାର ବ୍ୟବହାର କମି ପ୍ରେସ ଖଲି ଦନା ସ୍ଥାନ ନେଲାଣି। ଶୀତ ଦିନରେ ବିଭିନ୍ନ ସ୍ଥାନରେ ଭୋଜି ଭାତର ଆସର ଜମେ। ପ୍ରେସ ଖଲି ଦନା ଏବଂ ପଲିଥିନ୍‌ର ବହୁଳ ବ୍ୟବହାର ଦ୍ୱାରା ପରିବେଶ ପ୍ରଦୂଷିତ ହୋଇଥାଏ। ଭୋଜିରେ ଇକୋ ଫ୍ରେଣ୍ଡଲି ଖଲି ଦନା ବ୍ୟବହାର ପାଇଁ ପରିବେଶବିତ୍ ଆହ୍ୱାନ କରିଛନ୍ତି। ପରିବେଶବିତ୍ କ୍ଷୀରସାଗର ବିଭାର କହିଛନ୍ତି ପତ୍ର ଖଲି ଦନା ବ୍ୟବହାର କଲେ ପରିବେଶ ପ୍ରଦୂଷଣ ରୋକା ଯାଇ ପାରିବା ସହିତ ଖଲି ଦନା ବିକ୍ରି କରି ପରିବାର ପ୍ରତିପୋଷଣ କରୁଥିବା ଲୋକଙ୍କୁ ରୋଜଗାର ମିଳିବ। ସୋନପୁରରେ ପତ୍ର ଖଲି ଦନାର ଏକ ସ୍ୱତନ୍ତ୍ର ହାଟ ବସିଥାଏ। ପ୍ରତ୍ୟହ ସକାଳୁ ବିଜୁ ପଟ୍ଟନାୟକ ଛକ ଠାରେ ହାଟ ବସିଥାଏ। ସହର ଉପକଣ୍ଠରେ ବସବାସ କରୁଥିବା କୋହ୍ଲ ସମ୍ପ୍ରଦାୟର ମହିଳାମାନେ ସକାଳେ କାଠିପତ୍ର ଧରି ହାଟରେ ଠୁଳ ହୋଇ ଯାଆନ୍ତି। ଲୋକେ ବି ଖୁବ୍ ଆଦରରେ କିଣି ନିଅନ୍ତି ଖଲି ଦନା। ନିକଟସ୍ଥ ଅର୍ଜୁନପୁର ଜଙ୍ଗଲ କିମ୍ବା ସିଣ୍ଢୋଲ ଜଙ୍ଗଲକୁ ଯାଇ ଘରର ମହିଳାମାନେ ସର୍ଗିପତ୍ର ଏବଂ କାଠି ସଂଗ୍ରହ କରିଆଣନ୍ତି। ପରିବାରର ସମସ୍ତ ସଦସ୍ୟ ମିଶି ସିଲେଇ କରନ୍ତି। ମହିଳାମନେ ପତ୍ର ଖଲି ଦନା ମୁଣ୍ଡାଇ ସୋନପୁରକୁ ଆସି ବିକ୍ରି କରିଥାନ୍ତି। ଏଥିରୁ ପରିବାର ପ୍ରତିପୋଷଣ କରୁଛନ୍ତି କିଛି ଜନଜାତି ପରିବାର। ଏହି ଖଲି ଦନା ସିଲାଇରେ ମଧ୍ୟ କୌଣସି ପ୍ଲାଷ୍ଟିକ ଜାତୀୟ ଦ୍ରବ୍ୟର ବ୍ୟବହାର ହୁଏ ନାହିଁ। ଜଙ୍ଗଲର ଏକ ଖଡିକାରେ ଏହା ସିଲାଇ ହୁଏ। ପରିବେଶ ପ୍ରତି ଏହାର କୌଣସି ପ୍ରତିକୂଳ ପ୍ରଭାବ ନାହିଁ। ଜଙ୍ଗଲିଆ ପତ୍ରରେ ସିଲାଇ ହୋଇଥିବା ଖଲିଦନା ପ୍ରତି ସୋନପୁରିଆଙ୍କ ଆଗ୍ରହ ବି ଖୁବ୍ ନିଆରା।

## ନବନିଯୁକ୍ତ ଶିକ୍ଷକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**ସିନାପାଲି, ୧୨।୧୨(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକର ବିଭିନ୍ନ ପ୍ରାଥମିକ ବିଦ୍ୟାଳୟରେ ନୂତନ ଭାବେ ନିଯୁକ୍ତ ହୋଇଥିବା କନିଷ୍ଠ ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କୁ ସିନାପାଲି ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ଗୁରୁବାର ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ସ୍ଥାନୀୟ ଉଚ୍ଚ ବିଦ୍ୟାଳୟ ପରିସରରେ ସଂଘ ସଭାପତି ପ୍ରସନ୍ନ ମାଝୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସ୍ୱାଗତ ସଭାରେ ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ଯତୀନ୍ଦ୍ର ସେଠ, ମୁଖ୍ୟବକ୍ତା ବରିଷ୍ଠ ଶିକ୍ଷକ ଭରତ ବାଗ ଓ ସମ୍ମାନିତ ଅତିଥି ଭାବରେ କୁମୁଦବନ୍ଧୁ ଯୋଷୀ, ଲଳିତ ସୁନାରୀ ସମେତ ସଂଘ ଉପସଭାପତି ଅରୁଣ ଯୋଷୀ, ଝରଣା ସାଗର ଦୁରିଆ ଓ ସମ୍ପାଦକ ବାଲାଜୀ ହରିଜନ ମଞ୍ଚାସୀନ ଥିଲେ। ବୈଷ୍ଣବ ମେହେର ଅତିଥିଙ୍କୁ ସ୍ୱାଗତ କରିଥିବା ବେଳେ ଲୋଚନ ମେହେର ମଞ୍ଚ ସଞ୍ଚାଳନ କରିଥିଲେ। ନିକୁଞ୍ଜ ବିହାରୀ ସା ଓ ସାଥିଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ କରାଯାଇଥିଲା। ଚୂଡାମଣି ମେହେର ମନ୍ତ୍ରପାଠ କରିଥିଲେ। ଏହା ପରେ ନବନିଯୁକ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ସିଆରସିସି ଖଗେଶ୍ୱର ନିଆଲ, ଶିକ୍ଷକ ହୃଦାନନ୍ଦ ମେହେର ଓ ବିଭୁତି ମେହେରଙ୍କୁ ସମ୍ମାନିତ କରାଯାଇଥିଲା। ସିଆରସିସି ମହେଶ୍ୱର ଗୁଆଲ ଧନ୍ୟବାଦ ଦେଇଥିଲେ।

## ନକ୍ ଆଉଟ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



**କୋକସରା, ୧୨।୧୨(ସମିସ) :** କୋକସରା ବ୍ଲକ ଛିଲିପାମାଲ ଖେଳ ପଡ଼ିଆରେ ଗୁରୁବାର ନକ୍ ଆଉଟ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି। ଉଦଘାଟନୀ ମ୍ୟାଚରେ ନାଇକାଣୀଗୁମା ବିଜୟୀ ହୋଇଥିବା ବେଳେ ଦିତୀୟ ମ୍ୟାଚ୍‌ରେ ଶରଦାପୁର ଟିମ୍ ଚିତାମୁଣ୍ଡାକୁ ହରାଇ ବିଜୟୀ ହୋଇଛି। ପ୍ରଥମ ମ୍ୟାଚ ନାଇକାଣୀଗୁମା ଓ ଶକ୍ତି-୧୧ ବୋଡ଼େନ ମଧ୍ୟରେ ଖେଳ ହୋଇଥିଲା। ବୋଡେନ ଟସ୍ ଜିଣି ପ୍ରଥମେ ଫିଲ୍ଡିଂ ନିଷ୍ପତି ନେଇଥିଲା। ନାଇକାଣୀଗୁମା ଟିମ୍ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭର ମଧ୍ୟରେ ୫ ଓ୍ୱିଇକେଟ ହରାଇ ୧୨୧ ରନ୍ ସଂଗ୍ରହ କରିଥିଲା। ୧୨୨ ରନ୍ ବିଜୟ ଲକ୍ଷ୍ୟ ନେଇ ବୋଡେନ ପଡ଼ିଆକୁ ଓହ୍ଲାଇବା ବେଳେ ୯୧ ରନ୍ କରି ସମସ୍ତ ୱିଇକେଟ ହରାଇ ପରାସ୍ତ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ ଧର୍ମଗଡ଼ ଶରଦାପୁର ଓ ଚିତାମୁଣ୍ଡା ମଧ୍ୟରେ ହୋଇଥିଲା। ଚିତାମୁଣ୍ଡା ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭର ମଧ୍ୟରେ ୮୩ ରନ୍ ସଂଗ୍ରହ କରିଥିଲା। ଜବାବରେ ସରଦାପୁର ଟିମ୍ ୭ ଓଭରରେ ୮୪ ରନ୍ ସଂଗ୍ରହ କରି ବିଜୟ ହାସଲ କରିଥିଲା। ଉଦ୍‌ଘାଟନୀ ଦିବସରେ ପ୍ରବୀର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଦୀପ୍ତ କଟା, ଶ୍ରୀଧର ମାଝୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଦେବେନ୍ଦ୍ର ସାଗର ଓ ପ୍ରେମାନନ୍ଦ ଖର୍ସେଲ ଅମ୍ପାୟାର ଭାବେ ଖେଳ ପରିଚାଳନା କରିଥିଲେ। ସ୍କୋରବୋର୍ଡ ଦାୟିତ୍ୱରେ ଜିତେନ୍ଦ୍ର ଖର୍ସେଲ ଓ ଧାରାବିବରଣୀ ଦାୟିତ୍ୱରେ ଉତ୍ତମ ଖର୍ସେଲ ରହିଥିଲେ। ମାଉଲି କ୍ରିକେଟ କ୍ଲବର କର୍ମକର୍ତ୍ତା ସହଯୋଗ କରିଥିଲେ।

## କୃଷି ଯନ୍ତ୍ରପାତି ମେଳା ଉଦ୍‌ଯାପିତ



**ଭବାନୀପାଟଣା, ୧୨।୧୨(ସମିସ):** ଭବାନୀପାଟଣାସ୍ଥିତ କୃଷି ମହାବିଦ୍ୟାଳୟ (ଓୟୁଏଟି) ପଡ଼ିଆରେ ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଯାପିତ ହୋଇଯାଇଛି। କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଦ୍ୱାରା ଏହି ମେଳା ଆୟୋଜିତ ହୋଇଥିଲା। ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ସମ୍ମାନୀତ ଅତିଥି ଭାବେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ମଳୟ ପରିଡ଼ା, ଭବାନୀପାଟଣା କୃଷି ମହାବିଦ୍ୟାଳୟର ଡିନ୍ ଶାନ୍ତନୁ ତ୍ରିପାଠୀ, କୃଷି ବିଭାଗର କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଇଂ ଜଗବନ୍ଧୁ ମହାଲି, ଜୁନାଗଡ଼ ଆମ୍ମାର ଅଧ୍ୟକ୍ଷ ଅଶୋକ ପଟ୍ଟନାୟକ, ଜଳଛାୟା ବିଭାଗର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଭାକର ନାଏକ, ଏପିଆଇସିଓଏଲର ଜିଲ୍ଲା ସଂଯୋଜିକା ସୁଶ୍ରୀ ଏଲିନା ନାୟକ, ଉଦ୍ୟାନ କୃଷି ସହକାରୀ ଉପନିର୍ଦ୍ଦେଶକ ମୋନାଲିସା ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଆଧୁନିକ କୃଷି ପ୍ରଣାଳୀ ଆପଣେଇ ଜିଲ୍ଲାର ଚାଷୀମାନେ କିପରି ଅଧିକ ଲାଭବାନ ହୋଇପାରିବେ ସେ ନେଇ ଅତିଥିମାନେ କହିଥିଲେ। ଏହି ମେଳାରେ ୪୭୪ଟି ବିଭିନ୍ନ କୃଷି ଯନ୍ତ୍ରପାତି ବିକ୍ରି ହୋଇଥିଲା; ଯାହାର ମୂଲ୍ୟ ୧୪.୬୫୮ କୋଟି ଟଙ୍କା ବୋଲି ଜଣାପଡ଼ିଛି। ମେଳାରେ ଜିଲ୍ଲାର ୫୨୪ ଜଣ ଚାଷୀ ଉପସ୍ଥିତ ଥିଲେ। ସେହିପରି ସରକାରଙ୍କ ବିଭିନ୍ନ ସବସିଡ଼ି (ରିହାତି) ଯୋଜନାରେ ଚାଷୀଙ୍କୁ ଅଧିକ କୃଷି ଯନ୍ତ୍ରପାତି ବିକ୍ରି କରିଥିବା ବ୍ୟବସାୟୀଙ୍କୁ ମଧ୍ୟ ମାନପତ୍ର, କପ୍ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଲିପ୍ସା ମହାରଣା ମଞ୍ଚ ପରିଚାଳନା କରିଥିଲେ।

## ଧନୁଯାତ୍ରା
## ଶୁଭସ୍ତମ୍ଭ ସ୍ଥାପନ





ମନମୁଣ୍ଡା/ଶଗଡ଼ା, ୧୨।୧୨(ସମିସ): କଣ୍ଟାମାଳ ବ୍ଲକ ଜୁରୁମୁଣ୍ଡା (ଦପଲା) ଧନୁଯାତ୍ରା ଫେବୃଆରୀ ୨ରୁ ଆରମ୍ଭ ହୋଇ ୮ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିଲାଗି ଶୁ ସ୍ତମ୍ଭ ସ୍ଥାପନ କରାଯାଇଛି। ଧନୁଯାତ୍ରା କମିଟି ସଭାପତି ପୁରନ୍ଦର ଦନ୍ତାଙ୍କ ନେତୃତ୍ୱରେ ସ୍ଥାନୀୟ ପଥରଗଡ଼ ମନ୍ଦିରରେ ପୂଜକ ଲୋଚନ ଜାନୀ ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ଏକ ବିରାଟ ଶୋଭାଯାତ୍ରା ବାହାରି ଧନୁଯାତ୍ରା ପଡ଼ିଆରେ ପହଞ୍ଚି ଥିଲା। ସ୍ଥାନୀୟ ସରପଞ୍ଚ ଅନ୍ନପୂର୍ଣ୍ଣା ମହାକୁଡ ମୁଖ୍ୟ ଅତିଥି ଏବଂ ଶିକ୍ଷାବିତ୍ ଗୋବିନ୍ଦଚନ୍ଦ୍ର ମହାକୁଡ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପୂଜାର୍ଚ୍ଚନା ପରେ ଶୁଭସ୍ତମ୍ଭ ସ୍ଥାପନ କରାଯାଇଥିଲା। ଅରିଗାଁ (ବିନିକା)ର ପ୍ରସିଦ୍ଧ କଳାକାର ଗୋପାଳ ଦାସଙ୍କୁ ଏଥର କଂସ ଭୂମିକାରେ ଅଭିନୟ ପାଇଁ ବରଣ କରାଯାଇଛି।



# କଲେଜ ଛାତ୍ରୀଙ୍କ ଆତ୍ମହତ୍ୟା



**ବଲାଙ୍ଗିର, ୧୨ା୧୨(ସମିସ):** ବଲାଙ୍ଗିର ଆର୍‌ଟିଓ ଛକ ନିକଟରେ ଥିବା ଏକ ଘରୋଇ ହଷ୍ଟେଲରେ ଜଣେ ଛାତ୍ରୀ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଆତ୍ମହତ୍ୟାର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଆତ୍ମହତ୍ୟା କରିଥିବା ଛାତ୍ରୀଜଣକ ପ୍ରତ୍ୟାଷା ପାଣିଗ୍ରାହୀ ବୋଲି ଜଣାପଡ଼ିଛି। ସେ ସହରର ଏକ ଘରୋଇ କଲେଜରେ ଯୁକ୍ତଦୁଇ ପାଠ ପଢୁଥିବା ବେଳେ ଉକ୍ତ ଘରୋଇ ହଷ୍ଟେଲରେ ରହୁଥିଲେ। ତେବେ କେଉଁ କାରଣରୁ ସେ ଆତ୍ମହତ୍ୟା କରିଛନ୍ତି ତାହା ସ୍ପଷ୍ଟ ହୋଇ ନାହିଁ। ଏନେଇ ପରିବାର ଲୋକଙ୍କୁ ଖବର ଦିଆଯାଇଥିବାବେଳେ ପୁଲିସ ମାମଲାର ଛାନଭିନ ଆରମ୍ଭ କରିଛି।

# ରେଳ ଲାଇନରୁ ରକ୍ତାକ୍ତ ଅବସ୍ଥାରେ ଯୁବକ ଉଦ୍ଧାର

**ବଲାଙ୍ଗିର, ୧୨ା୧୨(ସମିସ):** ବଲାଙ୍ଗିର କଦମପଡ଼ା ରେଲଲାଇନରୁ ଜଣେ ଯୁବକଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରାଯାଇଛି। ସମ୍ପୃକ୍ତ ଯୁବକ ରେଲ ଲାଇନରେ ପଡ଼ିଥିବାବେଳେ ଛଟପଟ ହେଉଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ପରେ ସ୍ଥାନୀୟ ଲୋକଙ୍କ ସହ ମିଶି ସ୍ୱେଚ୍ଛାସେବୀ ସଙ୍ଗଠନ ଉଦ୍ଧାର କରି ତାଙ୍କୁ ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଯୁବକଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ବେଳେ ସେ କେମିତି ଆହତ ହେଲେ ତାହା ସ୍ପଷ୍ଟ ହୋଇନାହିଁ। ଯୁବକ ଜଣକ ଟ୍ରେନରୁ ପଡ଼ିଛନ୍ତି ନା ତାଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି ତାହା ସ୍ପଷ୍ଟ ହୋଇ ନାହିଁ।

# ଜୁନିଅର ଚାମ୍ପ୍-୨୦୨୪ ପ୍ରସ୍ତୁତି ବୈଠକ

**ବଲାଙ୍ଗିର, ୧୨ା୧୨(ସମିସ):** ଜୁନିଅର ଚାମ୍ପ ୨୦୨୪ ପ୍ରସ୍ତୁତି ବୈଠକ ହାତିସାଲ ପଡ଼ାରେ ଅନୁଷ୍ଠିତ ହୋଇଯାଇଛି।୧୫ ଡିସେମ୍ବରରେ ୧ରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ ପ୍ରତିଭା ଖୋଜ ପରୀକ୍ଷା ଆୟୋଜିତ ହେବ। ପ୍ରତିଯୋଗିତାକୁ ଦୁଇ ଭାଗରେ କରାଯିବ। ପ୍ରଥମରୁ ଚତୁର୍ଥକୁ ଲେବେଲ-୧ ଓ ପଞ୍ଚମରୁ ଅଷ୍ଟମ ଲେବେଲ-୨ ରଖାଯାଇଛି। ବୈଠକରେ ଆୟୋଜନର ବିଭିନ୍ନ ପ୍ରଶ୍ନପତ୍ର ନିର୍ବାଚନ, ଗୁପ୍ତତା ନିର୍ଦ୍ଧାରଣ ଏବଂ ବିଭିନ୍ନ ଦାୟିତ୍ୱ ବାଣ୍ଟିଦିଆ ହୋଇଛି। ନିର୍ଦ୍ଦେଶକ ଅମ୍ବରୀଷ ଦାଶ ଏହାକୁ ଏକ ମହାନ ଓ ନ୍ୟାୟଯୁକ୍ତ ପ୍ରତିଯୋଗିତା କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ସେ କହିଛନ୍ତି, ଏହି ପ୍ରତିଭା ଖୋଜ ଅଭିଯାନରେ ବାଲାଙ୍ଗିର ଅଞ୍ଚଳର ପ୍ରତ୍ୟକ ପ୍ରତିଭାକୁ ସମାନ ଅବସର ଦିଆଯିବ ଏବଂ ଏହାକୁ ଧର୍ମ, ଜାତି, ବଂଶ, ବିଦ୍ୟାଳୟ ଓ ଅଞ୍ଚଳର ସୀମାରୁ ମୁକ୍ତ ରଖାଯିବ।

## ମୁଣ୍ଡ ଉପରେ ଯୁବ ଉତ୍ସବ

# ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ବେଖାତିର; ଅଧିକାଂଶ ବ୍ଲକ୍‌ରେ ହୋଇନି ପ୍ରତିଯୋଗିତା

**ବଲାଙ୍ଗିର, ୧୨ା୧୨(ସମିସ)**

ବଲାଙ୍ଗିର ଜିଲ୍ଲାରେ ପଦାରେ ପଡ଼ିଲା ଜିଲ୍ଲା ପ୍ରଶାସନର ଯୁବ କଳାକାରଙ୍କ ପ୍ରତି ରହିଥିବା ଅଣଦେଖା ମନୋଭାବ। ଜିଲ୍ଲାସ୍ତରୀୟ ଯୁବ ଉତ୍ସବ ପାଇଁ ଯୁବ କଳାକାରଙ୍କ ପ୍ରତି ନାହିଁ ପ୍ରଶାସନିକ ଅଧିକାରୀଙ୍କ ଆନ୍ତରିକତା। ପାଣ୍ଠି ବାହାନାରେ ଜିଲ୍ଲାର ବିଭିନ୍ନ ବ୍ଲକରେ ଯୁବ ଉତ୍ସବ ପାଇଁ ବ୍ଲକସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇପାରି ନାହିଁ। ୧୨ ତାରିଖ ସୁଦ୍ଧା ସମସ୍ତ ବ୍ଲକ, ପୌରାଞ୍ଚଳଙ୍କରେ ଏହି ପ୍ରତିଯୋଗିତା କରିବା ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ରହିଥିଲା। ନିର୍ଦ୍ଦିଷ୍ଟ କିଛି ବ୍ଲକକୁ ଛାଡ଼ିଦେଲେ ଅନ୍ୟ ବ୍ଲକର ବିଡିଓମାନେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ବି ମାନିଲେନି। ଯାହାକି ଯୁବ କଳାକାରଙ୍କ ପ୍ରତି ପ୍ରଶାସନର ଉଦାସୀନତାକୁ ସ୍ପଷ୍ଟ କରିଛି। କେବଳ ସରକାରୀ ନିର୍ଦ୍ଦେଶ ପାଳନ କରିବା ପାଇଁ ଜିଲ୍ଲାରେ ଚିଠି ଚାଷ ଚାଲିଥିବା ସ୍ପଷ୍ଟ ହୋଇଛି। ଯୁବ କଳାକାରମାନଙ୍କୁ ନିଜ କଳା ଓ ପ୍ରତିଭା ପ୍ରଦର୍ଶନ କରିବା ପାଇଁ ଯୁବ ଉତ୍ସବ ପାଳନ କରାଯାଇଥାଏ। ଏହି ଅବସରରେ ବ୍ଲକସ୍ତରରୁ ଜାତୀୟସ୍ତର ପର୍ଯ୍ୟନ୍ତ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥାଏ। କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶକ୍ରମେ ଉକ୍ତ ଉତ୍ସବ ପାଇଁ ବିଭିନ୍ନ ପ୍ରତିଯୋଗିତା ଆୟୋଜନ ପାଇଁ ରାଜ୍ୟ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଗତ ଡିସେମ୍ବର ୪ ତାରିଖରେ ଚିଠି ନଂ ୧୨୦୩୧ ମାଧ୍ୟମରେ ସମସ୍ତ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କୁ ଚିଠି କରିଥିଲେ। ଏହି ଚିଠିରେ ପ୍ରତିଯୋଗିତାର ସମସ୍ତ ନିୟମାବଳୀ ଓ ବ୍ୟବସ୍ଥା ସହ ବ୍ଲକସ୍ତରରୁ ପ୍ରତିଯୋଗିତା କରି ପ୍ରତିଭା ଅନ୍ୱେଷଣ କରିବା ପାଇଁ କୁହାଯାଇଥିଲା। ଚିଠି ପାଇବା ପରେ ବଲାଙ୍ଗିର ଜିଲ୍ଲା ପ୍ରଶାସନ ପକ୍ଷରୁ ଗତ ୯ ତାରିଖରେ ଚିଠି ନଂ ୪୪୯ ମାଧ୍ୟମରେ ସମସ୍ତ ବିଡିଓ, ପୌରପାଳିକା ନିର୍ବାହୀ ଅଧିକାରୀଙ୍କୁ ଜିଲ୍ଲାପାଳ ୧୨ ତାରିଖ ସୁଦ୍ଧା ଦଳଗତ ଲୋକନୃତ୍ୟ, ଦଳଗତ ଲୋକ ସଙ୍ଗିତ, ଏକାକୀ ଲୋକନୃତ୍ୟ, ଏକାକୀ ଲୋକ ସଙ୍ଗୀତ, ପଦ୍ୟ, ଗଳ୍ପଲିଖନ, ଚିତ୍ରକଳା, ଔପଚାରିକ ବକ୍ତୃତା ଏହିଭଳି ୮ ଟି ପ୍ରତିଯୋଗିତାରେ ବ୍ଲକସ୍ତରରୁ ୨୯ ଜଣ ଲେଖାଏଁ ପ୍ରତିଯୋଗୀଙ୍କୁ ଜିଲ୍ଲାସ୍ତରକୁ ପଠାଇବାକୁ ଚିଠି ମାଧ୍ୟମରେ ଜଣାଇଥିଲେ। ଆସନ୍ତା

### ଯୁବ କଳାକାରଙ୍କୁ ପ୍ରଶାସନିକ ଅଣଦେଖା

୧୪ ତାରିଖରେ ଏହି ପ୍ରତିଯୋଗିତା ଥିବାରୁ ୧୩ ତାରିଖ ସୁଦ୍ଧା ସମସ୍ତଙ୍କ ନାମ ପଠାଇବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ବି ବିଡିଓମାନେ ବେଖାତିର କରିଥିବା ଦେଖିବାକୁ ମିଳିଛି। ତେବେ ୧୨ ତାରିଖ ସୁଦ୍ଧା କେଉଁ କେଉଁ ବ୍ଲକରେ ପ୍ରତିଯୋଗିତା ଅନୁଷ୍ଠିତ କରାଯାଇଛି ସେ ବିଷୟରେ ବିଡିଓମାନଙ୍କୁ ପଚାରିବାରୁ ବେଲପଡ଼ା ବ୍ଲକରେ ୧୧ ତାରିଖରେ ପ୍ରତିଯୋଗିତା କରାଯାଇଥିବା ବେଳେ ଖପ୍ରାଖୋଲ, ବଲାଙ୍ଗିର ପୌରପାଳିକାରେ ଗୁରୁବାର ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ଜଣାପଡ଼ିଥିଲା। ସେହିପରି ମୁରିବାହାଲ ବିଡିଓ ଏହି ପ୍ରତିଯୋଗିତା ଶୁକ୍ରବାର କରାଯିବ ବୋଲି କହିଥିବାବେଳେ ବଙ୍ଗୋମୁଣ୍ଡା, ତୁରେକେଲା, ସଇଁନ୍ତଳା, ଟିଟିଲାଗଡ଼, ଆଗଲପୁର, ପାଟଣାଗଡ଼ ବିଡିଓ ଏହି ପ୍ରତିଯୋଗିତା ପାଇଁ ସିଧାସଳଖ ମନା କରିଦେଇଥିଲେ। ପ୍ରତିଯୋଗିତା କରିବୁ ପଇସା କିଏ ଦେବ। ଏଥିପାଇଁ ସ୍ୱତନ୍ତ୍ର ପାଣ୍ଠି ଦିଆଯାଇ ନାହିଁ। ଖାଲି ଚିଠି ଲେଖିଦେଲେ ସବୁ ହୋଇଯାଏ କି ! ବୋଲି ବିଡିଓ ମାନେ କହିଥିଲେ। ଏ ବିଷୟରେ ଗୁଡଭେଲା, ଲୋଇସିଂହା, ବଲାଙ୍ଗିର, ତୁରେକେଲା, ବିଡିଓ ଙ୍କ ସହ ଯୋଗାଯୋଗ ହୋଇପାରି ନ ଥିବା ବେଳେ ଏହି ବ୍ଲକ ମାନଙ୍କରେ ମଧ୍ୟ ଉକ୍ତ ପ୍ରତିଯୋଗିତା ନ କରି ବ୍ଲକ କଳାକାର ସଂଘ ସହ ଆଲୋଚନା କରି ଏକ ପ୍ରତିଯୋଗୀ ତାଲିକା ପ୍ରସ୍ତୁତ କରାଯାଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ତେବେ ଏବେ ପ୍ରଶ୍ନ ଉଠୁଛି ଯେତେବେଳେ ଯୁବ କଳାକାର ମାନଙ୍କ କଥା ଉଠୁଛି ସେତେବେଳେ ବିଭାଗ କିମ୍ବା ପ୍ରଶାସନ ପାଖରେ ପାଣ୍ଠି ନାହିଁ। ଯଦି ପାଣ୍ଠି ଯୋଗୁଁ ପ୍ରତିଯୋଗିତା ହୋଇପାରିଲା ନାହିଁ ତେବେ ବେଲପଡ଼ା, ଖପ୍ରାଖୋଲ, ବଲାଙ୍ଗିର ପୌରପରିଷଦ ପାଖକୁ ଟଙ୍କା ଆସିଲା କେଉଁଠୁ? ଅନ୍ୟପକ୍ଷରେ ବ୍ଲକରୁ ଜିଲ୍ଲାସ୍ତରକୁ ଆସିବାକୁ ଥିବା ତାଲିକା ରେ ମଧ୍ୟ ଅନେକ ବିବାଦ ରହିଛି। ଏହି ତାଲିକା କିଭଳି ପ୍ରସ୍ତୁତ ହେବ। ଏହି ପ୍ରତିଯୋଗିତା କେବଳ ୧୫ ରୁ ୨୯ ବୟସ ପର୍ଯ୍ୟନ୍ତ ଯୁବକ ମାନଙ୍କ ପାଇଁ ହୋଇଥିବା ବେଳେ ବ୍ଲକ କଳାକାର ସଂଘରେ ସମସ୍ତ ପ୍ରତିଭା ଅଛନ୍ତି ତ! ଗଳ୍ପ ଲେଖନ, ବକ୍ତୃତା, ଚିତ୍ରକଳା ପ୍ରତିଯୋଗୀଙ୍କୁ କିଭଳି ମନୋନୀତ କରାଯିବ ତାହା ବଡ଼ ପ୍ରଶ୍ନ। ଏହି ଘଟଣାରୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ବି ବିଡିଓମାନେ ଜିଲ୍ଲାରେ ବେଖାତିର କରିଛନ୍ତି। ଏନେଇ ଜିଲ୍ଲା ସଂସ୍କୃତି ଅଧିକାରୀ ରଶ୍ମିରଞ୍ଜନ ମିଶ୍ରଙ୍କୁ ପଚାରିବା ପାଇଁ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଧରାଛୁଆଁ ଦେଇ ନ ଥିଲେ। ସେହିପରି ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ସେଠୀଙ୍କୁ ପଚାରିବାରୁ ପାଣ୍ଠି ନ ଥିଲେ କେମିତି ପ୍ରତିଯୋଗିତା କରିବେ ବୋଲି କହିଥିଲେ। ଏହାସହ ଯାହା ହେଉଛି ସବୁ ଠିକ ହେଉଛି ବୋଲି କହି ଅଭିଯୋଗକୁ ଏଡ଼ାଇଯାଇଥିଲେ।

### କୁଆଡ଼େ ଗଲା ଓଡ଼ିଆ ଅସ୍ମିତା

ଜାତୀୟ ଯୁବ ଉତ୍ସବ ପାଇଁ ୮ ଟି ପ୍ରତିଯୋଗିତା ବ୍ଲକସ୍ତରରୁ ଜାତୀୟସ୍ତର ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଯାହାକି ରାଜ୍ୟ ଓଡ଼ିଆ ଭାଷା, କଳା ଓ ସଂସ୍କୃତି ବିଭାଗ ପକ୍ଷରୁ ସମସ୍ତ ବ୍ଲକ ଜିଲ୍ଲାସ୍ତରରେ ଅନୁଷ୍ଠିତ ହେବ। ତେବେ ହେବାକୁ ଥିବା ପ୍ରତିଯୋଗିତାରେ ପଦ୍ୟ, ଗଳ୍ପ ଲିଖନ, ଔପଚାରିକ ବକ୍ତୃତା ରହିଛି। ଏହି ଚାରୋଟି ପ୍ରତିଯୋଗିତା ଇଂରାଜୀ ଓ ହିନ୍ଦୀରେ ହେବ ବୋଲି କୁହାଯାଇଛି। ଓଡିଆ ପାଇଁ କୌଣସି ବିକଳ୍ପ ନ ଥିବା ବେଳେ ହିନ୍ଦୀ ଓ ଇଂରାଜୀ ପ୍ରତିଯୋଗୀ ଆସିବେ କେଉଁଠୁ! ଓଡ଼ିଆ ଅସ୍ମିତା କହି ବିଜେପି ନିର୍ବାଚନ ଜିତିଥିବାବେଳେ ଓଡ଼ିଆ ଭାଷା ବିଭାଗ ଦ୍ୱାରା ଆୟୋଜିତ ପ୍ରତିଯୋଗିତାରେ ଓଡ଼ିଆ ଭାଷା ବିକଳ୍ପ ନ ରହିବା କେତେ ଯୁକ୍ତିଯୁକ୍ତ ତାହା ଆଲୋଚନାର ବିଷୟ ହୋଇ ରହିଛି।

# ୪୫ ଲକ୍ଷ ଧାର ନେଇ ଫେରାଉନାହାନ୍ତି ମହିଳା ସରପଞ୍ଚ

**ବଲାଙ୍ଗିର, ୧୨ା୧୨(ସମିସ):** ବଲାଙ୍ଗିର ଜିଲ୍ଲା ତୁଷୁରା ଥାନା ଅଧୀନ ସରଗଡ଼ା ଗ୍ରାମରେ ଜଣେ ପୂର୍ବତନ ମହିଳା ସରପଞ୍ଚ ମହିଳାଙ୍କ ଟଙ୍କା ହଡ଼ପ କରିଥିବା ନେଇ ଅଭିଯୋଗ ହୋଇଛି। ଝିଅ ବାହାଘର ପାଇଁ ବର୍ଷେ ତଳେ ଟଙ୍କାନେଇ ବର୍ତ୍ତମାନ ସୁଦ୍ଧା ଫେରାଉନାହାନ୍ତି। ଫଳରେ ମହିଳାମାନେ ଉପାୟଶୂନ୍ୟ ହୋଇ ତୁଷୁରା ଥାନରେ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ ପୂର୍ବତନ ମହିଳା ସରପଞ୍ଚ ପ୍ରଭାସିନୀ ପ୍ରଧାନ ଗତବର୍ଷ ଗ୍ରାମର ପ୍ରାୟ ୪୦ଜଣ ମହିଳାଙ୍କ ଠାରୁ ୪୫ ଲକ୍ଷ ଟଙ୍କା ଧାର ନେଇଥିଲେ। ଝିଅ ବାହାଘର ପାଇଁ ଏହି ଟଙ୍କା ସେ ନେଉଥିବା କହିଥିଲେ। ଏବଂ ଶୀଘ୍ର ଫେରାଇଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମହିଳାମାନେ କରଜ କରି ଟଙ୍କା ଦେଇଥିବାବେଳେ ପୂର୍ବତନ ମହିଳା ସରପଞ୍ଚ ଟଙ୍କା ନେବାପରେ ଆଉ ଫେରାଉନାହାନ୍ତି। ମହିଳାମାନେ ବାରମ୍ବାର ନିବେଦନ କଲାପରେବି ସେ ନଶୁଣିବାରୁ ଶେଷରେ ତୁଷୁରା ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଥିବା ସହିତ ତାଙ୍କର ଟଙ୍କା ଫେରାଇ ଦେବାକୁ ଦାବି କରିଛନ୍ତି।

# ଗାନ୍ଧୀ ଷ୍ଟାଡିୟମରେ ୧୪ରେ ଖେଳାଳି ଚୟନ

**ବଲାଙ୍ଗିର, ୧୨ା୧୨(ସମିସ):** ଆଗାମୀ ଦିନରେ ହେବାକୁ ଥିବା ୫୦ତମ ଜାତୀୟ କବାଡ଼ି ପ୍ରତିଯୋଗିତାରେ ଭାଗ ନେବା ପାଇଁ ଆଗ୍ରହୀ ବଲାଙ୍ଗିର ଜିଲ୍ଲା ବାଳକ ଓ ବାଳିକା ପ୍ରତିଯୋଗୀମାନେ ରାଜ୍ୟସ୍ତରୀୟ ଚୟନ ଶିବିରକୁ ଉନ୍ନିତ ହେବାକୁ ହେଲେ ସେମାନଙ୍କୁ ପ୍ରଥମେ ଜିଲ୍ଲାସ୍ତରୀୟ ଚୟନ ଶିବିରରେ ଅଂଶଗ୍ରହଣ କରିବାକୁ ହେବ। ଏହି ଉପଲକ୍ଷେ ବଲାଙ୍ଗିର ଜିଲ୍ଲା କ୍ରୀଡ଼ା ସଂସଦ ପକ୍ଷରୁ ଗାନ୍ଧୀ ଷ୍ଟାଡିଅମଠାରେ ଆସନ୍ତା ୧୪ ଡିସେମ୍ବର ୯.୩୦ରେ ଏକ ଚୟନ ଶିବିର ଆୟୋଜିତ ହେବ। ନିର୍ଦ୍ଧାରିତ ସମୟରେ ଖେଳାଳିମାନେ ସେମାନଙ୍କ ଉନ୍ନତ କ୍ରୀଡ଼ା ପ୍ରଦର୍ଶନ କରିବାକୁ ସଂସଦ ଆହ୍ୱାନ କରିଛି। ନିୟମାବଳୀ ସମ୍ପର୍କିତ ବିଶେଷ ସୂଚନା ପାଇବା ପାଇଁ ଖେଳାଳିମାନେ କ୍ରୀଡ଼ା ସମ୍ପାଦକ ବିଭୁତି ଭୂଷଣ ପଣ୍ଡାଙ୍କୁ ଯୋଗା ଯୋଗ କରିପାରିବେ ବୋଲି ସାଧାରଣ ସମ୍ପାଦକ ହରୀନାରାୟଣ ପୂଜାରୀ ପ୍ରକାଶ କରିଛନ୍ତି। ସେହିପରି ୨୩ ଡିସେମ୍ବର ସକାଳ ୯ଟା ୩୦ ସମୟରେ ଗାନ୍ଧୀ ଷ୍ଟାଡିଆମରେ ସିନିୟର ଭଲିବଲ ପୁରୁଷ ଓ ମହିଳା ଖେଳାଳି ଚୟନ ଶିବିର ଅନୁଷ୍ଠିତ ହେବ। ଆଗ୍ରହୀ ଖେଳାଳିମାନ ଏଥିରେ ଅଂଶଗ୍ରହଣ କରିବା ପାଇଁ ସଂସଦ ଆହ୍ୱାନ କରିଛି। ସବିଶେଷ ତଥ୍ୟ ଜାଣିବା ପାଇଁ ଭଲିବଲ ସମ୍ପାଦକ ସଂଗ୍ରାମ କେଶରୀ ବହିଦାରଙ୍କୁ ଖେଳାଳିମାନେ ଯୋଗଯୋଗ କରିବାକୁ ସଂସଦ ଅନୁରୋଧ କରିଛି।

# ତୋଷାଳୀ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା

**ବଲାଙ୍ଗିର, ୧୨ା୧୨(ସମିସ):** ବଲାଙ୍ଗିର ଜିଲ୍ଲା ତୁଷୁରାସ୍ଥିତ ତୋଷାଳୀ ବିଦ୍ୟା ମନ୍ଦିରରେ ଦୁଇଦିନ ଧରି ଛାତ୍ରୀ ମାନଙ୍କର ବାର୍ଷିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଦିବସରେ ବିଦ୍ୟାଳୟର ପରିଚାଳକ ଦେବାଶିଷ ମହାପାତ୍ର, ହେମନ୍ତ ସାହୁ, ଶ୍ୟାମସୁନ୍ଦର ପ୍ରଧାନ ପ୍ରମୁଖ ଅଧିଷ୍ଠାତ୍ରୀ ଦେବୀଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ତତ୍ତ୍ୱାବଧାନରେ ବିଭିନ୍ନ କ୍ରୀଡ଼ା କୌଶଳ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଆରମ୍ଭ କରାଯାଇଥିଲା। ଉଭୟ ଛାତ୍ରଛାତ୍ରୀଙ୍କୁ ଜୁନିୟର, ସବଜୁନିୟର, ସିନିୟର ଏଭଳି ତିନୋଟି ଶ୍ରେଣୀରେ ବିଭକ୍ତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁରେନ୍ଦ୍ର ଭୋଇଙ୍କ ସମେତ ରୋହିତ ପ୍ରଧାନ, ପଦ୍ମନାଭ ସାହୁ, ସଞ୍ଜୟ ସ୍ୱାଇଁ, କାମଦେବ ପ୍ରଧାନ, ପିତାମ୍ବର ସା, ସୁରଜ ଭୋଇ, ଆର୍ଯ୍ୟବ୍ରତ ସରାଫ, ପ୍ରିୟରଞ୍ଜନ ପୁଟେଲ, ଶିକ୍ଷୟିତ୍ରୀ ନିବଦେିତା ମହାପାତ୍ର, ଅର୍ପିତା ସାହୁ, ସରସ୍ୱତୀ ପ୍ରଧାନ, ଅଞ୍ଜଳି ବିଶ୍ୱାଳ, ରଶ୍ମିତା ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# କନ୍ଧବାହାଲରେ ଧୁମ୍‌ଧାମରେ ଲକ୍ଷ୍ମୀପୂଜା ପାଳିତ



**କଣ୍ଟାବାଞ୍ଜି, ୧୨ା୧୨(ସମିସ):** ବଲାଙ୍ଗିର ଜିଲ୍ଲା ତୁରେକେଲା ବ୍ଲକ ଧାମନଡ଼ଙ୍ଗା ପଞ୍ଚାୟତ କନ୍ଧବାହାଲ ଗ୍ରାମରେ ଲକ୍ଷ୍ମୀ ପୂଜା ପାଳିତ ହୋଛି। ପୂଜାରେ ଆଖ ପାଖ ଅଞ୍ଚଳ ଶହଶହ ଭକ୍ତ ଆସି ମା'ଙ୍କ ଦର୍ଶନ କରିଥିଲେ। ସଭାପତି ମୁନା ଦଣ୍ଡସେନା, ଉପସଭାପତି ଯୋଗେଶ୍ୱର ସୁନାନୀ ସମ୍ପାଦକ ବିଷ୍ଣୁ ଦଣ୍ଡସେନା, ଖଗେଶ୍ୱର ଦଣ୍ଡସେନା, କୋଷାଧକ୍ଷ ରାଜକୁମାର ଦଣ୍ଡସେନା, କର୍ତ୍ତା ଭାବରେ ଜୟଲାଲ ଦଣ୍ଡସେନା, ଯଶୋଦା ଦଣ୍ଡସେନା ଦାୟିତ୍ୱ ତୁଲାଇ ଥିବାବେଳେ ଆୟୋଜକ କମିଟିର ସମସ୍ତ ସଦସ୍ୟା ଉପସ୍ଥିତ ରହିଥିଲେ। ଏହି ଅବସରରେ ବିଭିନ୍ନ ସଂକୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

# ଫାଇଲେରିଆ ନିରାକରଣ ଅଭିଯାନ ବୈଠକ

**ବଲାଙ୍ଗିର, ୧୨ା୧୨(ସମିସ):** ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଫାଇଲେରିଆ ନିରାକରଣ ଅଭିଯାନ ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଗୌରଓ ଶିଓାଜୀ ଇସଲଓାର ଅଧକ୍ଷତାରେ ବଲାଙ୍ଗିର ଜିଲ୍ଲାରେ ଆଗାମୀ ଫେବୃଆରୀ ୧୦ ତାରିଖଠାରୁ ୧୯ ତାରିଖ ପର୍ଯ୍ୟନ୍ତ ଫାଇଲେରିଆ ନିରାକରଣ ଅଭିଯାନ ମାଧ୍ୟମରେ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ କରାଯିବ। ଜିଲ୍ଲାର ୧୩ ଲକ୍ଷ ୪୯ ହଜାର ୪୧ ଜଣଙ୍କୁ ଫାଇଲେରିଆ ନିରାକରଣ ଅଭିଯାନ ମାଧ୍ୟମରେ ଔଷଧ ପ୍ରଦାନ କରାଯିବ। ଏଥି ସକାଶେ ଔଷଧ ପ୍ରଦାନକାରୀ ଓ ସ୍ୱାସ୍ଥ୍ୟକର୍ମୀ ଏବଂ ସୁପରଭାଇଜରଙ୍କୁ ନିୟୋଜିତ କରାଯିବ। ଔଷଧ ପ୍ରଦାନକାରୀ ଓ ସ୍ୱାସ୍ଥ୍ୟକର୍ମୀମାନେ ଘରକୁ ଘର ଯାଇ ନିଜ ତତ୍ତ୍ୱାବଧାନରେ ନିଜ ସମ୍ମୁଖରେ ଔଷଧ ଖୁଆଇବେ। ଗର୍ଭବତୀ ମହିଳା, ୨ ବର୍ଷରୁ କମ ବୟସର ଶିଶୁ ଓ ଗୁରୁତର ରୋଗୀ ଙ୍କୁ ଏହି ବଟିକା ଦିଆଯିବାନାହିଁ। ଏହି ଔଷଧ ସେବନ ଦ୍ୱାରା ଶରୀର ଭିତରେ ଥିବା ମାଇକ୍ରୋ ଫାଇଲେରିଆ ପରଭୋଜୀ ସମ୍ପୂର୍ଣ୍ଣ ଭାବେ ମରିଯାଆନ୍ତି ଏବଂ ବଡ଼ ପାରାସାଇଟ୍‌ମାନେ ନିସ୍ତେଜ ହୋଇଯାଆନ୍ତି ତଥା ଲୋକମାନେ ଭବିଷ୍ୟତରେ ଫାଇଲେରିଆ ରୋଗରୁ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରନ୍ତି। ଏହି ଔଷଧ ନିରାପଦ ଅଟେ ବୋଲି ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର କୁବେର ଚନ୍ଦ୍ର ମହନ୍ତ ସୂଚନା ଦେଇଥିଲେ। ସହରାଞ୍ଚଳରେ ଏହାର ପ୍ରଚାରପ୍ରସାର ଅଧିକ ହେବା ସହ ଯେପରି କେହି ଏହି ଔଷଧ ଖାଇବାକୁ ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ଦାୟିତ୍ୱବାନ ହେବା ସହ ସମସ୍ତ ବିଭାଗ ମିଳିତ ହୋଇ କାମକଲେ ଏଥିରେ ଜିଲ୍ଲାକୁ ମିଳିଥିବା ଟାର୍ଗେଟକୁ ନିଶ୍ଚିତ ସଫଳତାର ସହ ସମାପନ କରିହେବ। ଏହି ସମ୍ମିଳନୀରେ ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ସୁଦ୍ଧା ବାର୍ଲା, ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲ୍ଲା ପ୍ରୋଗ୍ରାମ ମ୍ୟାନେଜର ମୃତ୍ୟୁଞ୍ଜୟ ମୁଣ୍ଡ, ସୁରେଶ ସ୍ୱାଇଁ, ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ରିତାଞ୍ଜଳି ମିଶ୍ର, ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଫୁଲ କୁଜୁର, ଜିଲ୍ଲା ପଞ୍ଚାୟତ ଅଧିକାରୀ ପ୍ରମୋଦ ମିଶ୍ର, ଜିଲ୍ଲା ଶିକ୍ଷାଧିକାରୀ ଧ୍ରୁବ ଚରଣ ବେହେରା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ପତିତପାବନ ଏକାଡେମୀରେ ଯୋଗାସନ ପ୍ରତିଯୋଗିତା




**ବଲାଙ୍ଗିର, ୧୨ା୧୨(ସମିସ):** ଆସନ୍ତା ୨୧ ଓ ୨୨ ତାରିଖ ଦୁଇ ଦିନ ଧରି ହେବାକୁ ଯାଉଥିବା ପତିତପାବନ ଏକାଡେମୀର ହୀରକ ଜୟନ୍ତୀ ଅବସରରେ ଗୁରୁବାର ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ ଯୋଗାସନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ପିପି ଏକାଡେମୀର ପ୍ରଧାନଶିକ୍ଷକ ସିନୁ ସୁନ୍ଦର ପାଢ଼ୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ୧୦ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ବିଚାରକ ଭାବେ ପୂରାତନ ଛାତ୍ର ଶଶି ଶେଖର ପଣ୍ଡା, ସଞ୍ଜୀବ ବାବୁ, ସସ୍ମିତା ରାଣୀ ମିଶ୍ର ଯୋଗଦେଇ କୃତୀମାନଙ୍କ ନାମ ଘୋଷଣା କରିଥିଲେ। ଯୋଗାସନ ବାଳକ ବିଭାଗରେ ପତିତପାବନ ଏକାଡେମୀର ରାହୁଲ ସୁନା ପ୍ରଥମ, ପୃଥ୍ୱୀରାଜ ହାଇସ୍କୁଲର ମିଲନ ପୁଟେଲ ଦ୍ୱିତୀୟ ଓ ପତିତପାବନ ଏକାଡେମୀର ଜନାର୍ଦ୍ଦନ ସେଠ୍ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ବାଳିକା ବିଭାଗରେ ଚିକଲବାହାଲ ହାଇସ୍କୁଲର ଚିନ୍ମୟୀ ପ୍ରଧାନ ପ୍ରଥମ, ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ତପସ୍ୱିନୀ ନାଏକ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଶିକ୍ଷୟିତ୍ରୀ ଅଂଶୁପା ଭୋଇ, ଖୁସବୁ ବେଗମ୍ ଓ ଅନ୍ୟମାନେ ସହଯୋଗ କରିଥିଲେ। ସ୍କୁଲର ପୂରାତନ ଛାତ୍ର ହେମନ୍ତ ପଣ୍ଡା, ମହେନ୍ଦ୍ର ଦର୍ଜି, ଅମିୟ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଧାନମଣ୍ଡି ଖୋଲିବାରେ ବିଳମ୍ବ ନେଇ ଅସନ୍ତୋଷ

# ଜରିବସ୍ତା ବଦଳରେ ଅଖା, ଚାଷୀଙ୍କ ପାଇଁ ଅଡୁଆ

**ଦେଓଗାଁ, ୧୨ା୧୨(ସମିସ)**



ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକରେ ଧାନମଣ୍ଡି ଖୋଲିବାରେ ଆହେତୁକ ବିଳମ୍ବକୁ ନେଇ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବ୍ଲକର ୧୨ଟି ପାକ୍ସରେ ଧାନମଣ୍ଡି ଉଦ୍‌ଘାଟନ କାର୍ଯ୍ୟକ୍ରମ ସରିଥିବାବେଳେ ଏଯାଏ ଧାନକ୍ରୟ ହୋଇପାରି ନାହିଁ। ଅନ୍ୟପଟେ ଅନେକ ପାକ୍ସରେ ସରଞ୍ଜାମ ନ ଥିବାବେଳେ ହଠାତ ଜରିବସ୍ତା ବଦଳରେ ଅଖାବସ୍ତାରେ ଧାନକ୍ରୟ କରାଯିବାର ନିଷ୍ପତ୍ତି ଚାଷୀଙ୍କୁ ହରଡ଼ଘଣାରେ ପକାଇଛି। ବ୍ଲକର ପ୍ରାୟତଃ ଗାଁରେ ଚାଷୀ ମାନେ ଧାନ ଅମଳ କରିସାରିଥିବା ବେଳେ ପ୍ରାୟ ସମସ୍ତ ଚାଷୀ ପୂର୍ବବର୍ଷ ପରି ଚଳିତବର୍ଷ ମଧ୍ୟ ଜରିବସ୍ତା ମାନଙ୍କରେ ଧାନଭର୍ତ୍ତି କରି ରଖିଥିବା ବେଳେ ଏବେ ହଠାତ ଅଖାବସ୍ତାରେ ଧାନ ଆଣିବା ନିର୍ଦ୍ଦେଶ ଚାଷୀଙ୍କୁ ଚିନ୍ତାରେ ପକାଇଛି। ପୁନଶ୍ଚ ପାକ୍ସକୁ ଯାଇ ବସ୍ତାପ୍ରତି ୨୦ଟଙ୍କା ଜମାକରି ଅଖାବସ୍ତା ନେଇ ଧାନ ଅଦଳବଦଳ କରି ପାକ୍ସକୁ ଆଣିବା ବୋଝ ଉପରେ ନଳିତାବିଡ଼ା ସଦୃଶ ବୋଲି ଚାଷୀ ମହଲରେ ଆଲୋଚନାର ବିଷୟ ହୋଇଛି। ଚାଷୀଙ୍କ କହିବାନୁସାରେ ଅଖାବସ୍ତାରେ ଧାନକ୍ରୟ ସ୍ୱାଗତଯୋଗ୍ୟ ପଦକ୍ଷେପ କିନ୍ତୁ ଏହି ପଦକ୍ଷେପ ଅତିକମ୍‌ରେ ଗୋଟିଏ ମାସପୂର୍ବରୁ ନେଇ ଚାଷୀଙ୍କୁ ଆଗତୁରା ବସ୍ତା ଯୋଗାଇଦେବା କଥା। ଏବେ ହଠାତ ଅଖାବସ୍ତାରେ ଧାନ ଆଣିବା ନିର୍ଦ୍ଦେଶ ଦ୍ୱାରା ଚାଷୀ ମାନେ ପୁଣି ଖର୍ଚ୍ଚାନ୍ତ ହେବା ନିଶ୍ଚିତ। ସମସ୍ୟାକୁ ନେଇ ଦେଓଗାଁ ବ୍ଲକ ଯୋଗାଣ ନୀରିକ୍ଷକ ଗୋକୁଳ ଚନ୍ଦ୍ର ଭୋଇଙ୍କୁ ପଚାରିବାରୁ ଦେଓଗାଁ ବ୍ଲକରେ ଧାନକ୍ରୟ ପାଇଁ ପ୍ରସ୍ତୁତି ସରିଛି, ମିଲର୍ସ ମାନଙ୍କ କିଛି ସମସ୍ୟା ରହିଥିଲା ତାହା ସମାଧାନ ହୋଇଛି। ଶୀଘ୍ର ଧାନକ୍ରୟ ଆରମ୍ଭ ହେବ ବୋଲି କହିବା ସହ ବସ୍ତା ବିଷୟରେ ମୁଁ କହିପାରିବି ନାହିଁ ବୋଲି କହିଥିଲେ। ବସ୍ତା ସମସ୍ୟା ନେଇ କୋଅପରେଟିଭ ଇନ୍ସପେକ୍ଟର ଜଗନ୍ନାଥ ମାଝୀଙ୍କୁ ଯୋଗାଯୋଗ କରିବାରୁ ସେ ଫୋନ ନ ଉଠାଇବାରୁ ପ୍ରତିକ୍ରିୟା ମିଳିପାରି ନାହିଁ। ଏ ଦିଗରେ ପ୍ରଶାସନ ଦୃଷ୍ଟିଦେବାକୁ ଚାଷୀ ମହଲରେ ଦାବି ହେଉଛି।


पावरग्रिड POWERGRID

ବିଜ୍ଞାପନ

୧. ନିୟମାବଳୀ 1999 ଏବଂ CERC (ଟାରିଫ୍ ନିୟମ ଏବଂ ଶର୍ତ୍ତ) ନିୟମାବଳୀ 2019 ଅନୁଯାୟୀ: i) 2019-24 ଟାରିଫ୍ ବ୍ଲକ ପାଇଁ ଟ୍ରାନ୍ସମିଶନ୍ ଟାରିଫ୍ ର ଟ୍ରୁଇଂ ଅପ୍। ii) 2024-29 ଟାରିଫ୍ ବ୍ଲକ ପାଇଁ ଟ୍ରାନ୍ସମିଶନ୍ ଟାରିଫ୍ ର ନିର୍ଣ୍ଣୟ। ପିଟିଶନ୍-୧: ପୂର୍ବ-ଉତ୍ତର ଆନ୍ତଃକ୍ଷେତ୍ର HVDC ଟ୍ରାନ୍ସମିଶନ୍ ସିଷ୍ଟମ୍, ପିଟିଶନ୍-୨: ଡେହ୍ରୀ-କାରାମନସା ଟ୍ରାନ୍ସମିଶନ୍ ସିଷ୍ଟମ୍, ପିଟିଶନ୍-୩: 400 କେଭି ଜାମସେଦପୁର-ରାଉରକେଲା S/C (ସର୍କିଟ୍-II) ଟ୍ରାନ୍ସମିଶନ୍ ଲାଇନ୍, ପିଟିଶନ୍-୪: 400 କେଭି ଜୟପୁର-ତାଳଚେର ଟ୍ରାନ୍ସମିଶନ୍ ସିଷ୍ଟମ୍, ପିଟିଶନ୍-୫: 400 କେଭି ତାଳଚେର ଟ୍ରାନ୍ସମିଶନ୍ ସିଷ୍ଟମ୍, ପିଟିଶନ୍-୬: 400 କେଭି କାହଲଗାଁ ଟ୍ରାନ୍ସମିଶନ୍ ସିଷ୍ଟମ୍।

୨. ଉପରୋକ୍ତ ଟ୍ରାନ୍ସମିଶନ୍ ସିଷ୍ଟମର ହିତାଧିକାରୀମାନେ ହେଉଛନ୍ତି: (କ) ବିହାର ଷ୍ଟେଟ୍ ପାୱାର (ହୋଲଡିଂ) କମ୍ପାନୀ ଲିମିଟେଡ୍, (ଖ) ପଶ୍ଚିମବଙ୍ଗ ରାଜ୍ୟ ବିଦ୍ୟୁତ୍ ବିତରଣ କମ୍ପାନୀ ଲିମିଟେଡ୍, (ଗ) ଗ୍ରୀଡ୍ କର୍ପୋରେସନ୍ ଅଫ୍ ଓଡ଼ିଶା ଲିମିଟେଡ୍, (ଘ) ଦାମୋଦର ଭ୍ୟାଲି କର୍ପୋରେସନ୍, (ଙ) ଶକ୍ତି ବିଭାଗ, ସିକ୍କିମ୍ ସରକାର, ଗ୍ୟାଙ୍ଗଟକ, (ଚ) ଝାଡ଼ଖଣ୍ଡ ବିଜୁଳି ବିତରଣ ନିଗମ ଲିଃ।

୩. ଟାରିଫ୍ ବିବରଣୀ

କ) ୨୦୧୯-୨୪ ବ୍ଲକ୍ — ଟଙ୍କା (ଲକ୍ଷରେ)

| Petition No. | Asset detail | DOCO/ ECOD/ Notional | Completion Cost as on 31.03.2024 | Tariff | 2019-20 | 2020-21 | 2021-22 | 2022-23 | 2023-24 |
|---|---|---|---|---|---|---|---|---|---|
| Petition -1 | Asset-1 | 01.07.2001 | 16557.13 | Re-vised AFC based on truing up | 1366.27 | 1320.09 | 1307.49 | 1346.38 | 1352.62 |
| | Asset-2 | 01.12.2002 | 27541.56 | | 2029.19 | 1930.02 | 1906.08 | 2010.77 | 2034.26 |
| | Asset-3 | 01.12.2002 | 5469.08 | | 629.78 | 617.26 | 620.20 | 649.52 | 664.20 |
| Petition -2 | Combined Asset | 01.06.1999 | 1039.31 | | 142.15 | 143.80 | 145.69 | 147.72 | 150.43 |
| Petition -3 | Combined Asset | 01.01.2003 | 5495.38 | | 511.90 | 510.35 | 508.95 | 508.58 | 510.07 |
| Petition -4 | Combined Asset | 01.12.1990 | 12468.90 | | 2334.79 | 2362.37 | 2391.74 | 1664.95 | 1732.45 |
| Petition -5 | Combined Asset | 01.06.1995 | 11730.00 | | 1694.31 | 1706.45 | 1721.94 | 1742.73 | 1766.06 |
| Petition -6 | Combined Asset | 01.04.1997 | 21108.30 | | 3883.99 | 3934.35 | 4013.12 | 4148.18 | 4279.83 |

ଖ) ୨୦୨୪-୨୯ ବ୍ଲକ୍ — ଟଙ୍କା (ଲକ୍ଷରେ)

| Petition No. | Asset detail | Completion Cost as on 31.03.2029 | Tariff | 2024-25 | 2025-26 | 2026-27 | 2027-28 | 2028-29 |
|---|---|---|---|---|---|---|---|---|
| Petition-1 | Asset-1 | 16973.25 | AFC | 1285.00 | 1291.31 | 1306.88 | 1352.42 | 1400.81 |
| | Asset-2 | 27541.56 | | 2096.18 | 2135.65 | 2180.24 | 2224.82 | 2274.71 |
| | Asset-3 | 7619.17 | | 669.32 | 690.41 | 721.55 | 892.86 | 1246.92 |
| Petition-2 | Combined Asset | 1071.90 | | 140.95 | 143.85 | 154.92 | 166.44 | 168.92 |
| Petition-3 | Combined Asset | 5747.97 | | 482.17 | 484.56 | 487.35 | 521.63 | 560.65 |
| Petition-4 | Combined Asset | 18416.38 | | 1993.63 | 2529.25 | 2715.59 | 3000.27 | 3098.32 |
| Petition-5 | Combined Asset | 12313.32 | | 1697.07 | 1713.57 | 1789.58 | 1898.43 | 1272.38 |
| Petition-6 | Combined Asset | 29406.00 | | 3911.40 | 4163.78 | 3673.96 | 4415.73 | 4909.50 |

୪. ଶୁଳ୍କ ନିର୍ଣ୍ଣୟପାଇଁ କରାଯାଇଥିବା ଆବେଦନର ଏକ କପି www.powergridindia.com ରେ ଉପଲବ୍ଧ।

୫. ଯଦି କୌଣସି ବ୍ୟକ୍ତି, ସହଭାଗୀ ସହିତ, ଏହି ଅର୍ଜିରେ ଥିବା ଟାରିଫ ନିର୍ଣ୍ଣୟ ପ୍ରସ୍ତାବ ଉପରେ କୌଣସି ପ୍ରସ୍ତାବନା ବା ଆପତ୍ତି ରଖିବାକୁ ଚାହୁଁଛନ୍ତି, ତେବେ ସେମାନେ ଏହି ସୂଚନା ପ୍ରକାଶ ପାଇଁ 30 ଦିନ ମଧ୍ୟରେ ସେଣ୍ଟ୍ରାଲ ଇଲେକ୍ଟ୍ରିସିଟି ରେଗୁଲେଟୋରି କମିଶନ, ସଚିବ, ୩ ଓ ୪ ମହଲା, ଚନ୍ଦ୍ରଲୋକ ଭବନ, ଜନପଥ, ନୟାଦିଲ୍ଲୀ -୧୧୦୦୦୧ (କିମ୍ବା କମିଶନର କାର୍ଯ୍ୟାଳୟ ଥିବା ଅନ୍ୟ ପତା ଯେଉଁଠାରେ ଅବସ୍ଥିତ) ନିକଟରେ ଦାଖିଲାବଦ୍ଧ କରି ପ୍ରଦାନ କରିପାରିବେ। ଏହାସହିତ, ଏକ ପ୍ରତି ଅର୍ଜିକାରୀଙ୍କ କର୍ପୋରେଟ କାର୍ଯ୍ୟାଳୟ ଠିକଣାରେ ପଠାଇବା ଦରକାର।

ସ୍ଥାନ: ଗୁରୁଗ୍ରାମ — ସ୍ୱା/- ସାଧାରଣ ପ୍ରବନ୍ଧକ (ବ୍ୟବସାୟିକ)
ତାରିଖ: ୧୨.୧୨.୨୦୨୪

PG/CC/Notice-166/Advt-213/2024-25 Contad

POWER GRID CORPORATION OF INDIA LIMITED
(A Government of India Enterprise)
Corp. Office: "Saudamini", Plot No. 2, Sector-29, Gurugram-122001, (Haryana)
Regd. Office: B-9, Qutab Institutional Area, Katwaria Sarai, New Delhi-110 016, www.powergrid.in, CIN: L40101DL1989GOI038121
A MAHARATNA PSU

## ମାଓ ଲିଙ୍କ୍ ସନ୍ଦେହ

# ମାଲକାନଗିରି ଓ ଛତିଶଗଡ଼ରେ ଏନ୍ଆଇଏ ଚଢ଼ଉ

**ମାଲକାନଗିରି/ଏମିଭି୭ ୯,୧୨।୧୨(ସମିସ):** ମାଓବାଦୀଙ୍କ ସହ ଲିଙ୍କ୍ ସନ୍ଦେହରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍ଆଇଏ)ର ଟିମ୍ ଆଜି ମାଲକାନଗିରିର ଗୋଟିଏ ସ୍ଥାନ ସମେତ ଛତିଶଗଡ଼ ସୁକୁମା ଜିଲ୍ଲାର ଦୁଇଟି ସ୍ଥାନରେ ଚଢ଼ଉ କରିଛି।



ସୂଚନାନୁଯାୟୀ, ଜିଲ୍ଲାର ମୋଟୁ ଥାନା ଅନ୍ତର୍ଗତ ଅନନ୍ତପଲ୍ଲୀ ଗାଁର ଡେଭିଡ୍ ରାଜୁ ଘରେ ଆଜି ଏନ୍ଆଇଏର ଗୋଟିଏ ଟିମ୍ ଚଢ଼ଉ କରିଥିଲା। ଗତ ଜାନୁଆରୀରେ ଡେଭିଡ୍‌କୁ ଆନ୍ଧ୍ରର ଚିନ୍ତୁରୁ ପୁଲିସ୍ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଡେଭିଡ୍ ପେସାରେ ଜଣେ ମାଛ ବ୍ୟବସାୟୀ। ସାବେରୀରୁ ମାଛ ଧରି ଚିନ୍ତୁରୁ ଅଞ୍ଚଳରେ ବିକ୍ରି କରେ। ତେବେ କିଛି ମାସ ତଳେ ତା' ବାଇକ୍‌ରୁ ଡିଟୋନେଟର୍ ଭଳି ବିସ୍ଫୋରକ ସାମଗ୍ରୀ ଜବତ ହେବାରୁ ତାକୁ ଚିନ୍ତୁରୁ ପୁଲିସ ଗିରଫ କରିଥିଲା। ରାଜୁ ମାଓବାଦୀଙ୍କୁ ଏହି ବିସ୍ଫୋରକ ସାମଗ୍ରୀ ଯୋଗାଉଥିବା ଅଭିଯୋଗରେ ଗତ ଜାନୁଆରୀରେ ତାକୁ ଗିରଫ କରାଯାଇଥିଲା। ୬ମାସ ଜେଲ୍‌ରେ ରହି ଏବେ ସେ ଘରକୁ ଫେରିଥିଲା। ତେବେ ଆଜି ଭୋର୍‌ରେ ଏନ୍ଆଇଏର ଏକ ଟିମ୍ ତା' ଘରେ ଚଢ଼ଉ କରି ଛାନଭନ୍ କରିଥିଲା। ଘରେ ଥିବା ଦାମୀ ଜିନିଷ କେଉଁଠୁ ଆସିଲା ଏବଂ ମାଓବାଦୀଙ୍କ ସହ ତା'ର କି ସମ୍ପର୍କ ଅଛି, ସେନେଇ ଡେଭିଡ୍‌କୁ ପଚରାଉଚରା କରାଯାଇଥିବା ଜଣାଯାଇଛି। ପରେ ଉକ୍ତ ଟିମ୍ ସେଠାରୁ ଚାଲି ଯାଇଥିଲା।



ସେହିପରି ଛତିଶଗଡ଼ ସୁକ୍‌ମାରେ ଦୁଇ ବ୍ୟବସାୟୀଙ୍କ ଘରେ ଏନ୍ଆଇଏ ଚଢ଼ଉ କରିଛି। ଜଣେ ସାପ୍ତାହିକ ବଜାରରେ ବ୍ୟବସାୟ କରୁଥିବା ବେଳେ ଅନ୍ୟ ଜଣଙ୍କର ଟ୍ରାନ୍ସପୋର୍ଟ ବ୍ୟବସାୟ ରହିଥିବା ଜଣାଯାଇଛି। ମାଓବାଦୀ କାର୍ଯ୍ୟକଳାପରେ ସାମିଲ ଥିବା ଅଭିଯୋଗରେ ସେମାନଙ୍କୁ ପୁଲିସ ଗତ ସେପ୍ଟେମ୍ବର ୨୬ରେ ଗିରଫ କରି କୋର୍ଟଚାଲାଣ କରିଥିଲା। ଆଜି ଉଭୟଙ୍କ ବାସଭବନରେ ହାଇଦ୍ରାବାଦର ଏନ୍ଆଇଏ ଟିମ ପକ୍ଷରୁ ଏହି ଚଢ଼ଉ କରାଯାଇଥିବା ସୂଚନା ମିଳିଛି।

■ ଫ୍ଲିପ୍‌କାର୍ଟ୍ ହବ୍‌ରୁ ଡକାୟତି ଘଟଣାର ପର୍ଦ୍ଦାଫାସ୍

# ଡକାୟତି ଟଙ୍କାରେ ଅଭିଯୁକ୍ତର ବାହାଘର

**ଅନୁଗୋଳ, ୧୨।୧୨(ସମିସ):** ଡକାୟତି ଟଙ୍କାରେ ବାହାଘର। ନାଲ୍‌କୋନଗର ଥାନା ଅନ୍ତର୍ଗତ କୁଲାଡ଼ଠାରେ ଫ୍ଲିପ୍‌କାର୍ଟ ହବ୍‌ରୁ ଗତ ଅକ୍ଟୋବର ୧୩ ତାରିଖ ରାତିରେ ହୋଇଥିବା ଡକାୟତି ଘଟଣାର ପର୍ଦ୍ଦାଫାସ୍ କରି ପୁଲିସ୍ ୫ ଅଭିଯକ୍ତଙ୍କୁ ଗିରଫ କରିଛି। କୌତୂହଳର କଥା ହେଲା, ଏମାନଙ୍କ ମଧ୍ୟରୁ ଜଣେ ଡକାୟତି ଟଙ୍କାକୁ ନିଜ ବିବାହ କାର୍ଯ୍ୟରେ ଖର୍ଚ୍ଚ କରିଛି। ଅଭିଯୁକ୍ତମାନେ ହେଲେ, ଢେଙ୍କାନାଳ ଜିଲ୍ଲାର ଗୁଣ୍ଡିଚାପଡ଼ା ଥାନା କାଣ୍ଡବିନ୍ଧା ଗାଁର ରାଜେଶ ପରିଡ଼ା

### ୫ ଗିରଫ; ମାରଣାସ୍ତ୍ର ସମେତ ୨ବାଇକ୍ ଜବତ

(୨୨), ପରଜଙ୍ଗ ଥାନା ଜଟିଆ ଗାଁର ସତ୍ୟଜିତ୍ ନାଏକ(୨୪), ପରଜଙ୍ଗ ଥାନା ସରାଙ୍ଗ ଗାଁର ସମ୍ବିତ କୁମାର ନାଏକ (୨୩), କଣ୍ଟାବଣିଆ ଥାନା କମଳାଙ୍ଗ ଗାଁର ରାଜେନ୍ଦ୍ର ନାଏକ (୨୧) ଓ ମହାଜ୍ୟୋତି ନାଏକ। ଏମାନଙ୍କ ମଧ୍ୟରୁ ଜଣେ ଉକ୍ତ ହବ୍‌ର ସୁପରଭାଇଜର୍ ବୋଲି ପୁଲିସ୍ କହିଛି। ଅଭିଯୁକ୍ତମାନଙ୍କଠାରୁ ପୁଲିସ୍ ୭୦ହଜାର ଟଙ୍କା ସହ ଦୁଇଟି ବାଇକ୍, ଭୁଜାଲି, ଖେଳଣା ବନ୍ଧୁକ ଓ ୪ଟି ମୋବାଇଲ୍ ଜବତ କରିଛି।

ସୂଚନାନୁଯାୟୀ, ଅକ୍ଟୋବର ୧୩ ତାରିଖ ରାତି ପ୍ରାୟ ୧୦ଟାରେ ଏହି ଡକାୟତି ହୋଇଥିଲା। ଅଫିସ୍ ବନ୍ଦ ପୂର୍ବରୁ ହବ୍‌ର କର୍ମଚାରୀମାନେ ଦିନସାରାର କାରବାରର ହିସାବ କରୁଥିବା ବେଳେ ଡକାୟତମାନେ ଅଫିସ ଭିତରକୁ ପଶି ଆସିଥିଲେ। କର୍ମଚାରୀଙ୍କୁ ଧାରୁଆ ଅସ୍ତ୍ର ଓ ବନ୍ଧୁକ ଦେଖାଇ ଭୟଭୀତ କରି ପ୍ରାୟ ୫ଲକ୍ଷ ଟଙ୍କା ସମେତ ଡେଲିଭରି ଦେବାକୁ ଥିବା ଗ୍ରାହକଙ୍କ କିଛି ସାମଗ୍ରୀ ଲୁଟ କରି ଖସିଯାଇଥିଲେ। ଏ ସଂପର୍କରେ ଫ୍ଲିପ୍‌କାର୍ଟ ଅଫିସର



କର୍ମଚାରୀ ଶ୍ରୀକାନ୍ତ ବେହେରା ନାଲ୍‌କୋ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ୍ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ହ୍ୟୁମାନ୍ ଇଣ୍ଟେଲିଜେନ୍ସି, ସାଇବର୍ ଇଣ୍ଟେଲିଜେନ୍ସି ସହାୟତାରେ ସ୍ପେସିଆଲ ଟିମ୍ ପୁଲିସ୍ ଛାନ୍‌ଭିନ୍ କରି ବିଭିନ୍ନ ସ୍ଥାନରେ ଚଢ଼ଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଛି। ଜିଲ୍ଲା ଏସ୍‌ପି ରାହୁଲ ଜୈନ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି।

# ଓଡ଼ିଶା କୃଷି ଶିଳ୍ପ ନିଗମ ଆକାଉଣ୍ଟରୁ ୧୪ଲକ୍ଷ ଚଲୁ

**ଦେବଗଡ଼, ୧୨।୧୨(ସମିସ):** ଦେବଗଡ଼ ଜିଲ୍ଲାରେ ଥିବା ଓଡ଼ିଶା କୃଷି ଶିଳ୍ପ ନିଗମ କାର୍ଯ୍ୟାଳୟ ଆକାଉଣ୍ଟରୁ ୧୪ଲକ୍ଷ ୨୨ ହଜାର ୨୮୭ ଟଙ୍କା ହେରଫେର୍ ହୋଇଛି। ଜୁନିଅର ଆକାଉଣ୍ଟ ଆସିଷ୍ଟାଣ୍ଟ ଗୌରୀଶଙ୍କର ବେହେରା ଏହି ଟଙ୍କା ହଡ଼ପ କରିଥିବା ନେଇ ବିଭାଗ ପକ୍ଷରୁ ଦେବଗଡ଼ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଅଭିଯୋଗ ଆଧାରରେ ପୁଲିସ୍ ତଦନ୍ତ ଆରମ୍ଭ କରିଛି।



### ଥାନାରେ ମାମଲା ପରେ ପୁଲିସର ତନାଘନା

ମିଳିଥିବା ସୂଚନାନୁଯାୟୀ, ଦେବଗଡ଼ ଜିଲ୍ଲା କୃଷି ଶିଳ୍ପ ନିଗମରେ ଜୁନିଅର ଆକାଉଣ୍ଟ ଆସିଷ୍ଟାଣ୍ଟ ଭାବେ କାର୍ଯ୍ୟରତ ଗୌରୀଶଙ୍କର ବେହେରା ନିଗମ ପରିଚାଳକ ଦିବ୍ୟଲୋଚନ ସାହୁଙ୍କ ଅଜ୍ଞାତସାରରେ ଗତ ୨୦ ନଭେମ୍ବର ଓ ଡିସେମ୍ବର ୧୦ ଦୁଇଟି ପର୍ଯ୍ୟାୟରେ ଯଥାକ୍ରମେ ୭ଲକ୍ଷ ୪୯ ହଜାର ୧୮୬ ଟଙ୍କା ଓ ୬ ଲକ୍ଷ ୭୩ହଜାର ୧୦୧ ଟଙ୍କା ଶିଳ୍ପ ନିଗମ ଆକାଉଣ୍ଟରୁ ନିଜ ଆକାଉଣ୍ଟକୁ କୃଷି ଶିଳ୍ପ ନିଗମ ପରିଚାଳକଙ୍କ ବିନା ଦସ୍ତଖତରେ ଟ୍ରାନ୍ସଫର କରିଥିବା ଦେବଗଡ଼ ଥାନାରେ ଅଭିଯୋଗ ହୋଇଛି। ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ନିଗମ ପରିଚାଳକ ଶ୍ରୀ ସାହୁ ଏନେଇ ଲିଖିତ ଅଭିଯୋଗ କରିଛନ୍ତି।

**AFFIDAVIT**

By virtue of an Affidavit sworn before the Executive Magistrate, Tangi- Choudwar, Jagatpur, Cuttack, No: 2219, on dated 05/09/2024, I, Lili Sahoo (New Name), resident of vill. At: Mania, PO: Uchapada, PS: Tangi, Dist: Cuttack, Odisha (Full Address) declare that I have changed my Name & Surname from Lilibala Barik (Old Name) to Lili Sahoo (New Name). Henceforth, I shall be known as **LILI SAHOO,** W/o Sukanta Kumar Sahoo for all future purposes.

**AFFIDAVIT**

I, Prafula Kumar Sahu, S/o- Kandha Sahu, resident of At/Po- Bramhana Dhamana Street, Ganjam, Pin- 761026, Odisha declared by this affidavit No. 2292, dated- 11/12/2024, that now onwards I shall be known as **PRAFUL KUMAR SAHU** for all future purposes.

**AFFIDAVIT**

I Gokula Chandra Sahoo S/o-Golakha Sahu resident of Palliraghunathpur, Kendrapara, Pin-754214, Odisha, declared by this Affidavit No-63AA771796 and Sl. No.-686 dt. 06.02.2024 that now onward I shall be known as Kapil Sahoo for all future purposes.

**AFFIDAVIT**

ମୌଜା: ଯୁବରାଜପୁର, ଥାନା ନଂ.: ୨୬୯, ଖାତା ନଂ.: ୬୮, ତହସିଲ: ବୀରମହାରାଜପୁର, ପ୍ରଜାର ନାମ: ଲୋକନାଥ ଧଳ, ପିତା: ସୁଦର୍ଶନ ଧଳ, ଗତ ତା. ୦୨.୧୧.୨୦୨୪ରିଖ ଦିନ ନିଜ ଘର ଯୁବରାଜପୁରରୁ ବୀରମହାରାଜପୁର ତହସିଲ କାର୍ଯ୍ୟରେ ଯାଇଥିବା ସମୟରେ ନିଜ ନାମରେ ଥିବା ମୌଜା- ଯୁବରାଜପୁର ଓରିଜିନାଲ ଜମିପଟ୍ଟା ଖାତା ନଂ.- ୬୮, ପଞ୍ଚମ ବନ୍ଦୋବସ୍ତର ହଜିଯାଇଛି। ଅନେକ ଖୋଜା ଖୋଜି ପରେ ମିଳିପାରିନାହିଁ। ଡାଏରୀ ରୁଜୁ ହୋଇଛି, ଯାହାର କେସ ଡାଏରୀ ନଂ.: ୦୧୩, ତା. ୦୨.୧୨.୨୦୨୪ ଅଟେ। ଯଦି କେହି ସହୃଦୟ ବ୍ୟକ୍ତି ପାଆନ୍ତି ନିମ୍ନ ମୋ: ନଂ. ୭୯୯୦୫୨୧୪୬୯ ରେ ଜଣାଇବାକୁ ଅନୁରୋଧ।

ଲୋକନାଥ ଧଳ

**AFFIDAVIT**

ଏକ୍ସିକ୍ୟୁଟିଭ ମାଜିଷ୍ଟ୍ରେଟ୍ ଟାଙ୍ଗୀ, ଖୋର୍ଦ୍ଧା (ଆଫିଡେଭିଟ୍ ନଂ-୪୧/ ତା- ୦୯/୦୧/୨୦୨୩)ଙ୍କ ପାଖରେ ଶପଥ କରୁଅଛିକି ମୁଁ ସୁରେନ୍ଦ୍ର ବେହେରା (୪୨), ପି-ଭରତ ବେହେରା, ଗ୍ରା- ଅଚ୍ୟୁତପୁରପାଟଣା, ପୋ-ଅଚ୍ୟୁତପୁର, ଥା-ବଲିଆ, ଜି-ଖୋର୍ଦ୍ଧା, ମୋର ଆଗ ନାମକୁ ବଦଳାଇ କାର୍ତ୍ତିକ ବେହେରା କରିଅଛି ଏହା ପ୍ରତ୍ୟେକ କାର୍ଯ୍ୟରେ ଆସିବ।

**AFFIDAVIT**

I, Jeewan Krishna Balakrishna Mohanty, S/o- Bata Krishna Mohanty, resident of Plot No. 3456/5706, Palasuni Kapileswar Vihar, Bhubaneswar, Khurda, Pin- 751025, Odisha declared by this affidavit No. 2281, dated- 10/12/2024, that now onwards I shall be known as **JEEWAN KRISHNA MOHANTY** for all future purposes.

**AFFIDAVIT**

By virtue of an Affidavit sworn before the Executive Magistrate, Bhubaneswar, CF No: 01, dated 11/12/2024, I, Niharranjan Sahu (New Name), D.O.B. 22/04/1990, resident of vill. At: Bikrampur, PO: Bikrampur, PS: Khallikote, Dist: Ganjam, Odisha (Full Address) declare that I have changed my name from Mungulu Sahu (Old Name), D.O.B. 05/06/1994 to Niharranjan Sahu (New Name), D.O.B. 22/04/1990. Henceforth, I shall be known as **NIHARRANJAN SAHU, D.O.B. 22/04/1990** for all future purposes.

## ମହାପ୍ରଭୁଙ୍କ ଦର୍ଶନ କଲେ ଆସାମ ମୁଖ୍ୟମନ୍ତ୍ରୀ

# 'ପଶ୍ଚିମବଙ୍ଗ ସହଯୋଗ ନ କଲେ ଅନୁପ୍ରବେଶ ବଢ଼ିବ'

**ପୁରୀ,୧୨।୧୨(ସମିସ):** ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଆଜି ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ଗୁରୁବାର ମଧ୍ୟାହ୍ନରେ ସେ ପୁରୀରେ ପହଞ୍ଚିବା ପରେ ତାଙ୍କୁ ସ୍ୱାଗତ କରାଯାଇଥିଲା। ପରେ ଶ୍ରୀମନ୍ଦିରକୁ ଯାଇ ଚତୁର୍ଦ୍ଧା ବିଗ୍ରହଙ୍କୁ ଦର୍ଶନ କରିବା ସହ ବେଢ଼ା ପରିସରରେ ଅନ୍ୟ ଦେବଦେବୀଙ୍କୁ ଦର୍ଶନ କରିଥିଲେ। ସିଂହଦ୍ୱାରଠାରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ହିମନ୍ତ କହିଥିଲେ, ମହାପ୍ରଭୁଙ୍କ ନିକଟରେ ଦେଶବାସୀଙ୍କ ମଙ୍ଗଳ କାମନା କରିଛି। ବାଂଲାଦେଶରେ ହିନ୍ଦୁମାନଙ୍କ ଉପରେ ହେଉଥିବା ଆକ୍ରମଣ ପ୍ରସଙ୍ଗ ଉପରେ ପ୍ରତିକ୍ରିୟା ରଖି ସେ କହିଛନ୍ତି, ଏହା ନିଶ୍ଚିତ ଦୁଃଖଦାୟକ ଓ ଗଭୀର ଚିନ୍ତାଜନକ ବିଷୟ। ଏହାକୁ ଯେତେ ନିନ୍ଦା କଲେ ବି କମ୍ ହେବ। ସଂଖ୍ୟାଲଘୁଙ୍କୁ କିପରି ସୁରକ୍ଷା ଦିଆଯାଏ, ତାହା କେବଳ ଭାରତରେ ହିଁ ଦେଖିବାକୁ ମିଳିଥାଏ। ପାକିସ୍ତାନ, ବାଂଲାଦେଶ ବା ଅନ୍ୟ କୌଣସି ଦେଶ ଏ ସଂପର୍କରେ ଚିନ୍ତା କରନ୍ତି ନାହିଁ। ପ୍ରଧାନମନ୍ତ୍ରୀ ନିଶ୍ଚିତ କୂଟନୈତିକ ସ୍ତରରେ ସମାଧାନ ପାଇଁ ପଦକ୍ଷେପ ନେବେ ବୋଲି ମୋର ବିଶ୍ୱାସ। ସବୁ ବାଂଲାଦେଶୀ ହିନ୍ଦୁଙ୍କ ସହ ଆମେ ଛିଡ଼ା ହୋଇଛୁ।



ସେ ଆହୁରି କହିଛନ୍ତି, ଅନୁପ୍ରବେଶ ରୋକିବାକୁ ପଶ୍ଚିମବଙ୍ଗର ସହଯୋଗ ଦରକାର। ଆସାମରେ ଯେଉଁଭଳି ବିନା ଏନଆରସିରେ ଆଧାର ଦିଆଯିବ ନାହିଁ ବୋଲି ନିୟମ କରାଯାଇଛି, ସେମିତି ହେଲେ ଅନୁପ୍ରବେଶକାରୀ ଧରାପଡ଼ିବେ। କିନ୍ତୁ ପଶ୍ଚିମବଙ୍ଗର ମମତା ସରକାର ସହଯୋଗ ନ କଲେ, ଭାରତରେ ଅନୁପ୍ରବେଶ ବଢ଼ି ଚାଲିବ ବୋଲି ହିମନ୍ତ କହିଛନ୍ତି।

ଦୀଘାରେ ଜଗନ୍ନାଥ ମନ୍ଦିର ନିର୍ମାଣ ସମ୍ପର୍କରେ ପ୍ରତିକ୍ରିୟା ରଖି ହିମନ୍ତ କହିଛନ୍ତି, ଇଏ ବୈକୁଣ୍ଠ ପୁରୀ। ଏଠାରେ ସ୍ୱୟଂ ମହାପ୍ରଭୁ ଶ୍ରୀଜଗନ୍ନାଥ ଭାଇ, ଭଉଣୀଙ୍କ ସହ ବିରାଜମାନ କରିଛନ୍ତି। ଏହା ମୂଳପୀଠ ହୋଇ ରହିବ। ଦୀଘା ବା ଆସାମରେ ମନ୍ଦିର ହେଲେ ମଧ୍ୟ ପୁରୀର ସ୍ୱତନ୍ତ୍ରତା ରହିବ ବୋଲି ସେ ସ୍ପଷ୍ଟ କରିଛନ୍ତି।

### ଧନଲକ୍ଷ୍ମୀ ପୂଜୋତ୍ସବ

# ସାଜସଜ୍ଜାରେ ୧୨ ଲକ୍ଷର ନୋଟ୍ ଓ କଏନ୍

**ଗୁଡ଼ାରୀ, ୧୨।୧୨ (ସମିସ):** ମଣ୍ଡପ ସାଜସଜ୍ଜାରେ ଲାଗିଛି ନୋଟ୍, କଏନ୍। ମା' ଧନଲକ୍ଷ୍ମୀଙ୍କ ସମେତ ପାର୍ଶ୍ୱ ଦେବଦେବୀଙ୍କ ବସ୍ତ୍ର ଓ ମଣ୍ଡପରେ ୧୦ ଲକ୍ଷ ଟଙ୍କାର ୫୦ ଓ ୨୦୦ ଟଙ୍କିଆ ନୋଟ୍ ଲାଗିଥିବା ବେଳେ ସମ୍ମୁଖରେ ୨ଲକ୍ଷ ଟଙ୍କାର ୨୦ ଟଙ୍କିଆ କଏନ୍ ରଖାଯାଇଛି। ରାୟଗଡ଼ା ଜିଲ୍ଲା ଗୁଡ଼ାରୀ ବ୍ଲକ୍‌ରେ ଗୁଡ଼ାରୀ ଧନଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଅନୁଷ୍ଠିତ ମା' ଧନଲକ୍ଷ୍ମୀଙ୍କ ପୂଜା ମଣ୍ଡପର ଏପରି ଆକର୍ଷଣୀୟ ସାଜସଜ୍ଜା ଚର୍ଚ୍ଚାର ବିଷୟ ହୋଇଛି।



ପାର୍ବଣ ଋତୁ ଶେଷ ଆଡ଼କୁ ପୂଜା ପାଆନ୍ତି ମା' ଧନଲକ୍ଷ୍ମୀ। ଗୁଡ଼ାରୀ ଧନଲକ୍ଷ୍ମୀ ପୂଜା କମିଟି ତରଫରୁ ଗତ ଶନିବାରଠାରୁ ରାଧାକୃଷ୍ଣ ମନ୍ଦିରର ଅସ୍ଥାୟୀ ମଣ୍ଡପରେ ବିରାଜମାନ ହୋଇ ପୂଜା ପାଉଛନ୍ତି ମା'। ୬ ଦିନ ପୂଜା ପରେ ସପ୍ତମ ଦିନ ଥିଲା ମାର୍ଗଶିର ଶେଷ ଗୁରୁବାର। ଏହି ଅବସରରେ ଆଜି ମା'ଙ୍କୁ ନିଆରା ରୂପରେ ଦେଖିବାକୁ ମିଳିଥିଲା। ସେହିପରି ଆଜି ମା'ଙ୍କୁ ୧୦୮ ପ୍ରକାର ବ୍ୟଞ୍ଜନ ମଧ୍ୟ ଲାଗି କରାଯାଇଥିଲା। ଏହି ସାଜସଜ୍ଜା ଦେଖିବାକୁ ସ୍ଥାନୀୟ ଲୋକଙ୍କ ଭିଡ଼ ଜମିଛି। ଆସନ୍ତା ଶନିବାର ପୂର୍ଣ୍ଣାହୁତି ସହ ଅନ୍ନସେବନ ବ୍ୟବସ୍ଥା କରାଯାଇଛି। ରବିବାର ସନ୍ଧ୍ୟାରେ ମା' ଧନଲକ୍ଷ୍ମୀଙ୍କ ଭସାଣି ଉତ୍ସବ ହେବ।

# ଝାରସୁଗୁଡ଼ାରୁ ୩ ସହରକୁ ଉଡ଼ିବ ଷ୍ଟାର୍-ଏୟାର୍

**ଭୁବନେଶ୍ୱର, ୧୨।୧୨(ସମିସ):** ଝାରସୁଗୁଡ଼ାରୁ ରାୟପୁର, ହାଇଦ୍ରାବାଦ ଓ ଲକ୍ଷ୍ନୌକୁ ବିମାନ ସେବା ଆରମ୍ଭ କରିବ ଷ୍ଟାର୍-ଏୟାର। ଜାନୁଆରୀ ପହିଲାରୁ ଝାରସୁଗୁଡ଼ା-ହାଇଦ୍ରାବାଦ ମଧ୍ୟରେ ଦୈନିକ ବିମାନ ଚଳାଚଳ ଆରମ୍ଭ ହେଉଥିବା ବେଳେ ଫେବୃଆରି ପହିଲାରୁ ହାଇଦ୍ରାବାଦ ଏବଂ ଲକ୍ଷ୍ନୌକୁ ନିରବଚ୍ଛିନ୍ନ ସେବା ଆରମ୍ଭ ହେବ। ଏହି ସମ୍ପ୍ରସାରଣ ସହ ଷ୍ଟାର ଏୟାର ସମୁଦାୟ ୨୪ଟି ସହରକୁ ବିମାନ ସେବା ପହଞ୍ଚାଇବ। ଝାରସୁଗୁଡ଼ାରୁ ହାଇଦ୍ରାବାଦ, ଲକ୍ଷ୍ନୌ ଏବଂ ରାୟପୁରକୁ ବିମାନ ସେବା ପର୍ଯ୍ୟଟନ ଏବଂ ଅର୍ଥନୈତିକ ଅଭିବୃଦ୍ଧିକୁ ଯଥେଷ୍ଟ ପ୍ରୋତ୍ସାହିତ କରିବ ବୋଲି ଷ୍ଟାର ଏୟାର୍‌ର ସିଇଓ କ୍ୟାପଟେନ ସିମରନ ସିଂ ତିୱାନା କହିଛନ୍ତି। ଟିୟର-୨ ଏବଂ ଟିୟର-୩ ସହରକୁ ଶେଷ ମାଇଲ୍ ସଂଯୋଗକୁ ପ୍ରୋତ୍ସାହିତ କରିବା ପାଇଁ ଷ୍ଟାର ଏୟାର ନିକଟରେ ଆଗାମୀ ତିନି ବର୍ଷ ମଧ୍ୟରେ ୨୫ଟି ବିମାନକୁ ବିସ୍ତାର କରିବାକୁ ଘୋଷଣା କରିଛି।

# ଓକିଲଙ୍କୁ ଚପଲ ଫିଙ୍ଗିଲେ ତହସିଲ କର୍ମଚାରୀ!

**ବଲାଙ୍ଗିର,୧୨।୧୨(ସମିସ):** ବଲାଙ୍ଗିର ତହସିଲ ଅଫିସରେ କାର୍ଯ୍ୟରତ ମହିଳା କର୍ମଚାରୀ ଏବଂ ଓକିଲଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଛି। ତହସିଲ କାର୍ଯ୍ୟାଳୟର ମୁଖ୍ୟ କିରାଣି ରୀନା ପାଣିଗ୍ରାହୀ ଦୁଇଜଣ ଓକିଲଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଅଭିଯୋଗ କରି ଥାନାରେ ତାଙ୍କ ବିରୋଧରେ ଏତଲା ଦେଇଛନ୍ତି କାର୍ଯ୍ୟରତ ଓକିଲ। ସେମାନଙ୍କ କହିବା ଅନୁସାରେ, ଗୁରୁବାର ମଧ୍ୟାହ୍ନ ପ୍ରାୟ ୧୨ଟା ୪୫ରେ ଓକିଲ ପ୍ରଭାସ ମିଶ୍ର ଏବଂ ଡୋଲାମଣି ପ୍ରଧାନ ଏକ ପ୍ରାମାଣୀକୃତ ନକଲ ବିଷୟରେ ଜାଣିବାକୁ ତହସିଲ ଅଫିସକୁ ଯାଇଥିଲେ। ସେଠାରେ କାର୍ଯ୍ୟରତ ମୁଖ୍ୟ କିରାଣି ରିନା ପାଣିଗ୍ରାହୀ ତାଙ୍କର କାମ କରିବାକୁ ୧୦୦୦ ଟଙ୍କା ଲାଞ୍ଚ ମାଗିଥିଲେ। ଲାଞ୍ଚ ଦେବାକୁ ମନା କରିବାରୁ ତାଙ୍କୁ ଗାଳିଗୁଲଜ କରିବା ସହିତ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଖାଲି ସେତିକି ନୁହେଁ, ଗୋଡ଼ରୁ ଚପଲ କାଢ଼ି ମଧ୍ୟ ତାଙ୍କ ଉପରକୁ ଫୋପାଡ଼ିଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି।

### କାର୍ଯ୍ୟବନ୍ଦ ଆନ୍ଦୋଳନ ଚେତାବନୀ ଦେଲେ ମହିଳା

ଅପରପକ୍ଷେ ମହିଳା କର୍ମଚାରୀମାନେ ଭାରପ୍ରାପ୍ତ ତହସିଲଦାରଙ୍କୁ ଭେଟି ଘଟଣା ସମ୍ପର୍କରେ ଜଣାଇଛନ୍ତି। ଓକିଲମାନଙ୍କ ବିରୋଧରେ ଅଭିଯୋଗ ଆଣିବା ସହିତ ମହିଳାମାନଙ୍କୁ କାର୍ଯ୍ୟସ୍ଥଳରେ ଉଚିତ ସମ୍ମାନ ନ ମିଳିଲେ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।



**AFFIDAVIT**

I, Kedar Kumar Naik, S/o- Rabindra Nath Naik, resident of At- Rasaberuangrama Shasan, Po- Garam, Rasabaruan Gramsasan, Pin- 754138, Odisha declared by this affidavit No. 2291, dated- 11/12/2024, that now onwards I shall be known as **KEDAR NAIK** for all future purposes.

**TENDER NOTICE**

**Voluntary Association For Nature's Development & Human Upliftment (VANDHU), At/Po-Sarasada, Bhandaripokhari, Bhadrak, Pin-756120, Odisha** invites Short tender notice in a sealed cover under two bid system i,e. Technical Bid & Financial Bid from OEMs/ Authorized distributors for Supply, Installation, Testing, Commissioning and Trial Running of the Fully Automatic Agarabatti Machines for Common Facility Center (CFC) for **Jagbandhu Agarbati Private Limited (SPV)** at Nentipur, Po: Sarasada, Via: Bhandaripokhari, Bhadrak District, Odisha.

| Date of Commencement of Tender | Last Date of & Time of Submission of Tender | Date & Time for Opening of Tender | Cost of Tender Paper |
|---|---|---|---|
| 13/12/2024 | 27/12/2024 at 5 Pm | 28/12/2024 at 11 Am | Rs. 1,000/- |

A complete set of the Bid documents containing the details of the terms and conditions may be downloaded from the website **www.vandhu.org** and the same can be submitted along with cost of tender paper on shape of Bank Draft. Any corrigendum/ addendum/information related to this NIT will only be uploaded in **VANDHU** website which will not be published in Newspapers. The authority reserved the right to accept / reject any part or all the bids without assigning any reason thereof. The authority has the right to increase/ decrease / cancel the quantity of procurement of the equipment/ instrument without assigning any reason thereof.

**SECRETARY**

■ ନାମୀଦାମୀ ହୋଟେଲରେ ଜୁଆ ଆଡ୍ଡା

# ମାଲିକ ସମେତ ୨୭ ଗିରଫ

**ବରଗଡ଼, ୧୨।୧୨(ସମିସ):** ବରଗଡ଼ ଟାଉନ୍ ଥାନା ପୁଲିସ୍ ଆଜି ବରଗଡ଼-ଭଟଲି ରାସ୍ତାରେ ଥିବା ଏକ ନାମୀଦାମୀ ହୋଟେଲରୁ ଏକ ବଡ଼ଧରଣର ଜୁଆ ଆଡ୍ଡା ଠାବ କରିବା ସହ ୨୭ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ଉକ୍ତ ହୋଟେଲର ମାଲିକ ପ୍ରତାପ ନାୟକ ମଧ୍ୟ ରହିଛନ୍ତି। ସେଠାରୁ ପୁଲିସ୍ ୪ଟି କାର୍ ସମେତ ଲକ୍ଷାଧିକ ଟଙ୍କା ଓ ୩୦ରୁ ଉର୍ଦ୍ଧ୍ୱ ମୋବାଇଲ୍ ଜବତ



କରିଛି। ଏଥିରେ ଅନ୍ତଃରାଜ୍ୟ ଲିଙ୍କ୍ ରହିଥିବା ସୂଚନା ମିଳିଛି। ସୂଚନାନୁଯାୟୀ, ଆଜି ସନ୍ଧ୍ୟାରେ ବରଗଡ଼-ଭଟଲି ରାସ୍ତାରେ ଥିବା ଏହି ହୋଟେଲରେ ଜୁଆ ଆଡ୍ଡା ଚାଲିଥିବା ପୁଲିସ୍‌କୁ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ବରଗଡ଼ ଏସ୍‌ପି ପ୍ରହ୍ଲାଦ ସାହି ମୀନାଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଏସ୍‌ପି ସୌରଭ ଓତା, ଏସ୍‌ଡିପିଓ ପଦାରବିନ୍ଦ ତ୍ରିପାଠୀ ଓ ସବ୍-ଇନ୍ସପେକ୍ଟର୍ ସୁଶାନ୍ତ ସାହୁଙ୍କ ସହ ଅନ୍ୟ ପୁଲିସ୍ କର୍ମଚାରୀଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ୍ ସେଠାରେ ଚଢ଼ଉ କରିଥିଲା। ସମସ୍ତ ଅଭିଯୁକ୍ତଙ୍କୁ ବରଗଡ଼ ଟାଉନ ଥାନାରେ ଅଟକ ରଖାଯାଇଛି ଉକ୍ତ ହୋଟେଲରେ ଦୀର୍ଘ ଦିନ ହେବ ଜୁଆ ଖେଳ ସମେତ ଅନେକ ଅସାମାଜିକ କାର୍ଯ୍ୟ ଚାଲୁଥିବା ପୁଲିସ୍ ଅନୁମାନ କରୁଛି।

# 'ଜାତୀୟ କବି' ଉପାଧି ନେଇ ବିବାଦ

**ଜଗତସିଂହପୁର, ୧୨।୧୨(ସମିସ):** ଜଗତସିଂହପୁର ଜିଲ୍ଲାର ଯୋଗଜନ୍ମା ପୁରୁଷ, ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା 'ଜାତୀୟ କବି' ମାନ୍ୟତା ପାଇଥିବା ବୀରକିଶୋରଙ୍କ ଉପାଧିକୁ ଅନ୍ୟ ସାରସ୍ୱତ ସ୍ରଷ୍ଟାଙ୍କ ନାମରେ ବ୍ୟବହାର କରାଯିବାକୁ ନେଇ ବିବାଦ ସୃଷ୍ଟି ହୋଇଛି। ଓଡ଼ିଶା ସାହିତ୍ୟ ଏକାଡେମୀ

### 'ବୀରକିଶୋରଙ୍କ ପ୍ରତି ଅପମାନକୁ ବରଦାସ୍ତ କରାଯିବ ନାହିଁ'

ପୁରସ୍କୃତ କବି ପୀତାମ୍ବର ତରାଇ ଏନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଚଳିତବର୍ଷ ଯାଜପୁର ଜିଲ୍ଲା ପ୍ରଶାସନ ସହଯୋଗରେ ବରୀ ଲୋକମହୋତ୍ସବ ନିମନ୍ତ୍ରଣପତ୍ରରେ କବି ବାଞ୍ଛାନିଧି ଦାସଙ୍କୁ 'ଜାତୀୟ କବି' ଭାବେ ଉଲ୍ଲେଖ କରାଯାଇ ନିମନ୍ତ୍ରଣପତ୍ର ଛପା ଯାଇଛି। ଏହାକୁ ଶ୍ରୀ ତରାଇ ଦୃଢ଼ ବିରୋଧ କରିବା ସହ ଏହାଦ୍ୱାରା ଜାତୀୟ କବି ବୀରକିଶୋର ଦାସଙ୍କ ଉପାଧି ଚୋରି ହେଲା ଭଳି ଅନୁଭୂତ ହେଉଛି ବୋଲି ସେ କହିଛନ୍ତି। ତେଣୁ, ତୁରନ୍ତ ନିମନ୍ତ୍ରଣ ପତ୍ରରୁ ଉକ୍ତ ଉପାଧି ପ୍ରତ୍ୟାହାର କରାଯିବାକୁ ସେ ଦାବି




କରିଛନ୍ତି। ଏଥିସହିତ ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବରେ ଯୋଗଦେବାକୁ ଥିବା ଯାଜପୁର ଜିଲ୍ଲାପାଳ ଏଭଳି ଅନୈତିକ କାର୍ଯ୍ୟର ସମୀକ୍ଷା କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଅନୁରୋଧ କରିଛନ୍ତି।

**OFFICE OF THE SUPERINTENDENT,**
**MAHARAJA KRISHNA CHANDRA GAJAPATI MEDICAL COLLEGE HOSPITAL,**
**BRAHMAPUR-760004, GANJAM, ODISHA**
Tel.0680-2292624,FAX.:0680-2292752/E.mail:supdtmkcg@gmail.com,mkcgmchberhampur@gmail.com
Website:www.mkcgmch.org

No. 17184/MCH/SK/XXVII/2024 Dt/Berhampur the 09.12.2024

**TENDER CALL NOTICE**

Sealed tender in prescribed proforma is invited from the reputed Authorized Manufaturer, Whole Sellers, Stockiest /Distributors, having GSTN certificate as per Govt. rule, Valid PAN Card for supply of **Furniture Items** to this hospital. The tender should be submitted in two bids (1) Technical Bid and (2) Price Bid. **The Technical bid** shall contain (1) EMD (2) Tender Paper Cost (3) Valid PAN Card, (4) Valid GSTN Certificate as per the Govt. rule (5) Authorization Certificates, (6) Proof of annual average turnover certificate of business. **The Price bid** should be submitted as per performa enclosed. The tenderer should furnish the Bid Security Deposit (EMD FD/NSC) of Rs. 75,000/- **(Rupees Seventy Five Thousand)** only pledged in favor of the Superintendent, M.K.C.G. Medical College Hospital, Berhampur. The detail lists and specification of **Furniture Items** along with other terms and conditions can be download from the web site- www.ganjam.nic.in, www.mkcgmch.org on payment of Rs. 2360/-(Including 18% GST) (two thousand three hundred sixty) only towards cost of tender papers through E-challan (0075-00-800-0097-02237-000). The last date of receipt of tenders through Regd. Post / Speed Post/ Currier is up to 03.01.2025 at, 5.00 p.m. Technical bids will be opened on 06.01.2025, in presence of the members of the tender Committee and tenerers representative. The price bid of successful tenderers only in Technical Bid will be opened later on with due intimation to all concerned. The technical bid and price bid duly sealed separately should be submitted in a sealed cover super scribing **"Tender for supply of Furniture Items to M.K.C.G. Medical College Hospital, Berhampur (Ganjam)".** The tenders received after closing date and time will not be considered. The Superintendent, M.K.C.G Medical College Hospital, Berhampur reserves the right to accept/ reject/ cancel any or all the tenders in full or part without assigning any reason thereof. All legal disputes if any relating to this tender are subject to jurisdiction in the courts of law situated at Berhampur, Ganjam, Odisha only.

The approximate value of the tender is Rs. 25 Lakhs (Rupees Twenty five lakhs ) only.

Superintendent,
MKCG Medical College Hospital,
Berhampur

OIPR-10028/11/0034/2425 E-585

**AFFIDAVIT**

By virtue of an affidavit EXECUTIVE MAGISTRATE, BHADRAK. I Samen Kumar Dey, age 67 years, S/o-Late Subhash Chandra Dey, At-Kuansh, P.O./P.S./Dist.-Bhadrak, do hereby declare that in all official documents my name mentioned as Samen Kumar Dey but in the documents of my son Sourav Dey his father's name has been mentioned as Somen Dey. That Samen Kumar Dey and Somen Dey is one and the same person.

**AFFIDAVIT**

I, Ajoy Kumar Tripathy, age about 62 years, S/o- Sachidananda Tripathy, resident of At- Bodar Sashan, Po- Kalarabank, Cuttack, Pin- 754132, Odisha declared by this affidavit No. 2282, dated- 10/12/2024, that now onwards I shall be known as **AJAYA KUMAR TRIPATHY** for all future purposes.

# ସମ୍ପାଦକୀୟ



ଖେଳରେ ବଲ୍‌କୁ ମାରି ଧାଇଁବା ବେଳେ ମୁଁ ଭାବେ,
ମୁଁ ହେଉଛି ପୃଥିବୀର ସର୍ବାଧିକ ଉଲ୍ଲସିତ ବ୍ୟକ୍ତି।
-ଡିଏଗୋ ମାରାଡୋନା

୪ର୍ଥ ସୁନକ୍ଷତ୍ର
ସକାଳ
THE SAKALA

## ନ୍ୟାୟିକ ଜଞ୍ଜାଳରୁ ସାମୟିକ ଆଶ୍ୱସ୍ତି

ଦେଶର ବିଭିନ୍ନ ଅଞ୍ଚଳରେ କେତେକ ନିର୍ଦ୍ଦିଷ୍ଟ ଉପାସନା ପୀଠ, ବିଶେଷକରି ମନ୍ଦିର-ମସ୍‌ଜିଦ୍ ବିବାଦକୁ ନେଇ ସୃଷ୍ଟି ହୋଇଥିବା ଆଇନଗତ ଜଟିଳତା ଓ ନ୍ୟାୟିକ ଜଞ୍ଜାଳରୁ ସାମୟିକ ଆଶ୍ୱସ୍ତି ମିଳିଛି। ଉପାସନା ପୀଠ(ସ୍ୱତନ୍ତ୍ର ପ୍ରାବଧାନ) ଆଇନ ୧୯୯୧ର ବୈଧତା ପ୍ରସଙ୍ଗରେ ଆଗତ ମାମଲାର ଶୁଣାଣି ପାଇଁ ସର୍ବୋଚ୍ଚ ନ୍ୟାୟାଳୟର ପ୍ରଧାନ ବିଚାରପତି ସଞ୍ଜୀବ ଖାନ୍ନାଙ୍କ ଅଧ୍ୟକ୍ଷତାରେ ଗଠିତ ତିନିଜଣିଆ ଖଣ୍ଡପୀଠ ଗୁରୁବାରଠାରୁ ଶୁଣାଣି ଆରମ୍ଭ କରିଥିବା ବେଳେ ଶୁଣାଣି ଶେଷ ହେବା ପର୍ଯ୍ୟନ୍ତ ମନ୍ଦିର-ମସ୍‌ଜିଦ୍ ସଂକ୍ରାନ୍ତ କୌଣସି ମାମଲା ରୁଜୁ ହୋଇପାରିବ ନାହିଁ ବୋଲି ଅନ୍ତରୀଣ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ନିମ୍ନ ଅଦାଲତମାନଙ୍କରେ ଏ ସମ୍ପର୍କିତ ରୁଜୁ ମାମଲାର ଶୁଣାଣି ହେବ ନାହିଁ କିମ୍ବା କୌଣସି ଅନ୍ତରୀଣ ଅଥବା ଅନ୍ତିମ ରାୟ କିମ୍ବା ସର୍ବେକ୍ଷଣ ପାଇଁ ନିମ୍ନ ଅଦାଲତମାନେ ଅନୁମତି ଦେଇପାରିବେ ନାହିଁ ବୋଲି ଖଣ୍ଡପୀଠ ତାଙ୍କ ଆଦେଶରେ ସ୍ପଷ୍ଟ କରିଛନ୍ତି। ଏଥିସହିତ ଆଇନର ଜଟିଳତା ସମ୍ପର୍କରେ ଆସନ୍ତା ଚାରି ସପ୍ତାହ ମଧ୍ୟରେ ପକ୍ଷ ରଖିବାକୁ କେନ୍ଦ୍ର ସରକାରଙ୍କୁ ମଧ୍ୟ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ଶୁଣାଣି କେତେଦିନ ଚାଲିବ ତାହା ଅନିର୍ଦ୍ଦିଷ୍ଟ ଓ ଅନିଶ୍ଚିତ। ତେଣୁ ଅନ୍ତତଃ ସେହିସମୟ ପର୍ଯ୍ୟନ୍ତ ଦେଶରେ ଧର୍ମ ଆଧାରରେ କୋର୍ଟକଚେରି ବିବାଦ ଓ ବିତର୍କ ପରିସ୍ଥିତିରୁ ଦେଶବାସୀଙ୍କୁ ସାମୟିକ ଆଶ୍ୱସ୍ତି ମିଳିବ। ଅପରପକ୍ଷରେ ଏହାକୁ ନେଇ କେନ୍ଦ୍ର ସରକାରଙ୍କ ଅଡୁଆ ବଢ଼ିଚାଲିବ।

ମଥୁରାରେ ଶାହି ଇଦ୍‌ଗା ମସ୍‌ଜିଦ୍- ଶ୍ରୀକୃଷ୍ଣଜନ୍ମଭୂମି, ମଧ୍ୟପ୍ରଦେଶର ଭୋଜଶାଳା, ଦିଲ୍ଲୀର କୁତବ୍ ମୀନାର, ମହାରାଷ୍ଟ୍ରରେ ହାଜି ମଲଙ୍ଗ ଦର୍‌ଘା, ବାରାଣାସୀର ଜ୍ଞାନବାପୀ ମସ୍‌ଜିଦ୍ ପରେ ଏବେ ଉତ୍ତରପ୍ରଦେଶର ସମ୍ବଲ୍ ସାହି ଜାମା ମସ୍‌ଜିଦ୍ ଓ ରାଜସ୍ଥାନର ଆଜ୍‌ମେର ସ୍ଥିତ ସାହି ଦର୍‌ଘାର ସ୍ଥିତି ସମ୍ପର୍କିତ ୧୦ଟି ମାମଲା ଦେଶର ବିଭିନ୍ନ ଅଦାଲତରେ ରୁଜୁ ହୋଇଛି। ସେହିସବୁ ସ୍ଥାନରେ ମନ୍ଦିରକୁ ଭାଙ୍ଗି ମସ୍‌ଜିଦ୍ ନିର୍ମାଣ ହୋଇଥିବା ଅଭିଯୋଗ ହୋଇଆସୁଛି। ତେଣୁ ପୂର୍ବସ୍ଥିତି ନିର୍ଦ୍ଧାରଣ ପାଇଁ ସର୍ବେକ୍ଷଣ ଜରିଆରେ ନିଶ୍ଚିତ କରିବାକୁ ବିଭିନ୍ନ ଅଦାଲତରେ ଆବେଦନ ଓ ପାଲଟା ଆବେଦନ ସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଛି। ଏହି ପ୍ରସଙ୍ଗରେ ଉପାସନା ପୀଠ(ସ୍ୱତନ୍ତ୍ର ପ୍ରାବଧାନ) ଆଇନ ୧୯୯୧ର କେତେକ ଧାରା ବିତର୍କ ଘେରକୁ ଆସିଥିବାରୁ ଆଇନର ବୈଧତାକୁ ନେଇ ସର୍ବୋଚ୍ଚ ଅଦାଲତରେ ସଂଖ୍ୟାଧିକ ମାମଲା ଦାୟର ହୋଇଛି।

୧୯୯୧ରେ ରାମଜନ୍ମଭୂମି-ବାବ୍ରି ମସ୍‌ଜିଦ୍ ବିବାଦର ଉଗ୍ର ରାଜନୈତିକ ପ୍ରଭାବରୁ ଦେଶର ଧର୍ମନିରପେକ୍ଷତା ଭାବମୂର୍ତ୍ତିକୁ ସୁରକ୍ଷା ଦେବା ପାଇଁ ତତ୍କାଳୀନ ପ୍ରଧାନମନ୍ତ୍ରୀ ନରସିଂହା ରାଓ ଆଣିଥିବା ଏହି ଆଇନ ଅନୁଯାୟୀ ଦେଶ ସ୍ୱାଧୀନ ହେବା ସମୟରେ ଦେଶର ଧାର୍ମିକ ଓ ଉପାସନା ପୀଠଗୁଡ଼ିକର ସ୍ଥିତାବସ୍ଥା ଯାହା ଥିଲା ସେଥିରେ କୌଣସି(ଆଂଶିକ କିମ୍ବା ସମ୍ପୂର୍ଣ୍ଣ) ପରିବର୍ତ୍ତନ କରାଯାଇପାରିବ ନାହିଁ କି ଅନ୍ୟ କୌଣସି ଧର୍ମ/ସଂସ୍ଥାକୁ ହସ୍ତାନ୍ତର କରାଯାଇପାରିବ ନାହିଁ ଏବଂ ଉପାସନା/ପ୍ରାର୍ଥନା/ପୂଜାର୍ଚ୍ଚନା ପାଇଁ ଅନୁମତି ଦିଆଯାଇପାରିବ ନାହିଁ। ଆଇନ ପ୍ରଣୀତ ହେବା ପୂର୍ବରୁ ଏ ସମ୍ପର୍କିତ ବିଭିନ୍ନ ଅଦାଲତରେ ରୁଜୁ ହୋଇଥିବା ମାମଲାର ଆଉ କୌଣସି ଗୁରୁତ୍ୱ ରହିବ ନାହିଁ କି ଏ ସମ୍ପର୍କିତ କୌଣସି ମାମଲା ପରବର୍ତ୍ତୀ ସମୟରେ ଅଦାଲତରେ ଦାୟର ହୋଇପାରିବ ନାହିଁ ବୋଲି ମଧ୍ୟ ଆଇନରେ ସ୍ପଷ୍ଟ କରାଯାଇଛି(ରାମଜନ୍ମଭୂମି-ବାବ୍ରି ମସ୍‌ଜିଦ୍ ମାମଲାର ଜଟିଳତା ଦୃଷ୍ଟିରୁ ତାହାକୁ ଆଇନ ପରିସରଭୁକ୍ତ କରାଯାଇ ନ ଥିଲା)। କିନ୍ତୁ ଜ୍ଞାନବାପୀ, ସମ୍ବଲ୍ ଓ ଆଜମେର ପ୍ରସଙ୍ଗରେ ନିମ୍ନ ଅଦାଲତମାନେ ଦେଇଥିବା ରାୟ ଏବଂ ସର୍ବୋଚ୍ଚ ଅଦାଲତଙ୍କ ସମ୍ମତି ଉପରୋକ୍ତ ଆଇନର ଉଲ୍ଲଙ୍ଘନ କରୁଛି ବୋଲି କଂଗ୍ରେସ ସମେତ ସଂଖ୍ୟାଲଘୁ ସମ୍ପ୍ରଦାୟ ଅଭିଯୋଗ କରିଛନ୍ତି। ଏପରିକି ୨୦୨୩ରେ ଜ୍ଞାନବାପୀ ମସ୍‌ଜିଦ୍‌ରେ ସର୍ବେକ୍ଷଣ ପାଇଁ ଅନୁମତି ଦେବା ଅବସରରେ ସର୍ବୋଚ୍ଚ ଅଦାଲତର ତତ୍କାଳୀନ ଡି ୱାଇ ଚନ୍ଦ୍ରଚୂଡ଼ଙ୍କ ଖଣ୍ଡପୀଠ ଆଇନର ଭୁଲ୍ ତର୍ଜମା କରିଥିବା ଅଭିଯୋଗ ହେଉଛି। ଆଇନର ଜଟିଳତା ସମ୍ପର୍କରେ ନିଜ ପକ୍ଷ ରଖିବାକୁ ସର୍ବୋଚ୍ଚ ଅଦାଲତ ତିନିବର୍ଷ ତଳୁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ସରକାରୀ ଉଦାସୀନତା ଯୋଗୁଁ ଏହି ଜଟିଳତା ଆହୁରି ପ୍ରଲମ୍ବିତ ହେବାରେ ଲାଗିଛି। ଉପାସନା ପୀଠ(ସ୍ୱତନ୍ତ୍ର ପ୍ରାବଧାନ) ଆଇନ - ୧୯୯୧ ସମ୍ବିଧାନର ଧର୍ମନିରପେକ୍ଷତା ଉଦ୍‌ଘୋଷଣାର ବିରୁଦ୍ଧାଚରଣ କରୁଛି ବୋଲି ଆଇନ ବିପକ୍ଷବାଦୀ ସେମାନଙ୍କ ସଦ୍ୟତମ ଆବେଦନରେ ଦର୍ଶାଇଥିବା ବେଳେ ଏହାର ସପକ୍ଷବାଦୀମାନେ ଆଇନକୁ ଯଥାଯଥ ବୋଲି ଯୁକ୍ତି କରୁଛନ୍ତି ଏବଂ ନିମ୍ନ ଅଦାଲତମାନଙ୍କର ମସ୍‌ଜିଦ୍ ସର୍ବେକ୍ଷଣ ସପକ୍ଷରେ ଦେଇଥିବା ରାୟ ଆଇନର ଉଲ୍ଲଙ୍ଘନ ବୋଲି ଅଭିଯୋଗ କରୁଛନ୍ତି।

ଆମ ସାମ୍ବିଧାନିକ ବିଧିବ୍ୟବସ୍ଥା ଅନୁଯାୟୀ ଆଇନ ପ୍ରଣୟନ କରିବାର କ୍ଷମତା କେବଳ ବିଧାନପାଳିକାର। ଏଥିରେ ନ୍ୟାୟପାଳିକା ହସ୍ତକ୍ଷେପ କରିପାରିବ ନାହିଁ। ସରକାରଙ୍କ ପ୍ରଣୀତ ଆଇନ ସାମ୍ବିଧାନିକ ମୌଳିକତାକୁ ବିରୁଦ୍ଧାଚରଣ କରୁଛି କି ନାହିଁ ତାହା କେବଳ ତର୍ଜମା କରିବା ଦାୟିତ୍ୱ ନ୍ୟାୟପାଳିକାର। ତେଣୁ ଉପାସନା ପୀଠ(ସ୍ୱତନ୍ତ୍ର ପ୍ରାବଧାନ) ଆଇନ - ୧୯୯୧ର ବୈଧତା ଉପରେ ହସ୍ତକ୍ଷେପ ନ କରି ସଞ୍ଜୀବ ଖାନ୍ନାଙ୍କ ଖଣ୍ଡପୀଠ ଏହାର ସ୍ଥିତାବସ୍ଥା ବଜାୟ ରଖିଛନ୍ତି। ଅତୀତରେ ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରିଛନ୍ତି ଯେ ଇତିହାସର ଭୁଲ୍‌ଭଟକାକୁ ଆଧାର କରି ଭବିଷ୍ୟତର କାର୍ଯ୍ୟପନ୍ଥା ନିର୍ଣ୍ଣୟ କରାଯାଇପାରିବ ନାହିଁ। ଏହି କାରଣରୁ ପୂର୍ବ ଖଣ୍ଡପୀଠମାନେ ଦେଇଥିବା ରାୟକୁ ଅନେକ ସମୟରେ ଉଚ୍ଚତର ଖଣ୍ଡପୀଠ ସଂଶୋଧନ କରିଥିବା ଉଦାହରଣ ଭାରତୀୟ ନ୍ୟାୟିକ ବ୍ୟବସ୍ଥାରେ ବହୁଳ। ତେଣୁ ଜ୍ଞାନବାପୀ ମସ୍‌ଜିଦ୍ ସର୍ବେକ୍ଷଣ ପାଇଁ ଅନୁମତି ଦେବା ବେଳେ ଯଦି ଆଇନର ଭୁଲ୍ ତର୍ଜମା ହୋଇଥିବ, ତେବେ ତାହାକୁ ଆଧାର କରି ତ୍ରୁଟିର ପୁନରାବୃତ୍ତି କରାଯାଇପାରିବ ନାହିଁ। ଏହି ଯୁକ୍ତି ଆଳରେ ଖଣ୍ଡପୀଠ ଶୁଣାଣି କରିବେ ବୋଲି ପ୍ରାରମ୍ଭିକ ସୂଚନା ମିଳିଛି।

ସଞ୍ଜୀବ ଖାନ୍ନାଙ୍କ ଖଣ୍ଡପୀଠଙ୍କ ନିର୍ଦ୍ଦେଶ ପରେ ହିନ୍ଦୁତ୍ୱ ଆଜେଣ୍ଡାରେ ଶାସନ କ୍ଷମତାକୁ ଆସିଥିବା ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାର ଯଦି ଆଇନ୍‌କୁ ସମର୍ଥନ କରନ୍ତି ତେବେ ନିଜ ଦଳୀୟ ଆଦର୍ଶ ଓ ଏଜେଣ୍ଡାର ବିରୁଦ୍ଧାଚରଣ ହେବ। ଅପରପକ୍ଷରେ ସର୍ବୋଚ୍ଚ ଅଦାଲତରେ ପକ୍ଷ ରଖିବା ବେଳେ ଯଦି ସରକାର କଂଗ୍ରେସ ଅମଳର ଏହି ଆଇନକୁ ବିରୋଧ କରନ୍ତି ତେବେ ଦେଶବ୍ୟାପୀ ଯେଉଁ ସାମ୍ପ୍ରଦାୟିକ ଉତ୍ତେଜନା ବୃଦ୍ଧି ପାଇବାର ଆଶଙ୍କା ରହିବ। ତେଣୁ କେନ୍ଦ୍ର ସରକାର ଏବେ ହିନ୍ଦୁତ୍ୱ ଓ ଧର୍ମନିରପେକ୍ଷତାର ଗୋଲକଧନ୍ଦା ଭିତରେ ପଡ଼ିବା ସାର ହୋଇଛି। ପ୍ରସଙ୍ଗର ସମ୍ବେଦନଶୀଳତା ଦୃଷ୍ଟିରୁ କୌଣସି ସରକାର ଏହା ସପକ୍ଷ କିମ୍ବା ବିପକ୍ଷରେ କୌଣସି ପଦକ୍ଷେପ ନେବା ଭଳି ଲାଗୁ ନାହିଁ। ତେଣୁ ବିରୁଡ଼ି ବସାରେ ହାତ ମାରିବା ଅପେକ୍ଷା ସ୍ଥିତାବସ୍ଥା ବଜାୟ ରଖିବାକୁ ନ୍ୟାୟପାଳିକା ବୋଧହୁଏ ଉଚିତ ମଣିବେ ଏବଂ ବିଧାନପାଳିକା ନିଜ ପକ୍ଷ ରଖିବାକୁ ଅଧିକ ସମୟ ଲୋଡ଼ି କୌଶଳକ୍ରମେ ବିତର୍କକୁ ଏଡ଼ାଇ ଚାଲିବେ। ଏହି ପୃଷ୍ଠଭୂମିରେ ରାମଜନ୍ମଭୂମି-ବାବ୍ରି ମସ୍‌ଜିଦ୍ ମାମଲା ପରେ ଭାରତୀୟ ନ୍ୟାୟିକ ଓ ରାଜନୈତିକ ଇତିହାସରେ ଏହି ଆଇନର ବୈଧତା ପ୍ରସଙ୍ଗ ବୋଧହୁଏ ଆଉ ଏକ ପ୍ରଲମ୍ବିତ ପ୍ରକ୍ରିୟାର ଉଦାହରଣ ସୃଷ୍ଟି କରିପାରେ।


# ମସ୍ତିଷ୍କରେ ଲିଙ୍ଗଭେଦ

**ପ୍ରଫେସର ରମେଶ ଚନ୍ଦ୍ର ପରିଡ଼ା**

ମଣିଷ ସମେତ ପ୍ରାୟ ସମସ୍ତ ଉନ୍ନତ ଜୀବଶ୍ରେଣୀରେ ରହିଛି ଲିଙ୍ଗଗତ ପ୍ରଭେଦତା- ନାରୀ ଓ ପୁରୁଷ। ଯୌନ ପ୍ରଗୁଣନ(ରିପ୍ରଡକ୍ଟିଭ୍) ଦ୍ୱାରା ଜିନୀୟ ବିଭେଦତା ଯୁକ୍ତ ବଂଶଧର ସୃଷ୍ଟି ମାଧ୍ୟମରେ ଏମାନେ ନିଶ୍ଚିତ କରିଥା'ନ୍ତି ପ୍ରଜାତିଟିର ବିକାଶ ଏବଂ ତାହା ତିଷ୍ଠି ରହିବାର ସମ୍ଭାବନା। ତାଙ୍କ ମଧ୍ୟରେ ଜୈବିକ ବୈଷମ୍ୟତା ହେତୁ କେବଳ ଶାରୀରିକ ନୁହେଁ, ମାନସିକ ସ୍ତରରେ ମଧ୍ୟ ବିଭେଦତା ବିଦ୍ୟମାନ ବୋଲି ପ୍ରଚଳିତ ରହିଆସିଛି ଏକ ଜନପ୍ରିୟ ବିଶ୍ୱାସ। ଏଥିଅନୁସାରେ ସେମାନେ ଭିନ୍ନ ଭିନ୍ନ ଜଗତରେ ବାସ କରନ୍ତି ଏବଂ ଜଣେ ଅନ୍ୟର ଦୃଷ୍ଟିକୋଣକୁ ସମ୍ପୂର୍ଣ୍ଣ ରୂପେ ହୃଦୟଙ୍ଗମ କରିପାରନ୍ତି ନାହିଁ। ମନେ କରାଯାଏ ଯେ ସେମାନଙ୍କ ମସ୍ତିଷ୍କରେ ରହିଛି ଲିଙ୍ଗଗତ ପ୍ରଭେଦତା। ଏଣୁ ତହିଁରୁ ଗୋଟିକୁ ଆମେ 'ପୁରୁଷ ମସ୍ତିଷ୍କ' ଏବଂ ଅନ୍ୟଟିକୁ 'ନାରୀ ମସ୍ତିଷ୍କ' ବୋଲି କହିପାରିବା। ସେଥିପାଇଁ ତାଙ୍କର ଚିନ୍ତାଧାରା ପରସ୍ପରଠାରୁ କେତେକ କ୍ଷେତ୍ରରେ ଅଲଗା ଅଲଗା ହୋଇଥାଏ। ବୈଜ୍ଞାନିକମାନେ ଦୀର୍ଘଦିନ ଧରି ଏ ଧାରଣାର ସତ୍ୟତା ପ୍ରମାଣ କରିବାକୁ ଉଦ୍ୟମ ଚଳାଇ ଆସିଛନ୍ତି।

ଲିଙ୍ଗଗତ ଅନୁସାରେ ମସ୍ତିଷ୍କମାନଙ୍କ ମଧ୍ୟରେ ଥିବା ତାରତମ୍ୟ ଏକ ସମ୍ବେଦନଶୀଳ ଏବଂ ବିବାଦମାନ ପ୍ରଶ୍ନ। ଏଥିସହିତ ଜଡ଼ିତ ଅନେକ ନିର୍ଦ୍ଦିଷ୍ଟ ଭାବେ ପ୍ରମାଣିତ ହୋଇ ନଥିବା ତଥ୍ୟ- ଯେପରିକି ପୁରୁଷମାନଙ୍କ ତୁଳନାରେ ନାରୀମାନେ କମ୍ ଧୀଶକ୍ତି ସମ୍ପନ୍ନ। କାରଣ ସେମାନଙ୍କ ମସ୍ତିଷ୍କର ଆକାର ତୁଳନାତ୍ମକ ଭାବେ ଛୋଟ। ସେହିପରି ଆଉ ଗୋଟିଏ ତ୍ରୁଟିପୂର୍ଣ୍ଣ, ଅଥଚ ଜନପ୍ରିୟ ଧାରଣା ହେଲା ଯେ ନାରୀମାନେ ସାଧାରଣ ଭାବେ ଗଣିତ ବିଦ୍ୟାରେ କମ୍ ଧୂରନ୍ଧର। ତେବେ ବର୍ଷବର୍ଷ ଧରି ମସ୍ତିଷ୍କ ଉପରେ ହୋଇଥିବା ଅଧ୍ୟୟନରୁ ଜଣାପଡ଼ିଛି ଯେ ସମ୍ଭବତଃ ନାରୀ ଓ ପୁରୁଷଙ୍କ ମସ୍ତିଷ୍କ ମଧ୍ୟରେ ରହିଛି କିଛି ରହସ୍ୟମୟ ପ୍ରଭେଦତା।

ଆଜିକାଲି 'ଫଙ୍କସ୍‌ନାଲ-ମାଗ୍ନେଟିକ୍ ରେଜୋନାନ୍‌ସ ଇମେଜିଂ'କୁ ମସ୍ତିଷ୍କ ଉପରେ ଅଧ୍ୟୟନ କରିବାର ଏକ ସହଜ ଏବଂ ସୁବିଧାଜନକ ସାଧନ ରୂପେ ବ୍ୟବହାର କରାଯାଉଛି। ତହିଁରୁ ଜଣାପଡ଼ିଛି ଯେ କୌଣସି ଏକ ବିଷୟରେ ଭାବିଲା ସମୟରେ ନାରୀ ଏବଂ ପୁରୁଷଙ୍କ ମସ୍ତିଷ୍କର କାର୍ଯ୍ୟ ଭଙ୍ଗୀରେ କିଛିଟା ତାରତମ୍ୟ ପରିଲକ୍ଷିତ ହୁଏ। ଏହାର କାରଣ ଓ ପ୍ରଭାବ ସମ୍ପର୍କରେ ନିର୍ଦ୍ଦିଷ୍ଟ ରୂପେ ନିରୂପଣ କରିବା ଲାଗି ବୈଜ୍ଞାନିକମାନେ ଏବେ ଅଧ୍ୟୟନ ଚଳାଇଛନ୍ତି। ଏହାକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଲୋକଲୋଚନକୁ ଆଣିଛନ୍ତି ୟେଲ୍ ମେଡିକାଲ୍ ସ୍କୁଲର ସ୍ନାୟୁବିଜ୍ଞାନୀ ଦମ୍ପତି ଡକ୍ଟର ସାଲି ଶାଇୱିଜ୍ ଏବଂ ତାଙ୍କ ସ୍ୱାମୀ ଡ. ଚବନେଟ୍ ଶାଇୱିଜ୍। ଦମ୍ପତି ଓ ତାଙ୍କ ସହଗବେଷକଗଣ ଏକ ପରୀକ୍ଷାରେ ୧୯ ଜଣ ପୁରୁଷ ଏବଂ ୧୯ ଜଣ ମହିଳାଙ୍କୁ ନେଇ ଏଣୁ ତେଣୁ କିଛି ଶବ୍ଦ ପଢ଼ିବାକୁ ଦେଲେ। ସେହି ସମୟରେ କାହାରି ମସ୍ତିଷ୍କ କିପରି କାର୍ଯ୍ୟ କରୁଛି ସେମାନେ 'ଫଙ୍କସନାଲ୍ ମାଗ୍ନେଟିକ୍ ରେଜୋନାନ୍ସ ଇମେଜିଂ' ପଦ୍ଧତିରେ ପର୍ଯ୍ୟବେକ୍ଷଣ କରିବାକୁ ଲାଗିଲେ। ଏହାର ଫଳାଫଳକୁ ନେଇ ୧୯୯୫ ମସିହା ଫେବ୍ରୁଆରୀ ସଂଖ୍ୟାର ଗବେଷଣାପତ୍ରିକା 'ନେଚର୍'ରେ ପ୍ରକାଶ କଲେ ଏକ ନିବନ୍ଧ। ତଦନୁଯାୟୀ ଏ ସମୟରେ ଉଭୟଙ୍କର ମସ୍ତିଷ୍କ ପ୍ରାୟତଃ ସମାନ ଦକ୍ଷତାର ସହ କାର୍ଯ୍ୟ କରନ୍ତି। ତେବେ ଏଥିପାଇଁ ପୁରୁଷମାନଙ୍କର 'ବ୍ରୋକା' ଅଞ୍ଚଳ ଅଧିକ ସକ୍ରିୟ ହୋଇଥାଏ। ଏହା ହେଉଛି ମସ୍ତିଷ୍କର ବାମଭାଗରେ ଥିବା 'ସେରେବ୍ରାଲ୍ କୋରଟେକ୍ସ'ର ଏକ ଅଂଶ ଏବଂ ଆମ କଥା କହିବା ପ୍ରକ୍ରିୟା ସହିତ ଜଡ଼ିତ। ଅନ୍ୟପକ୍ଷରେ ନାରୀମାନେ



ଏଥିସହିତ ସେମାନଙ୍କ ମସ୍ତିଷ୍କର ଦକ୍ଷିଣାଞ୍ଚଳର କିଛି ଭାଗକୁ ମଧ୍ୟ ବ୍ୟବହାରରେ ଲଗାଇଥିଲେ। ଏଥିରୁ ପ୍ରଥମଥର ପାଇଁ ନିର୍ଦ୍ଦିଷ୍ଟ ଭାବେ ସୂଚୀତ ହୋଇପାରିଲା ଯେ ନାରୀ ଓ ପୁରୁଷମାନେ ଚିନ୍ତା କଲା ବେଳେ ସେମାନଙ୍କ ମସ୍ତିଷ୍କର ଭିନ୍ନ ଭିନ୍ନ ଭାଗକୁ ବ୍ୟବହାର କରିଥା'ନ୍ତି।

ଇତିମଧ୍ୟରେ 'ୟୁନିଭରସିଟି ଅଫ୍ ପେନସିଲ୍‌ଭାନିଆ ସ୍କୁଲ୍ ଅଫ୍ ମେଡିସିନ୍'ର 'ବ୍ରେନ୍ ବିହେବିୟର୍ ଲାବ୍'ର ନିର୍ଦ୍ଦେଶକ ଡ. ରୁବେନ୍ ସି. ଗୁର୍ ଏବଂ ତାଙ୍କ ସହଗବେଷକଗଣ ୩୭ ଜଣ ଯୁବକ ଏବଂ ୨୪ ଜଣ ଯୁବତୀଙ୍କର ମସ୍ତିଷ୍କର ଚୟାପଚୟ କ୍ରିୟାକଳାପ(ମେଟାବୋଲିଜିମ୍) ଉପରେ ସେମାନେ ସମ୍ପୂର୍ଣ୍ଣ ବିଶ୍ରାମରେ ଥିବା ଏବଂ ସଚେତନ ଭାବେ କିଛି ଭାବୁ ନଥିବା ସମୟରେ ଅଧ୍ୟୟନ କରିଥିଲେ। ଏହାର ଫଳାଫଳ ପ୍ରକାଶିତ ହୋଇଥିଲା ୧୯୯୫ ମସିହା ଜାନୁଆରୀ ସଂଖ୍ୟା 'ସାଇନ୍‌ସ' ପତ୍ରିକାରେ। ସେଥିରେ ସେମାନେ ସୂଚନା ଦେଇଥିଲେ ଯେ ବିଶ୍ରାମ କାଳରେ ନାରୀ ଓ ପୁରୁଷଙ୍କ ମସ୍ତିଷ୍କର ଅଧିକାଂଶ ଭାଗରେ ବିଶେଷ ପ୍ରଭେଦତା ପରିଦୃଷ୍ଟ ହୁଏ ନାହିଁ। ତଥାପି ଭାବପ୍ରବଣତାକୁ ନିୟନ୍ତ୍ରଣ କରୁଥିବା ଲିମ୍ବିକ୍ ବ୍ୟବସ୍ଥାର ସଂରଚନାରେ କିଛିଟା ତାରତମ୍ୟ ଦେଖିବାକୁ ମିଳିଥିଲା। ସେମାନଙ୍କଠାରେ ସେତେବେଳେ ଏହାର ଭିନ୍ନ ଭିନ୍ନ ଭାଗ ସକ୍ରିୟ ଥିବାର ଏବଂ ପୁରୁଷ କ୍ଷେତ୍ରରେ ତାହା ଅଧିକ ସକ୍ରିୟ ଥିବାର ଜଣାପଡ଼ିଥିଲା। ଅତଏବ ବିଶ୍ରାମ ସମୟରେ ମଧ୍ୟ ପୁରୁଷର ମସ୍ତିଷ୍କ କାର୍ଯ୍ୟ କରିବା ପାଇଁ ଅଧିକ ପ୍ରସ୍ତୁତ ଥାଏ ବୋଲି ଗବେଷକମାନେ ଉପସଂହାରରେ ପହଞ୍ଚିଥିଲେ।

ଏପରିକି ନିଦ୍ରାବସ୍ଥାରେ ମଧ୍ୟ ନାରୀ ଓ ପୁରୁଷଙ୍କ ମସ୍ତିଷ୍କ ଭିନ୍ନ ଭିନ୍ନ ରୂପେ କାର୍ଯ୍ୟ କରେ ବୋଲି କହନ୍ତି ମନସ୍ତତ୍ତ୍ୱବିତ୍ ରବର୍ଟ ୱାନ୍‌ଡେ କ୍ୟାସେଲ୍‌ଫ। ସେଥିପାଇଁ ସେମାନେ ଦେଖୁଥିବା ସ୍ୱପ୍ନ ଅଲଗା ଅଲଗା ପ୍ରକାର ହୋଇଥାଏ। ସେ ତାଙ୍କ ପୁସ୍ତକ 'ଆୱାର ଡ୍ରିମିଂ ମାଇଣ୍ଡ' ପୁସ୍ତକରେ ସୂଚୀତ କରିଛନ୍ତି ଯେ ବିଶେଷକରି ନାରୀମାନେ ଭାବନାତ୍ମକ ଏବଂ ପୁରୁଷମାନେ କ୍ରିୟାକଳାପ ସମ୍ପର୍କୀୟ ସ୍ୱପ୍ନମାନ ଦେଖିଥା'ନ୍ତି। ଅନ୍ୟପକ୍ଷରେ ଶ୍ରମଜୀବୀ ମହିଳା ଏବଂ ଗୃହିଣୀମାନଙ୍କ ସ୍ୱପ୍ନରେ ମଧ୍ୟ ପ୍ରଭେଦତା ରହିଛି। ସେମାନଙ୍କ ମସ୍ତିଷ୍କର କ୍ରିୟାବିଧିରେ ତାରତମ୍ୟ ଏହାର କାରଣ ହୋଇପାରେ।

ଅନ୍ୟପକ୍ଷରେ ଡ. ଗୁର୍ ଏବଂ ତାଙ୍କର ସହଯୋଗୀଗଣ ନାରୀ ଓ ପୁରୁଷମାନେ ଅନ୍ୟ ଜଣକ ମୁହଁ ଦେଖି ତା'ର ଭାବପ୍ରବଣତାକୁ କିପରି ବାରିପାରନ୍ତି, ତାହା ଅଧ୍ୟୟନ କରିଛନ୍ତି। ତହିଁରୁ ଜଣାପଡ଼ିଛି ଯେ ବ୍ୟକ୍ତି ଜଣକ ନାରୀ ହେଉକି ପୁରୁଷ ସେ ଆନନ୍ଦିତ ଥିଲେ ତାହାକୁ ସେମାନେ ସମାନ ଭାବରେ ବାରି ପାରିବେ। ତେବେ ଦୁଃଖୀ ହୋଇଥିବା ନାରୀଟିଏ କ୍ଷେତ୍ରରେ ନାରୀମାନେ ତାହା ୯୦ ଶତାଂଶ ଏବଂ ପୁରୁଷମାନେ ୭୦ ଶତାଂଶ ଅବଗତ ହୋଇପାରିବେ। ଅନ୍ୟପକ୍ଷରେ ସେ ପୁରୁଷ ହୋଇଥିଲେ ଉଭୟ ନାରୀ ଓ ପୁରୁଷ ତାହା ବୁଝିବାକୁ ୯୦ ଶତାଂଶ ସକ୍ଷମ ହେବେ। ଅତଏବ ଜଣେ ପତ୍ନୀ ଦୁଃଖୀ କି ନୁହେଁ ତାହା ବୁଝିବା ସ୍ୱାମୀପକ୍ଷେ ଅପେକ୍ଷାକୃତ କଷ୍ଟକର ହୋଇପାରେ, କିନ୍ତୁ ଜଣେ ପତ୍ନୀ ସହଜରେ ତା' ସ୍ୱାମୀର ଦୁଃଖୀ ଅବସ୍ଥା ବୁଝିବାକୁ ସମର୍ଥ ହେବ।

ହାମିଲ୍‌ଟନ୍‌ସ୍ଥିତ ମ୍ୟାକ୍ ମାଷ୍ଟର ୟୁନିଭରସିଟିର ଜଣେ ପ୍ରସିଦ୍ଧ ସ୍ନାୟୁବିଜ୍ଞାନୀ ହେଲେ ଡକ୍ଟର ସ୍ନୁହ୍ରା ୱିଟେଲସନ୍। ସେ ନାରୀ ଓ ପୁରୁଷ ଉଭୟ ପ୍ରକାର ମୃତ ଲୋକଙ୍କର ମସ୍ତିଷ୍କର ସ୍ନାୟୁକୋଷ ଗଣନା କରିଥିଲେ। ଏଥିରୁ ଜଣାପଡ଼ିଲା ଯେ ପୁରୁଷମାନଙ୍କ ମସ୍ତିଷ୍କ ଆକାରରେ ବଡ଼ ହୋଇପାରେ। କିନ୍ତୁ ନାରୀମାନଙ୍କ ମସ୍ତିଷ୍କରେ ରହିଛି ୧୧ ଶତାଂଶ ଅଧିକ ସ୍ନାୟୁକୋଷ। ସେଗୁଡ଼ିକ 'ସେରେବ୍ରାଲ୍ କୋର୍‌ଟେକସ୍'ର ଛ'ଟି ସ୍ତର ମଧ୍ୟରୁ ଦୁଇଟିରେ ଖୁବ୍ ସାନ୍ଦ୍ରଭାବେ ଏକତ୍ର ରହିଥା'ନ୍ତି। ଏହି ଅଂଶଟି ଭାଷାବୁଝିବା ଏବଂ କଥିତ ଭାଷାର ସ୍ୱରକୁ ଚିହ୍ନଟ କରି ମନେରଖିବା ପାଇଁ ଅଭିପ୍ରେତ। ଅତଏବ ନାରୀଙ୍କର ଏ ଦକ୍ଷତା ଅଧିକ। ମୁମ୍ବାଇର ଯଶଲୋକ ହସ୍ପିଟାଲ୍‌ଠାରେ କାର୍ଯ୍ୟରତ ଡାକ୍ତର ମୋହିତ ଭଟ୍ଟଙ୍କ ମତରେ ନାରୀ ଓ ପୁରୁଷଙ୍କ ମସ୍ତିଷ୍କର କାର୍ଯ୍ୟଭଙ୍ଗୀରେ ତଫାତ ରହିଛି। ତେବେ ଏଥିପାଇଁ ମୁଖ୍ୟତଃ ଦାୟୀ ତାହା ସଂସ୍ପର୍ଶରେ ଆସୁଥିବା ଅଲଗା ଅଲଗା ହର୍‌ମୋନ୍। ସେଥିପାଇଁ ଋତୁସ୍ରାବ କାଳରେ ନାରୀର ସ୍ୱଭାବରେ କିଛିଟା ପରିବର୍ତ୍ତନ ଆସେ ଏବଂ ତା'ମସ୍ତିଷ୍କର ପରିବେଶ ପ୍ରତି ସମ୍ବେଦନଶୀଳତା ବଦଳିଥାଏ।

ଅନ୍ୟପକ୍ଷରେ ନିକଟରେ ନ୍ୟୁୟର୍କ ବିଶ୍ୱବିଦ୍ୟାଳୟର 'ଗ୍ରସ୍‌ମ୍ୟାନ୍ ସ୍କୁଲ୍ ଅଫ୍ ମେଡିକାଲ୍'ର ପ୍ରଫେସର ତଥା ଉପାଧ୍ୟକ୍ଷ ୱାଇ ଭୋନେ ଲୁଇ ଏବଂ ସହଯୋଗୀମାନେ 'ମାଗ୍ନେଟିକ୍ ରେଜୋନାନ୍‌ସ ଇମେଜିଂ' ବା ଏମ୍‌ଆର୍‌ଆଇ ଫଳାଫଳର ପ୍ରକ୍ରିୟାକରଣ କରିପାରୁଥିବା କୃତ୍ରିମମେଧା- କମ୍ପ୍ୟୁଟର ପ୍ରୋଗ୍ରାମ ବ୍ୟବହାର କରି ୪୭୧ ଜଣ ପୁରୁଷ ଏବଂ ୫୬୦ ଜଣ ନାରୀଙ୍କ ମସ୍ତିଷ୍କର ହଜାର ହଜାର ସ୍କାନକୁ ବିଶ୍ଳେଷଣ କରିଛନ୍ତି। ଏହି ଅଧ୍ୟୟନରେ ୯୨%ରୁ ୯୮% ଥର ନାରୀ ଓ ପୁରୁଷଙ୍କ ମସ୍ତିଷ୍କ ଗାଠନିକ ବିଭିନ୍ନତା ଚିହ୍ନଟ ହୋଇପାରିଥିଲା। ସେମାନେ ୧୪ ମଇ ୨୦୨୩ରେ 'ସାଇଣ୍ଟିଫିକ୍ ରିପୋର୍ଟସ୍' ପତ୍ରିକାରେ ପ୍ରକାଶିତ ଏହାର ଫଳାଫଳରେ ଦର୍ଶାଇଥିଲେ ଯେ ମସ୍ତିଷ୍କର ଭିନ୍ନ ଭିନ୍ନ ଅଂଶ ସହିତ ଯୋଗାଯୋଗ ଘଟାଉଥିବା ଏହାର 'ଶ୍ୱେତପଦାର୍ଥ'ରେ ସ୍ନାୟୁକୋଷମାନଙ୍କ ସାଜସଜାରେ ଲିଙ୍ଗଗତ ପ୍ରଭେଦତା ରହିଛି। ସେଥିପାଇଁ ସେମାନଙ୍କଠାରେ ବିଭିନ୍ନ ମସ୍ତିଷ୍କ ଏବଂ ସ୍ମୃତି ଜନିତ ସମସ୍ୟା ଭିନ୍ନ ଭିନ୍ନ ହାରରେ ଏବଂ ଭିନ୍ନ ଭିନ୍ନ ଲକ୍ଷଣ ନେଇ ପ୍ରକଟିତ ହୁଏ।

ଏ ସମସ୍ତ କଥା ବିଚାରକୁ ନେଇ ଡକ୍ଟର ଗୁର୍ ଏବଂ ତାଙ୍କ ସହଯୋଗୀମାନେ କହନ୍ତି ଯେ ନାରୀ ଓ ପୁରୁଷଙ୍କ ମସ୍ତିଷ୍କର ଗଠନ ଓ ତାହାର କାର୍ଯ୍ୟଭଙ୍ଗୀ ତଥା ଭିନ୍ନ ଭିନ୍ନ ପରିବେଶ ପ୍ରତି ପ୍ରତିକ୍ରିୟାରେ ପ୍ରଭେଦ ନିଶ୍ଚୟ ରହିଛି। ତେବେ ଏ ସବୁ ତୁଳନାରେ ସେଗୁଡ଼ିକର ସମାନତା ମଧ୍ୟ ଯଥେଷ୍ଟ। ଏଣୁ ସେମାନେ ଭିନ୍ନ ଭିନ୍ନ ଦୁନିଆରେ ବାସ କରନ୍ତି ବୋଲି କହି ହେବ ନାହିଁ। ପୁନଶ୍ଚ ଏ ଦିଗରେ ଏକ ନିଶ୍ଚିତ ସିଦ୍ଧାନ୍ତରେ ପହଞ୍ଚିବାକୁ ହେଲେ ଲୋଡ଼ା ଅଧିକ ଅଧ୍ୟୟନ ଓ ଗବେଷଣା। ତାହା ମସ୍ତିଷ୍କର କାର୍ଯ୍ୟଭଙ୍ଗୀ ଉପରେ ଆହୁରି ଆଲୋକପାତ କରିବ ଏବଂ ତାହାର କାର୍ଯ୍ୟ ଦକ୍ଷତା ବୃଦ୍ଧି ସଂଗେ ସଂଗେ ତାହାକୁ ରୋଗମୁକ୍ତ ରଖିବା ଦିଗରେ ନୂତନ ପଥ ପ୍ରଦର୍ଶନ କରିବ।

ଭୁବନେଶ୍ୱର, ମୋ: ୯୯୩୭୩୦୧୪୬୦

# ଜୀବନରେ ସଂଘର୍ଷର ମୂଲ୍ୟବୋଧ

**ବୈକୁଣ୍ଠନାଥ ମିଶ୍ର**

ଏ ବିଶ୍ୱରେ ପ୍ରତ୍ୟେକ ଜୀବ ଓ ଉଦ୍ଭିଦ ଜୀବନଧାରଣ ପାଇଁ ସଦା ସଂଘର୍ଷରତ। ସଂଘର୍ଷ ଉପରାନ୍ତେ ଜୀବନ ହୁଏ ମହିମାମୟ। ଗାନ୍ଧୀ ଗୋପବନ୍ଧୁଙ୍କ ଜୀବନ ଥିଲା ସଂଘର୍ଷରେ ପରିପୂର୍ଣ୍ଣ। ତେଣୁ ତ ସେମାନେ ପ୍ରାତଃସ୍ମରଣୀୟ ମହାପୁରୁଷ। ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ପରର ମଙ୍ଗଳ ବିଧାନ କରିବା କେବଳ ଏକ ଭାଷ୍ୱିକ ସଂରଚନା ନୁହେଁ। ଏଥିରେ ଅଛି ସ୍ୱାର୍ଥ ତ୍ୟାଗର ପରାକାଷ୍ଠା। ସ୍ୱାର୍ଥତ୍ୟାଗର ମହତ୍ତ୍ୱ ପ୍ରତିଷ୍ଠା ପାଇଁ ଯେଉଁ ଅମୂଲ୍ୟ ଉପାଦାନର ଆବଶ୍ୟକତା ଅଛି, ତା'ର ନାମ ସଂଘର୍ଷ। ସଂଘର୍ଷ ନୁହେଁ ବାଦ ପ୍ରତିବାଦର ଅଲିଖିତ ସ୍ୱାକ୍ଷର; ବରଂ ଏଥିରେ ରହିଛି ପରୋପକାରର ମହାନ ଉତ୍ତରଣ। ଶ୍ରୀରାମ ହୁଅନ୍ତୁ ବା ଶ୍ରୀକୃଷ୍ଣ - ଏମାନେ ସଂଘର୍ଷର ଦୁର୍ଗମତାକୁ ଅତିକ୍ରମ କରି ପୁରୁଷୋତ୍ତମର ଶିଖରରେ ଉପନୀତ ହୋଇଛନ୍ତି। ଅଗ୍ନିଦଗ୍ଧ ସୁବର୍ଣ୍ଣର ଔଜ୍ଜ୍ୱଲ୍ୟ ପରି ସଂଘର୍ଷ ଉତ୍ତରିତ ଜୀବନ ହୋଇଉଠେ ମହିମାମଣ୍ଡିତ। ଶ୍ରୀରାମ ରାଜପରିବାରରେ ଜନ୍ମଲାଭ କରି ରାଜାଭିଷେକର ଅବ୍ୟବହିତ ପୂର୍ବରୁ ତାଙ୍କୁ ବରଣ କରିବାକୁ ହେଲା ବନବାସର କ୍ଲିଷ୍ଟତା, ରାବଣ ନିଧନର ଜଟିଳତା ଓ ପତ୍ନୀ ବିଚ୍ଛେଦ ପରି ମାନସିକ ଅବସାଦକୁ। ସେହିପରି ଭଗବାନ ଶ୍ରୀକୃଷ୍ଣଙ୍କ ଜୀବନ ଥିଲା ସଂଘର୍ଷରେ ପରିପୂର୍ଣ୍ଣ। ନିରନ୍ଧ୍ର ଅନ୍ଧକାରାଚ୍ଛନ୍ନ ବନ୍ଦୀଶାଳାରେ ଜନ୍ମଲାଭ କରିବାଠାରୁ ମାତୁଳ ନିଧନର ଅପବାଦ, ମହାଭାରତ ଯୁଦ୍ଧର ବିଭୀଷିକା ଏବଂ ଜାରାଶବରର ଶରାଘାତରେ ପ୍ରାଣ ବିସର୍ଜନ କରିବା ପର୍ଯ୍ୟନ୍ତ ତାଙ୍କୁ ମିଳିନଥିଲା ସଂଘର୍ଷରୁ ସାମାନ୍ୟ ଅବ୍ୟାହତି।

ଆଧୁନିକ ଯୁଗରେ ସଂଘର୍ଷ ବିନା ଜୀବନ କେତେ ନିରର୍ଥକ ତାହା ଆଲୋଚନା ସାପେକ୍ଷ। ପ୍ରେମ ବିବାହ ଅଧିକାଂଶ କ୍ଷେତ୍ରରେ ସମ୍ପ୍ରତି ବିଫଳ ହେଉଥିବାର ଲକ୍ଷ୍ୟ କରାଯାଉଛି। କାରଣ ସେଥିରେ ସଂଘର୍ଷ ନାହିଁ। ସେହିପରି ମେଧାବୀ ଛାତ୍ରଛାତ୍ରୀ ସଂଘର୍ଷମୟ ଜୀବନ ମାଧ୍ୟମରେ ନିଜ ପରିଶ୍ରମକୁ ପୁଞ୍ଜି କରି ପରୀକ୍ଷାରେ ସଫଳତା ପାଇ ଚାକିରିରେ ପ୍ରବେଶ କରନ୍ତି। ସେମାନଙ୍କ ସାଧନା, ପ୍ରଜ୍ଞା ଓ ନିଷ୍ଠା ଅନ୍ୟମାନଙ୍କ ପାଇଁ ପ୍ରେରଣାପ୍ରଦ ହୁଏ। ଚାକିରି କ୍ଷେତ୍ରରେ ଅନ୍ୟାୟ, ଅନୀତିକୁ ପ୍ରଶ୍ରୟ ଦେବା ପାଇଁ ତାଙ୍କ ବିବେକ ତାଙ୍କୁ ବାଧାଦିଏ। ଅପରପକ୍ଷରେ ପରୀକ୍ଷାରେ ଅସାଧୁ ଉପାୟ ଅବଲମ୍ବନ କରି ସଫଳତା ପାଇଥିବା ଛାତ୍ର ଅନ୍ୟାୟ ଉପାୟରେ ଚାକିରି କ୍ଷେତ୍ରରେ ପ୍ରବେଶ କରେ। ସେ ଅନ୍ୟାୟ ପରେ ଅନ୍ୟାୟ କରିଚାଲେ। କାରଣ ସେ ଜାଣେନାହିଁ ସଂଘର୍ଷର ମୂଲ୍ୟ।

ରାଜନୀତି କ୍ଷେତ୍ରରେ ମଧ୍ୟ ସଂଘର୍ଷର ମୂଲ୍ୟ ରହିଛି। ଯେଉଁ ନେତା ନିଜ ଜନସେବା ଓ ଲୋକଙ୍କ ଭଲପାଇବାକୁ ପୁଞ୍ଜି କରି ଜନପ୍ରତିନିଧି ହୁଅନ୍ତି, ତାଙ୍କ ପ୍ରତି ଥାଏ ଜନତାଙ୍କର ଗଭୀର ସମ୍ମାନ। କାରଣ ସେ ସଂଘର୍ଷକୁ ଆପଣେଇଛନ୍ତି। ଅପରପକ୍ଷେ ଜନତାଙ୍କ ଦ୍ୱାରା ପ୍ରତ୍ୟାଖ୍ୟାତ ରାଜନେତା ଅର୍ଥବଳରେ ଭୋଟ ପାଇ ବିଜୟ ବିମଣ୍ଡିତ ହେଲା ପରେ ଲୋକସେବା ବଦଳରେ ପୁଞ୍ଜିସଂଗ୍ରହକୁ ପ୍ରାଥମିକତା ଦେଇ ଏକ ନିନ୍ଦିତ ଚରିତ୍ରର ଅଧିକାରୀ ହୁଏ। ସେହିପରି ଯେଉଁ ପିଲା ପ୍ରତ୍ୟକ୍ଷ କରିଛି ତା'କୁ ମଣିଷ କରିବାକୁ ବାପାମା' କେତେ ସଘର୍ଷ କରିଛନ୍ତି ସେ କୌଣସି ପରିସ୍ଥିତିରେ ବାପାମା'ଙ୍କ ପ୍ରତି ଅବିଚାରିତ ଭାବେ ଅବହେଳା ପ୍ରଦର୍ଶନ କରିପାରିବ ନାହିଁ। ମାତ୍ର ପିଲାଦିନୁ ବିଳାସମୟ ଜୀବନ ଅତିବାହିତ କରିଥିବା ପିତାଙ୍କର ଅର୍ଥକୁ ଅବିଚାରିତ ଭାବେ ବ୍ୟୟ କରିଥିବା ପିଲା କାହୁଁ ବୁଝିବ ପିତାମାତଙ୍କର ବାର୍ଦ୍ଧକ୍ୟର ଆବଶ୍ୟକତା? ମାତାଙ୍କ ପରିବର୍ତ୍ତେ ଘରେ ନିଯୁକ୍ତ ଆୟା ଓ ପରିଚାରିକା ଦ୍ୱାରା ପ୍ରତିପାଳିତ ହୋଇଥିବା ସନ୍ତାନ ମନରେ ନଥାଏ ପିତାମାତାଙ୍କ ପ୍ରତି ସାମନ୍ୟ ସମ୍ମାନବୋଧ। ପୁନଶ୍ଚ ଯେଉଁ ପିତାମାତା ତାଙ୍କ ପିତାମାତାଙ୍କୁ ବାର୍ଦ୍ଧକ୍ୟରେ ସହାୟତା କରି ନ ଥିବେ ଓ ଧନର ସୁଲଭତା ସତ୍ତ୍ୱେ ବୃଦ୍ଧାଶ୍ରମରେ ରହିବାର ସୁବନ୍ଦୋବସ୍ତ କରିଥିବେ, ତାଙ୍କ ସନ୍ତାନ କାହୁଁ ବୁଝିବେ ପିତାମାତାଙ୍କର ମୂଲ୍ୟ? ସେଭଳି ପିଲା ବଡ଼ ହେଲେ କେବେବି ଦରଦୀ ମଣିଷଟିଏ ହୋଇପାରିବ ନାହିଁ। କାରଣ ନା ସେ ବାପାମା'ଙ୍କଠାରୁ ଶିଖିଲା ସଂଘର୍ଷ ନା ନିଜେ ବୁଝିଲା ସଂଘର୍ଷର ମୂଲ୍ୟବୋଧ। ସେ କେବଳ ମଣିଷ ଦେହଧାରୀ ପ୍ରାଣୀଟିଏର ଜୀବନ ଜିଇଁବାରେ ସଫଳ ହୁଏ। ସେ ଜାଣିଲା ନାହିଁ ସଂଘର୍ଷର ପରିଭାଷା।

ଦିବ୍ୟ ଜନନୀ ଶ୍ରୀମା କହନ୍ତି 'ଯେଉଁମାନେ ସତ୍ୟପଥରେ ଚାଲିବା ପାଇଁ ପ୍ରସ୍ତୁତ ହୋଇଛନ୍ତି, ସେମାନେ ଗୋଟିଏ ପରେ ଗୋଟିଏ ଆଘାତକୁ ଅପେକ୍ଷା କରନ୍ତି। କାରଣ ସେମାନେ ଜାଣନ୍ତି ଯେ ଭଗବାନ ସଂଘର୍ଷ ମାଧ୍ୟମରେ ହିଁ ତାଙ୍କୁ ସାହାଯ୍ୟ କରନ୍ତି।' ଶେଷରେ ସ୍ୱଭାବକବିଙ୍କ କବିତାଂଶ ଦୃଷ୍ଟାନ୍ତ ଭାବେ ଗ୍ରହଣ କଲେ ସଂଘର୍ଷର ମୂଲ୍ୟବୋଧ ବୁଝି ହେବ - 'ସୁପ୍ତ ସିଂହ ମୁଖେ ନ ପଶେ ଆହାର, ଶ୍ରମେ ପିପିଲିକା ପୂରାଏ ଉଦର।' ସଂଘର୍ଷବିହୀନ ଜୀବନ ସୁପ୍ତ ସିଂହ ପରି ବୁଭୁକ୍ଷାରେ ପରିପୂର୍ଣ୍ଣ। କିନ୍ତୁ ସଂଘର୍ଷରତ ସାମାନ୍ୟ ପିମ୍ପୁଡ଼ି ଶ୍ରମ ଦ୍ୱାରା ଉଦରପୂରଣ କରେ। ସଂଘର୍ଷ ନଥିଲେ ଜୀବନ ହୁଏ ମୂଲ୍ୟହୀନ।

ସିଦ୍ଧଳ(ଜଗତସିଂହପୁର), ମୋ: ୯୯୩୭୪୫୦୫୪୦

# ଯୋଡ଼ହସ୍ତ ପ୍ରଣାମ

**ଓଜସ୍ୱିନୀ**

ପ୍ରାର୍ଥନା ଓ ସମ୍ଭାଷଣ ସମୟରେ ହାତଯୋଡ଼ି ନମସ୍କାର ବା ପ୍ରଣାମ କରାଯିବାର ପରମ୍ପରା ଆମ ଭାରତୀୟ ସଂସ୍କୃତିରେ ବୈଦିକ ଯୁଗରୁ ପ୍ରଚଳିତ। ଯୋଡ଼ହସ୍ତ ନମସ୍କାର ଭକ୍ତି, ଶ୍ରଦ୍ଧା ଓ ସମ୍ମାନର ପ୍ରତୀକ। ଏହା ଯେତିକି ଆଧ୍ୟାତ୍ମିକ, ସେତିକି ବୈଜ୍ଞାନିକ।

ବେଦ-ବିଜ୍ଞାନ ଅନୁଯାୟୀ ଆମ ଶରୀର ଦୁଇ ଭାଗରେ ବିଭକ୍ତ। ଡାହାଣ ଭାଗ ଇଡ଼ା ଓ ବାମ ଭାଗକୁ ପିଙ୍ଗଳା କୁହାଯାଏ। ଇଡ଼ା ଓ ପିଙ୍ଗଳା ଶିବ ଓ ଶକ୍ତିର ପ୍ରତୀକ। ଶିବ-ଶକ୍ତିଙ୍କ ମିଳିତ ସ୍ୱରୂପ ଅର୍ଦ୍ଧନାରୀଶ୍ୱର ଭାବେ ପୂଜିତ। ତେଣୁ ଯୋଡ଼ହସ୍ତରେ ଆମେ ପ୍ରଥମେ ସେହି ଅର୍ଦ୍ଧନାରୀଶ୍ୱରଙ୍କୁ ଭକ୍ତି ନିବେଦନ କରିଥାଉ। ଏହାଦ୍ୱାରା ଆମ ମସ୍ତିଷ୍କରେ ସକାରାତ୍ମକ ଶକ୍ତି ଉତ୍ପନ୍ନ ହୁଏ, ଯାହା ଆମ ଚିନ୍ତାଚେତନାକୁ ଆଧ୍ୟାତ୍ମିକ ମାର୍ଗରେ ଗତିଶୀଳ କରାଏ। ଦୁଇହାତକୁ ସମାନ ଭାବେ ରଖିବା ଯୋଗକ୍ରିୟାର ମଧ୍ୟ ଏକ ଅଂଶବିଶେଷ। ଯୋଡ଼ହସ୍ତର ପାପୁଲି ହୃଦୟ ବା ଛାତି ନିକଟରେ ରହିଲେ ଆମ ଶରୀରର ଆଜ୍ଞାଚକ୍ର ସକ୍ରିୟ ହୋଇଥାଏ।

ଏବେ ଦେଖିବା ଏହା ପଛର ବୈଜ୍ଞାନିକ କାରଣ। ଆମ ପାପୁଲି ଓ ଆଙ୍ଗୁଠିର ସ୍ନାୟୁ ମସ୍ତିଷ୍କର ମୁଖ୍ୟ ପରିଚାଳନା କେନ୍ଦ୍ର ସହିତ ଜଡ଼ିତ ଓ ନିୟନ୍ତ୍ରିତ। ଦୁଇପାପୁଲି ସମାନ ଭାବେ ଯୋଡ଼ି ହେବା ସମୟରେ ପ୍ରତି ଅଙ୍ଗୁଳିର ସ୍ପର୍ଶ ବିନ୍ଦୁ ଉପରେ ହାଲ୍‌କା ଚାପ ପଡ଼ିଥାଏ।



ସେହି ସ୍ପର୍ଶବିନ୍ଦୁ ସହିତ ସଂଲଗ୍ନ ସ୍ନାୟୁ ବ୍ୟବସ୍ଥା ସକ୍ରିୟ ଓ ଚଳଚଞ୍ଚଳ ହୁଏ। ଏହାଦ୍ୱାରା ମସ୍ତିଷ୍କରେ ଥିବା ପରିଚାଳନା କେନ୍ଦ୍ର ଅଧିକ ସକ୍ରିୟ ହୁଏ। ମସ୍ତିଷ୍କର ସେହିସବୁ ସ୍ନାୟୁ ଦ୍ୱାରା ସ୍ମୃତିଶକ୍ତି ପ୍ରଖର ହେବା ସହିତ ରଚନାତ୍ମକ ଭାବନା ବା ସୃଜନ ଶକ୍ତିର ମଧ୍ୟ ବିକାଶ ଘଟିଥାଏ। ଏହି ଭାବନା ଯୋଗୁଁ ଅବସାଦ ଦୂର ହେବା ସହିତ ଅନିଦ୍ରା, ମୁଣ୍ଡବିନ୍ଧା ସମସ୍ୟା ମଧ୍ୟ ଦୂର ହୋଇଥାଏ। ଆଙ୍ଗୁଠିର ସ୍ନାୟୁ ପରସ୍ପର ଉପରେ ଚାପ ପ୍ରୟୋଗ କରିବା ଦ୍ୱାରା ଦୃଷ୍ଟିଶକ୍ତି ମଧ୍ୟ ବୃଦ୍ଧି ହୁଏ। ତେଣୁ ଆକ୍ୟୁପ୍ରେସର ଓ ଯୋଗ ଶାସ୍ତ୍ରରେ ପାପୁଲି ଓ ଅଙ୍ଗୁଳିର ବିଭିନ୍ନ ସ୍ପର୍ଶବିନ୍ଦୁ ଉପରେ ଚାପକୁ ଅଗ୍ରାଧିକାର ଦିଆଯାଏ।

**ବେଦ-ବିଜ୍ଞାନ**

ନମସ୍କାର ମୁଦ୍ରା ଦୁଇ ପ୍ରକାରର। ଯେତେବେଳେ ଆମେ ଦୈବୀ ସତ୍ତା ବା ଈଶ୍ୱରଙ୍କୁ ଭକ୍ତିପୂତ ପ୍ରାର୍ଥନା ବା ପ୍ରଣାମ କରିଥାଉ ସେତେବେଳେ ଆମେ ଦୁଇପାପୁଲିକୁ ଯୋଡ଼ି ମସ୍ତକ ପାଖରେ ରଖିଥାଉ। ଏହି ମୁଦ୍ରାରେ ଦୁଇ ଯୋଡ଼-ବୃଦ୍ଧାଙ୍ଗୁଳି ଦୁଇ ଆଖି ଓ ନାସା ମଝିରେ ଥିବା କପାଳକୁ ସ୍ପର୍ଶ କରିବାର ବିଧି ରହିଛି। ଏହାପଛର କାରଣ ହେଉଛି ଆମ ଶରୀର ପଞ୍ଚତତ୍ତ୍ୱରେ ଗଢ଼ା। ଦୁଇ ହାତ ପୃଥିବୀ ଓ ଆକାଶର ପ୍ରତିନିଧିତ୍ୱ କରନ୍ତି। ଏହି ଦୁଇ ତତ୍ତ୍ୱ ମିଳିତ ହେବା ଦ୍ୱାରା ଅନ୍ୟ ତିନି ତତ୍ତ୍ୱ ଅଗ୍ନି, ଜଳ ଓ ବାୟୁ ସକ୍ରିୟ ହୁଅନ୍ତି। ଏହି ପଞ୍ଚ ତତ୍ତ୍ୱର ଶକ୍ତି ମିଳିତ ହୋଇ ମହାଶକ୍ତିର ରୂପ ନେଇ କପାଳ ଦେଇ ମସ୍ତିଷ୍କକୁ ପ୍ରବେଶ କରେ ଏବଂ ଆମର ଚିନ୍ତନ ଶକ୍ତିକୁ ତେଜୀୟାନ କରେ।

ନମସ୍କାର ଶବ୍ଦ ସଂସ୍କୃତ ଭାଷା 'ନମଃ'ରୁ ଆସିଛି, ଯାହାର ଅର୍ଥ ହେଉଛି ଜଣେ ବ୍ୟକ୍ତିର ଆତ୍ମା ଦ୍ୱିତୀୟ ବ୍ୟକ୍ତିର ଆତ୍ମା ନିକଟରେ ଧନ୍ୟବାଦ ଅର୍ପଣ କରିବା। ତେଣୁ ଆମେ ଯେତେବେଳେ କୌଣସି ଅତିଥି ଅଭ୍ୟାଗତଙ୍କୁ ସମ୍ଭାଷଣ ପାଇଁ ନମସ୍କାର ମୁଦ୍ରା ପ୍ରଦର୍ଶନ କରୁ ସେତେବେଳେ ଆମ ଯୋଡ଼ ହାତପାପୁଲି ହୃଦୟ ପାଖରେ ରହେ। ଏତଦ୍‌ବ୍ୟତୀତ ନମସ୍କାର ମୁଦ୍ରାରେ ସମ୍ମାନ ଜରିଆରେ ଶାରୀରିକ ସଂସ୍ପର୍ଶ ରହୁ ନଥିବାରୁ ଅନ୍ୟବ୍ୟକ୍ତିର ଶରୀରରେ ଥିବା ନକାରାତ୍ମକ ଶକ୍ତି ଆମ ଶରୀରକୁ ପ୍ରବେଶ କରିପାରେ ନାହିଁ କି ଭୂତାଣୁ ଓ ଜୀବାଣୁ ସଂକ୍ରମିତ ହୁଏ ନାହିଁ। ଏହି କାରଣରୁ କୋଭିଡ୍ ମହାମାରୀ ବେଳେ ବିଶ୍ୱ ସମୁଦାୟ ଭାରତର ମହାନ୍ ପରମ୍ପରା ନମସ୍କାର ମୁଦ୍ରାକୁ ସାଦରେ ସ୍ୱୀକାର କରି ନେଇଥିଲା।

ମୋ: ୭୯୭୮୦୩୮୭୯୯

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଆରପାରିକୁ ଚାଲିଗଲେ ବାପମାଆ

# ଅସହାୟ ଶିଶୁ ଖାମସିଂକୁ ଥଇଥାନ କରିବାକୁ ଦାବି



**ନୂଆପଡ଼ା/କୋମନା, ୧୨।୧୨(ସମିସ):** ଅବେଳରେ ଜଣେ ଶିଶୁଙ୍କ ବାପମାଆ ଆରପାରିକୁ ଚାଲିଗଲେ। ଅସହାୟ ଶିଶୁ ତାଙ୍କର ଜଣେ ସମ୍ପର୍କୀୟ ଘରେ ରହିଛନ୍ତି। ତାଙ୍କୁ ପ୍ରଶାସନ ତରଫରୁ ଉଦ୍ଧାର କରି ବାଳାଶ୍ରମରେ ରଖି ଶିକ୍ଷା ସ୍ୱାସ୍ଥ୍ୟକଥା ବୁଝିବାକୁ ସାଧାରଣରେ ଦାବି ହେଉଛି। ଏଭଳି ଘଟଣା ନୂଆପଡ଼ା ଜିଲ୍ଲା ବୋଡେନ ବ୍ଲକ କେରାପଦର ଗାଁରେ ଦେଖିବାକୁ ମିଳିଛି। ଗାଁର ମାର୍କଣ୍ଡ ପରାଭୁଏ ଆଜିକୁ ଛଅ ବର୍ଷ ତଳେ ଅଜଣା ରୋଗରେ ମୃତ୍ୟୁବରଣ କରିଥିଲେ। ଆଜିକୁ ତିନିମାସ ତଳେ ତାଙ୍କ ସ୍ତ୍ରୀ ବିଶାଖା ମଧ୍ୟ ଆରପାରିକୁ ଚାଲିଗଲେ। ତାଙ୍କର ୫ବର୍ଷର ପୁଅ ଖାମସିଂ ବର୍ତମାନ ନିରାଶ୍ରୟ। ବର୍ତ୍ତମାନ କୋମନା ବ୍ଲକ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତର କାଳିମାଟି ଗାଁରେ ନିଜର ମାମୁଁ ସୁରେଶ ପରାଭୂଏଙ୍କ ଘରେ ରହିଛି। ତାଙ୍କୁ ମାମୁଁ ମାଇଁ ଘରେ ରଖି ସେବା ଶୁଶ୍ରୁଷା କରୁଥିବା ଦେଖାଯାଇଛି। ଏପଟେ ତାଙ୍କ ମାମୁଁଙ୍କ ଘରଦ୍ୱାର ଜମିବାଡି ନଥିବା ବେଳେ ଭଙ୍ଗା ଦଦରା କୁଡିଆରେ କାଳାତିପାତ କରୁଛନ୍ତି। ତାଙ୍କ ଘରେ ମଧ୍ୟ ଦିନକୁ ଦିଓଳି ଖାଦ୍ୟ ଯୋଗାଡ କରିବା ମୁସ୍କିଲ ବୋଲି ଖାମସିଂଙ୍କ ମାଇଁ କୁନ୍ତି ପରାଭୁଏ କହନ୍ତି। ଏପରିକି ଖାମସିଂଙ୍କୁ ଗାଁ ଲୋକେ ଡାକି ଖାଇବାକୁ ମଧ ଦେଉଛନ୍ତି। ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଏହା ଉପରେ ଦୃଷ୍ଟି ଦେଇ ଶିଶୁଙ୍କୁ ଉଦ୍ଧାର କରି ବାଳାଶ୍ରମରେ ରଖିବାର ବ୍ୟବସ୍ଥା କରିବାକୁ କାଳିମାଟି ଗ୍ରାମବାସୀ ଦାବି କରିଛନ୍ତି।

# ଅଚଣ୍ଡା ମହୁଲପାଲିରେ ମହାଲକ୍ଷ୍ମୀ ପୂଜା



**ସୁବଳୟା, ୧୨।୧୨(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବିରମହାରାଜପୁର ବ୍ଲକ କେନଝରିଆପାଲି ପଞ୍ଚାୟତ ଅନ୍ତର୍ଗତ ଅଚଣ୍ଡା ମହୁଲପାଲିରେ ୫୪ତମ ମହାଲକ୍ଷ୍ମୀ ପୂଜା ପାଳିତ ହୋଇଯାଇଛି। ମାର୍ଗଶିର ମାସ ଶେଷ ଗୁରୁବାର ଅବସରରେ ଗୁରୁବାର ସକାଳୁ ନିକଟସ୍ଥ ପୋଖରୀରେ ଗଙ୍ଗା ଦେବୀଙ୍କୁ ଆବାହନ କରି ପୂଜାର୍ଚ୍ଚନା କରାଯାଇଥିଲା। ପୂର୍ଣ୍ଣ କଳସି ଧରି ନଗର ପରିକ୍ରମା କରିବା ସହ ପୂଜା ମଣ୍ଡପରେ କଳସ ସ୍ଥାପନ କରି ମହାଲକ୍ଷ୍ମୀଙ୍କୁ ଆରାଧନା କରି ପୂଜା ଆରମ୍ଭ ହୋଇଥିଲା। ଉକ୍ତ ପୂଜା ୩ ଦିନ ଧରି ହେବାକୁ ଥିବା ବେଳେ ଶୁକ୍ରବାର ଅଷ୍ଟପ୍ରହରୀ ନାମଯଜ୍ଞ ଓ ପରଦିନ ସୁନ୍ଦରକାଣ୍ଡ ପରାୟଣ ହେବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି। ପୂଜକ ଭୀଷ୍ମ ପାଣିଗ୍ରାହୀ ଓ ଦେବାଶିଷ ପଣ୍ଡା ପୂଜା କାର୍ଯ୍ୟ ତୁଲାଇଥିବା ବେଳେ ମାଧବ ପଧାନ, ଧ୍ରୁବ ଗାଇଗରିଆ, ଗୋପବନ୍ଧୁ ପଧାନ ଧର୍ମପତ୍ନୀ କର୍ତ୍ତା ଦାୟିତ୍ୱ ତୁଲାଉଛନ୍ତି।ପ୍ରହଲ୍ଲାଦ ଗାଇଗରିଆ, ବିଶ୍?ମ୍ବର ପଧାନ, ଅର୍ଜୁନ ପଧାନ, ଇଶ୍ୱର ଗାଇଗରିଆ କୈଳାଶ ପଧାନ, ରଞ୍ଜନ ପଧାନ ଆନନ୍ଦ ପଧାନ, ନୀଳାଞ୍ଚଳ ଗାଇଗରିଆ, ମଣ୍ଟୁ ପଧାନ ଓ ଅଚଣ୍ଡା ମହୁଲପାଲି ଗ୍ରାମବାସୀ ସହଯୋଗ କରୁଛନ୍ତି।

## ଶିକ୍ଷକଙ୍କ ଘରୁ ମୃତଦେହ ଉଦ୍ଧାର ଘଟଣା

# ଜେଲ ଗଲେ ଶିକ୍ଷକ

**ନୂଆପଡ଼ା, ୧୨।୧୨(ସମିସ)**

ନୂଆପଡ଼ା ଜିଲ୍ଲା ସଦର ମହକୁମାଠାରୁ ମାତ୍ର ୫ କିମି ଦୂର ବରଗଡ଼ ରାସ୍ତାରେ ପରଶଖୋଲ ଛକରେ ଜଣେ ଶିକ୍ଷକଙ୍କ ଘର କ୍ୟାମ୍ପସରୁ ମୃତଦେହ ଉଦ୍ଧାର ହେବା ଘଟଣାର ଦୁଇ ଦିନ ପରେ ଆତ୍ମହତ୍ୟା କରିବାକୁ ପ୍ରବର୍ତ୍ତାଇବା ତଥା ଆତ୍ମହତ୍ୟାର କାରଣ ସାଜିଥିବା ଶିକ୍ଷକଙ୍କୁ ନୂଆପଡ଼ା ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ପ୍ରାପ୍ତ ଖବର ଅନୁଯାୟୀ ପରଶଖୋଲ ଛକରେ ଶିକ୍ଷକ ଶ୍ରୀଧର ସାହୁଙ୍କ ଘର। ଖରିଆରରୋଡ ଥାନା ଅଞ୍ଚଳର ମହତମତରା ଗାଁର ନାରାୟଣ ବିହାରୀ(୬୨)ଏକ ଜମି ବିକ୍ରି କରିବ ବୋଲି ଶ୍ରୀଧରଙ୍କଠାରୁ ୫ହଜାର ଟଙ୍କା ଅଗ୍ରୀମ ନେଇଥିଲେ।ପରେ ସେହି ଜମିକୁ ଅନ୍ୟକୁ ବିକ୍ରି କରିଦେଇଥିଲେ।ସେହି ଦିନଠାରୁ ନାରାୟଣଙ୍କ ଦେଖା ମିଳୁନଥିଲା। ମଙ୍ଗଳବାର ସଂଧ୍ୟାରେ ନାରାୟଣ ଏହି ରାସ୍ତା ଦେଇ ସାଇକଲରେ ଯାଉଥିବା ସମୟରେ ଶ୍ରୀଧରଙ୍କ ବାପ ପୁଅ ଦେଖି ତାଙ୍କ ପିଛା କରି ଅଟକାଇଥିଲେ। ନାରାୟଣ ସାଇକଲ ଛାଡି ଦୌଡିବାକୁ ପ୍ରୟାସ କରୁଥିବା ସମୟରେ ତାଙ୍କୁ ଧରି ଟେକି ନେଇ ଘରକୁ ଯାଇଥିଲେ।ଏକ ଘରେ ବନ୍ଦ କରି ରଖିଦେଇଥିବା ବେଳେ

**ରାସ୍ତାରୁ ଟେକି ନେଇ ମାରିଥିଲେ ବାପ ପୁଅ**

କିଛି ସମୟ ପରେ ବେକରେ ରସି ଲଗାଇ ଆତ୍ମହତ୍ୟା କରିଥିବା କୁହାଯାଇଛି। ନରାୟଣ ମରିଯାଇଥିବା ଖବର ପାଇ ନୂଆପଡ଼ା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିଥିଲେ। ପରେ ପାରିପାର୍ଶ୍ୱିକ ସ୍ଥିତି ଦେଖି ଶ୍ରୀଧରଙ୍କୁ ମଧ ଥାନାକୁ ଆଣି ଅଟକ ରଖିଥିଲେ। ଏହାକୁ ନେଇ କେଶ ନମ୍ବର ୨୪୩ରେ ମାମଲା ରୁଜୁ କରାଯାଇଥିବା ବେଳେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏହା ହତ୍ୟା ନୁହେଁ ବରଂ ଆତ୍ମହତ୍ୟା କରିବାକୁ ବାଧ କରାଯାଇଥିଲା ବୋଲି ଶ୍ରୀଧରଙ୍କୁ ଗିରଫ କରି ଗୁରୁବାର ଦିନ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ଗଙ୍ଗାଧର ମେହେର ସୂଚନା ଦେଇଛନ୍ତି।

# ପାନୀୟ ଜଳ ପ୍ରକଳ୍ପ ଓ ନଳକୂପ ଅଚଳ



**ସୁବଳୟା, ୧୨।୧୨(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ କେନଝିରିଆପାଲି ପଞ୍ଚାୟତ ଅନ୍ତର୍ଗତ ଖଇରମାଲ ଗାଁ ଗୋଠପଡ଼ାରେ ଥିବା ନଳକୂପ ଗୋଟିଏ ମାସରୁ ଉର୍ଦ୍ଧ୍ୱ ହେଲା ଅଚଳ ଅବସ୍ଥାରେ ପଡ଼ିରହିଛି। ଗାଁ ରେ ଥିବା ପାନୀୟ ଜଳ ପ୍ରକଳ୍ପ ମଧ୍ୟ ୨ମାସ ହେବ ଅଚଳ ହୋଇ ପଡ଼ିଛି। ଉକ୍ତ ନଳକୂପ ଉପରେ ୧୫ ଟି ପରିବାର ନିର୍ଭର କରୁଥିବା ବେଳେ ରାସ୍ତାରେ ଯାଉଥିବା ଲୋକେ ମଧ୍ୟ ପିଇବାକୁ ପାଣି ଟୋପାଏ ପାଇ ପାରୁନାହାନ୍ତି। ଉକ୍ତ ଗାଁର ପ୍ରଦୀପ ପଧାନ ନଳକୂପ ସଜାଡିବା ପାଇଁ ବସୁଧା ଯୋଜନା ହେଲ୍ପ ଲାଇନ୍‌କୁ ବହୁତ ଥର ଅଭିଯୋଗ କରିଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନ ଥିବା ଅଭିଯୋଗ କରିଛନ୍ତି। ଏନେଇ ସରପଞ୍ଚଙ୍କୁ ପଚାରିବାରୁ ଖୁବ ଶୀଘ୍ର ନଳକୂପ ମରାମତି କରାଇବା ପାଇଁ ପଦକ୍ଷେପ ନେବେ ବୋଲି କହିଛନ୍ତି। ଜିଲ୍ଲା ପ୍ରଶାସନ ପଦକ୍ଷେପ ନେବାପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ମରଣଯନ୍ତା ପାଲଟିଛି କେଶଲଗା ରାସ୍ତା



**ସୁବଳୟା, ୧୨।୧୨(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବହଳପଦର ଠାରୁ କେଶଲଗା ପର୍ଯ୍ୟନ୍ତ ପୂର୍ବରୁ ହୋଇଥିବା ପ୍ରଧାନମନ୍ତ୍ରୀ ସଡକ ପିଚୁ ଦବିଯିବବା ଫଳରେ ରାସ୍ତା ଶୋଚନୀୟ ହୋଇପଡ଼ିଛି। ସୂଚନା ଥାଉକି ଦାଦରପାଲି ଠାରୁ କେଶଲଗାକୁ ସଂଯୋଗ କରିବା ପାଇଁ ପ୍ରଧାନମନ୍ତ୍ରୀ ସଡକ ରାସ୍ତା ପାଇଁ ତିଆରି କରିବା ପାଇଁ ଆବଶ୍ୟକୀୟ ବାଲି, ମେଟାଲ, ଚିପ୍ସ, ଡଷ୍ଟ ଆଣି କେଶଲଗା ଥରେ ଠିକାସଂସ୍ଥା କ୍ୟାମ୍ପ କରିଛି। ହାୱା ଗାଡି ଗୁଡିକରେ ଅଧିକ ଓଜନ ନେଇ ପୂର୍ବରୁ ତିଆରି ହୋଇଥିବା ରାସ୍ତାରେ ଯାତାୟାତ କରିବା ଫଳରେ ରାସ୍ତାର ପିଚୁ ଦବିଯାଇ ବଡବଡ ଗର୍ତ୍ତ ସୃଷ୍ଟି ହୋଇଛି। ରାସ୍ତାରୁ ପିଚୁ ଗୁଡିକ ମଧ୍ୟ ଫାଟି ଯାଇଛି। ପୂର୍ବରୁ ମଧ୍ୟ ଉକ୍ତ ରାସ୍ତାକାମ ବେଳେ ନିମ୍ନମାନର କାମ ହୋଇଥିବା ଅଭିଯୋଗ ହେଉଛି। ଉକ୍ତ ରାସ୍ତାରେ ବଡ଼ବଡ଼ ଗର୍ତ୍ତ ସୃଷ୍ଟି ହେବା ଫଳରେ ଛୋଟ ବଡ ଦୁର୍ଘଟଣାମାନ ହେଉଥିବା ଅଭିଯୋଗ ହେଉଛି। ଏନେଇ ବିଭାଗୀୟ ଯନ୍ତ୍ରୀ ସୁନୀଲ ଦେହୁରୀଙ୍କୁ ଯୋଗାଯୋଗ କରିବାରୁ ମୁଁ ସେହିରାସ୍ତାର ଫୋଟ କରି ଦେଇଛି ଫଣ୍ଡ ଆସିଲେ ମରାମତି କରିଦେବୁ ବୋଲି କହିଛନ୍ତି। ଜିଲ୍ଲା ପ୍ରଶାସନ ଓ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ବିହିତ ପଦକ୍ଷେପ ନେବା ସହ ତୁରନ୍ତ ରାସ୍ତା ମରାମତି କରିବା ପାଇଁ ଜନସାଧାରଣରେ ଦାବି ହୋଇଛି।

# ୧୭ରେ ଜିଲ୍ଲାସ୍ତରୀୟ ଯୁବ ଉତ୍ସବ



**ସୋନପୁର, ୧୨।୧୨ (ସମିସ):** ଜିଲ୍ଲାସ୍ତରୀୟ ଯୁବ ଉତ୍ସବ ତଥା ରାଜ୍ୟସ୍ତରରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ଯୁବ ଉତ୍ସବ ୨୦୨୫ ପାଇଁ ଜିଲ୍ଲାରୁ ପ୍ରେରଣ କରିବାକୁ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝିଙ୍କ ପୌରାହିତ୍ୟରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୧୭ ତାରିଖ ଦିନ ସ୍ଥାନୀୟ ସଂସ୍କୃତି ଭବନ ଠାରେ ଜାତୀୟ ଯୁବ ଉତ୍ସବ ୨୦୨୫ଲାଗି ରାଜ୍ୟସ୍ତରକୁ ପ୍ରତିଯୋଗୀ ପଠାଇବା ପାଇଁ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ କରାଯିବ।ଉକ୍ତ ଦିନ ଜିଲ୍ଲାର ୧୫ ବର୍ଷରୁ ୨୯ ବର୍ଷର ଯୁବ ବର୍ଗଙ୍କ ମଧ୍ୟରେ ଦଳଗତ ଲୋକନୃତ୍ୟ, ଦଳଗତ ଲୋକ ସଙ୍ଗୀତ, ଏକକ ଲୋକନୃତ୍ୟ, ଏକକ ଲୋକ ସଙ୍ଗୀତ, ହିନ୍ଦୀ ଓ ଇଂରାଜୀ ଭାଷାର ପଦ୍ୟ ପଠନ, ଗଳ୍ପ ଲିଖନ, ଚିତ୍ରକଳା, ହିନ୍ଦୀ ଓ ଇଂରାଜୀ ଭାଷାରେ ବକ୍ତୃତା ଆଦି ପ୍ରତିଯୋଗିତା କରାଯିବ। ପ୍ରତିଯୋଗିତାରେ ସଫଳ ପ୍ରତିଯୋଗୀଙ୍କୁ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ ତଥା ଜିଲ୍ଲାରୁ ପ୍ରତିନିଧିତ୍ୱ କରିବା ଲାଗି ପ୍ରେରଣ କରାଯିବ। ଆସନ୍ତା ୧୭ ତାରିଖରେ ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ଥିବା ବେଳେ ପ୍ରତିଯୋଗିତା ଲାଗି ପଞ୍ଜୀକରଣ ସକାଳ ୮.୩୦ ରୁ ୧୦ଟା ମଧ୍ୟରେ ହେବ। ପ୍ରତିଯୋଗୀ ନିଜର ଉପଯୁକ୍ତ ପରିଚୟ ନିମନ୍ତେ ଆଧାର କାର୍ଡ ଦେଖାଇବା ନିହାତି ଆବଶ୍ୟକ।ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ ସମସ୍ତ ସଦସ୍ୟଙ୍କୁ ସ୍ୱାଗତ ଜଣାଇ ବୈଠକର ଆଭିମୁଖ୍ୟ ଉପସ୍ଥାପନା କରିଥିଲେ। ସୋନପୁର ଉପଜିଲ୍ଲାପାଳ ଡ.ସୌମ୍ୟାରୁପା ରଥ, ଜିଲ୍ଲା ସଂସ୍କୃତି ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ, ଗୋଷ୍ଠୀ ଶିକ୍ଷା ଅଧିକାରୀ, ସୋନପୁର ମହାବିଦ୍ୟାଳୟ କଲେଜ ଅଧକ୍ଷ ଓ ବୀରମହାରାଜପୁର କଲେଜ ପ୍ରତିନିଧି ପ୍ରମୁଖ ଯୋଗଦାନ କରି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ସାର୍ବଜନୀନ ସ୍ୱାସ୍ଥ୍ୟସେବା ଦିବସ ପାଳିତ



**ସୋନପୁର, ୧୨।୧୨(ସମିସ):** ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ସ୍ଥାନୀୟ ସରକାରୀ ଏନ୍‌ଏମ ତାଲିମ ସଭା ଗୃହରେ ଜିଲ୍ଲାସ୍ତରୀୟ ସାର୍ବଜନୀନ ସ୍ୱାସ୍ଥ୍ୟ ସେବା ଦିବସ-୨୦୨୪ ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା ଗୋପାଳ ଚନ୍ଦ୍ର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଟିବି) ଡ଼ା ପଦ୍ମହଂସ ଦୋରା, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ରୋଗ ନିୟନ୍ତ୍ରଣ) ଡ଼ା ରମେଶ ଚନ୍ଦ୍ର ସ୍ୱାଇଁ, ଆସିଷ୍ଟାଣ୍ଟ ପ୍ରଫେସର ସଞ୍ଜୟ କୁମାର ପ୍ରଧାନ, ସ୍ମିତାଶ୍ରୀ ନାୟକ, ସାହେଲି ହଲଦାର ଓ ଡିପିଏମ୍ ବିଶ୍ୱମ୍ବର ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସାର୍ବଜନୀନ ପ୍ରାଥମିକ ସ୍ୱାସ୍ଥ୍ୟ ସେବା ସହଜରେ, ସୁବିଧାରେ, ସବୁଠାରେ ଓ ବିନା ଖର୍ଚ୍ଚରେ ଉପଲବ୍ଧ କରିବା ପାଇଁ ଜନ ସଚେତନତା ସୃଷ୍ଟି କରି ସୁସ୍ଥ ସୁନ୍ଦର ସମାଜ ଗଠନ ଦିଗରେ ସହାୟକ ହେବା ପାଇଁ ଆହ୍ୱାନ ଦିଆଯାଇଥିଲା। ଏନେଇ ଜାଣିବା, ବୁଝିବା ଓ ଅନ୍ୟମାନଙ୍କୁ ବୁଝାଇବା ଉପରେ ଅତିଥି ଗୁରୁତ୍ୱାରୋପ କରିଥିଲେ। ସଭାରେ ଆଶା, ଏଏନଏମ ଛାତ୍ରଛାତ୍ରୀ, ନର୍ସିଂ ଅଫିସର, ସମସ୍ତ କନସଲାଣ୍ଟ, ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ଓ ଅଧିକାରୀ ବୃନ୍ଦ ଉପସ୍ଥିତ ଥିଲେ। ଡ୍ରଇଁ ଏବଂ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ୨୦ ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥି ବୃନ୍ଦ ସାର୍ଟିଫିକେଟ ସହିତ ଟ୍ରଫି ପ୍ରଦାନ କରିଥିଲେ। ତରଣୀ ସେନ ପ୍ରଧାନ ଏବଂ ଗୀତାଞ୍ଜଳି ମେହେର ସହଯୋଗ କରିଥିଲେ। ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ବୃନ୍ଦାବନ ସାହୁ ସଭା ପରିଚାଳନା କରିଥିବା ବେଳେ ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରମୋଦ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଫୁଲମୁଠୀ ଗୋକୁଳାଷ୍ଟମୀ ଯାତ୍ରା

# ବତ୍ସାସୁର ନିଧନରେ କଂସ ମର୍ମାହତ

**ବିନିକା, ୧୨।୧୨(ସମିସ):** ବିନିକା ବ୍ଲକ ଅନ୍ତର୍ଗତ ଫୁଲମୁଠି ବ୍ରଜ ବିହାରୀ ନୃତ୍ୟକଳା ପରିଷଦ ପକ୍ଷରୁ ଚାଲିଥିବା ଗୋକୁଳାଷ୍ଟମୀ ଯାତ୍ରାର ଗୁରୁବାର ଷଷ୍ଠ ସନ୍ଧ୍ୟାରେ ସ୍ଥାନୀୟ ମହୁଲଟିକ୍ରା ପଡ଼ିଆ ମଥୁରା ନଗରୀ ରାଜଦରବାରକୁ ମହାରାଜ କଂସ ତାଙ୍କ ସୈନ୍ୟ ସାମନ୍ତଙ୍କ ସହ ଆସିଥିଲେ। କୃଷ୍ଣଙ୍କୁ ମାରିବା ପାଇଁ ପଠାଇଥିବା ବକାସୁର ମୃତ୍ୟୁ ଖବର ଶୁଣି ମର୍ମାହତ ହୋଇ ଭାଙ୍ଗି ପଡ଼ିଥିଲେ। ମହାରାଜଙ୍କୁ ଶାନ୍ତ କରିବାକୁ ଯାଇ ଦରବାରରେ ଅତିଥି ଓ ମଥୁରାବାସୀଙ୍କ ମନୋରଞ୍ଜନ ପାଇଁ ମନ୍ତ୍ରୀଙ୍କ ପରାମର୍ଶରେ କଳାକାରଙ୍କ ଦ୍ୱାରା ନାଚ, ଗୀତ କାର୍ଯ୍ୟକ୍ରମ ହୋଇଥିଲା। ସେହିପରି ଅନ୍ୟ ପକ୍ଷରେ ଗୋପପୁରରେ କୃଷ୍ଣ ବଳରାମ କଂସ ପ୍ରେରିତ ରାକ୍ଷସଙ୍କ ସହ ଘମାଘୋଟ ଯୁଦ୍ଧ କରି ତାକୁ ନିଧନ କରିବା ଦୃଶ୍ୟ ପ୍ରଦର୍ଶିତ ହୋଇଥିଲା।ଯାତ୍ରା ଦେଖିବା ପାଇଁ ପ୍ରବଳ ଜନସମାଗମ ହୋଇଥିଲା। ବିଭିନ୍ନ ସ୍ଥାନରେ ପୋଲିସ ବାହିନୀ, ଯାତ୍ରା କମିଟିର ସମସ୍ତ ସଦସ୍ୟ ରହି ଶାନ୍ତିଶୃଙ୍ଖଳା ରକ୍ଷା ଦିଗରେ ସମସ୍ତଙ୍କୁ ନିବେଦନ କରିଥିଲେ।



# ଡୁଲେଶ୍ୱର କପ୍ ; ଝାରସୁଗୁଡ଼ା ଚାମ୍ପିଅନ



**ସୁବଳୟା, ୧୨।୧୨(ସମିସ)**

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ପିତାମହୁଲ ପଞ୍ଚାୟତ ଡୁଲେଶ୍ୱର ଗ୍ରାମରେ ମାଁ ବାଗ୍ ଦେବୀ କ୍ଲବ୍ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ମାଁ ସୁରେଶ୍ୱରୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଡୁଲେଶ୍ୱର କପ୍ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି।ଶେଷ ଦିବସର ପ୍ରଥମ ପର୍ଯ୍ୟାୟରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ପରିଷଦ ସଭ୍ୟ ଲବ କୁମାର ସାହୁ, ପିତାମହୁଲ ପଞ୍ଚାୟତର ସମିତି ସଭ୍ୟ ସଇଁଦୁ ସାହୁ, ଗ୍ରାମର ମୁଖ୍ୟ ତଥା ପୂର୍ବତନ କଂଗ୍ରେସ ନେତା ରୁଦ୍ରନାରାୟଣ ସିଂ ସାମନ୍ତ ଓ ଲକ୍ଷ୍ମଣ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଫାଇନାଲ ଦିବସରେ ସେମିଫାଇନାଲରୁ ବିଜୟ କରିଥିବା ଉଭୟ ଦଳ ଝାରସୁଗୁଡ଼ା ଓ ବଲାଙ୍ଗୀର ମଧ୍ୟରେ ତିନୋଟି ପର୍ଯ୍ୟାୟ ୧୦ ଓଭର, ୭ ଓଭର ଓ ୨ ଓଭରର ମ୍ୟାଚ୍ ହୋଇଥିଲା। ପ୍ରଥମେ ବଲାଙ୍ଗୀର ଦଳ ବ୍ୟାଟିଂ କରି ବିଜୟ ଲାଭ କରିଥିଲା। ଦ୍ୱିତୀୟ ମ୍ୟାଚ୍‌ରେ ଝାରସୁଗୁଡ଼ା ଓ ତୃତୀୟ ମ୍ୟାଚରେ ମଧ ଝାରସୁଗୁଡ଼ା ଦଳ ବିଜୟ ଲାଭ କରି ଚାମ୍ପିଅନ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ବୀରମହାରାଜପୁର ବ୍ଲକ ଉପାଧକ୍ଷ ନାରାୟଣ ଲୁହା, ପିତାମହୁଲ ସରପଞ୍ଚ ଆକସ୍ମିକ ବଡ଼ିଆ, ଚମ୍ପାମାଳ ସମିତି ସଭ୍ୟ ଲକ୍ଷ୍ମୀନାରାୟଣ ପୁରୋହିତ, ବିଜେପି ନେତା ଭିଷ୍ମ ଦନ୍ତା ଓ ସାମାଜସେବୀ ଶ୍ରୀକାନ୍ତ କର୍ମୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କରି ପୁରସ୍କାର ବିତରଣ କରିଥିଲେ। ଖେଳ ପରିଚାଳକ ଭାବେ ଦର୍ଶନୀ ଅଦର, ବସନ୍ତ ପ୍ରଧାନ ଓ ଭିଷ୍ମଲୋଚନ ବାଘ ଦାୟିତ୍ୱ ନେଇଥିଲେ। ଧିରେନ୍ ସାହୁ ଖେଳ ଧାରା ବିବରଣୀ ଓ ନିଳାଚଳ ପ୍ରଧାନ ସ୍କୋର ବୋର୍ଡ ଦାୟିତ୍ୱରେ ଥିଲେ। କମିଟିର ଆଦିକାନ୍ତ ପଣ୍ଡା ଅତିଥିଙ୍କ ପରିଚୟ ପ୍ରଦାନ କରିବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ମାଁ ମାହେଶ୍ୱରୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ଅଡ଼ାଲ ଦଳ ଚାମ୍ପିଅନ

**ବୀରମହାରାଜପୁର, ୧୨।୧୨ (ସମିସ):** ବୀରମହାରାଜପୁର ବ୍ଲକ ଭାଲିଆପଦର ଖେଳ ପଡ଼ିଆରେ ଚାଲିଥିବା ମାଁ ମାହେଶ୍ୱରୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଗୁରୁବାର ଥିଲା ଫାଇନାଲ ମ୍ୟାଚ୍। ତିନୋଟି ଫର୍ମାଟରେ ମ୍ୟାଚ୍ ହୋଇଥିଲା। ପ୍ରଥମ ମ୍ୟାଚ୍ ୧୦ ଓଭର ବିଶିଷ୍ଟ ହୋଇଥିଲା। ଅଡାଲ ପ୍ରଥମେ ବ୍ୟାଟିଂ କରି ୮୫ ରନ୍ ସଂଗ୍ରହ କରିଥିଲେ। ପ୍ରତିପକ୍ଷ ଡିକୁଡା ଦଳ ୮ ଓଭରରେ ସମସ୍ତେ ଆଉଟ୍ ହୋଇଯାଇଥିଲେ। ଦ୍ୱିତୀୟ ଫର୍ମାଟ ମ୍ୟାଚ୍ ଆରମ୍ଭ ହୋଇଥିଲା ୮ ଓଭର ବିଶିଷ୍ଟ। ପ୍ରଥମେ ଅଡ଼ାଲ ଦଳ ବ୍ୟାଟିଂ କରି ୮୮ ରନ୍ କରିଥିଲା ୮୯ରନ୍ ଲକ୍ଷ୍ୟରେ ପଡ଼ିଆକୁ ଓହ୍ଲାଇ ଥିବା ଡିକୁଡା ଦଳ ମାତ୍ର ୯ରନ୍‌ରେ ପରାସ୍ତ ହୋଇଥିଲେ। କ୍ରମାଗତ ଦୁଇଟି ମ୍ୟାଚ୍‌ରେ ଅଡାଲ ଦଳ ବିଜୟୀ ହେବାରୁ ବିଜୟୀ ଘୋଷିତ କରାଯାଇଥିଲା। ଫାଇନାଲ ମ୍ୟାଚରେ ଅତିଥି ଭାବରେ ବ୍ଲକ ଅଧକ୍ଷା ଶାନ୍ତି ଲୁହା, ଅଧକ୍ଷ ବିବସ୍ୱତି ପଣ୍ଡା, ସୁରୁ ମହାକୁର, ଜିଲ୍ଲା ପରିଷଦ ସଦସ୍ୟ ଲବ କୁମାର ସାହୁ ପ୍ରମୁଖ ଯୋଗଦାନ କରି ବିଜୟୀ ଦଳକୁ ପୁରସ୍କୃତ କରିଥିଲେ। ଫାଇନାଲ ମ୍ୟାଚ୍‌ର ଧାରା ବିବରଣୀ ପ୍ରଦାନ କରିଥିଲେ ଧୂମକେତୁ ମେହେର। ସମାଜସେବୀ ନିରୋଦ ପାଣ୍ଡେ, ରାଜେଶ ମିଶ୍ର, ରବି କର୍ଣ୍ଣ, ବିଜୟ ପ୍ରଧାନ ଶିବରାମପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଅମ୍ପିୟାର ଭାବେ ଅଭିଷେକ ପଣ୍ଡା, ରାଜକୁମାର ମହାନନ୍ଦ ପ୍ରମୁଖ କାର୍ଯ୍ୟନିର୍ବାହ କରିଥିଲେ।ସହଯୋଗ କରିଥିଲେ ରକି ହାତୀ, ରିଙ୍କୁ ହାତୀ, ସତ୍ୟ ମୋହନ ବସ୍ତିଆ ଓ କମିଟିର ସମସ୍ତ ସଦସ୍ୟ।



# ଏଏନ୍‌ଏମ୍ ତାଲିମ କେନ୍ଦ୍ରରେ ଯୋଗ ଶିବିର



**ବୌଦ୍ଧ, ୧୨।୧୨(ସମିସ):** ଡିସେମ୍ବର ୧୨ ତାରିଖକୁ ସ୍ୱାସ୍ଥ୍ୟ ବିଭାଗ ତରଫରୁ ସାର୍ବଜନୀନ ସ୍ୱାସ୍ଥ୍ୟସେବା ଦିବସ ଭାବେ ପାଳନ କରାଯାଉଛି। ଏହି ଅବସରରେ ସ୍ଥାନୀୟ ଏଏନଏମ ତାଲିମ କେନ୍ଦ୍ର ପରିସରରେ ଯୋଗ ଶିବିର ଆୟୋଜିତ ହୋଇଯାଇଛି। ଏହାକୁ ମୁଖ୍ୟ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଜୟକୃଷ୍ଣ ମିଶ୍ର ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଯୋଗ ପ୍ରଶିକ୍ଷକ ଯୋଗଗୁରୁ ଦେବାଶିଷ ପୁରୋହିତ ଯୋଗଦେଇ ବ୍ୟାୟାମ, ଆସନ ଓ ପ୍ରାଣାୟାମ ଅଭ୍ୟାସ କରାଇଥିଲେ। ଅଷ୍ଟାଙ୍ଗ ଯୋଗ ଅଭ୍ୟାସ କରିବା ଦ୍ୱାରା ଶରୀରରେ ଥିବା ଅଷ୍ଟଚକ୍ର ସକ୍ରିୟ ରଖା ଯାଇପାରିବ ବୋଲି ସେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଏଏନଏମ ତାଲିମ୍ କେନ୍ଦ୍ରରେ ଅଧ୍ୟୟନ କରୁଥିବା ଛାତ୍ରୀ ଏବଂ ସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟରତ ସମସ୍ତ ଅଧିକାରୀ ଓ କର୍ମଚାରୀ ଯୋଗ ଦେଇ ଯୋଗାଭ୍ୟାସ କରିଥିଲେ। ଶେଷରେ ହସ ଥେରାପି ମାଧ୍ୟମରେ ଦୀର୍ଘ ସମୟ ହାସ୍ୟାସନ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଚିକିତ୍ସା ଅଧିକାରୀ କିଶୋର ଚନ୍ଦ୍ର ପଟ୍ଟନାୟକ ଯୋଗଦେଇ ଯୋଗ ଦ୍ୱାରା ରାଷ୍ଟ୍ରର ଅର୍ଥନୀତି ପାଇଁ ଶୁଭଙ୍କର ବୋଲି ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମକୁ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ମିଶନ ଡିପିଏମ୍ ରୂପକ୍ ମହାପାତ୍ର ପରିଚାଳନା କରିବା ସହିତ ସବୁଦିନ ଯୋଗାଭ୍ୟାସ କରିବା ପାଇଁ ପରାମର୍ଶ ପ୍ରଦାନ କରିଥିଲେ।

# ଅଙ୍ଗନବାଡ଼ି କର୍ମୀ ନିଯୁକ୍ତିରେ ତଞ୍ଚକତା

**୧୮ ରେ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ଧାରଣା**

**ଶଗଡ଼ା, ୧୨।୧୨(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଲମ୍ବସରୀ ପଞ୍ଚାୟତ ଗୁହିରାପାଲି ଅଙ୍ଗନବାଡି କେନ୍ଦ୍ରରେ କର୍ମୀ ନିଯୁକ୍ତିରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଅନିୟମିତତାକୁ ନେଇ ଗୁହିରାପାଲି ଗ୍ରାମର ମହିଳାମାନେ ଅନେକ ଥର ଅଭିଯୋଗ କରିଛନ୍ତି; ହେଲେ ଏହାର କୌଣସି ତଦନ୍ତ ହୋଇନି। ଏଣୁ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ନେଇ ଗ୍ରାମର ମହିଳାମାନେ କଣ୍ଟାମାଳରେ ହୋଇଥିବା ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରିଛନ୍ତି। ୧୮ ତାରିଖ ମଧ୍ୟରେ ଏହାର କୌଣସି ସମାଧାନ ନ ହେଲେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି କଡା ଚେତାବନୀ ଦେଇଛନ୍ତି।

କଣ୍ଟାମାଳ ବ୍ଲକ ଗୁହିରାପାଲି ଗ୍ରାମର ଅଙ୍ଗନବାଡି କେନ୍ଦ୍ରରେ ଖାଲିଥିବା କର୍ମୀ ନିଯୁକ୍ତି ପାଇଁ ସେହି ଗ୍ରାମର ସମସ୍ତ ଗ୍ରାମବାସୀଙ୍କ ସହମତି କ୍ରମେ ସତ୍ୟବାଦୀ କହଁରଙ୍କ ସ୍ତ୍ରୀ ନିଳେନ୍ଦ୍ରି ମାଝୀଙ୍କୁ ଚୟନ କରାଯାଇଥିଲା। ସେହି ଗ୍ରାମର ବୋହୂ ଭାବେ ଆବଶ୍ୟକ ଯୋଗ୍ୟତା ଭିତ୍ତିରେ ଅନଲାଇନରେ ଆବେଦନ କରିଥିଲେ। ତେବେ ଆଇସିଡ଼ିଏସ କାର୍ଯ୍ୟାଳୟ ପକ୍ଷରୁ ସିଡିପିଓଙ୍କ ଆଦେଶ କ୍ରମେ ନିକଟସ୍ଥ କୁଲିହାପାଲି ଗ୍ରାମର ସଙ୍ଗୀତା ବାରିକଙ୍କୁ ନୂତନ ଅଙ୍ଗନବାଡି କର୍ମୀ ଭାବେ ନିଯୁକ୍ତି ଦିଆଯାଇଥିଲା। ଏ ସମ୍ପର୍କରେ ଗ୍ରାମବାସୀ ସୂଚନା ପାଇ ଗୁହିରାପାଲି ଅଙ୍ଗନୱାଡି କେନ୍ଦ୍ରରେ ତାଲା ପକାଇ ଦେଇଥିଲେ। ଅନ୍ୟ ଗ୍ରାମର ଆବେଦନକାରୀଙ୍କୁ କେଉଁ ନିୟମାବଳୀ ଅନୁସାରେ ନିଯୁକ୍ତି ଦିଆଗଲା ତାହାର ସମାଧାନ ନ ହେବା ପର୍ଯ୍ୟନ୍ତ କେନ୍ଦ୍ରରୁ ତାଲା ଫିଟା ଯିବ ନାହିଁ ବୋଲି ଗ୍ରାମବାସୀ ନିଷ୍ପତ୍ତି ନେଇଥିଲେ। ଅନ୍ୟପକ୍ଷରେ ନୂତନ ନିଯୁକ୍ତି ପାଇଥିବା ଶ୍ରୀମତୀ ବାରିକ ଏହି କେନ୍ଦ୍ର ପାଇଁ ଖାଲିଥିବା କର୍ମୀ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବାର ୧୦ଦିନ ପୂର୍ବରୁ କୁଲିହାପାଲି ଗ୍ରାମର ଦୀପକ ସାହୁଙ୍କୁ ଗତ ଫେବୃଆରୀ ୧୦ରିଖରେ ବିବାହ କରିଥିଲେ। ତେବେ ବିବାହର ୬ମାସ ପୂରି ନ ଥିବା ବେଳେ କିପରି ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର ପାଇଲେ ତାହା ତଦନ୍ତ ସାପେକ୍ଷ ବୋଲି ଅଭିଯୋଗ ହୋଇଛି। ବିଜ୍ଞାପନ ଅନୁସାରେ ସରକାରୀ ନିଯୁକ୍ତି ପ୍ରକ୍ରିୟାକୁ ଖୋଲାଖୋଲି ଉଲ୍ଲଂଘନ କରି ମୋଟା ଅଙ୍କର ଲାଞ୍ଚ ନେଇ କଣ୍ଟାମାଳ ବ୍ଲକ ଶିଶୁ ବିକାଶ କାର୍ଯ୍ୟାଳୟ ପକ୍ଷରୁ ତାଙ୍କୁ ନିଯୁକ୍ତି ଦିଆ ଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହାର ପ୍ରତିବାଦ କରି ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରରେ ଧାରଣାରେ ବସିବାକୁ ପତ୍ର ମାଧ୍ୟମରେ ଜିଲ୍ଲାପାଳଙ୍କୁ ଅବଗତ କରିଛନ୍ତି। ତେବେ ଅଭିଯୋଗକାରୀଙ୍କୁ ବିଧାୟକ ଓ ବିଧାନସଭା ଯିବାକୁ ଜିଲ୍ଲାପାଳ କହିଥିବା ମହିଳା ମାନେ କହିବା ସହ ଜିଲ୍ଲାପାଳଙ୍କ ଏଭଳି ଉତ୍ତରରେ ଆସନ୍ତୋଷ ପ୍ରକାଶ କରିଛନ୍ତି।

## ଗନ୍ଧରାଡ଼ି ମହୋତ୍ସବ ବିରୋଧରେ ଷଡ଼ଯନ୍ତ୍ରର ପ୍ରତିବାଦ



ଗ୍ରାମବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

**ବୌଦ୍ଧ, ୧୨।୧୨(ସମିସ):** ବୌଦ୍ଧ ବ୍ଲକ ଜଗତୀ ଗ୍ରାମ ସୁରକ୍ଷା କମିଟି ନେତୃତ୍ୱରେ ଗ୍ରାମବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗନ୍ଧରାଡି ମହୋତ୍ସବ ବିରୋଧରେ ହୋଇଥିବା ଷଡଯନ୍ତ୍ରର ସେମାନେ ପ୍ରତିବାଦ କରିଛନ୍ତି। ଜଗତୀ ଗ୍ରାମରେ ଅବସ୍ଥିତ ଐତିହାସିକ ଯମଜ ମନ୍ଦିର ପରିସରରେ ଗାନ୍ଧାରଡ଼ୀ ମହୋତ୍ସବ ଅନୁଷ୍ଠିତ ହୋଇଆସୁଛି। ଗତ ମାସରେ ଜିଲ୍ଲା ବିଜେପି ସଭାପତି ବିପ୍ର ଚରଣ ମହାନ୍ତି ଗନ୍ଧରାଡ଼ି ଲୋକ ମହୋତ୍ସବ କମିଟିରେ ଅନିୟମିତତା ହୋଇଥିବା ଅଭିଯୋଗ କରି ତଦନ୍ତ କରାଯିବାକୁ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ବୌଦ୍ଧ ବିଡ଼ିଓ ପଞ୍ଚାୟତ ଉନ୍ନୟନ ଅଧିକାରୀଙ୍କ ଦ୍ୱାରା ତଦନ୍ତ କରାଇ ଜିଲ୍ଲାପାଳଙ୍କ ନିକଟରେ ରିପୋର୍ଟ ଦାଖଲ କରିଥିଲେ। ଏ ନେଇ ଜଗତୀ ଗ୍ରାମ ସୁରକ୍ଷା କମିଟିର କର୍ମକର୍ତ୍ତା ଓ କିଛି ଗ୍ରାମବାସୀ ସମସ୍ତ ଅଭିଯୋଗ ଭିତ୍ତିହୀନ ବୋଲି କହିଛନ୍ତି। ଏହାସହ ତଦନ୍ତକାରୀ ଅଧିକାରୀ ଭୁଲ୍ ରିପୋର୍ଟ ଦେଇଥିବା ଓ ମହୋତ୍ସବକୁ ବନ୍ଦ କରାଇବା ପାଇଁ ଷଡଯନ୍ତ୍ର ଚାଲିଥିବା ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଜିଲ୍ଲାପାଳଙ୍କ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ଦାବିପତ୍ର ଗ୍ରହଣ କରିଥିଲେ।

## ଗୀତା ଆବୃତ୍ତି ପ୍ରତିଯୋଗିତା



ବୌଦ୍ଧ, ୧୨।୧୨(ସମିସ): ଗୀତା ପରିବାର ତରଫରୁ ଶ୍ରୀଚନ୍ଦ୍ରଚୁଡ ମନ୍ଦିର ଓ ମହାନଦୀ ଆଳତୀ ଘାଟ ପରିସରରେ ଗୀତା ଜୟନ୍ତୀ ଅବସରରେ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗଦେମଇ ଦ୍ୱାଦଶ ଅଧ୍ୟାୟ ଗୀତା ଆବୃତ୍ତି କରିଥିଲେ। ପ୍ରତିଯୋଗିତାରେ ବିଚାରକ ଭାବେ ସ୍ନେହଲତା ପୁରୋହିତ, ସୁଶାନ୍ତ ମହାପାତ୍ର, ନଟବର ଅଗ୍ରୱାଲା ଯୋଗ ଦେଇଥିଲେ। ବରିଷ୍ଠ ବିଭାଗରେ ଦିବ୍ୟଜ୍ୟୋତି ମହାରଣା, ସୁମନ ମେହେର, ମାଧବ ପ୍ରତୀକ ସାହୁ ଏବଂ କନିଷ୍ଠ ବିଭାଗରେ ଅଧାତ୍ରି ପୁରୋହିତ, ରତ୍ନପ୍ରଭା ଅଗ୍ରୱାଲା, ରିତେନ୍ ବରର୍ତ୍ତି ଯଥାକ୍ରମମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସମସ୍ତ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଭାରତ ସ୍ୱାଭିମାନ ଟ୍ରଷ୍ଟ ଓ ବୌଦ୍ଧ ଜିଲ୍ଲା ବ୍ରାହ୍ମଣ ସମାଜର ମିଳିତ ସହଯୋଗରେ ଅନୁଷ୍ଠିତ ହୋଇଥିଲା। ସୂର୍ଯ୍ୟ ନାରାୟଣ ପଣ୍ଡା, ସୌମ୍ୟା ସୁମନ ପୁରୋହିତ, ଗୋପାଳ ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଂଯୋଜକ ଦେବାଶିଷ ପୁରୋହିତ ଉପସ୍ଥିତ ଥିଲେ।

## ଘଣ୍ଟାପଡ଼ା ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

**ଶଗଡ଼ା, ୧୨।୧୨(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ସମଲେଶ୍ୱରୀ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନଶିକ୍ଷକ ପିତବାସପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ପରିଚାଳନା କମିଟିର ଅଧ୍ୟକ୍ଷ ସୁଶାନ୍ତ ମାଝୀ, ସମ୍ମାନୀତ ଅତିଥି ଭାବେ ସାମ୍ବାଦିକ ପ୍ରଭାତ ସାହୁ ଯୋଗ ଦେଇଥିଲେ। ଶେଷରେ କ୍ରୀଡା ଶିକ୍ଷୟିତ୍ରୀ ମନ୍ଦାକିନୀ ବରର୍ତ୍ତା ଧନ୍ୟବାଦ ଦେଇଥିଲେ। ସହକାରୀ ଶିକ୍ଷକ ଲିପୁନ ପ୍ରଧାନ, ଚନ୍ଦ୍ରକାନ୍ତ ବେହେରା, ସୁବାଷ ସାହୁ, ଶାନ୍ତନୁ ସେଠୀ, ଦୁର୍ଗାଶଙ୍କର ପଣ୍ଡା, ବିଭୂତି ଭୂଷଣ ଦୁର୍ଗ, ଶିକ୍ଷୟତ୍ରୀ ସୁପ୍ରଭା ଦେହୁରୀ, ରଶ୍ମିତା ସାହୁ, କିରାଣି ବନମାଳୀ ମଲିକ, ଅନନ୍ତ ରାଉତ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ।



## ଘୁଲୁଘୁଲାପଦର, ତାଳବେଡ଼ାରେ କଳସ ଶୋଭାଯାତ୍ରା

ପଳଶାଗୋରା, ୧୨।୧୨(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ପଳଶାଗୋରା ପଞ୍ଚାୟତ ଘୁଲୁଘୁଲାପଦର ଗ୍ରାମରେ ମାଣବସା ଗୁରୁବାରର ୨୪ ବର୍ଷ ପୂର୍ତ୍ତି ଉପଲକ୍ଷେ ଷୋହଳ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ଶ୍ରଦ୍ଧାଳୁ ଓ ବ୍ରତଧାରୀଙ୍କ ଦ୍ୱାରା ଏକ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ପୋଖରୀରେ ଅଶୋକ ଦାସଙ୍କ ଦ୍ୱାରା ପୂଜା କରାଯାଇ ବିରାଟ କଳସ ଶୋଭାଯାତ୍ରା ବାହାରିଥିଲା। ଏହା ଯଜ୍ଞ ମଣ୍ଡପରେ ସ୍ଥାପନ କରାଯାଇଛି। ଯଜ୍ଞରେ ରୁଷି ମାଝୀ ଓ ପତ୍ନୀ ସରାବନି କହଁର କର୍ତ୍ତା ଦାୟିତ୍ୱ ତୁଲାଉଛନ୍ତି। ଶୁକ୍ରବାର ଭୋରରୁ ନାମ ଆରମ୍ଭ ହୋଇ ରବିବାର ପର୍ଯ୍ୟ ନାମଯଜ୍ଞ ଚାଲିବ।

**ଶଗଡ଼ା:** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ପଞ୍ଚାୟତ ତାଳବେଡ଼ା ଗ୍ରାମରେ ମାଁ ଲକ୍ଷ୍ମୀଙ୍କ ମାଣବସା ଗୁରୁବାରର ୧୨ ବର୍ଷ ପୂର୍ତ୍ତି ଉପଲକ୍ଷେ ଷୋହଳ ପ୍ରହର ନାମଯଜ୍ଞ ପାଇଁ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଯଜ୍ଞ ମିଶ୍ର ପୂଜା କାର୍ଯ୍ୟ କରିଥିଲେ। କର୍ତ୍ତା ଭାବେ ସାହେବ ନାଗ ଓ ତାଙ୍କ ପତ୍ନୀ ଅମ୍ବିକା ନାଗ ଦାୟିତ୍ୱ ତୁଲିଥିଲେ। ମହିଳାମାନେ ସ୍ଥାନୀୟ ପୋଖରୀରୁ ଜଳ ଧରି କଳସ ଶୋଭାଯାତ୍ରାରେ ଆସି ଯଜ୍ଞମଣ୍ଡପରେ ସ୍ଥାପନ କରିଥିଲେ। ମହେଶ୍ୱର ରଣା, କପଲେ ନାଗ, ତୀର୍ଥ ନାଗ, କୀର୍ତ୍ତନ ଗୁରୁ ପ୍ରମୁଖ ସହଯୋଗ କରିଥିଲେ।

**■ ବୌଦ୍ଧ ଧନୁଯାତ୍ରାର ଦ୍ୱିତୀୟ ସନ୍ଧ୍ୟା**

## ନାଟକ 'ସମ୍ଭବାମୀ ଯୁଗେ ଯୁଗେ' ମଞ୍ଚସ୍ଥ

**ବୌଦ୍ଧ, ୧୨।୧୨(ସମିସ):** ସ୍ଥାନୀୟ ମା' ଭୈରବୀ ପଡ଼ିଆରେ ସହରର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଶ୍ରୀ ଶ୍ରୀ ମଦନ ମୋହନ ନାଟ୍ୟକଳା ପରିଷଦ ପକ୍ଷରୁ ଆରମ୍ଭ ହୋଇଥିବା ଧନୁଯାତ୍ରା ନାଟ୍ୟ ଉତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ନାଟକ ସମ୍ଭବାମୀ ଯୁଗେ ଯୁଗେ ପରିବେଷଣ ହୋଇଛି। ଲୋକ ପ୍ରିୟ ନାଟ୍ୟକାର ହୃଦାନନ୍ଦ ମେହେର ଏହି ନାଟକ ରଚନା କରିଥିବା ବେଳେ ଦେବାଙ୍ଗନ ମେହେର ନିର୍ଦ୍ଦେଶନା ଦେଇଥିଲେ। କଂସ ଚରିତ୍ରରେ ବାବୁଲାଲ ପ୍ରଧାନ, ବସୁଦେବ ଭୂମିକାରେ ଲୋକନାଥ ମେହେର, ଉଗ୍ରସେନ ଭୂମିକାରେ ବିଶ୍ୱରଞ୍ଜନ ସାହୁ, ବିଷ୍ଣୁ ଭୂମିକାରେ କୀର୍ତ୍ତି ଭୋଇ, ନାରଦ ଭୂମିକାରେ ବିରୁପାକ୍ଷ, ନନ୍ଦରାଜା ଭୂମିକାରେ ଇନ୍ଦ୍ରମଣୀ ମେହେର, ଯଶୋଦା ଭୂମିକାରେ ସାନୁଜ୍ୟ, ଶକଟାସୁର ଭୂମିକାରେ ପୀତବାସ ମେହେର ଅଭିନୟ କରିଥିଲେ। ଧନୁଯାତ୍ରା ନାଟ୍ୟ ଉତ୍ସବର ସଭାପତି ବୃନ୍ଦାବନ ମେହେର, ସମ୍ପାଦକ ପଙ୍କଜ ମେହେରଙ୍କ ସମେତ କୃଷ୍ଣ ପରିଡ଼ା ଓ ନାଟ୍ୟ କଳା ପରିଷଦର ସମସ୍ତ ସଦସ୍ୟଙ୍କ ସହଯୋଗରେ ଯାତ୍ରା ପରିଚାଳିତ ହେଉଛି।

## ରାଜସ୍ୱ ଗ୍ରାମ ମାନ୍ୟତ୍ୟ ଦାବିରେ ସାହୁପଡ଼ା ଗ୍ରାମବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ



**ବୌଦ୍ଧ, ୧୨।୧୨(ସମିସ):** ଆଜି କଣ୍ଟାମାଳ ତହସିଲ ମନମୁଣ୍ଡା ରାଜସ୍ୱ ସର୍କଲ ଅଧୀନ ସାହୁପଡ଼ାକୁ ରାଜସ୍ୱ ଗ୍ରାମର ମାନ୍ୟତା ପ୍ରଦାନ ଦାବିରେ ଗ୍ରାମବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସାହୁପଡ଼ା ମନମୁଣ୍ଡା ପଞ୍ଚାୟତ ଭୁର୍କିପଡ଼ା ରାଜସ୍ୱ ଗ୍ରାମ ଅଧୀନରେ ରହିଛି। ମୁଖ୍ୟ ଗ୍ରାମ ଭୁର୍କିପଡ଼ା ୩ କିଲୋମିଟର ଦୂରତାରେ ଥିବାରୁ ଜାତୀୟ ରାଜପଥ ନଂ ୫୭ ଉପରେ ଯିବାକୁ ପଡ଼ିଥାଏ। ନାଳ ଯୋଗୁଁ ଯାତାୟତରେ ପ୍ରତିବନ୍ଧକ ସୃଷ୍ଟି ହୋଇଥାଏ। ଗ୍ରାମର ମହିଳା ଓ ଶିଶୁ ଦୂରତା ଦୃଷ୍ଟିରୁ ଅଙ୍ଗନବାଡି କେନ୍ଦ୍ରରୁ ମିଳୁଥିବା ସୁବିଧାରୁ ବଞ୍ଚିତ ହେଉଛନ୍ତି। ପୂର୍ବରୁ ଜିଲ୍ଲାପାଳଙ୍କୁ ମଧ୍ୟ ଗ୍ରାମବାସୀ ଅଭିଯୋଗ କରିଥିଲେ। ଜିଲ୍ଲାପାଳ କଣ୍ଟାମାଳ ତହସିଲଦାରଙ୍କୁ ରିପୋର୍ଟ ମାଗିଥିଲେ। କଣ୍ଟାମାଳ ତହସିଲଦାର ସାହୁପଡ଼ା ବାସୀଙ୍କ ଅଗୋଚରରେ ଭୁର୍କିପଡ଼ା ଗ୍ରାମକୁ ଅତିରିକ୍ତ ତହସିଲଦାରଙ୍କୁ ପଠାଇ ଏକ ରିପୋର୍ଟ ପ୍ରସ୍ତୁତ କରାଇଥିବା ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି। ତେବେ ଯଥାଶୀଘ୍ର ଗ୍ରାମକୁ ରାଜସ୍ୱ ଗ୍ରାମ ମନ୍ୟତା ପ୍ରଦାନ ନ କଲେ ଆନ୍ଦୋଳନ ଲାଗି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

## ଯୁବକଙ୍କ ଆତ୍ମହତ୍ୟା

ବୀରମହାରାଜପୁର/ସୁବଳୟା, ୧୨।୧୨(ସମିସ):ସୁବର୍ଣ୍ଣପୁର ଜିଲ୍ଲା ସୁବଳୟା ଥାନା ଅନ୍ତର୍ଗତ ସୀତାପୁର ନିକଟସ୍ଥ ଏକ ଆମ୍ବ ଗଛରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି ପୁଲିସ। ମୃତ ଯୁବକ ବୀରମହାରାଜପୁର ଥାନା ଅନ୍ତର୍ଗତ ମୁର୍ଷୁଣ୍ଡୀ ଗ୍ରାମର ଶ୍ରୀକୃଷ୍ଣ ଅମାତଙ୍କ ଏକମାତ୍ର ପୁଅ ସତ୍ୟବ୍ରତ ଅମାତ ଓରଫ ଭରତ (୨୧) ବୋଲି ଜଣାପଡ଼ିଛି। ସୂଚନା ଅନୁସାରେ ସତ୍ୟବ୍ରତ ବୁଧୁବାର ରାତିରେ ସୀତାପୁର ନିକଟରେ ଥିବା ତାଙ୍କ ଜମି ପାଖରେ ଥିବା ଏକ ଆମ୍ବ ଗଛରେ ଦଉଡ଼ି ଲଗାଇ ଝୁଲି ପଡ଼ିଥିଲେ। ଯୁବକଙ୍କ ମୃତଦେହ ଆମ୍ବ ଗଛରେ ଝୁଲୁ ଥିବା ଦେଖି କେହି ଜଣେ ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ମୃତଦେହ ଚିହ୍ନଟ କରିଥିଲେ। ଖବର ପାଇ ସୁବଳୟା ପୁଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର ପରେ ଗ୍ରାମ୍ୟ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଛି।ଏନେଇ ସୁବଳୟା ଥାନାରେ କେସ ନଂ ୮/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ଅଧିକ ତଦନ୍ତ ହେଉଥିବା ଥାନା ଅଧିକାରୀ ସୁଶାନ୍ତ ପ୍ରଧାନ ପ୍ରକାଶ କରିଛନ୍ତି।ମୃତକଙ୍କ ବାପା ଶ୍ରୀକୃଷ୍ଣ ଜଣେ ଭିନ୍ନକ୍ଷମ ଅଟନ୍ତି। ସେ ମାଗି ଯାଚି ପରିବାର ଚଳାଉଥିବା ବେଳେ ମୃତକ ମଧ୍ୟ କୁଲି ମଜୁରୀ କାମ କରୁଥିଲେ। ଆତ୍ମହତ୍ୟାର କାରଣ ଜଣା ପଡ଼ି ନାହିଁ।

## କୁସଙ୍ଗ ରେଞ୍ଜରେ ବ୍ୟାଘ୍ର ଗଣନା

ହରଭଙ୍ଗା, ୧୨।୧୨(ସମିସ): ମହାନଦୀ ବନ୍ୟପ୍ରାଣୀ ବନାଞ୍ଚଳ ନୟାଗଡ଼ ଡିଭିଜନ ହରଭଙ୍ଗା ବ୍ଲକ କୁଶଙ୍ଗ ରେଞ୍ଜ୍‌ରେ ବାଘ ଗଣନା ଆରମ୍ଭ ହୋଇଛି। ରେଞ୍ଜ ଅଧିକାରୀ ସଂସାର ବାର୍ଗିଆଙ୍କ ନେତୃତ୍ୱରେ ୧୧ଟି ବିଟ୍‌ରେ ଫରେଷ୍ଟର ପ୍ରଶାନ୍ତ ଗୁରୁ, ଶ୍ରୀନିବାସ କହଁର, ଅନ୍ତର୍ଯ୍ୟାମୀ ଯାନୀ, ରାଜକୁମାର ଶତପଥୀ, ସୋମନାଥ ପରିଡ଼ା, ବିଷ୍ଣୁପ୍ରିୟା ଦେଇ. ଫରେଷ୍ଟ ଗାର୍ଡ ଗୋବିନ୍ଦ ମହାକୁଡ ପ୍ରମୁଖ ବାଘ ଗଣନାରେ ସାମିଲ ହୋଇଛନ୍ତି। କୁସଙ୍ଗ, କୁମାରୀ, ଅତଲ ସରା, ଶୀତଲ ପାଣି, ସୁନଖଣୀଆଁ, ମାରଡା, ପଦ୍ମତୋଳା, ଶ୍ରୀପାଯୁ, ହିଞ୍ଜଳ, ନନ୍ଦାଗାଡୁ, ନୂଆପଡ଼ା ଆଦି ବିଟ୍‌ରେ ଏହି ବାଘ ଗଣନା ଚାଲିଛି।

## ବୌଦ୍ଧ ଭୈରବୀ ପଡ଼ିଆରେ ଧନୁଯାତ୍ରା ଉଦ୍‌ଘାଟିତ

ବୌଦ୍ଧ, ୧୨।୧୨(ସମିସ): ବୌଦ୍ଧ ଭୈରବୀ ପଡ଼ିଆରେ ମଦନ ମୋହନ ନାଟ୍ୟ କଳା ପରିଷଦ ପକ୍ଷରୁ ଧନୁଯାତ୍ରା ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବୌଦ୍ଧ ଏନ୍‌ଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ନାଟ୍ୟ ନିର୍ଦ୍ଦେଶକ ଭବାନୀ ଶଙ୍କର ମହାପାତ୍ର ଓ ଜଗନ୍ନାଥ ବେହେରା ଯୋଗ ଦେଇଥିଲେ। ଉଦ୍‌ଘାଟନୀ ରଜନୀରେ ରାମଚନ୍ଦ୍ରଙ୍କ ସ୍ୱର୍ଗାରୋହଣଠାରୁ ଆରମ୍ଭ କରି ଦ୍ୱାପର ଯୁଗର ପ୍ରବେଶ ଓ କଂସ ସହିତ ପଦ୍ମାବତୀଙ୍କ ବିବାହ, ଶ୍ରୀକୃଷ୍ଣ ଜନ୍ମ ଅନୁଷ୍ଠିତ ହୋଇଛି। ଧନୁଯାତ୍ରା ଦେଖିବା ପାଇଁ ଭୈରବୀ ପଡ଼ିଆରେ ଦର୍ଶକଙ୍କ ସମାଗମ ଦେଖିବାକୁ ମିଳିଛି।

## ଚାରିଶମ୍ଭୁ ବ୍ରାହ୍ମଣ ସମାଜର ନୂତନ କର୍ମକର୍ତ୍ତା

ବୌଦ୍ଧ, ୧୨।୧୨(ସମିସ): ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଜଗତି ନିକଟସ୍ଥ ଐତିହାସିକ ଗନ୍ଧରାଡ଼ି ପୀଠରେ ଚାରିଶମ୍ଭୁ ବ୍ରାହ୍ମଣ ସମାଜର ଏକ ଜରୁରୀ ବୈଠ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଭାପତି କିଶୋର ଚନ୍ଦ୍ର ପୁରୋହିତଙ୍କ ଅଧ୍ୟକ୍ଷତାରେ ନୂତନ କର୍ମକର୍ତ୍ତା ମନୋନୟନ ହୋଇଯାଇଛି। ସଭାପତି ଭାବେ ନାରାୟଣ ମିଶ୍ର, ସମ୍ପାଦକ ଭାବେ ଜିତେନ୍ଦ୍ର ହୋତା, କୋଷାଧ୍ୟକ୍ଷ ଭାବେ ମନରଞ୍ଜନ ପୁରୋହିତ ଓ ଉପ ସଭାପତି ଭାବେ ପ୍ରଭାତ ଶତପଥୀଙ୍କୁ ସର୍ବ ସମ୍ମତି କ୍ରମେ ମନୋନୀତ କରାଯାଇଛି। ଉପଦେଷ୍ଟା ଭାବେ ବିଭୀଷଣ ଚାନ୍ଦ, ରାମଚନ୍ଦ୍ର ପାଣିଗ୍ରାହୀ, ରମାକାନ୍ତ ପଣ୍ଡା, ସୁଶୀଲ ପାଣିଗ୍ରାହୀ, ସୁରେଶ ପାଣିଗ୍ରାହୀ, କିଶୋର ଚନ୍ଦ୍ର ହୋତା, ନାରାୟଣ ଶତପଥୀ, ବିରମଣି ପୁରୋହିତ, ଶୀଧେଶ୍ୱର ପଣ୍ଡା, ବାଞ୍ଛାନିଧି ହୋତା, କ୍ଷିରାବ୍ଧି ମିଶ୍ରଙ୍କୁ ମନୋନୀତ କରାଯାଇଛି। ୧୬ ଜଣିଆ ସବ୍ କମିଟିର ଉପଦେଷ୍ଟା ଭାବେ ନୀଳକଣ୍ଠ ପାଣିଗ୍ରାହୀଙ୍କୁ ମନୋନୀତ କରାଯାଇଛି। ବୈଠକରେ ସ୍ୱତନ୍ତ୍ର ଅତିଥି ଭାବେ ବୌଦ୍ଧ ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର ଯୋଗ ଦେଇଥିଲେ। ସଭ୍ୟ ଅଶୋକ ପାଣ୍ଡିଆ, ଦାଶରଥି ପାଣିଗ୍ରାହୀ, ସ୍ୱପ୍ନେଶ୍ୱର ଚାନ୍ଦ, ସନ୍ତୋଷ ଚାନ୍ଦ, ବାସୁଦେବ ହୋତା, ରବି ନାରାୟଣ ହୋତା, ସୁଧାଂଶୁ ଶେଖର ମିଶ୍ର, ରିଙ୍କୁ ପଣ୍ଡା, ଅଶୋକ ପାଣିଗ୍ରାହୀ, ନବୀନ ହୋତା, ଅନିଲ ହୋତା, ସୁରେନ୍ଦ୍ର ହୋତା, କୃପାସିନ୍ଧୁ ହୋତା ଆଲୋଚନାରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ।

# ଜିଲ୍ଲା ଆପାତକାଳୀନ ଗୋଷ୍ଠୀ ବୈଠକ




**ସୋନପୁର, ୧୨।୧୨(ସମିସ):** ଜିଲ୍ଲାରେ ପ୍ରତିଷ୍ଠିତ ଶିଳ୍ପ ତଥା ଜିଲ୍ଲା ମଧ୍ୟରେ ଯାତାୟତ ବିଭିନ୍ନ ବିସ୍ଫୋରକ ସାମଗ୍ରୀ, କେମିକାଲ ବୋଝେଇ ଯାନ ବାହନ ଦ୍ୱାରା ଯେ କୌଣସି ଆପାତକାଳୀନ ପରିସ୍ଥିତିକୁ ମୁକାବିଲା ଲାଗି ଜିଲ୍ଲା ଆପାତକାଳୀନ ଗୋଷ୍ଠୀ ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀଙ୍କ ଅଧ୍ୟକ୍ଷତାରେ ବୈଠକ ପ୍ରାରମ୍ଭରେ ଫ୍ୟାକଟୋରିଜ ଆଣ୍ଡ ବଏଲର, ବଲାଙ୍ଗୀର ଜୋନର ସହ ନିର୍ଦ୍ଦେଶକ ସ୍ୱାଧୀନ କୁମାର ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ବୈଠକର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ବନ୍ଧରେ ଅବଗତ କରିଥିଲେ। ଜିଲ୍ଲାରେ ଗଢି ଉଠିଥିବା ଶିଳ୍ପଗୁଡିକରେ ବ୍ୟବହୃତ ହେଉଥିବା ରାସାୟନିକ ପଦାର୍ଥ ନିର୍ଗତ ଜନିତ କିମ୍ବା ସଡ଼କ ପରିବହନ ସମୟରେ ଯଦି କୌଣସି ଆପାତକାଳୀନ ପରିସ୍ଥିତି ସୃଷ୍ଟି ହୁଏ ତାହାର ସୁପରିଚାଳନା କରି ପୂର୍ବ ସ୍ଥିତି ଫେରାଇ ଆଣିବା ପାଇଁ କେଉଁ ବିଭାଗ କି କି କାର୍ଯ୍ୟ କରିବେ ଆଲୋଚନା ହୋଇଥିଲା। ପରେ ବାୟୋ ମାସ ଫୁଏଲ, ପାଣିମୁରା, ତରଭା ଶିଳ୍ପ ସଂସ୍ଥାର ଅଧିକାରୀ ପାୱାର ପଏଣ୍ଟ ସହାୟତାରେ ତାଙ୍କର ପ୍ରସ୍ତୁତି ସମ୍ପର୍କରେ ଅବଗତ କରାଇଥିଲେ। ଅନ୍ୟ ଶିଳ୍ପ ସଂସ୍ଥାରୁ ଆସିଥିବା ଅଧିକାରୀଗଣ ସେମାନଙ୍କ ଦ୍ୱାରା ନିଆଯାଇଥିବା ପ୍ରସ୍ତୁତିମୂଳକ କାର୍ଯ୍ୟକ୍ରମ ବିଷୟରେ ଅବଗତ କରାଇଥିଲେ। ଶିଳ୍ପ ସଂସ୍ଥା ଗୁଡିକୁ ଅଗ୍ନିକାଣ୍ଡରୁ ରକ୍ଷା ଓ ସେଥିରେ କାର୍ଯ୍ୟରତ ଶ୍ରମିକମାନଙ୍କ ସୁରକ୍ଷା ଓ ନିରାପତ୍ତା ନିମିତ୍ତ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ସାମୁହିକ ଅଭ୍ୟାସ (ମକ ଡ୍ରିଲ) ଉପରେ ଗୁରୁତ୍ୱାରୋପ କରିବା ସହ ଜିଲ୍ଲାରେ ଯାତାୟାତ ରାସାୟନିକ ବୋଝେଇ ଯାନ ବାହନ ଉପରେ ତୀକ୍ଷ୍ଣ ଦୃଷ୍ଟି ଦେବା ପାଇଁ ପରିବହନ ବିଭାଗ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଆସନ୍ତା ଜାନୁଆରୀ ମାସରେ ଜିଲ୍ଲା ଆପାତକାଳୀନ ଗୋଷ୍ଠୀର ସଦସ୍ୟମାନଙ୍କୁ ସାମିଲ କରି ରାସାୟନିକ ପଦାର୍ଥ ସଡ଼କ ପରିବହନ ଜନିତ ଆପାତକାଳୀନ ପରିସ୍ଥିତି ଉପରେ ଏକ ଅଫ ସାଇଟ ମକଡ୍ରିଲ ଓ ବାୟୋ ମାସ ଫୁଏଲ ଶିଳ୍ପ ସଂସ୍ଥା ପରିସରରେ ଏକ ଅନ ସାଇଟ ମକଡ୍ରିଲ ଆୟୋଜନ କରିବା ପାଇଁ ସ୍ଥିର କରାଗଲା। ବୈଠକରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ରାମପ୍ରସାଦ ସାହୁ, ସୋନପୁର ଉପଜିଲ୍ଲାପାଳ ସୌମ୍ୟା ରୂପା ରଥ, ଜିଲ୍ଲାସ୍ତରୀୟ ଅଧିକାରୀବୃନ୍ଦ ଓ ବିଭିନ୍ନ ଶିଳ୍ପ ସଂସ୍ଥାର ଅଧିକାରୀଗଣ ଉପସ୍ଥିତ ଥିଲେ।

## ଦୁର୍ଗାମାଧବ ମନ୍ଦିରର ରତ୍ନମୁଦ ଉତ୍ସବ

ସୁବଳୟା/ବୀରମହାରାଜପୁର, ୧୨।୧୨(ସମିସ): ବୀରମହାରାଜପୁର ଉପକଣ୍ଠ ଭଙ୍ଗାମୁଣ୍ଡା ଠାରେ ନିର୍ମିତ ନୂତନ ଦୁର୍ଗା ମାଧବ ମନ୍ଦିରର ରତ୍ନମୁଦ କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ମଠାଧୀଶ ହରେକୃଷ୍ଣ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପରୀକ୍ଷିତ ମହାରାଜଙ୍କ ଦିବ୍ୟ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କର୍ତ୍ତା ଭାବରେ ରଞ୍ଜନ ମେହେର ଓ ତାଙ୍କ ଧର୍ମପତ୍ନୀ ବିଷ୍ଣୁ ପ୍ରିୟା ମେହେର କାର୍ଯ୍ୟନିର୍ବାହ କରିଥିବା ବେଳେ ପଣ୍ଡିତ ଭାବରେ ଗୋପାଳ ପାଢ଼ୀ ଓ ପ୍ରେମାନନ୍ଦ ପାଢ଼ୀ କାର୍ଯ୍ୟ ତୁଲାଇଛନ୍ତି।କାର୍ଯ୍ୟକ୍ରମରେ ୫ ହଜାରରୁ ଅଧିକ ଶ୍ରଦ୍ଧାଳୁ ଓ ସାଧୁସନ୍ଥ ସମବେତ ହୋଇଥିଲେ।



ମାଣ୍ଡିଆ କ୍ରୟ ପାଇଁ ଜିଲ୍ଲାସ୍ତରୀୟ କମିଟି ବୈଠକ

# ଜାନୁୟାରୀ ୨ ରୁ ୩୫ଟି ମଣ୍ଡିରେ କିଣାଯିବ




**ନୂଆପଡ଼ା, ୧୨।୧୨(ସମିସ):** ନୂଆପଡ଼ା କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ସଭାବନା ସମ୍ମିଳନୀ କକ୍ଷରେ ମାଣ୍ଡିଆ କ୍ରୟ ପାଇଁ ଜିଲ୍ଲାସ୍ତରୀୟ କମିଟି ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ନୂଆପଡ଼ା ବିଧାୟକ ରାଜେନ୍ଦ୍ର ପ୍ରସାଦ ଢୋଲକିଆ ମୁଖ୍ୟଅତିଥି ଭାବରେ ଯୋଗଦାନ କରିଥିଲେ।ସଭାକୁ ସମ୍ବୋଧନ କରି ଜିଲ୍ଲାପାଳ ସଭାର ଉଦ୍ଦେଶ୍ୟ ଓ ଜିଲ୍ଲା ପ୍ରଶାସନ ତଥା କୃଷି ବିଭାଗ ତରଫରୁ ମାଣ୍ଡିଆ କ୍ରୟ ପାଇଁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ବନ୍ଧରେ ଅବଗତ କରାଇଥିଲେ। ସରକାରଙ୍କ ଶ୍ରୀଅନ୍ନ ଯୋଜନା, ବିଗତ ବର୍ଷ ମାଣ୍ଡିଆ କ୍ରୟର ଲକ୍ଷ୍ୟ ଓ ସଫଳତା ହାସଲ ଉପରେ ସୂଚନା ଦେଇଥିଲେ। ଜିଲ୍ଲାପାଳ କହିଲେ ରାଜ୍ୟ ସରକାର ମାଣ୍ଡିଆ ଉତ୍ପାଦନ ଓ ବିକ୍ରୀ ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରି ଏହାକୁ ମଧ୍ୟାହ୍ନ ଭୋଜନ ଓ ଅଙ୍ଗନବାଡି କେନ୍ଦ୍ରରେ ଖାଦ୍ୟ ହିସାବରେ ସାମିଲ କରିଛନ୍ତି। ଏବର୍ଷ ଜିଲ୍ଲାର ୯ ୯ ଟି ପଞ୍ଚାୟତର ୩୪୯ ଟି ଗାଁରେ ମାଣ୍ଡିଆ ଚାଷ ହୋଇଛି। ହେକ୍ଟର ପ୍ରତି ୧୦ କୁଇଣ୍ଟାଲ ହିସାବରେ ଏବଂ କୁଇଣ୍ଟାଲ ପ୍ରତି ୪୫୦୦ ଟଙ୍କା ଦେଇ ସରକାର ମଣ୍ଡି ଜରିଆରେ ମାଣ୍ଡିଆ କ୍ରୟ କରିବେ।ଏବର୍ଷ ଖରିଫ୍ ଋତୁ ପାଇଁ ୩୫ ଟି ମଣ୍ଡି ଜରିଆରେ ୬୨୮୬ ଜଣ ଚାଷୀଙ୍କ ଠାରୁ କୋଡ଼ିଏ ହଜାର କୁଇଣ୍ଟାଲ ମାଣ୍ଡିଆ କ୍ରୟ ପାଇଁ ଜିଲ୍ଲା ପ୍ରଶାସନ ଲକ୍ଷ୍ୟ ଧାର୍ଯ୍ୟ କରିଛି। ଏହା ଆସନ୍ତା ଜାନୁୟାରୀ ୨ ତାରିଖ ରୁ ଆରମ୍ଭ ହେବ। ଚାଷୀମାନଙ୍କୁ ସଚେତନ କରିବା ପାଇଁ ଜିଲ୍ଲାରେ ସଚେତନତା ରଥ ବୁଲିବ। ସଭାର ଆୟୋଜକ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବାବୁଲି ଚରଣ ସେଠୀ ମାଣ୍ଡିଆର ମହତ୍ୱ ସମ୍ବନ୍ଧରେ ସମସ୍ତଙ୍କୁ ଅବଗତ କରି ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ସଭାରେ ଉପଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ଏପିଡି ଯୋଗେଶ୍ୱର ଭୋଇ, ଅତିରିକ୍ତ ଜିଲ୍ଲା କୃଷି ଅଧିକାରୀ ପ୍ରଦୀପ କୁମାର ବେଉରିଆ, ସମସ୍ତ ବିଡିଓ, ସମସ୍ତ ତହସିଲଦାର, ଡିପିସି ମିଶନ ଶକ୍ତି, ମା' ସୁନାଦେଇ, ଦ୍ୱାରସିନୀ, ଉଦନ୍ତୀ, ସବୁଜ କୋମନା, ମର୍ଯ୍ୟାଦା ସଂସ୍ଥାର ଅଧିକାରୀ, ମଣ୍ଡି ପରିଚାଳକ, ବିଭିନ୍ନ ବ୍ଲକ କୃଷି ଅଧିକାରୀ, କୃଷକମାନେ ଯୋଗଦାନ କରିଥିଲେ।

ମଣ୍ଡିରେ ଧାନ ବିକିବାର ୧୭ବର୍ଷ ବିତିଲା

# ଆଜିଯାଏ ଟଙ୍କା ପାଇନାହାନ୍ତି ଚାଷୀ

**ନୂଆପଡ଼ା /କୋମନା, ୧୨।୧୨(ସମିସ):** କେନ୍ଦ୍ର ଓ ରାଜ୍ୟ ସରକାର ଚାଷୀଙ୍କ ହିତରେ କାମ କରୁଛୁ ବୋଲି ଡିଣ୍ଡିମ ପିଟୁଛନ୍ତି। ଚାଷୀଙ୍କ ସ୍ୱାର୍ଥ ପାଇଁ କାମ କରୁଛୁ ବୋଲି କୁହାଯାଉଛି। କିନ୍ତୁ ଆଜିକୁ ୧୭ବର୍ଷ ତଳେ ଜଣେ ଚାଷୀ ମଣ୍ଡିରେ ଧାନ ବିକ୍ରି କରି ଆଜିଯାଏଁ ଟଙ୍କା ନପାଇବା ପରିତାପର ବିଷୟ।ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ବିଶିବାହାଲ ଗାଁର ଚାଷୀ ରଞ୍ଜନ କୁମାର ନାୟକ ମଣ୍ଡିରେ ଧାନ ବିକ୍ରିକରି ଆଜକୁ ୧୭ ବର୍ଷ ହେଲା ଟଙ୍କା ପାଇନଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ ଖରିଆରରୋଡସ୍ଥିତ ମହାବୀର ରାଇସ ମିଲ୍ ମାଲିକ ଅତୁଲ ଢୋଲକିଆଙ୍କ ନିକଟରେ ଗତ ୧୯.୧୨.୨୦୦୭ ମସିହାରେ ଭେଲା ପାକ୍ସରେ ୧୨୦ କ୍ୱିଣ୍ଟାଲ ୮୭ କି.ଗ୍ରା ଧାନ ବିକ୍ରୟ କରିଥିଲେ। ଧାନ କ୍ୱିଣ୍ଟାଲ ପିଛା ୭୫୦ ଟଙ୍କା ଦରରେ ମୋଟ ୯୦ ହଜାର ୬୫୨ ଟଙ୍କା ପାଇବା କଥା। ହେଲେ ଆଜି କାଲି ଦିଆଯିବ ବୋଲି କାହି ମିଲର ଚାଷୀଙ୍କୁ ଠକି ଚାଲିଛି। ଚାଷୀ ଜଣକ ବାରମ୍ବାର ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ମଧ କିଛି ଫଳ ପାଇଲେ ନାହିଁ। ଧାନ ବିକ୍ରୟର ୧୭ ବର୍ଷ ବିତି ଯାଇଥିଲେ ମଧ ଟଙ୍କା ଦେଇ ନଥିବାରୁ ୧୭ ବର୍ଷର ସୁଧ ଦେବା ପାଇଁ ତତ୍କାଳୀନ ଜିଲ୍ଲାପାଳ ହେମକାନ୍ତ ନିର୍ଦ୍ଦେଶ କରିଥିଲେ।ଏହାକୁ ଭିତ୍ତି କରି ମିଲର୍ ଓ ଯୋଗାଣ ଅଧିକାରୀଙ୍କ ଉପସ୍ଥିତିରେ ଧାନ ବିକ୍ରୟର ମୋଟ ୯୦ ହଜାର ଟଙ୍କାର ୧୭ ବର୍ଷର ସୁଧକୁ ମିଶାଇ ୩ ଲକ୍ଷ ୫୦ ହଜାର ଟଙ୍କା ଚାଷୀଙ୍କୁ ଦେବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ହେଲେ ଗତ ମେ ମାସ ୧୫ ତାରିଖ ଦିନ ୧ ଲକ୍ଷ ୯୦ ହଜାର ଟଙ୍କା ଚାଷୀଙ୍କୁ ମିଲର୍




## ମୂଳସୁଧ ସହ ପାଇବେ ୩ ଲକ୍ଷ ୫୦ ହଜାର ଟଙ୍କା

ପ୍ରଦାନ କରିଥିଲେ। ବାକି ୧ ଲକ୍ଷ ୬୦ ହଜାର ଟଙ୍କା ଆଜି ପର୍ଯ୍ୟନ୍ତ ମିଳିନାହିଁ। ଏହାକୁ ନେଇ ଚାଷୀ ଜଣକ ପୁଣି ଥରେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଜିଲ୍ଲାପାଳ ମଧୁସୁଦନ ଦାଶ ତୁରନ୍ତ ତଦନ୍ତ କରି ଚାଷୀଙ୍କୁ ବକେୟା ଟଙ୍କା ପ୍ରଦାନ କରିବା ପାଇଁ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।୧୫ ଦିନ ମଧରେ ବକେୟା ଟଙ୍କା ନ ପାଇଲେ ଚାଷୀ ଜଣକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି।

# ଧନସରାରେ ଧାନ ମଣ୍ଡି ଉଦ୍‌ଘାଟିତ



**କୋକସରା, ୧୨।୧୨(ସମିସ):** ଦୀର୍ଘ ଦିନ ଦାବିପରେ ଗୁରୁବାର କୋକସରା ବ୍ଲକ କାଶୀବାହାଲ ପ୍ରାଥମିକ କୃଷି ସମବାୟ ସମିତି ଅଧୀନ ଧନସରା ଗ୍ରାମରେ ନୂତନ ଧାନ ମଣ୍ଡି ସହ ଗୃହ ଉଦ୍‌ଘାଟିତ ହୋଇଛି। ଏଥିରେ କୋକସରା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମାର୍କଣ୍ଡ ବେମାଲ ମୁଖ୍ୟବକ୍ତା ବିଜେପି ନେତା ତ୍ରିନାଥ ଶବର, ଆରଏମସି କର୍ମଚାରୀ ରାହାସ ଧଙ୍ଗଡ଼ାମାଝୀ, ଜଗନ୍ନାଥ ସତନାମୀ, ସମିତି ସଭ୍ୟ ଗଜାନନ ନିଆଲ, ପଦ୍ମକିଶୋର ଶତନାମୀ, ଇଶରାମ ବେହେରା, ଗ୍ରାମ୍ୟ କୃଷି କର୍ମଚାରୀ ରଷି ମଣି ଗୌଡ଼ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ କାଶୀବାହାଲ ପେକ୍ସ ସଭାପତି ନିହାର ରଞ୍ଜନ ବେହେରାଙ୍କ ସଭାପତିତ୍ୱରେ ଚାଷୀଙ୍କୁ ନେଇ ଏକ ବୈଠକ ମଧ ଅନୁଷ୍ଠିତ ହୋଇଥିଲା। ପୂର୍ବରୁ ଧନାସରା ଗ୍ରାମର ଚାଷୀ କାଶିବାହାଲଠାରେ ଧାନ ବିକ୍ରି କରି ଆସୁଥିଲେ। ତେବେ ସେଠାରେ ଖୋଲା ମଣ୍ଡି ଓ କୌଣସି ସେଡ୍ ବ୍ୟବସ୍ଥା ନ ଥିବାରୁ ଚାଷୀ ଖରା, ବର୍ଷା, ଶୀତ କାକରରେ ଧାନ ବିକ୍ରି କରି ଆସୁଥିଲେ। ବର୍ତ୍ତମାନ ଧନସରାରେ ନୂତନ ମଣ୍ଡି ସହ ଗୋଦାମ ଗୃହ, କାର୍ଯ୍ୟାଳୟ, ଓଜନ ମେସିନ ବ୍ୟବସ୍ଥା କରାଯାଇଥିବାରୁ ଚାଷୀମାନେ ଖୁସି ବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମକୁ ତନୁକଲାଲ ନାଗ ସଂଯୋଜନା କରିଥିଲେ। ରୁଦ୍ର ପ୍ରସାଦ ନାଏକ, ଖଗେଶ୍ୱର ଶତନାମୀ, ବଳରାମ ସତାନାମୀ, ଭଗତରାମ ଶତନାମୀ, ଅର୍ଜୁନ ଶବର, ଜୟଶଙ୍କର ପଟେଲ, ଦୁଷ୍ମନ୍ତ ପୁଝାରୀ, କପୁରଚନ ପଟେଲ, ସିମାନ ଶତନାମୀ, ବିରଞ୍ଚି ଶବର ସମେତ ଅଞ୍ଚଳର ଚାଷୀ ଉପସ୍ଥିତ ଥିଲେ।

କୋସଲି ସାଂସ୍କୃତିକ ମହୋତ୍ସବ ଉଦ୍‌ଯାପିତ

# କୋସଲିକୁ ରାଜ୍ୟର ଦ୍ୱିତୀୟ ଭାଷାର ମାନ୍ୟତା ମିଳୁ



**ନୂଆପଡ଼ା, ୧୨।୧୨(ସମିସ):** ସ୍ଥାନୀୟ ପୁଲିସ ପଡ଼ିଆ ରଙ୍ଗମଞ୍ଚରେ କୋସଲି ସାହିତ୍ୟ ସାଂସ୍କୃତିକ ଅନୁଷ୍ଠାନ ଆନୁକୂଲ୍ୟରେ ଚାଲିଥିବା କୋଶଲି ସାଂସ୍କୃତିକ ମହୋତ୍ସବ ଉଦଯାପିତ ହୋଇଯାଇଛି। କୋସଲୀ ସାହିତ୍ୟ ସାଂସ୍କୃତିକ ଅନୁଷ୍ଠାନର ସମ୍ପାଦକ ରବୀନ୍ଦ୍ର ମଙ୍ଗରାଜଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ସୁବାଷଚନ୍ଦ୍ର ରଇତ, ସମ୍ମାନିତ ଅତଥିଭାବେ ନୂଆପଡ଼ା ବିଧାୟକ ପ୍ରତିନିଧି ଜୟ ଢୋଲକିଆ, ନୂଆପଡ଼ା ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ସଭାପତି ଘାସିରାମ ମାଝି, ନୂଆପଡ଼ା ଏନ୍‌ଏସି ଅଧକ୍ଷ ମହମ୍ମଦ ଆଦାମ, କୋମନା ବ୍ଲକ ଅଧ୍ୟକ୍ଷା ଅନୁସୂୟା କୁମ୍ଭାର, ମୁଖ୍ୟବକ୍ତା ଭାବେ ନୂଆପଡ଼ା ଗୋଷ୍ଠୀ ଶିକ୍ଷାଧିକାରୀ ହେମସାଗର ମହାନନ୍ଦ ପ୍ରମୁଖ ମଞ୍ଚାସୀନ ଥିଲେ। ଆଜିକୁ ବହୁ ବର୍ଷ ଧରି ନୂଆପଡ଼ା ଭଳି ଉପାନ୍ତ ତଥା ଛତିଶଗଡ଼ି ଭାଷା ପ୍ରଭାବିତ ଜିଲ୍ଲାରେ କୋଶଲି ଭାଷା, ସାହିତ୍ୟର ପ୍ରଚାର ପ୍ରସାର ଦିଗରେ ବହୁ ଆନ୍ଦୋଳନ ଚାଲି ଆସିଛି।ଏହା ସମଗ୍ର ପଶ୍ଚିମ ଓଡ଼ିଶାରେ ସୁଦୂର ପ୍ରସାରୀ ଏବଂ ପ୍ରଭାବି ହେବା ଦରକାର ବୋଲି ବକ୍ତାମାନେ ମତ ପୋଷଣ କରିଥିଲେ।ନୂଆପଡ଼ାରୁ କୋସଲି ଭାଷା ଆନ୍ଦୋଳନ ନିଆରା ଢଙ୍ଗରେ ଆରମ୍ଭ ହୋଇଛି। ଆଗାମୀ ଦିନରେ କୋସଲି ଭାଷାକୁ ରାଜ୍ୟର ଦ୍ୱିତୀୟ ଭାଷା ରୂପେ ମାନ୍ୟତା ଦେବାକୁ ଅତିଥିମାନେ ଦାବି କରିଥିଲେ। ଅନୁଷ୍ଠାନର ମୁଖ୍ୟଉପଦେଷ୍ଟା ଅଶ୍ୱିନୀ ଭୋଇ ମଞ୍ଚ ପରିଚାଳନା କରିଥିବା ବେଳେ ସଭାପତି ସୁରଜିତ ସିଂ ମହାରଥା ଧନ୍ୟବାଦ ଦେଇଥିଲେ। ପ୍ରଥମେ ହାଇସ୍କୁଲ ଓ କଲେଜ ଛାତ୍ରଛାତ୍ରୀଙ୍କ ନେଇ ନୃତ୍ୟ ପ୍ରତିଯୋଗିତା ହୋଇଥିଲା। ଏହି ଅବସରରେ ଛାତ୍ରଛାତ୍ରୀଙ୍କୁ ନେଇ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଷ୍ଟାର ନାଇଟ କାର୍ଯ୍ୟକ୍ରମରେ ସମ୍ବଲପୁରୀ ଗୀତରେ ମଞ୍ଚ ଦୁଲୁକି ଉଠିଥିଲା।ଅନୁଷ୍ଠାନର ଭକ୍ତବନ୍ଧୁ ଧରୁଆ, ଗଣେଶ ସହିସ, ବିଶାଳ ବାଗ, ପିଣ୍ଟୁ ଜଗତ, ଗୋଲୁ ଦଣ୍ଡସେନା, ଧନେଶ ଦଣ୍ଡସେନା, ଭୋଲା ତାଣ୍ଡି, ସଞ୍ଜୁ ମହାନନ୍ଦ, ରିଙ୍କୁ ସାହୁ, ଆଭାସ ନିଆଲ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ମୁକେଶ ଦଣ୍ଡସେନା ମଞ୍ଚ ପରିଚାଳନା କରିଥିଲେ।

## ଜିଲ୍ଲାସ୍ତରୀୟ ବାଲ୍ ବିଜ୍ଞାନ ମେଳାରେ ସଫଳତା



**ସିନାପାଲି, ୧୨।୧୨(ସମିସ):** ନୂଆପଡ଼ା ଜିଲ୍ଲାସ୍ତରୀୟ ବାଳ ବିଜ୍ଞାନ ମେଳାରେ ଭାଗ ନେଇ ଥିବା ସିନାପାଲି ବ୍ଲକର ତିନିଜଣ ଛାତ୍ର ରାଜ୍ୟସ୍ତରରେ ଅଂଶଗ୍ରହଣ କରିବା ଲାଗି ଯୋଗ୍ୟ ବିବେଚିତ ହୋଇଛନ୍ତି। ସେମାନେ ହେଲେ ହାତୀବନ୍ଧା ଉଚ୍ଚ ବିଦ୍ୟାଳୟର ଛାତ୍ର ଟିକେଲାଲ ମାଝୀ, ଗଣ୍ଡାବାହାଲୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଛାତ୍ର ଦୌଲତ ମେହେର, ବିଯୁଭିପି ଚଟିଆଗୁଡାର ଛାତ୍ର ବୈଷ୍ଣବ ମସରା ଯଥା କ୍ରମେ ଶିକ୍ଷକ ରୂପେଶ ମେହେର, କୈଳାଶ ଚନ୍ଦ୍ର ଦାସ ଓ ମୁକ୍ତେଶ୍ୱର ପ୍ରଧାନଙ୍କ ମାର୍ଗଦର୍ଶନରେ ସଫଳତା ପାଇଛନ୍ତି। ସଫଳତାରେ ସିନାପାଲି ବିଜ୍ଞାନ ଫୋରମ ସଭାପତି ତଥା ଗୋଷ୍ଠୀ ଶିକ୍ଷା ଅଧିକାରୀ ଯତୀନ୍ଦ୍ର କୁମାର ସେଠ, ସମ୍ପାଦକ ସତ୍ୟବାନ୍ ମେହେର, ସଂଯୋଜକ ମନୋରଞ୍ଜନ ମେହେର ମନୋନୀତ ଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ୭୩ ବର୍ଷରେ କୁଳିଆପାଥର ଲକ୍ଷ୍ମୀପୂଜା

**ସିନାପାଲି, ୧୨।୧୨(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ କେନ୍ଦୁମୁଣ୍ଡା ପଞ୍ଚାୟତ ସୀମାନ୍ତ କୁଳିଆପାଥର ଗ୍ରାମରେ ମାଣବସା ଗୁରୁବାର ଅବସରରେ ଲକ୍ଷ୍ମୀପୂଜା ପାଳିତ ହେଉଛି। ଚଳିତ ବର୍ଷ ପୂଜା ୭୩ ବର୍ଷ ରେ ପଦାର୍ପଣ କରିଛି। ପାରମ୍ପାରିକ ଭାବରେ ଚଳିତ ବର୍ଷ ମଧ ବେଶ ଆଡମ୍ବର ସହକାରେ ପାଳନ କରାଯାଉଛି। ଏଥିପାଇଁ ଗାଁ ତଥା ସୀମାନ୍ତ ଅଞ୍ଚଳ ଚଳଚଞ୍ଚଳ ହୋଇ ପଡ଼ିଛି। ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ବେଳେ ଛତିଶଗଡ଼, କଳାହାଣ୍ଡି ଓ ଅଞ୍ଚଳର ବିଭିନ୍ନ ଗ୍ରାମର ସାମାଜିକ ଓ ପୌରାଣିକ କଥାବସ୍ତୁ ଆଧାରିତ ନାଟକ ଗୁଡ଼ିକ ମଞ୍ଚସ୍ଥ ହେଉଛି। ଯାହା ଦର୍ଶକମାନଙ୍କୁ ବେଶ୍ ଆମୋଦ ଯୋଗାଉଛି। ଏହି ପୂଜା ଅବସରରେ ଗ୍ରାମର ଶତାଧିକ ମହିଳା କଳସ ଯାତ୍ରାରେ ସାମିଲ ରହି ପୂର୍ଣ୍ଣ କଳସ ମଣ୍ଡପରେ ସ୍ଥାପନ କରିଥିଲେ। ପୂଜାର କର୍ତ୍ତା ଭାବରେ ବୈଦ୍ୟନାଥ ନାଗ ଓ ତାଙ୍କର ସହଧର୍ମିଣୀ କେତକୀ ନାଗ ରହିଥିବା ବେଳେ ପୂଜକ ଭାବରେ ମାଣିକ୍ୟ ମୋହନ ସୂପକାର ଦାୟିତ୍ୱ ନିର୍ବାହ କରୁଛନ୍ତି। ପୂଜା କମିଟିର ସଭାପତି ଭାବରେ ଭୃଙ୍ଗରାଜ ନାଗ ଓ ଜୟରାମ ଚିନ୍ଦା ରହିଥିବା ବେଳେ ସମ୍ପାଦକ ଭାବରେ ହୁକୁମ ଚନ୍ଦ୍ର ଗୁଆଲ ଓ ଶରତ ଚନ୍ଦ୍ର ନାଏକ, କୋଷାଧ୍ୟକ୍ଷ ଲଛମନ ଗୁଆଲ ଓ ଦେବଚନ ଚିନ୍ଦା, ଉପଦେଷ୍ଟା କମିଟିରେ ପୂର୍ଣ୍ଣଚନ୍ଦ୍ର ସାହଣ, ନବଘନ ଗୁଆଲ, ବେଦ ଚିନ୍ଦା, ବଳିଆର ସହାଣ୍ଡ, ଶାନ୍ତିରାମ ଚିନ୍ଦା, ଡମ୍ବୁରୁଧର ସହାଣଙ୍କ ସମେତ ବହୁ ଗ୍ରାମବାସୀ ସାମିଲ ହୋଇଛନ୍ତି।

ପୁଞ୍ଜାମ ସରକାରୀ ପ୍ରାଥମିକ ବିଦ୍ୟାଳୟ

# ଜଣେ ଶିକ୍ଷକଙ୍କ ଉପରେ ୬୦ ପିଲାଙ୍କ ଭାର

## ଆନ୍ଦୋଳନ ପରେ ଜଣେ ଶିକ୍ଷକଙ୍କୁ ମାସେ ପାଇଁ ନିଯୁକ୍ତି

**ଲାଞ୍ଜିଗଡ଼, ୧୨।୧୨(ସମିସ):** ଲାଞ୍ଜିଗଡ଼ ବ୍ଲକ ମାଲିଯୁବାଙ୍ଗ କ୍ଲଷ୍ଟର ଅଧୀନ ପୁଞ୍ଜାମ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପର୍ଯ୍ୟାପ୍ତ ଶିକ୍ଷକ ନାହାନ୍ତି। ଏଣୁ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ସମସ୍ୟା ହେଉଛି। ତେବେ ଅଭିଭାବକ ଓ ଛାତ୍ରଛାତ୍ରୀଙ୍କ ଆନ୍ଦୋଳନ ଫଳରେ ମାତ୍ର ମାସେ ପାଇଁ ଜଣେ ଶିକ୍ଷକଙ୍କୁ ଏଠାରେ ନିଯୁକ୍ତି ମିଳିଛି।

ପୁଞ୍ଜାମ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୬୦ରୁ ଅଧିକ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି; ହେଲେ ଜଣେ ମାତ୍ର ଶିକ୍ଷକ ରହି ପିଲାଙ୍କୁ ଶିକ୍ଷକ ଦାନ କରୁଛନ୍ତି। ତେବେ ସ୍କୁଲରେ ଜଣେ ଶିକ୍ଷକ ଥିବାବେଳେ ଅନେକ ସମୟରେ ତାଙ୍କୁ ବିଭିନ୍ନ ସରକାରୀ କାର୍ଯ୍ୟ ତୁଲାଇବାକୁ ପଡ଼ିଥାଏ। ଆଗରୁ ୨ ଜଣ ଶିକ୍ଷକ ରହିଥିଲେ; କିନ୍ତୁ କିଛି ଦିନ ପୂର୍ବେ ଜଣେ ଶିକ୍ଷକଙ୍କୁ ଅନ୍ୟ ଏକ ସ୍କୁଲକୁ ବଦଳି କରାଯାଇଛି। ଏହାଫଳରେ ଜଣେ ଶିକ୍ଷକଙ୍କୁ ୬୦ରୁ ଅଧିକ ପିଲାଙ୍କୁ ଶିକ୍ଷାଦାନ କରିବାରେ ଅସୁବିଧା ହେଉଛି। ସମ୍ପୃକ୍ତ ଶିକ୍ଷକଙ୍କ ବଦଳି ହେଲା ପରେ ଲାଞ୍ଜିଗଡ଼ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ସ୍କୁଲ ପରିଚାଳନା କମିଟି ସଦସ୍ୟ ଅକ୍ଟୋବର ମାସ ୮ରେ ସମସ୍ୟା ଜଣାଇଥିଲା। ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୋଟିଏ ସପ୍ତାହ ଭିତରେ ସ୍କୁଲରେ ଶିକ୍ଷକଙ୍କ ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ; ହେଲେ ପ୍ରତିଶ୍ରୁତିର ୨ ମାସ ବିତିଯାଇ ବର୍ତ୍ତମାନ ସୁଦ୍ଧା କୌଣସି ବ୍ୟବସ୍ଥା ହୋଇ ପାରିଲାନାହିଁ; ଏହାଫଳରେ ଅଭିଭାବକ ଓ ଛାତ୍ରଛାତ୍ରୀ ସ୍କୁଲ ପରିସରରେ ଗତ ମଙ୍ଗଳବାର ଧାରଣା ଦେଇ ପ୍ରତିବାଦ କରିଥିଲେ। ଯେଉଁ ପର୍ଯ୍ୟନ୍ତ ସ୍କୁଲରେ ଶିକ୍ଷକ ଦିଆଯିବ ନାହିଁ ସେ ପର୍ଯ୍ୟନ୍ତ ସ୍କୁଲରେ ତାଲା ପକାଇ ଧାରଣା ଦେବେ ବୋଲି ସେମାନେ ଅଡ଼ି ବସିଥିଲେ। ଏ ନେଇ ଏବିଇଓ ସୁତଳଦେବ ମୁଣ୍ଡ ସିଆରସିସିଙ୍କୁ ପୁଞ୍ଜାମ ସ୍କୁଲକୁ ପଠାଇଥିଲେ। ଏହାପରେ ଅଭିଭାବକ ଓ ଛାତ୍ରଛାତ୍ରୀ ଧାରଣାରୁ ଓହରିଥିଲେ। ଶେଷରେ ଜଣେ ଶିକ୍ଷକଙ୍କୁ ଅସ୍ଥାୟୀ ଭାବେ ପୁଞ୍ଜାମ ସ୍କୁଲକୁ ପଠାଯାଇଛି। ଏ ନେଇ ଏବିଇଓ ସୁତଳଦେବ ମୁଣ୍ଡଙ୍କୁ ପଚାରିବାରୁ ଖୁବ୍ ଶୀଘ୍ର ସ୍ଥାୟୀ ପ୍ରତିକାର କରାଯିବ ବୋଲି ପ୍ରକାଶ କରିଥିଲେ।

## କୋକସରା ବ୍ଲକରେ ନୂତନ ବିଡିଓଙ୍କ ଯୋଗଦାନ



**କୋକସରା, ୧୨।୧୨(ସମିସ):** କୋକସରା ବ୍ଲକରେ ଗୁରୁବାର ନୂତନ ବିଡିଓ ଭାବେ ହିମାଞ୍ଚଳ ମାଝୀ ଯୋଗ ଦେଇଛନ୍ତି। ଭାରପ୍ରାପ୍ତ ବିଡ଼ିଓ ବିଶ୍ୱନାଥ ରାଉତଙ୍କଠାରୁ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି। ବିଡିଓ ଶ୍ରୀ ମାଝୀ ଏହା ପୂର୍ବରୁ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକରେ କାର୍ଯ୍ୟରତ ରହିଥିଲେ। ସେ କାର୍ଯ୍ୟରେ ଯୋଗଦେବା ପରେ ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ସହକାରୀ ଯନ୍ତ୍ରୀ ସର୍ବେଶ୍ୱର ପ୍ରଧାନ, ବରିଷ୍ଠ କିରାଣୀ ବିନୋଦ ନାଏକ, ହିସାବ ରକ୍ଷକ ଅଶୋକ ସେଠି, ଜିପିଡିଓ ରାଜେନ୍ଦ୍ର ପାତ୍ର, କନିଷ୍ଠ ଯନ୍ତ୍ରୀ କୀର୍ତ୍ତି ବେହେରା, ଅମ୍ବିକା ମାଝୀ, ସୁକାନ୍ତ ବେହେରା, ପିପି ସିଂ, ସୌରବ ବେହେରା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ ବେହେରାଙ୍କ ସମେତ କର୍ମଚାରୀ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ସେହିପରି ବ୍ଲକ ସାମ୍ବାଦିକ ସଂଘ (କେବିଏସଏସ) ପକ୍ଷରୁ ମଧ ନୂତନ ବିଡ଼ିଓଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି।

## ଗୋଷ୍ଠୀ ଶୌଚାଳୟ, ଅମୃତଧାରାର ଶୁଭାରମ୍ଭ



**କେସିଙ୍ଗା, ୧୨।୧୨(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ତୁଣ୍ଡଲା ପଞ୍ଚାୟତ ତରଫରୁ ତୁଣ୍ଡଲା ଛକରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢ଼ୀଙ୍କ ଉପସ୍ଥିତିରେ ଗୋଷ୍ଠୀ ଶୌଚାଳୟ ଓ ଅମୃତ ଧାରାର ଶୁଭାରମ୍ଭ କରାଯାଇଛି। କେସିଙ୍ଗା ବ୍ଲକ ଅଧ୍ୟକ୍ଷ ଚନ୍ଦନ ସେନାପତି, କେସିଙ୍ଗା ବିଡ଼ିଓ ପଦ୍ମନାଭ ପୁରୋହିତ, ତୁଣ୍ଡଲା ସରପଞ୍ଚ ସରୋଜ ସେଠ, ତୁଣ୍ଡଲା ଗ୍ରାମ ପଞ୍ଚାୟତ ନିର୍ବାହୀ ଅଧିକାରୀ ପାର୍ଥ ରଣା, ଏଡିଇଓ ଶିଶିର ଗହୀର ଓ ତୁଣ୍ଡଲା ଯୁକ୍ତ ୨ କଲେଜର ଛାତ୍ରଛାତ୍ରୀଙ୍କ ସହ ସ୍ଥାନୀୟ ବୁଦ୍ଧିଜୀବୀ ଓ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

## ଧୁମ୍‌ଧାମ୍‌ରେ ପାଳିତ ହେଉଛି ଲକ୍ଷ୍ମୀପୂଜା

**ଆମପାଣି, ୧୨।୧୨(ସମିସ):** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ବଡପୋଡାଗୁଡା ପଞ୍ଚାୟତର ରଏନଗୁଡାରେ ମା' ଲକ୍ଷ୍ମୀଙ୍କ ପୂଜା ଉତ୍ସବ ଧୁମଧାମରେ ପାଳିତ ହେଉଛି। ପୂଜା ଅବସରରେ ଗାଁ ଦାଣ୍ଡ ଉତ୍ସବ ମୁଖର ହୋଇଥିବା ବେଳେ ଭଜନ ସମାରୋହ ସହ ନାଟକ ଆଦି କାର୍ଯ୍ୟକ୍ରମ ରହିଛି। ପଣ୍ଡିତ କେଦାରନାଥ ମିଶ୍ର ଓ କୃଷ୍ଣଚନ୍ଦ୍ର ଦାସ ପୂଜା କାର୍ଯ୍ୟ ସମ୍ପାଦନ କରୁଥିବାବେଳେ କାର୍ତ୍ତିକେଶ୍ୱର କାଣ୍ଡ ଓ ତାଙ୍କ ପତ୍ନୀ ପଦ୍ମା କାଣ୍ଡ କର୍ତ୍ତା ଭାବେ ରହିଛନ୍ତି। ପୂଜା କମିଟି ସଭାପତି ସତ୍ୟନାରାୟଣ କାଣ୍ଡ, ଉପସଭାପତି ଚନ୍ଦ୍ରମଣି ନାଏକ, ସମ୍ପାଦକ ହେମନ୍ତ ନାଏକ, ସହ ସମ୍ପାଦକ ମିଥୁନ ପୁଝାରୀ, କୋଷାଧ୍ୟକ୍ଷ ମୋହନ ରାଉତଙ୍କ ସମେତ ଗ୍ରାମବାସୀ ପୂଜା କାର୍ଯ୍ୟରେ ସହଯୋଗ କରୁଛନ୍ତି।

## ବ୍ଲକସ୍ତରୀୟ ଯୁବ ପ୍ରତିଭା ଚୟନ କାର୍ଯ୍ୟକ୍ରମ

**ଥୁଆମୂଳ ରାମପୁର, ୧୨।୧୨(ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ପଞ୍ଚାୟତ ସମିତି ସଭାଗୃହରେ ବ୍ଲକସ୍ତରୀୟ ଯୁବ ପ୍ରତିଭା ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଡିଓ ଧ୍ରୁବ ଚରଣ ମୁଦୁଲିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ସାଲକୋ ହେମ୍ବ୍ରମ, ଏମ୍‌ଏମ୍‌ପିଏସ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ସତ୍ୟ ନାରାୟଣ ମୁଣ୍ଡଛିନା, ଭାରପ୍ରାପ୍ତ ବିଆର୍‌ସି ହେମନ୍ତ ପଣ୍ଡା, ମାଣିକ୍ୟ ଚନ୍ଦ୍ର ନାଏକ, ସାଂସଦ ପ୍ରତିନିଧି ପବିତ୍ର ନାଏକ ପ୍ରମୁଖଙ୍କ ଉପସ୍ଥିତିରେ ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନ ଏବଂ ଅଞ୍ଚଳର ଅନେକ ଯୁବ ପ୍ରତିଭା ନିଜନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ। ଏଥିରେ ଦଳଗତ ଏବଂ ଏକାକୀ ଲୋକନୃତ୍ୟ, ଦଳଗତ ଏବଂ ଏକାକୀ ଲୋକସଙ୍ଗୀତ, ପଦ୍ୟ, ଗଳ୍ପ ଲିଖନ ଏବଂ ଚିତ୍ରକଳା ଉପରେ କଳାକାରଗଣ ପ୍ରତିଭା ପ୍ରଦର୍ଶନ କରିଥିଲେ। ଗଣେଶ୍ୱର ନାଏକ, ଅଜିତ ଦୁର୍ଗା, ଯଦୁମଣି ନାଏକ ଏବଂ କୃଷ୍ଣଚନ୍ଦ୍ର ନାଏକ ପ୍ରତିଯୋଗୀଙ୍କୁ ଚୟନ କରିଥିଲେ। ୧୪ରେ ଜିଲ୍ଲାସ୍ତରରେ ହେବାକୁ ଥିବା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ପାଇଁ ଏମାନେ ସୁଯୋଗ ପାଇପାରିବେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁନାରାମ୍ ସୋରେନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



ସମ୍ପୂର୍ଣ୍ଣ

ସକାଳ THE SAKALA
www.sakalaepaper.com

## ଆଜିର ରାଶିଫଳ

**ମେଷ:** ନୂଆ କାମ ଆରମ୍ଭ କରିବା ପାଇଁ ଭଲ ସମୟ। ପ୍ରିୟବନ୍ଧୁଙ୍କୁ ନିଜ ମନକଥା କହିବେ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ପ୍ରେମୀଯୁଗଳଙ୍କ ମତାନ୍ତର ଦୂର ହେବ। ମହିଳାମାନେ ଘର କାମରେ ବ୍ୟସ୍ତ ରହିପାରନ୍ତି।

**ବୃଷ:** ଘରେ ମାଙ୍ଗଳିକ କାର୍ଯ୍ୟକ୍ରମ ଆୟୋଜନ ହେବ। ଅବିବାହିତଙ୍କ ବିବାହ ସ୍ଥିର ହେବ। ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ। ପୈତୃକ ସମ୍ପତ୍ତିକୁ ନେଇ ଭାଇଭାଇଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇପାରେ।

**ମିଥୁନ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଦୂର ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟୀ ନୂଆ ବ୍ୟବସାୟର ଯୋଜନା କରିବେ। ପ୍ରେମୀ ଯୁଗଳ ସୁନ୍ଦର ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବ।

**କର୍କଟ:** ପଡ଼ୋଶୀଙ୍କ ସାହାଯ୍ୟ ମିଳିବ। କ୍ରୀଡ଼ାବିତ୍‌ଙ୍କୁ ଶୁଭ ଖବର ମିଳିବ। ଜମି କାରବାରରେ ସଫଳ ହେବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ। ଦୂରଯାତ୍ରା ସମୟରେ ସତର୍କତା ଅବଲମ୍ବନ କରନ୍ତୁ।

**ସିଂହ:** ଇଚ୍ଛା ମୁତାବକ କାମ ହେବ। ଆଣ୍ଠୁଗଣ୍ଠି ସମସ୍ୟା ପାଇଁ ଚିନ୍ତାରେ ରହିବେ। ଅଚାନକ ଖୁସି ଖବର ପାଇପାରନ୍ତି। ଅଫିସ୍ କାମ ଠିକ୍ ସମୟରେ ଶେଷ କରିବେ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ମିଳିବ। ନାଚ, ଗୀତ ପ୍ରତି ରୁଚି ବଢ଼ିବ। ବନ୍ଧୁଙ୍କ ସହ ସମୟ ଅତିବାହିତ କରିବେ। ଅଫିସ୍‌ରେ ଅସୁବିଧାର ସମ୍ମୁଖୀନ ହେବେ। ଚାକିରିରେ ବଦଳି ସମ୍ଭାବନା ଅଛି।

**ତୁଳା:** ମନ ଖୁସି ରହିବ। ପରିବାର ସଦସ୍ୟଙ୍କ ସହ ସମୟ ଅତିବାହିତ କରିବେ। ନୂଆ ଚାକିରି ମିଳିବା ସମ୍ଭାବନା ଅଛି। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖା ଦେବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ।

**ବିଛା:** ରାଜନୀତିରେ ସକ୍ରିୟ ହେବେ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ବନ୍ଧୁଙ୍କ କଥା ଖରାପ ଲାଗିବ। ସମସ୍ତ କାର୍ଯ୍ୟ ସୁଚାରୁରୂପେ ତୁଲାଇବେ। ଆୟ ସହ ଖର୍ଚ୍ଚ ବଢ଼ିବ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିବାରେ।

**ଧନୁ:** ଚାକିରି ପାଇଁ ବିଦେଶ ଯାତ୍ରା କରିପାରନ୍ତି। ନିଜ ଲୋକ ଶତ୍ରୁ ସାଜିବେ। ମାପିଚୁପି କଥା କୁହନ୍ତୁ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ଉଦର ଜନିତ ସମସ୍ୟା ଦେଖା ଦେବ। ଆୟ ବ୍ୟୟ ସମାନ ରହିବ।

**ମକର:** ସମୟର ସଦୁପଯୋଗ କରିବେ। ପ୍ରେମ ସମ୍ବନ୍ଧ ମଜଭୁତ ହେବ। ଠକାମିର ଶିକାର ହେବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ଦୀର୍ଘ ଦିନର ଆଶା ପୂରଣ ହେବ। ଅନ୍ୟଙ୍କୁ କଟୁ କଥା କୁହନ୍ତୁନି।


**କୁମ୍ଭ:** ତରବରିଆ ଭାବେ ନିଷ୍ପତ୍ତି ନିଅନ୍ତୁ ନାହିଁ। ସନ୍ତାନଙ୍କ କ୍ୟାରିୟର୍‌କୁ ନେଇ ଚିନ୍ତାରେ ରହିବେ। ବ୍ୟାଙ୍କ ଓ ଆଇଟି କ୍ଷେତ୍ରରେ ସଫଳତା ମିଳିବ। ଚିନ୍ତା ଓ ଅବସାଦରେ ରହିବେ। ମହିଳାମାନଙ୍କ ଦାୟିତ୍ୱ ଅଧିକ ବଢ଼ିବ।

**ମୀନ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। ବିବାହକୁ ନେଇ ଚିନ୍ତାରେ ରହିବେ। ନୂଆ ନିଯୁକ୍ତି ଅବସର ମିଳିବ। ନିଜ ପାଇଁ ସମୟ ବାହାର କରିବେ। ବୈବାହିକ ଜୀବନ ସୁଖମୟ ହେବ। ଅର୍ଥ ସଞ୍ଚୟ ଯୋଜନା କରିବେ।

## ଆଜିର ଇତିହାସ

- ୧୭୩୪- ବ୍ରିଟେନ୍ ଓ ରୁଷ୍ ବାଣିଜ୍ୟ ସନ୍ଧିରେ ସ୍ୱାକ୍ଷର କଲେ।
- ୧୯୨୧- ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ଉଦ୍‌ଘାଟନ 'ପ୍ରିନ୍ସ ଅଫ୍ ୱେଲ୍‌ସ' କଲେ।
- ୧୯୮୬- ହିନ୍ଦୀ ଚଳଚ୍ଚିତ୍ର ଅଭିନେତ୍ରୀ ସ୍ମିତା ପାଟିଲଙ୍କ ଦେହାନ୍ତ।
- ୧୯୯୬- କୋଫି ଆନନ୍ କାତିସଂଘର ମହାସଚିବ ହେଲେ।
- ୨୦୦୧- ଭାରତର ସଂସଦ ଭବନ ଉପରେ ଆତଙ୍କବାଦୀ ଆକ୍ରମଣ।

## 'ସିଦ୍ଧାନ୍ତ ଦର୍ପଣ'ର ସୁଯୋଗ୍ୟ ସ୍ରଷ୍ଟା




ମହାମହୋପାଧ୍ୟାୟ ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର ସାମନ୍ତ (ପଠାଣି ସାମନ୍ତ) ଜଣେ ଅସାଧାରଣ ଜ୍ୟୋତିର୍ବିଜ୍ଞାନୀ ଏବଂ ପଣ୍ଡିତ। ଗ୍ରହ ଓ ନକ୍ଷତ୍ରଙ୍କ ସ୍ଥିତି, ଚଳନ ଏବଂ ଜଗତ ଉପରେ ସେମାନଙ୍କ ପ୍ରଭାବକୁ ନେଇ ଅଭ୍ରାନ୍ତ ଗାଣିତିକ ସୂତ୍ର ତିଆରି କରିବାରେ ସେ ଥିଲେ ସିଦ୍ଧହସ୍ତ। ପଠାଣି ସାମନ୍ତଙ୍କ ଦୀର୍ଘ ଦୁଇ ଦଶନ୍ଧିର ଉତ୍ସର୍ଗୀକୃତ ସାଧନାର ସର୍ବଶ୍ରେଷ୍ଠ କୃତି ହେଉଛି 'ସିଦ୍ଧାନ୍ତଦର୍ପଣ'। ଏହି ଗ୍ରନ୍ଥରେ ସର୍ବମୋଟ ୨୫୦୦ଟି ଶ୍ଳୋକ ରହିଛି ଓ ଏଥିରେ ଜ୍ୟୋତିଷ ଶାସ୍ତ୍ର, ଭୂଗୋଳ, ଖଗୋଳ, ଚନ୍ଦ୍ରସୂର୍ଯ୍ୟଙ୍କ ଗତି ଆଦି ବହୁ ବିଷୟରେ ଆଲୋଚନା ରହିଛି। ଏହି ଗ୍ରନ୍ଥ ପ୍ରକୃତରେ ଜ୍ୟୋତିର୍ବିଜ୍ଞାନ, ଜ୍ୟୋତିଷ ଶାସ୍ତ୍ର, ସଂସ୍କୃତ ସାହିତ୍ୟ ଓ ବ୍ୟାକରଣର ଏକ ଅପୂର୍ବ ସଙ୍ଗମ। ସିଦ୍ଧାନ୍ତ ଦର୍ପଣ ପ୍ରକାଶ ପାଇଲା ୧୮୯୯ ମସିହାରେ। ତା' ପୂର୍ବରୁ ଇଂରେଜ ସରକାରଙ୍କ ଦ୍ୱାରା ତାଙ୍କ କୃତିତ୍ୱ ପାଇଁ ପ୍ରଶଂସିତ ହୋଇ ୧୮୯୪ ମସିହା ସେପ୍ଟେମ୍ବର ୩ ତାରିଖରେ ସେ 'ମହାମହୋପାଧ୍ୟାୟ' ଉପାଧିରେ ଭୂଷିତ ହୋଇଥିଲେ। ଏ ଉପାଧି ପାଇବାରେ ସେ ଥିଲେ ପ୍ରଥମ ଓଡ଼ିଆ।

୧୮୩୫ ମସିହା ଡିସେମ୍ବର ୧୩ ତାରିଖ ପୌଷ କୃଷ୍ଣ ଅଷ୍ଟମୀ ତିଥିରେ ପଠାଣି ସାମନ୍ତ ଖଣ୍ଡପଡ଼ା ରାଜବଂଶରେ ଜନ୍ମଗ୍ରହଣ କରିଥିଲେ। ପିତାମାତା ତାଙ୍କର ନାମ ଚନ୍ଦ୍ରଶେଖର ରଖିଥିଲେ। ହେଲେ ତାଙ୍କ ଆଗରୁ ଦୁଇଟି ଝିଅ ଓ ଗୋଟିଏ ପୁଅ ମରିଯାଇଥିବାରୁ, ତାଙ୍କ ଅପର୍ଯ୍ୟାଣି ନାମ 'ପଠାଣି' ରଖାଯାଇଥିଲା। ପିଲାଦିନୁ ସେ ମନଯୋଗୀ, ଏକାଗ୍ରଚିତ୍ତ,ଅଧ୍ୟବସାୟୀ ଓ ଉଦାରମନା ଥିଲେ। ତାଙ୍କୁ ଯେତେବେଳେ ୧୨ ବର୍ଷ ହୋଇଥିଲା, ସେତେବେଳେ ସେ ଜ୍ୟୋତିଷ ଗ୍ରନ୍ଥର ବିଭିନ୍ନ ବିଷୟମାନ ପାଠ କରି ଏହାକୁ ମୁଖସ୍ଥ କରିଦେଇଥିଲେ। ସେ ମହାକାଶକୁ ଅନୁଧ୍ୟାନ କରି ଗ୍ରହ ଓ ନକ୍ଷତ୍ରର ଗତିବିଧି ନିରୂପଣ କରିପାରୁଥିଲେ। ସେ ପୁରାତନ ଜ୍ୟୋତିଷ ଶାସ୍ତ୍ରମାନ ପର୍ଯ୍ୟାଲୋଚନା କରି ତାରା ଜଗତର ଗତିବିଧି ଅନୁଧ୍ୟାନ କରିବା ସହ ସୂକ୍ଷ୍ମ ଯନ୍ତ୍ରମାନ ଉଦ୍ଭାବନ କରିଥିଲେ। ସାମାନ୍ୟ ଦୁଇଗୋଟି ବାଉଁଶନଳୀ ସାହାଯ୍ୟରେ ସେ ଦୂରଦୂରାନ୍ତର ଗ୍ରହ ମଣ୍ଡଳର ନକ୍ଷତ୍ରମାନଙ୍କର ଗତି ଅବଲୋକନ କରି ଯେଉଁ ସିଦ୍ଧାନ୍ତରେ ଉପନୀତ ହେଲେ, ତାହା ପୁରାତନ ସଂସ୍କୃତ ଜ୍ୟୋତିଷ ଶାସ୍ତ୍ରର ସିଦ୍ଧାନ୍ତ ସହିତ ମେଳଖାଇଲା ନାହିଁ। ଫଳରେ ସେ ନିଜ ସିଦ୍ଧାନ୍ତରୁ ପ୍ରମାଣିତ କଲେ ଯେ, ପ୍ରାଚୀନ ଭାରତୀୟ ଜ୍ୟୋତିର୍ବିଦ୍‌ମାନଙ୍କ ଗଣନା ଦିବସରୁ ନକ୍ଷତ୍ର ଜଗତର ସ୍ଥିତିଗତି କ୍ରମଶଃ ବଦଳିଯାଇଛି। ତାଙ୍କର ନୂତନ ମୌଳିକ ଗଣନା ଅନୁଯାୟୀ, ସେ 'ସିଦ୍ଧାନ୍ତ ଦର୍ପଣ' ପୋଥି ରଚନା କଲେ। ଯାହା ସମଗ୍ର ବିଶ୍ୱରେ ଓଡ଼ିଶା ପାଇଁ ଏକ ଗର୍ବ ଓ ଗୌରବର ବିଷୟ। ପଠାଣିସାମନ୍ତ ସୂର୍ଯ୍ୟଘଡ଼ି, ଶଙ୍କୁଦଣ୍ଡ, ଉଲମ୍ବୀଚକ୍ର, ମାନଯନ୍ତ୍ର, ଖଗୋଳଯନ୍ତ୍ର ଆଦି ଯନ୍ତ୍ରମାନ ତିଆରି କରି ବିଶ୍ୱବାସୀଙ୍କୁ ଦେଇଛନ୍ତି ନିଜର ଅତୁଳନୀୟ ଜ୍ଞାନର ପରିଚୟ। କବିବର ରାଧାନାଥ ପଠାଣି ସାମନ୍ତଙ୍କର ପ୍ରତିଭା ଓ କୃତିର ପ୍ରଶଂସାରେ ଶତମୁଖ ହୋଇ ଲେଖିଛନ୍ତି -:

"ଉତ୍କଳମାତାର ଯୋଗ୍ୟତମ ସୁତ,
ତୁମ୍ଭ ଯୋଗୁଁ ଆମ୍ଭେ ସର୍ବେ ହେଲୁ ପୂତ,
ସିଦ୍ଧାନ୍ତ ଦର୍ପଣ ହେବ ନାହିଁ ଲୟ,
ନର ଦେହେଥିବ ଯାବତ ହୃଦୟ।"

ଏହି ଯୋଗଜନ୍ମା ମହାପୁରୁଷଙ୍କର ୧୯୦୪ ମସିହା ୧୧ ଜୁନ୍‌ରେ ପରଲୋକ ଘଟିଥିଲା। କୁହାଯାଏ ଯେ, ସେ ନିଜ ମୃତ୍ୟୁ ଦିବସର ତିଥିକୁ ଆଗୁଆ ଜଣାଇ ଦେଇଥିଲେ।

## ଭିନ୍ନ ଏକ ପ୍ରତିଯୋଗିତା



### ବିନା ଫୋନ୍‌ରେ ଆଠଘଣ୍ଟା ରହି ଲକ୍ଷପତି

ଆଜିକାଲି ସମସ୍ତଙ୍କ ହାତରେ ମୋବାଇଲ। ସକାଳୁ ଉଠିବା ଠାରୁ ରାତିରେ ଶୋଇବା ଯାଏଁ ଲୋକେ ମୋବାଇଲ ବିନା ଘଡ଼ିଏ ରହିପାରୁ ନାହାନ୍ତି। ଦୀର୍ଘ ସମୟ ଫୋନ୍ ବ୍ୟବହାର ଦ୍ୱାରା ମଣିଷ ନାନା ରୋଗର ଶିକାର ହେଉଥିବା ଜାଣି ବି ଅନେକ ଏହାକୁ ଛାଡ଼ି ପାରୁନାହାଁନ୍ତି। ହେଲେ ଏ କ୍ଷେତ୍ରରେ ଚୀନ୍‌ର ଡୋଙ୍ଗ୍ ନାମକ ଜଣେ ମହିଳା ବ୍ୟତିକ୍ରମ। କାରଣ ଫୋନ୍ ବ୍ୟବହାରରୁ ଦୂରେଇ ରହି ଏହି ମହିଳା ଜଣକ ଏବେ ଲକ୍ଷପତି ହୋଇପାରିଛନ୍ତି। ଚୌଙ୍ଗକିଙ୍ଗ ପୌରପାଳିକାରେ ଫୋନ୍ ଠାରୁ ଦୂରେଇ ରହିବାକୁ ଏକ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏଥିରେ ଅଂଶଗ୍ରହଣ କରିବା ଲାଗି ପାଖାପାଖି ୧୦୦ରୁ ଅଧିକ ଲୋକ ଆବେଦନ କରିଥିଲେ। ସେମାନଙ୍କ ମଧ୍ୟରୁ ମାତ୍ର ୧୦ ଜଣ ପ୍ରତିଯୋଗୀଙ୍କୁ ଆମନ୍ତ୍ରିତ କରାଯାଇଥିଲା। ଏଥିରେ ପ୍ରତିଯୋଗୀଙ୍କୁ ଗୋଟିଏ ବେଡ୍‌ରେ ୮ ଘଣ୍ଟା ବିତାଇବାକୁ ଥିଲା। ଏହି ସମୟରେ ସେମାନଙ୍କୁ ଫୋନ୍ କିମ୍ବା ଅନ୍ୟାନ୍ୟ ବୈଦ୍ୟୁତିକ ଗ୍ୟାଜେଟ୍ ବ୍ୟବହାର କରିବାକୁ ଦିଆଯାଇ ନଥିଲା। ଶୌଚାଳୟ ଯିବାକୁ ୫ ମିନିଟ୍ ଅନୁମତି ଥିଲା। ସେହିପରି ବିଛଣା ପାଖେ ପ୍ରତିଯୋଗୀଙ୍କୁ ସମସ୍ତ ଖାଦ୍ୟପେୟ ଯୋଗାଇ ଦିଆଯାଉଥିଲା। ଖେଳର ନିୟମ ଥିଲା, କୌଣସି ବି ପ୍ରତିଯୋଗୀ ଆଠଘଣ୍ଟା ମଧ୍ୟରେ ଶୋଇପାରିବେନି। ତେଣୁ ଅଧିକାଂଶ ପ୍ରତିଯୋଗୀ ବହି ପଢ଼ି କିଛି ସମୟ ପରେ ନିଦ୍ରାବସ୍ଥାକୁ ଚାଲିଯାଇଥିଲେ। ଫଳରେ ଖେଳରୁ ପ୍ରାୟ ୯ ଜଣଙ୍କୁ ବାହାର କରିଦିଆଯାଇଥିଲା। ହେଲେ ଡୋଙ୍ଗ୍ ୮ ଘଣ୍ଟା ଫୋନ୍ ଠାରୁ ଦୂରରେ ରହି ମଧ୍ୟ ସକ୍ରିୟ ରହିଥିଲେ। ଏଥିପାଇଁ ସେ ୧୦୦ ଲୋକଙ୍କ ମଧ୍ୟରୁ ୮୮.୯୯ ଅଙ୍କ ପାଇ ବିଜେତା ହୋଇଥିଲେ। ଏହି ମହିଳା ଜଣକ ନା ଶୋଇଥିଲେ ନା ଶୌଚାଳୟ ଯାଇଥିଲେ, ଅଧିକ ସମୟ ବିଛଣାରେ ବିତାଇ ୧୦,୦୦୦ ୟୁଆନ୍ ତଥା ଭାରତୀୟ ମୁଦ୍ରାରେ ପ୍ରାୟ ଏକ ଲକ୍ଷ ଟଙ୍କା ପୁରସ୍କାର ଜିତିଥିଲେ।

## 'ଭୂତ୍ ବଙ୍ଗଳା'ର ସୁଟିଂ ଆରମ୍ଭ କଲେ ଅକ୍ଷୟ

ବଲିଉଡ୍ ଅଭିନେତା ଅକ୍ଷୟ କୁମାର ଏବେ 'ଭୂତ୍‌ବଙ୍ଗଲା' ଫିଲ୍ମର ସୁଟିଂ ଆରମ୍ଭ କରିଛନ୍ତି। ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ପ୍ରିୟଦର୍ଶନ ଅଛନ୍ତି। ତେବେ ଅକ୍ଷୟ-ପ୍ରିୟଦର୍ଶନ ଏହି ଫିଲ୍ମ ମାଧ୍ୟମରେ ପଞ୍ଚମ ଥର ପାଇଁ ଏକାଠି କାମ କରୁଛନ୍ତି। ଅକ୍ଷୟ ନିଜେ ଏହାର ଏକ ପୋଷ୍ଟର୍ ସେୟାର୍ କରି ଫିଲ୍ମ ବିଷୟରେ ସୂଚନା ଦେଇଛନ୍ତି। ପୋଷ୍ଟର୍‌ରେ ଅକ୍ଷୟ ଏକ ଲଣ୍ଠନ ଧରି ଗେଟ୍ ବାହାରେ ବସିଥିବାର ଦେଖାଯାଇଛି। ସେ ଧଳା ରଙ୍ଗର ଏକ ସାର୍ଟ, ନୀଳ ରଙ୍ଗର ଏକ ୱେଷ୍ଟ କୋଟ୍ ଓ ତଳେ ଧଳା ରଙ୍ଗର ଏକ ଧୋତି ପିନ୍ଧିଛନ୍ତି। ଅକ୍ଷୟ ଏହି ପୋଷ୍ଟର୍‌ଟିକୁ ସେୟାର୍ କରି ଲେଖିଛନ୍ତି- "ମୁଁ ବହୁତ ଉତ୍ସାହିତ ଅଛି। କାରଣ ମୁଁ ମୋର ପ୍ରିୟ ପ୍ରିୟ ନିର୍ଦ୍ଦେଶକ ପ୍ରିୟଦର୍ଶନଙ୍କ ସହ ହରର୍ କମେଡ଼ି ଫିଲ୍ମ 'ଭୂତ୍‌ବଙ୍ଗଲା'ର ସୁଟିଂ ଆରମ୍ଭ କରି ଦେଇଛି। ଡର ଓ ହସର ଡବଲ୍ ଡୋଜ୍ ଅପ୍ରେଲ, ୨୦୨୬ ଆପଣଙ୍କ ପାଇଁ ପ୍ରସ୍ତୁତ ହୋଇଯିବ। ସେଯାଏ ଆପଣଙ୍କ ଶୁଭକାମନା ଲୋଡ଼ୁଛୁ।" ତେବେ ଅକ୍ଷୟଙ୍କ ବିପକ୍ଷରେ ନାୟିକା ଭାବେ କିଏ ଦେଖାଯିବେ, ତାହା ସ୍ପଷ୍ଟ ହୋଇନାହିଁ। କୁହାଯାଉଛି, ଅକ୍ଷୟଙ୍କ ବିପକ୍ଷରେ ତିନି ଜଣ ନାୟିକା ଦେଖାଯିବେ। ଏହାର ପ୍ରଯୋଜନା ଦାୟିତ୍ୱରେ ଅକ୍ଷୟଙ୍କ ସହ ଶୋଭା କପୁର ଓ ଏକତା କପୁର ଅଛନ୍ତି। ଅକ୍ଷୟ ଏହି ଫିଲ୍ମ ବ୍ୟତୀତ 'ସ୍କାଏ ଫୋର୍ସ', 'ଜଲି ଏଲ୍‌ଏଲ୍‌ବି ୩', 'ହାଉସ୍‌ଫୁଲ୍ ୫', 'ୱେଲକମ୍ ଟୁ ଦ ଜଙ୍ଗଲ', 'ହେରାଫେରି-୩'ରେ ମଧ୍ୟ ଅଭିନୟ କରୁଛନ୍ତି।






## ଅଗ୍ନାଶୟ କର୍କଟରେ ଅଧିକ ପୁରୁଷ ଆକ୍ରାନ୍ତ





ଅଗ୍ନାଶୟ ପେଟ ପଛରେ ଏବଂ ଛୋଟ ଅନ୍ତଃନଳୀ ନିକଟରେ ଥିବା ଏକ ମିଶ୍ର ଗ୍ରନ୍ଥି। ଏହା ମୁଖ୍ୟତଃ କ୍ଷୁଦ୍ର ଅନ୍ତଃନଳୀରେ ଖାଦ୍ୟ ହଜମ କରିବାରେ ସାହାଯ୍ୟ କରିବା ପାଇଁ ଶକ୍ତିଶାଳୀ ହଜମକାରୀ ରସ (ଏନ୍‌ଜାଇମ୍) କ୍ଷରଣ କରିଥାଏ। ରକ୍ତ ନଳୀରେ ଶର୍କରାକୁ ନିୟନ୍ତ୍ରଣରେ ରଖିବା ପାଇଁ ଆବଶ୍ୟକ ହରମୋନ୍ ଇନ୍‌ସୁଲିନ୍ ଉତ୍ପାଦନ କରେ। ଗ୍ଲୁକାଗନ୍ ମୁକ୍ତ କରେ। ହେଲେ ଯେତେବେଳେ ଅଗ୍ନାଶୟ ଏନ୍‌ଜାଇମ୍ କ୍ଷରଣ କରିବା ପୂର୍ବରୁ ହଜମକାରୀ ଏନ୍‌ଜାଇମ୍ କାମ କରିବା ଆରମ୍ଭ କରେ, ସେତେବେଳେ ଅଗ୍ନାଶୟ ନଷ୍ଟ ହୋଇପାରେ। ଟ୍ୟୁମର ବଢ଼ି କର୍କଟର ରୂପ ନିଏ। ଆରମ୍ଭରୁ ଏହି ରୋଗର ଲକ୍ଷଣ ଜାଣିବା କଷ୍ଟସାଧ୍ୟ, କିନ୍ତୁ ପେଟ ବ୍ୟଥା, ପାଦ ଯନ୍ତ୍ରଣା, ଶିରା ଫୁଲା ଅଗ୍ନାଶୟ କର୍କଟ ରୋଗର ସାଧାରଣ ଉପସର୍ଗ। ପାଚନତନ୍ତ୍ରରେ ଟ୍ୟୁମର ଯେତେବେଳେ ଅନ୍ୟାନ୍ୟ ଅଙ୍ଗକୁ ପ୍ରଭାବିତ କରିବା ଆରମ୍ଭ କରେ, ସେତେବେଳେ ଏହାର ଲକ୍ଷଣ ଜଣାପଡ଼େ। ଭୋକ ନଲାଗିବା, ପିଠି ଏବଂ ପେଟ ଯନ୍ତ୍ରଣା, କୋଷ୍ଠକାଠିନ୍ୟ, ଓଜନହ୍ରାସ, ଜଣ୍ଡିସ୍ ଲକ୍ଷଣ, କ୍ଳାନ୍ତ ଅନୁଭବ, ରକ୍ତଜମାଟ ବାନ୍ଧିବା, ବାନ୍ତି, ମୁଣ୍ଡ ବୁଲାଇବା ଓ ଝାଡ଼ା ଭଳି ସମସ୍ୟାକୁ ସାମ୍ନା କରିବାକୁ ପଡ଼ିପାରେ। ମଧୁମେହ ଏବଂ ପାନ୍‌କ୍ରିୟାଟାଇଟିସ୍ ହେଲେ ଅଗ୍ନାଶୟ କର୍କଟ ହେବାର ସଙ୍କେତ ଦେଇଥାଏ। ଏପରି କ୍ଷେତ୍ରରେ ଡାକ୍ତରଙ୍କ ପରାମର୍ଶରେ ତୁରନ୍ତ ଯାଞ୍ଚ କରିବା ଜରୁରି।

**ଅଗ୍ନାଶୟ କର୍କଟର ଚିକିତ୍ସା ପଦ୍ଧତି:** କର୍କଟର ପ୍ରଥମ ପର୍ଯ୍ୟାୟରେ ଚିହ୍ନଟ ହୋଇ ଚିକିତ୍ସା କରିଲେ ବିପଦର ଆଶଙ୍କା କମ୍ ଥାଏ। ଅଗ୍ନାଶୟ କର୍କଟରୁ ଆରୋଗ୍ୟ ଲାଭ କରିବାକୁ ପାନକ୍ରିୟାଜ୍‌ରେ ଟ୍ୟୁମରର ସଠିକ୍ ଅବସ୍ଥିତି, ଏହା କେଉଁ ପର୍ଯ୍ୟାୟରେ ପହଞ୍ଚିଛି, ରୋଗୀର ସ୍ୱାସ୍ଥ୍ୟାବସ୍ଥା ଆଦି ଜାଣି ସର୍ଜରୀ କରାଇବାକୁ ହୋଇଥାଏ। ଡାକ୍ତରଙ୍କ ପରାମର୍ଶ ଅନୁସାରେ ହ୍ୱିପଲସ ପାନ୍‌କ୍ରିୟାଟିକୋଡ୍ୟୁଡିନେକ୍ଟୋମି, କେମୋଥେରାପି, ରେଡିଏସନ୍ ଥେରାପିର ପ୍ରୟୋଗ କରିବାକୁ ପଡ଼େ। ଏହାସହ ଉତ୍ତମ ଜୀବନଶୈଳୀ ଆପଣାଇ ରୋଗର ଭୟାବହତାକୁ କମ୍ କରିହେବ। ଏ କ୍ଷେତ୍ରରେ ଧୂମପାନ, ତମାଖୁ ସେବନ ଓ ମଦ୍ୟପାନ ଅଭ୍ୟାସ ଛାଡ଼ିବାକୁ ପଡ଼ିବ। ଦୈନିକ ସନ୍ତୁଳିତ ଖାଦ୍ୟ ଗ୍ରହଣ ସହ ବ୍ୟାୟାମ କରି ଓଜନ ନିୟନ୍ତ୍ରଣରେ ରଖିବାକୁ ହେବ। ମଧୁମେହ ରୋଗୀ ରକ୍ତରେ ଶର୍କରାକୁ ନିୟନ୍ତ୍ରଣରେ ରଖିବା ଉଚିତ।

କର୍କଟ ଅନେକ ପ୍ରକାରର ରହିଛି। ସେଥିମଧ୍ୟରୁ ପାନକ୍ରିୟାଟିକ୍ କ୍ୟାନ୍‌ସର ତଥା ଅଗ୍ନାଶୟ କର୍କଟ ଅନ୍ୟତମ। ଅଗ୍ନାଶୟ କର୍କଟ ପେଟର ନିମ୍ନ ଭାଗରେ ଦେଖାଯାଏ, ଏହା ଅଗ୍ନାଶୟରୁ ହିଁ ଆରମ୍ଭ ହୁଏ। ନ୍ୟାଶନାଲ ଲାଇବ୍ରେରୀ ଅଫ୍ ମେଡିସିନ୍‌ରେ ପ୍ରକାଶିତ ଏକ ଅଧ୍ୟୟନ ମୁତାବକ, ଭାରତରେ ମହିଳାଙ୍କ ତୁଳନାରେ ପୁରୁଷଙ୍କଠାରେ ଅଗ୍ନାଶୟ କର୍କଟ ଆଶଙ୍କା ଦୁଇଗୁଣ ହୋଇଥାଏ। ବଂଶାନୁଗତ (ବ୍ରାକାଜିନ୍), ପିଜା, ବର୍ଗର, ହାଇ ଫ୍ୟାଟ୍ ଅଲଟ୍ରା ପ୍ରୋସେସ୍ଡ ଖାଦ୍ୟପେୟ ଓ ଜୀବନଶୈଳୀ ଆଦି ଯୋଗୁଁ ଅଗ୍ନାଶୟ କର୍କଟ ହେଉଥିବାବେଳେ ଅଧିକ ନିଶା ଯଥା- ଧୂମପାନ,ମଦ୍ୟପାନ ଓ ତମାଖୁ, ମେଦବହୁଳତା, ପ୍ରଦୂଷଣ ଓ ରାସାୟନିକ ପେଟ୍ରୋକେମିକାଲ୍ ସଂସ୍ପର୍ଶରେ ଆସିବା ଯୋଗୁଁ ପୁରୁଷଙ୍କ କ୍ଷେତ୍ରରେ ଅଗ୍ନାଶୟ କର୍କଟ ହୋଇଥାଏ। ୱାର୍ଲଡ୍ କ୍ୟାନସ୍‌ର ରିସର୍ଚ୍ଚ ଫଣ୍ଡ ମୁତାବକ, ଅଗ୍ନାଶୟ କର୍କଟ ଯୋଗୁଁ ଭାରତରେ ୧୨ ହଜାର, ୭୦୦ ଲୋକଙ୍କ ମଧ୍ୟରୁ ୮ ହଜାର ପୁରୁଷ ମୃତ୍ୟୁବରଣ କରିଥାନ୍ତି।

## କୋଭିଡ୍-୧୯ର ଦୀର୍ଘକାଳୀନ ପ୍ରଭାବ



ଦିନଥିଲା କରୋନା ମହାମାରୀ ସାରା ବିଶ୍ୱବାସୀଙ୍କ ନିଦ ହଜାଇ ଦେଇଥିଲା। ଯଦିଓ ଏବେ ସେ ଭୟ ଆଉନାହିଁ, କିନ୍ତୁ କୋଭିଡ-୧୯ରୁ ଆରୋଗ୍ୟ ହେବା ପରେ ବି କିଛି ଲୋକଙ୍କ ଠାରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦେଖାଯାଉଛି। ତେବେ ଏହାକୁ ନେଇ ନିକଟରେ ଏମ୍ସରେ ହୋଇଥିବା ଏକ ଗବେଷଣାରୁ ଜଣାପଡ଼ିଛି କୋଭିଡ୍‌ରୁ ସୁସ୍ଥ ପରେ ପାଖାପାଖି ୭୦ ପ୍ରତିଶତ ଲୋକଙ୍କ ଠାରେ ଶ୍ୱାସକ୍ରିୟାରେ ସମସ୍ୟା ହେଉଥିବା ଜଣାପଡ଼ିଛି। ତେଣୁ କୋଭିଡ୍ ପରବର୍ତ୍ତୀ ଲକ୍ଷଣକୁ ବୁଝିବା ଜରୁରି। ଯେମିତିକି କୋଭିଡ୍‌ରୁ ଆରୋଗ୍ୟ ହେବାର ଦୀର୍ଘ ଦିନ ପରେ ବି ଅଧିକାଂଶ ରୋଗୀଙ୍କ ଠାରେ ଫୁସ୍‌ଫୁସ୍ ସମସ୍ୟା ରହିବା ସହ ନିଃଶ୍ୱାସ ନେବାରେ ସମସ୍ୟା ଅନୁଭବ ହୋଇଥାଏ। ଫୁସ୍‌ଫୁସ୍ ସଠିକ୍ ଭାବେ କାର୍ଯ୍ୟକ୍ଷମ ହୋଇପାରେ ନାହିଁ। କେବଳ ସେତିକି ନୁହେଁ, ଡାଏଟ୍‌ରେ ପରିବର୍ତ୍ତନ ଯୋଗୁଁ ଏହା ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଏ। ମାନସିକ ପରିବର୍ତ୍ତନ ଏବଂ ଅନିଦ୍ରା ହେବା ମାମଲା ଅଧିକ ଦେଖିବାକୁ ମିଳୁଛି। ସେହିପରି ଥକ୍କାପଣ, ସ୍ମୃତିଶକ୍ତି ହ୍ରାସ, ମୁଣ୍ଡ ବୁଲାଇବା, ସ୍ୱାଦବାରିବା ସମସ୍ୟା, ନିଃଶ୍ୱାସ ନେବାରେ ସମସ୍ୟା, ମୁଣ୍ଡବିନ୍ଧା, ଅନିୟମିତ ଛାତି ଧଡ଼ଧଡ଼, ପାଚନ ସମ୍ବନ୍ଧୀୟ ସମସ୍ୟା, କୋଷ୍ଠକାଠିନ୍ୟ, ମାଇଗ୍ରେନ୍, ଫୁସ୍‌ଫୁସ୍‌ଜନିତ ରୋଗ, ଅଟୋଇମ୍ୟୁନୋ, କ୍ରୋନିକ୍ ରୋଗ ଆଦିକୁ ସାମିଲ କରାଯାଇଛି। ଆର୍ଟେରିୟୋସ୍କେଲେରୋସିସ୍, ଥ୍ରମ୍ବୋସିସ୍ ଏବଂ ଭାସ୍କୁଲାର ବାୟୋଲୋଜି ଜର୍ଣ୍ଣାଲରେ ପ୍ରକାଶିତ ରିପୋର୍ଟ ଅନୁସାରେ, କୋଭିଡ୍-୧୯ର ୧୦୦୦ ଦିନ ମଧ୍ୟରେ ହୃଦ୍‌ସମ୍ବନ୍ଧୀୟ ସମସ୍ୟା ହେବାର ଆଶଙ୍କା ବଢ଼ିଯାଏ। ଏହା ବାସ୍ତବରେ ଚିନ୍ତାଜନକ। ପୂର୍ବ ତୁଳନାରେ ହୃଦ୍‌ଘାତ, ଷ୍ଟ୍ରୋକ୍, ହାର୍ଟ ଫେଲ୍ୟୁଅର ପରି ଗମ୍ଭୀର ସମସ୍ୟା ଅଧିକ ଦେଖିବାକୁ ମିଳୁଛି।

## ଛାତି ଯନ୍ତ୍ରଣା କେଉଁ ରୋଗର ଲକ୍ଷଣ...

ହୃଦ୍‌ଘାତ ଆସିଲେ, ଛାତିରେ ଚାପର ଅନୁଭବ ହୁଏ। ପ୍ରବଳ ଯନ୍ତ୍ରଣା ହୁଏ। କିନ୍ତୁ ଛାତି ଯନ୍ତ୍ରଣା ଯେ ସର୍ବଦା ହୃଦ୍‌ଘାତର ଲକ୍ଷଣ ତାହା ନୁହେଁ। ବେଳେ ବେଳେ ଗ୍ୟାସ୍, କିମ୍ବା ଏସିଡିଟି ଥିଲେ ମଧ୍ୟ ଛାତିରେ ଯନ୍ତ୍ରଣା ହୋଇଥାଏ। ଅବଶ୍ୟ ଛାତି ଯନ୍ତ୍ରଣାକୁ ହାଲୁକା ଭାବେ ଗ୍ରହଣ କରିବା ଅନୁଚିତ। ଛାତିରେ ଯନ୍ତ୍ରଣା ହେବା ଅନୁଭବ ହେଲେ, ତୁରନ୍ତ ଇସିଜି ଟେଷ୍ଟ ଜରୁରି। ଯଦି ଟେଷ୍ଟ ରିପୋର୍ଟ ସାଧାରଣ ରହୁଛି, ତେବେ ଏହା ଅନ୍ୟ କେଉଁ ରୋଗ ହୋଇଥାଇପାରେ ଜାଣିରଖନ୍ତୁ...


ଗ୍ୟାସ୍‌ଜନିତ ଯନ୍ତ୍ରଣାକୁ ପ୍ରାୟତଃ ଅସ୍ୱାଭାବିକ ବୋଲି ଭାବନ୍ତି। କିନ୍ତୁ ବାସି କିମ୍ବା ଦୂଷିତ ଖାଦ୍ୟ ଖାଇବା ଦ୍ୱାରା ଫୁଡ୍ ପଏଜନ ହୋଇପାରେ। ଏଥିପାଇଁ ଗ୍ୟାସ୍ ଯନ୍ତ୍ରଣା ପ୍ରାୟତଃ ଛାତିରେ ଓ ପେଟରେ ଦେଖାଯାଏ। ପେଟ ଫୁଲିବା, ପାଟି ଖଟା ଲାଗିବା, ଭୋକ ନ ହେବା ଓ ବାନ୍ତି ଲାଗିବା ଭଳି ସମସ୍ୟା ହୋଇପାରେ।

**କୋଷ୍ଟୋକଣ୍ଡ୍ରାଇଟିସ୍:** ପଞ୍ଜରା ହାଡ଼ ସହିତ ଜଡ଼ିତ ଏହା ଏକ ଗମ୍ଭୀର ରୋଗ। ଏଥିରେ ପସଳିୟା ଏବଂ ଛାତି ସଂଯୋଗ ଅସ୍ଥିରେ ଯନ୍ତ୍ରଣା ଅନୁଭବ ହୁଏ। କୋଷ୍ଟୋକୋଣ୍ଡ୍ରାଇଟିସ୍ ଏକ ଗମ୍ଭୀର ରୋଗ। ଏଥିରେ ପଞ୍ଜରା ଅସ୍ଥି ଫୁଲି ଯାଇ ଖୁବ୍ ଜୋରରେ ଛାତି ଯନ୍ତ୍ରଣା ହୋଇପାରେ। ତେଣୁ ଏପରି ସ୍ଥିତିରେ ଏହି ଯନ୍ତ୍ରଣାକୁ ହୃଦ୍‌ଘାତ କିମ୍ବା ଗ୍ୟାସ୍ ସମସ୍ୟା ବୋଲି ଭାବନ୍ତୁନି।

**ନିମୋନିଆ:** ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମୁତାବକ, ନିମୋନିଆ ହେଲେ ବି ଛାତିରେ ଯନ୍ତ୍ରଣା ହୋଇଥାଏ। ନିମୋନିଆ କାରଣରୁ ଫୁସ୍‌ଫୁସ୍‌ରେ ଅଧିକ ବାୟୁ ଯୋଗାଣ ହୁଏ। କାଶ ହେବା ସହ ଛାତିରେ ମଧ୍ୟ ଯନ୍ତ୍ରଣା ହୋଇଥାଏ। ଅଧିକାଂଶ ପିଲାଙ୍କ ଠାରେ ନିମୋନିଆ ଦେଖାଯାଏ।

**ଏଞ୍ଜାଇନା:** ଛାତିରେ ଯନ୍ତ୍ରଣା ହେବା ଏଞ୍ଜାଇନାର ସଙ୍କେତ ମଧ୍ୟ ହୋଇପାରେ। ଏହି ରୋଗ ହେଲେ, ହୃଦୟରେ ରକ୍ତପ୍ରବାହ କମ୍ ହୋଇଯାଇଥାଏ। ଫଳରେ ଛାତି ଯନ୍ତ୍ରଣା ସମସ୍ୟା ସୃଷ୍ଟି ହୁଏ। ଚିକିତ୍ସା ବିଜ୍ଞାନ ପରିଭାଷାରେ ଏହାକୁ ଇସ୍କେମିକ୍ ଛାତି ଯନ୍ତ୍ରଣା କୁହାଯାଏ।

**ପାନିକ୍ ଆଟାକ୍:** ଫୋବିୟା ଯୋଗୁଁ ପାନିକ୍ ଆଟାକ୍ ହୋଇଥାଏ। ଏଥିରେ ହଠାତ୍ ବ୍ୟକ୍ତିଙ୍କ ଛାତି ଧଡ଼ ଧଡ଼ ହେବା, ଝାଳ ବୋହିଯିବା, ଭୟରେ ଝାଡ଼ା ପରିସ୍ରା ଲାଗିବା ଲକ୍ଷଣ ଦେଖିଲେ, ଅନେକ ଏହାକୁ ହୃଦ୍‌ଜନିତ ସମସ୍ୟା ଭାବି ଡାକ୍ତରଙ୍କ ସହ ପରାମର୍ଶ କରିଦିଅନ୍ତି। ଏହା ହୃଦ୍‌ରୋଗ ସମ୍ବନ୍ଧୀୟ କୌଣସି ସମସ୍ୟା ନୁହେଁ, ବରଂ ପାନିକ୍ ଆଟାକ୍। ଏଥିରେ ରୋଗୀକୁ ଅଜବ ଭାବବନାକୁ ସାମ୍ନା କରିବାକୁ ପଡୁଥିବାରୁ ଛାତିରେ ଯନ୍ତ୍ରଣା ଅନୁଭବ ହୁଏ। ତେଣୁ ମାନସିକ ବିଶେଷଜ୍ଞଙ୍କ ସହ ପରାମର୍ଶ ଜରୁରି। କେବଳ ସେତିକି ନୁହେଁ, ପେରିକାର୍ଡାଇଟିସ୍‌ରେ ପୀଡ଼ିତ ବ୍ୟକ୍ତି ସମୟେ ସମୟେ ଛାତିରେ ଯନ୍ତ୍ରଣା ଅନୁଭବ କରିପାରନ୍ତି। ସଂକ୍ରମଣ, ଅଟୋମ୍ୟୁମ୍ୟୁନ୍ ସ୍ଥିତି କିମ୍ବା ହୃଦ୍‌ଘାତ ଭଳି ଅନେକ କାରଣରୁ ଏଠାରେ ଫୁଲା ହୋଇପାରେ।



■ ଜାତୀୟ ମହିଳା ଫୁଟବଲ

## ଝାଡଖଣ୍ଡକୁ ହରାଇଲା ଓଡ଼ିଶା


ମନୀଷା ନାୟକ


ମୁନିକା ମିଞ୍ଜ


ସୁଭଦ୍ରା ସାହୁ


ସୁମିତ୍ରା ହେମ୍ବ୍ରମ

**କଟକ, ୧୨।୧୨(ସମିସ):** ୨୯ତମ ବରିଷ୍ଠ ମହିଳା ଜାତୀୟ ଫୁଟବଲ ଚାମ୍ପିଅନସିପ ଜିଜାବାଇ ଟ୍ରଫିରେ ଓଡ଼ିଶା କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ଛତିଶଗଡ଼ର ଆରକେଏମ୍ ଆଶ୍ରମ ଗ୍ରାଉଣ୍ଡରେ ପ୍ୟାରୀ ଖାଖାଙ୍କ ନେତୃତ୍ୱାଧୀନ ଓଡ଼ିଶା ୪-୦ ଗୋଲରେ ଝାଡଖଣ୍ଡକୁ ପରାସ୍ତ କରିଛି। ୧୦ମ ମିନିଟରେ ସୁଭଦ୍ରା ସାହୁଙ୍କ ଗୋଲ ବଳରେ ଓଡ଼ିଶା ପ୍ରଥମାର୍ଦ୍ଧରେ ଅଗ୍ରଣୀ ରହିଥିଲା। ଦ୍ୱିତୀୟାର୍ଦ୍ଧରେ ଦଳ ଆଉ ୩ଟି ଗୋଲ ସ୍କୋର ସହଜ ବିଜୟ ହାସଲ କରିଥିଲା। ୫୯ତମ ମିନିଟରେ ମୁନିକା ମିଞ୍ଜ, ୫୯ତମ ମିନିଟରେ ସୁମିତ୍ରା ହେମ୍ବ୍ରମ ଏବଂ ବଦଳ ଖେଳାଳି ଭାବେ ପଡ଼ିଆକୁ ଆସିଥିବା ମନୀଷା ନାୟକ ୮୦ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ୧୪ ତାରିଖରେ ମଣିପୁର ବିପକ୍ଷରେ ଓଡ଼ିଶା ୩ୟ ମ୍ୟାଚ୍ ଖେଳିବ।

## ସ୍ୱସ୍ତି ସିଂଙ୍କୁ ସମ୍ବର୍ଦ୍ଧିତ କଲେ ଅଚ୍ୟୁତ




**ଭୁବନେଶ୍ୱର, ୧୨।୧୨(ସମିସ):** ଅନ୍ତର୍ଜାତୀୟ ସାଇକଲଚାଳିକା ସ୍ୱସ୍ତି ସିଂଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ। କିଟ୍‌ରେ ପଢୁଥିବା ସ୍ୱସ୍ତି ନିକଟରେ ଜାତୀୟ ସାଇକଲ ଚାଳନା ପ୍ରତିଯୋଗିତାରେ ଗୋଟିଏ ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଓ ୩ଟି କାଂସ୍ୟ ପଦକ ବିଜୟୀ ହୋଇଥିଲେ। ଏହି ପ୍ରତିଯୋଗିତା ତାମିଲନାଡୁର ରାଜଧାନୀ ଚେନ୍ନାଇରେ ଆୟୋଜିତ ହୋଇଥିଲା। ସ୍ୱସ୍ତିଙ୍କୁ ୫ ଲକ୍ଷ ଟଙ୍କା ଓ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ବ୍ୟତୀତ ପ୍ରଶିକ୍ଷଣ ଓ ପ୍ରସ୍ତୁତି ଲାଗି ପ୍ରତିମାସ କିଟ୍ ପକ୍ଷରୁ ୨୫, ୦୦୦ ଟଙ୍କାର ଷ୍ଟାଇପେଣ୍ଡ ପ୍ରଦାନ କରାଯାଇଆସୁଛି। ଏହି ପ୍ରୋତ୍ସାହନ ରାଶି ଲାଗି ପ୍ରଫେସର ଅଚ୍ୟୁତ ସାମନ୍ତଙ୍କୁ ସ୍ୱସ୍ତି କୃତଜ୍ଞତା ଜଣାଇଛନ୍ତି। ସ୍ୱସ୍ତି କିଟ୍ ବିଶ୍ୱବିଦ୍ୟାଳୟରେ ମନସ୍ତତ୍ତ୍ୱ ବିଭାଗର ଦ୍ୱିତୀୟ ବର୍ଷର ଛାତ୍ରୀ।

## ଓଡ଼ିଶାରେ ନଗେଶ ଟ୍ରଫି ଜାତୀୟ ଦୃଷ୍ଟିହୀନ କ୍ରିକେଟ

**ଭୁବନେଶ୍ୱର, ୧୨।୧୨(ସମିସ):** ଜାତୀୟ ଦୃଷ୍ଟିହୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ନଗେଶ ଟ୍ରଫିର ସପ୍ତମ ସଂସ୍କରଣ ଦେଶର ୬ଟି ରାଜ୍ୟରେ ଆସନ୍ତାକାଲିଠାରୁ ଆରମ୍ଭ ହେଉଛି। ଏହି ପ୍ରତିଯୋଗିତାରେ ଏଥର ୨୮ଟି ଦଳ ଅଂଶଗ୍ରହଣ କରିଥିଲାବେଳେ ଏଗୁଡ଼ିକୁ ୬ଟି ଗ୍ରୁପ୍‌ରେ ଭାଗ କରାଯାଇଛି। ଏହା ମଧ୍ୟରେ ଗ୍ରୁପ୍-ଏ, ବି, ସି ଓ ଡି'କୁ ଏଲିଟ୍ ଏବଂ ଗ୍ରୁପ୍-ଇ ଓ ଏଫ୍'କୁ ପ୍ଲେଟ୍ ଗ୍ରୁପ୍‌ରେ ଭାଗ କରାଯାଇଛି। ଲିଗ୍ ପର୍ଯ୍ୟାୟ ଶେଷରେ ଏଲିଟ୍ ଗ୍ରୁପ୍‌ରୁ ୨ଟି ଲେଖାଏଁ ଓ ପ୍ଲେଟ୍ ଗ୍ରୁପ୍‌ରୁ ଗୋଟିଏ ଲେଖାଏଁ ଦଳ ସୁପର-୮ ପର୍ଯ୍ୟାୟ ଲାଗି ଉନ୍ନୀତ ହେବେ। ଏଲିଟ୍ ଗ୍ରୁପ୍‌ରୁ ପଏଣ୍ଟ କିମ୍ବା ପଏଣ୍ଟ ସମାନ ହେଲେ ନେଟ୍ ରନ୍‌ରେଟ୍ ଭିତ୍ତିରେ ପ୍ରଥମ ୬ଟି ଦଳ ସୁପର-୮'କୁ ସିଧାସଳଖ ଯୋଗ୍ୟତା ଅର୍ଜନ କରିବେ। ଶେଷ ଦୁଇଟି ଦଳ ସହ ପ୍ଲେଟ୍ ଲିଗ୍‌ରୁ ଆସିଥିବା ଦୁଇଟି ଦଳ ସହ ନକ୍‌ଆଉଟ ମୁକାବିଲା ହେବ। ଏହି ମ୍ୟାଚ୍‌ର ବିଜେତା ଓ ସିଧାସଳଖ ଯୋଗ୍ୟତା ଅର୍ଜନ କରିଥିବା ଦଳକୁ ମିଶାଇ ମୋଟ ୮ଟି ଦଳକୁ ୨ଟି ଗ୍ରୁପ୍‌ରେ ଭାଗ କରାଯାଇଛି। ଏହି ଗ୍ରୁପ୍‌ରେ ଦଳଗୁଡ଼ିକ ମଧ୍ୟରେ ଲିଗ୍ ଭିତ୍ତିରେ ମ୍ୟାଚ୍ ଖେଳାଯିବ ଓ ପ୍ରତ୍ୟେକ ଗ୍ରୁପ୍‌ର ଦୁଇ ଶ୍ରେଷ୍ଠ ଦଳ ସେମିଫାଇନାଲକୁ ଉନ୍ନୀତ ହେବେ। ସେମିଫାଇନାଲ ଓ ଫାଇନାଲ ଲାଗି ଭେନ୍ୟୁ ଚୂଡ଼ାନ୍ତ ହୋଇନାହିଁ।

ଏଲିଟ୍ ଲିଗ୍ ଗ୍ରୁପ୍-ସି'ର ସମସ୍ତ ମ୍ୟାଚ୍ ଓଡ଼ିଶାର ଖୋର୍ଦ୍ଧାସ୍ଥିତ କେଟି ଗ୍ଲୋବାଲ ସ୍କୁଲ ପରିସରରେ ଖେଳାଯିବ। ଏହି ଗ୍ରୁପ୍‌ରେ ଓଡ଼ିଶା ବ୍ୟତୀତ ଉତ୍ତରପ୍ରଦେଶ, ତ୍ରିପୁରା, ଚଣ୍ଡିଗଡ଼ ଓ ମଧ୍ୟପ୍ରଦେଶ ସ୍ଥାନ ପାଇଛନ୍ତି। ଆସନ୍ତାକାଲି ଉତ୍ତରପ୍ରଦେଶ ବିପକ୍ଷ ମୁକାବିଲାରୁ ଓଡ଼ିଶା ତାହାର ଅଭିଯାନ ଆରମ୍ଭ କରିବ। ଗ୍ରୁପ୍ ପର୍ଯ୍ୟାୟ ଲିଗ୍ ଭିତ୍ତିରେ ଖେଳାଯିବ।

**ଓଡ଼ିଶା ଦଳ:** କାଳିଆ ପ୍ରଧାନ, ଦେବରାଜ ବେହେରା, ଅନୀଲ ମଲିକ, ତପନ କୁମାର ଗୌଡ଼, ମହମ୍ମଦ୍ ଜାଫର ଇକବାଲ, ପଙ୍କଜ ଭୁଏ, ଲାଲପ୍ରସାଦ ସୋରେନ୍, ନକୁଳ ବଡ଼ନାୟକ, ଅଞ୍ଜନ ନାୟକ, ଲାବଣ୍ୟ ପାତ୍ର, ସୁଖରାମ ମାଝୀ (ଅଧିନାୟକ), ଧନପତି ଗୌଡ଼ (ୱିକେଟରକ୍ଷକ), ସୁକଦେବ ସୋରେନ୍, ଲିଙ୍ଗରାଜ ରାଉତରା।

**ଚନ୍ଦ୍ରଶେଖର ପଟ୍ଟନାୟକ: ପ୍ରଶିକ୍ଷକ, ପ୍ରମୋଦ ନାରାୟଣ ଦାଶ।**

ଶନିବାରଠାରୁ ଭାରତ-ଅଷ୍ଟ୍ରେଲିଆ ତୃତୀୟ ଟେଷ୍ଟ

# ବ୍ରିସ୍‌ବେନ୍‌ରେ ପ୍ରବଳ ବର୍ଷା ଆଶଙ୍କା










**ବ୍ରିସ୍‌ବେନ, ୧୨।୧୨(ଏଜେନ୍ସି):** ଶନିବାରଠାରୁ ଭାରତ ଓ ଘରୋଇ ଅଷ୍ଟ୍ରେଲିଆ ମଧ୍ୟରେ ସ୍ଥାନୀୟ ଗାବା ଗ୍ରାଉଣ୍ଡରେ ତୃତୀୟ ଟେଷ୍ଟ ମ୍ୟାଚ୍ ଆରମ୍ଭ ହେବ। ଏହି ଟେଷ୍ଟର ୫ମ ଦିବସରେ ପ୍ରବଳ ବର୍ଷା ଆଶଙ୍କା ରହିଛି। ଯଦି ବର୍ଷା ଯୋଗୁଁ ଏହି ଟେଷ୍ଟ ଅମୀମାଂସିତ ରହିଲା ତେବେ ଭାରତ ପାଇଁ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ (ଡବ୍ଲ୍ୟୁଟିସି) ପାଇଁ ସମସ୍ୟା ବଢ଼ିବ। କାରଣ ଡବ୍ଲ୍ୟୁଟିସି ଫାଇନାଲରେ ପ୍ରବେଶ କରିବାକୁ ହେଲେ ଭାରତକୁ ଚଳିତ ବର୍ଡର-ଗାଭାସ୍କର ଟ୍ରଫିର ବାକିଥିବା ୩ଟି ଟେଷ୍ଟରେ ବିଜୟୀ ହେବା ଅପରିହାର୍ଯ୍ୟ ହୋଇପଡ଼ିଛି। ଏବେ ସିରିଜ ୧-୧ ବରାବର ସ୍ଥିତିରେ ରହିଛି। ଭାରତ ପର୍ଥରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ୨୯୫ ରନରେ ବିଜୟୀ ହୋଇ ଇତିହାସ ସୃଷ୍ଟି କରିଥିଲା। କିନ୍ତୁ ଆଡିଲେଡ୍‌ରେ ଅନୁଷ୍ଠିତ ଦିବାରାତ୍ର ପିଙ୍କ୍‌ବଲ ଟେଷ୍ଟରେ ଅଷ୍ଟ୍ରେଲିଆ ୧୦ ୱିକେଟରେ ବିଜୟୀ ହୋଇ ସିରିଜକୁ ବରାବର ସ୍ଥିତିକୁ ଆଣିଥିଲା।

### ପ୍ରଥମ ଦିବସରେ ସର୍ବାଧିକ ବର୍ଷା

ଏହି ଟେଷ୍ଟ ମ୍ୟାଚ୍‌ର ସବୁ ୫ଟି ଯାକ ଦିନରେ ପ୍ରବଳ ବର୍ଷା ହେବାର ଆଶାଙ୍କା ରହିଛି। ପ୍ରଥମ ଦିନ ଅର୍ଥାତ ଶନିବାର ସବୁଠାରୁ ଅଧିକ ଅର୍ଥାତ ୮୮ ପ୍ରତିଶତ ବର୍ଷା ହେବ। ସେହିପରି ଦ୍ୱିତୀୟ ଦିନରେ ୪୯ ପ୍ରତିଶତ, ଚତୁର୍ଥ ଦିନ ୪୨ ପ୍ରତିଶତ ଏବଂ ତୃତୀୟ ଓ ପଞ୍ଚମ ଦିନରେ ୨୫ ପ୍ରତିଶତ ବର୍ଷା ହେବାର ସମ୍ଭାବନା ରହିଛି। ତେଣୁ ଏହି ଟେଷ୍ଟ ସବୁ ଦିନ ବର୍ଷାର ପ୍ରଭାବ ଦେଖିବାକୁ ମିଳିବ ଓ ପ୍ରଶଂସକମାନେ ନିରାଶ ହେବେ।

### ରୋହିତ ଓପନିଂ କରିପାରନ୍ତି

ଗାବା ଟେଷ୍ଟରେ ଅଧିନାୟକ ରୋହିତ ଶର୍ମା ପୂର୍ବପରି ଓପନିଂ କରିପାରନ୍ତି। ଆଡିଲେଡ୍ ଟେଷ୍ଟରେ ଲୋକେଶ ରାହୁଲ ଓପନିଂ କରିଥିଲେ। ତେବେ ସେ ଦୁଇଟି ଯାକ ପାଳିରେ ଫେଲ୍ ମାରିଥିଲେ। ସେହିପରି ରୋହିତ ମଧ୍ୟ ୬ ନଂରେ ବ୍ୟାଟିଂ କରି ସାଂଘାତିକ ଭାବେ ବିଫଳ ହୋଇଥିଲେ। ରୋହିତ ପ୍ରଥମ ଇନିଂସରେ ୩ ଓ ଦ୍ୱିତୀୟ ୬ ରନ କରି ଆଉଟ ହୋଇଥିଲେ। ପର୍ଥ ଟେଷ୍ଟରେ ରୋହିତଙ୍କ ଅନୁପସ୍ଥିତିରେ ରାହୁଲ ଓପନିଂ କରି ପ୍ରଥମ ପାଳିରେ ୨୬ ଓ ଦ୍ୱିତୀୟ ପାଳିରେ ୭୭ ରନ ସଂଗ୍ରହ କରିଥିଲେ। ତେଣୁ ଦ୍ୱିତୀୟ ଟେଷ୍ଟରେ ରାହୁଲ ଓପନିଂ ସ୍ଥାନ ବଜାୟ ରଖିଥିଲେ। କିନ୍ତୁ ତୃତୀୟ ଟେଷ୍ଟରେ କଥା ଅଲଗା ହେବ।

### ଭାରତୀୟ ଦଳର ଭଲ ଅଭ୍ୟାସ

ଗୁରୁବାର ଭାରତୀୟ ଦଳ ନେଟ୍ସରେ ଜବରଦସ୍ତ ଅଭ୍ୟାସ କରିଛି। ଖାସ୍ କରି ଖରାପ ଫର୍ମ ଦେଇ ଗତି କରୁଥିବା ରୋହିତ ନୂଆ ବଲ୍‌ରେ ବ୍ୟାଟିଂ ଅଭ୍ୟାସ କରିବା ସହ ଝାଳ ବୁହାଇଥିଲେ। ରୋହିତ ଯଶପ୍ରୀତ ବୁମ୍‌ରା, ମହମ୍ମଦ ସିରାଜ ଓ ଆକାଶଦୀପଙ୍କ ବୋଲିଂର ସମ୍ମୁଖୀନ ହୋଇଥିଲେ।

### ଭାରତକୁ ସବୁ ମ୍ୟାଚ୍ ଜିତିବାକୁ ପଡ଼ିବ

ଡବ୍ଲ୍ୟୁଟିସି ପଏଣ୍ଟ ତାଲିକାରେ ଭାରତ ତୃତୀୟ ସ୍ଥାନରେ ରହିଛି। ଦକ୍ଷିଣ ଆଫ୍ରିକା ପ୍ରଥମ ଓ ଅଷ୍ଟ୍ରେଲିଆ ଦ୍ୱିତୀୟ ସ୍ଥାନରେ ରହିଛି। ଦକ୍ଷିଣ ଆଫ୍ରିକା ଫାଇନାଲକୁ ଉଠିବାର ସର୍ବାଧିକ ସମ୍ଭାବନା ରହିଛି। ଯଦି ତୃତୀୟ ଟେଷ୍ଟ ଡ୍ର ହୁଏ, ତେବେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ପଏଣ୍ଟ ଭାଗ ହେବ। ଫାଇନାଲକୁ ଉଠିବାକୁ ହେଲେ ଭାରତକୁ ସିରିଜର ବାକି ମ୍ୟାଚ୍‌ଗୁଡ଼ିକ ଜିତିବାକୁ ହେବ। ଏଭଳି ସ୍ଥିତିରେ ଯଦି ଭାରତ ହାରେ କିମ୍ବା ମ୍ୟାଚ୍ ଡ୍ର ରଖେ ତେବେ ଭାରତକୁ ଆଗକୁ ଆୟୋଜନ ହେବାକୁ ଥିବା ଅଷ୍ଟ୍ରେଲିଆ- ଶ୍ରୀଲଙ୍କା ସିରିଜର ଫଳାଫଳ ଉପରେ ନିର୍ଭର କରିବାକୁ ହେବ।

### ଉଭୟ ଦଳ ପାଇଁ ରହିଛି ଚ୍ୟାଲେଞ୍ଜ

ମ୍ୟାଚ୍‌ର ପ୍ରାରମ୍ଭିକ ସେସନ୍‌ରେ ପାରମ୍ପରିକ ଭାବେ ଦ୍ରୁତ ବୋଲରମାନଙ୍କୁ ଫାଇଦା ମିଳିବ। ପିଚ୍‌ରେ ଘାସ ଓ ଆଦ୍ରତା ପାଇଁ ବଲ୍ ବାଉନ୍ସ ହେବା ସହ ସୁଇଂ ମଧ୍ୟ ହେବ। ତେଣୁ ପ୍ୟାଟ କମିନ୍ସ, ଜୋଶ ହାଜଲେଉଡ ଓ ମିଚେଲ ଷ୍ଟାର୍କଙ୍କୁ ଭାରତୀୟ ବ୍ୟାଟର ସମ୍ମୁଖୀନ ହେବାରେ ସମସ୍ୟାରେ ପଡ଼ିବେ। ସେହିପରି ଘରୋଇ ବ୍ୟାଟରମାନେ ମଧ୍ୟ ବୁମ୍‌ରା, ସିରାଜଙ୍କ ବଲ୍‌କୁ ସାମ୍ନା କରିବାରେ ସଂଘର୍ଷ କରିବେ। କିନ୍ତୁ ସମୟ ବିତିବା ପରେ ବ୍ୟାଟରମାନଙ୍କ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବ। ଟସ୍‌ର ଭୂମିକା ମଧ୍ୟ ନିର୍ଣ୍ଣାୟକ ହେବ। ଟସ୍ ଜିତିବା ଦଳ ବୋଲିଂ କରିବାକୁ ନିଷ୍ପତ୍ତି ନେବ ବୋଲି ଆଶା କରାଯାଉଛି। କିନ୍ତୁ ଦଳର ଏଭଳି ଯୋଜନା ବର୍ଷା ଯୋଗୁଁ ବିଫଳ ହୋଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି।

## ୧୫ରୁ ଷ୍ଟେଟ-ଏ' ଟ୍ରଫି: ରାୟପୁର ଗଲା ଓଡ଼ିଶା ଦଳ



**କଟକ, ୧୨।୧୨(ସମିସ):** ଆସନ୍ତା ୧୫ରୁ ୨୩ବର୍ଷରୁ କମ୍ ପୁରୁଷ ଷ୍ଟେଟ-ଏ ଟ୍ରଫି ଆରମ୍ଭ ହେବାକୁ ଯାଉଛି। ରାୟପୁରର ସହୀଦ ବୀର ନାରାୟଣ ସିଂହ ଅନ୍ତର୍ଜାତୀୟ ଷ୍ଟାଡିୟମରେ ଅରୁଣାଚଳପ୍ରଦେଶ ବିପକ୍ଷରେ ଓଡ଼ିଶା ପ୍ରଥମ ମ୍ୟାଚ୍ ଖେଳିବ। ଏହି ପରିପ୍ରେକ୍ଷୀରେ ସାୱନ ପହରିଆଙ୍କ ନେତୃତ୍ୱରେ ଘୋଷିତ ୧୮ଜଣିଆ ରାଜ୍ୟ ଦଳ ଆଜି ରାୟପୁର ଯାତ୍ରା କରିଛି। ଦଳରେ ସୁଜଳ କୁମାର ସିଂହ, ଓମ ଟି ମୁଣ୍ଡେ, ସାଇଦୀପ ମହାପାତ୍ର, ଦିନେଶ କୁମାର ମାଝୀ(ୱିକେଟ କିପର), ପାନକଲ ଶଶାଙ୍କ, ମହମ୍ମଦ ସୋହେଲ ଖାନ, ଶୁଭମ ପ୍ରିୟଦର୍ଶୀ, ବିଭାଶ ସ, ବିନାୟକ ସାହୁ, ଉଦୟ ଜଟ, ଆଶୁତୋଷ ଛୁରିଆ, ବିମଳ କୁମାର, ଆଶୁତୋଷ ମାରାଣ୍ଡି, ବାଦଲ ବିଶ୍ୱାଳ, ମିଳନ ସାମଲ, ସୁଶୀଲ କୁମାର ବାରିକ, ଶୋଭନ ଦେବ ବେହେରା ଦଳରେ ସ୍ଥାନ ପାଇଛନ୍ତି। ବସନ୍ତ ମହାନ୍ତି ମୁଖ୍ୟ କୋଚ୍, ସୁରେଶ କୁମାର ସହକାରୀ କୋଚ୍, ଗିରିଶ ଚନ୍ଦ୍ର ହୋତା ମ୍ୟାନେଜର, ଅନୀଲ କୁମାର ବିଶ୍ୱାଳ ପ୍ରଶାସନିକ ମ୍ୟାନେଜର, ଦିନେଶ ସାହୁ ଫିଜିଓ, ମନୋଜ ବିଶ୍ୱାଳ ଷ୍ଟ୍ରେନ୍ଥ ଆଣ୍ଡ କଣ୍ଡିସନିଂ କୋଚ୍, ନବୀନ ବେହେରା ଭିଡିଓ ଆନାଲିଷ୍ଟ ଏବଂ ଦିଲ୍ଲୀପ ଚନ୍ଦନ ସାଇଡଆର୍ମ ଥ୍ରୋୟର ଭାବେ ଦଳ ସହ ଯାତ୍ରା କରିଛନ୍ତି।

ବିଜୟ ମର୍ଚ୍ଚାଣ୍ଟ ଟ୍ରଫି | ଓଡ଼ିଶା ଫଲୋଅନ ନିକଟତର


ଅସିମ ବରାଡ


ମହେଶ ସାହୁ

**କଟକ, ୧୨।୧୨(ସମିସ):** ୧୬ବର୍ଷରୁ କମ୍ ବାଳକ ବିଜୟ ମର୍ଚ୍ଚାଣ୍ଟ ଟ୍ରଫିର ଗୁଜରାଟ ବିପକ୍ଷ ମ୍ୟାଚ୍‌ରେ ଓଡ଼ିଶା ଫଲୋଅନ ନିଟଟତର ହୋଇଛି। ଗ୍ୱାଲିୟରର କ୍ୟାପ୍ଟେନ ରୁପ ସିଂହ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ଗୁଜରାଟ ୯ ୱିକେଟ ବିନିମୟରେ ୪୨୩ରନ ସଂଗ୍ରହ କରି ପାଳି ଘୋଷଣା କରିଥିଲା। ଜବାବରେ ଓଡ଼ିଶା ୭ ୱିକେଟ ହରାଇ ୨୧୦ରନ କରିଛି। ଗୁଜରାଟର ଅସମାପ୍ତ ପ୍ରଥମ ପାଳି ୩୬୧/୬ରୁ ଗୁରୁବାରର ଖେଳ ଆରମ୍ଭ ହୋଇଥିଲା। ୩୭ରନରେ ଅପରାଜିତ ଥିବା ଶିଭମ ପଟେଲ ୬୫ରନ କରି ଆଉଟ ହୋଇଥିଲେ। ନିମ୍ନକ୍ରମ ବ୍ୟାଟରଙ୍କ ସହଯୋଗରେ ଦଳ ୪୦୦ପାର କରିଥିଲା। ଓଡ଼ିଶା ପକ୍ଷରୁ ମହେଶ ସାହୁ ସର୍ବାଧିକ ୩ଟି ୱିକେଟ ଦଖଲ କରିଥିଲେ। ପ୍ରାରମ୍ଭିକ ବ୍ୟାଟିଂ ବିଫଳତା ଯୋଗୁଁ ଓଡ଼ିଶା ସଙ୍କଟରେ ପଡ଼ିଛି। ଅସିମ ବରାଡ ସର୍ବାଧିକ ୫୦ରନ କରିଛନ୍ତି। ଦ୍ୱିତୀୟ ଦିବସ ଷ୍ଟମ୍ପ ଅପସାରଣ ବେଳକୁ ରାଜା ଯାଦବ ୧୦ରନ ଏବଂ ସତ୍ୟଜିତ ସାହୁ ଶୂନରେ ଅପରାଜିତ ଅଛନ୍ତି। ହାତରେ ୩ ୱିକେଟ ବାକି ରଖି ୨୧୩ରନ ପଛରେ ଥିବା ଓଡ଼ିଶା ଫଲୋଅନ ପାଇବା ଏକ ପ୍ରକାର ନିଶ୍ଚିତ ହୋଇଛି।

ବରିଷ୍ଠ ମହିଳା ଏକଦିବସୀୟ କ୍ରିକେଟ

## ନାଗାଲାଣ୍ଡକୁ ହରାଇଲା ଓଡ଼ିଶା


ମାଧୁରୀ ମେହଟା


ରୀମାଲକ୍ଷ୍ମୀ ଏକ୍କା


ଡି ଜାନକୀ ରେଡ୍ଡୀ


ସଙ୍ଗୀତା ଖାଡିଆ

**କଟକ, ୧୨।୧୨(ସମିସ):** ବରିଷ୍ଠ ମହିଳା ଜାତୀୟ ଏକଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ୩ୟ ବିଜୟ ହାସଲ କରିଛି। ଆଜି ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଖେଳାଯାଇଥିବା ୫ମ ଲିଗ୍ ମ୍ୟାଚ୍‌ରେ ଦଳ ୭ ୱିକେଟରେ ନାଗାଲାଣ୍ଡକୁ ପରାସ୍ତ କରିଥିଲା। ଲିଗ ପର୍ଯ୍ୟାୟରେ ୩ଟି ବିଜୟ ଏବଂ ୨ଟି ପରାଜୟ ସହ ୧୨ ପଏଣ୍ଟ ହାସଲ କରି ଓଡ଼ିଶା ଗ୍ରୁପ-ବି ଟେବଲର ୩ୟ ସ୍ଥାନକୁ ଉନ୍ନୀତ ହୋଇଛି। ଆସନ୍ତା ୧୪ରେ ଦଳ ମୁମ୍ବାଇକୁ ଭେଟିବ। ଗୁରୁବାର ଅନୁଷ୍ଠିତ ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ନାଗାଲାଣ୍ଡ ମାତ୍ର ୭୩ରନରେ ଅଲଆଉଟ ହୋଇଥିଲା। ସାରିବା ସର୍ବାଧିକ ୧୩ରନ କରିଥିଲେ। ଓଡ଼ିଶା ତରଫରୁ ଡି ଜାନକୀ ରେଡ୍ଡୀ ୩ଟି, ସଙ୍ଗୀତା ଖାଡିଆ ୨ଟି, ରୀମାଲକ୍ଷ୍ମୀ ଏକ୍କା ୨ଟି, ପ୍ରିୟଙ୍କା ପ୍ରିୟଦର୍ଶିନୀ, ସୁଶ୍ରୀ ଦିବ୍ୟଦର୍ଶିନୀ ଓ ବିଜୟଲକ୍ଷ୍ମୀ ବେହେରା ଗୋଟିଏ ଲେଖାଏ ୱିକେଟ ଅକ୍ତିଆର କରିଥିଲେ। ୧୫.୩ ଓଭରରେ ୩ ୱିକେଟ ହରାଇ ଓଡ଼ିଶା ବିଜୟ ଲକ୍ଷ୍ୟ ହାସଲ କରିଥିଲା। ମାଧୁରୀ ମେହଟା ୪୫ରନର ମ୍ୟାଚ୍ ବିଜୟୀ ପାଳି ଖେଳିଥିଲେ।

ସଦାଶିବ ସର୍ବଭାରତୀୟ ସ୍ମାରକୀ କ୍ରିକେଟ

## କୋଲକାତାକୁ ହରାଇ ସେମିରେ ବାଲେଶ୍ୱର




**ଭାପୁର, ୧୨।୧୨(ସମିସ):** ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ସ୍ଥିତ ଫତେଗଡ଼ ଶ୍ରୀରାମ ପାହାଡ଼ ପାଦଦେଶରେ ଥିବା ନାଲି ସାଗର ଷ୍ଟାଡିୟମରେ ଚାଲିଥିବା ପଞ୍ଚଦଶ ସର୍ବଭାରତୀୟ ସଦାଶିବ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ବାଲେଶ୍ୱର ସେମିଫାଇନାଲରେ ପ୍ରବେଶ କରିଛି। ଗୁରୁବାର ଅନୁଷ୍ଠିତ ଚତୁର୍ଥ କ୍ୱାର୍ଟରଫାଇନାଲରେ ବାଲେଶ୍ୱର ଆଦର୍ଶ କ୍ରିକେଟ୍ କ୍ଲବ ୩ ୱିକେଟରେ ଏ ଆଣ୍ଡ କୋଲକାତାକୁ ପରାସ୍ତ କରି ସେମିକୁ ଉଠିଛି।

ଟସ୍ ଜିତି କୋଲକାତା ପ୍ରଥମେ ବ୍ୟାଟିଂ କରି ୧୭.୪ ଓଭରରେ ୮୪ ରନକରି ଅଲଆଉଟ ହୋଇଥିଲା। ଦଳ ତରଫରୁ ଅନୁଜ କୁମାର ସର୍ବାଧିକ ୧୩ ରନ ସଂଗ୍ରହ କରିଥିଲେ। ଜବାବରେ ବାଲେଶ୍ୱର ୧୭.୫ ଓଭରରେ ୭ ୱିକେଟ ହରାଇ ୯୦ ଓଭରରେ ବିଜୟୀ ହୋଇଥିଲେ। ଦଳ ତରଫରୁ ତପନ ମୁର୍ମୁ ସର୍ବାଧିକ ୨୪ ରନ ସଂଗ୍ରହ କରିଥିଲେ। ବାଲେଶ୍ୱରର ଜ୍ଞାନ ପରିଡ଼ା ୪ ୱିକେଟ ଅକ୍ତିଆର କରି ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଓସିଏ ଅମ୍ପାୟର ଆଶୁତୋଷ ପାଣି, ଦୁର୍ଗା ପ୍ରସାଦ ପଟ୍ଟନାୟକ ମ୍ୟାଚ୍ ପରିଚାଳନା କରିଥିଲେ। କିରଣ ମନୋହର ମହାନ୍ତି ଓ ପବିତ୍ର ସାହୁ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ସୁଧୀ ରଞ୍ଜନ ପଣ୍ଡା ରେଫରି ଦାୟିତ୍ୱ ତୁଲାଇଥିଲେ। ଓସିଏର ବୁବୁ ସିହ୍ନା, ସରୋଜ କୁମାର ମହାପାତ୍ର ଓ ଜେନ୍ନେୟ ଦଳେଇ ଭାଷ୍ୟକାର ଦାୟିତ୍ୱ ନିର୍ବାହ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଖଣ୍ଡପଡ଼ା ବ୍ଲକ ଉପାଧ୍ୟକ୍ଷ ଶିଶିର କୁମାର ସାହୁ, ସମ୍ମାନୀତ ଅତିଥି ଭାବେ ଭାପୁର ବିଡିଓ ସାରଦା ପସନ୍ନ ପଣ୍ଡା, ବସନ୍ତ କୁମାର ମାଝୀ, ଯୁଧିଷ୍ଠିର ଖୁଣ୍ଟିଆ ଯୋଗ ଦେଇଥିଲେ। ଶୁକ୍ରବାର ଦ୍ୱିତୀୟ ସେମିଫାଇନାଲ ମୁକାବିଲାରେ ବାଲେଶ୍ୱର ଓ ସମ୍ବଲପୁରର ଏମ୍‌ଏମ୍‌ସିସି ପରସ୍ପରକୁ ଭେଟିବେ।

■ ସର୍ବଭାରତୀୟ ଗଣ୍ଡରପୁର କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ

## ଫାଇନାଲ୍‌ରେ ପଦ୍ମକେଶରୀପୁର

**ନନ୍ଦନକାନନ, ୧୨।୧୨(ସମିସ):** ଭୁବନେଶ୍ୱର ଉତ୍ତର ଗଣ୍ଡରପୁର ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ୍‌ଠାରେ ଚାଲିଥିବା ସର୍ବଭାରତୀୟ ଗଣ୍ଡରପୁର କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟର ୫ମ ଦିବସରେ ଗୁରୁବାର ୪ଟି ମ୍ୟାଚ୍ ଖେଳାଯାଇଛି। ସହରାଞ୍ଚଳ ମ୍ୟାଚ୍‌ରେ ୱାଇଡିସି ମଣିପୁର ୧-୦ ଗୋଲ୍‌ରେ ରାଉରକେଲା ରେଡ୍‌କୁ ପରାସ୍ତ କରି ସେମି ଫାଇନାଲକୁ ଉନ୍ନିତ ହୋଇଛି। ୱାଇଡିସି ଦଳ ତରଫରୁ ୨୦ ନମ୍ବର ଜର୍ସି ଏସ୍. ମିନା ବିଜୟ ସୂଚକ ଗୋଲ୍‌ଟି ମାରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହେଇଛନ୍ତି। ଗ୍ରାମାଞ୍ଚଳ 'ଖ' ବିଭାଗର ଚମ୍ପାନାହାକାଣୀ କ୍ଲବ୍ ପଦ୍ମକେଶରୀପୁର ଟ୍ରାଇବ୍ରେକର ଜରିଆରେ ୫-୪ ଗୋଲ୍‌ରେ ଜୟ ଦୁର୍ଗା କ୍ଲବ୍ ଆମଣକୁ ପରାସ୍ତ କରି ଗୃପ୍‌ର ଦ୍ୱିତୀୟ ଦଳ ଭାବେ ଫାଇନାଲକୁ ପ୍ରବେଶ କରିଛି। ଅନୁଷ୍ଠିତ 'କ' ବିଭାଗର ପ୍ରଥମ ମ୍ୟାଚ୍‌ରେ ଜୟ ଜଗନ୍ନାଥ କ୍ଲବ୍ ମୁଣ୍ଡମୁହାଣ ଦଳ ୧-୦ ଗୋଲ୍‌ରେ ସିଜିୟୁ ୟୁନିଭର୍ସିଟିକୁ ପରାସ୍ତ କରି ସେମିଫାଇନାଲ୍‌କୁ ପ୍ରବେଶ କରିଛି। ମୁଣ୍ଡମୁହାଣ ଦଳର ରାଜେଶ ନାୟକ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଛନ୍ତି। 'କ' ବିଭାଗର ଦ୍ୱିତୀୟ ମ୍ୟାଚ୍‌ରେ ସୁପ୍ରିମ୍ କ୍ଲବ୍ ବରାହିପୁର ଦଳ ୧-୦ ଗୋଲ୍‌ରେ ବଜରଙ୍ଗବାଲି କ୍ଲବ୍ ଘାଟିକିଆକୁ ପରାସ୍ତ କରି ସେମିକୁ ପ୍ରବେଶ କରିଛି। ସୁପ୍ରିମ୍ କ୍ଲବ୍‌ର ସୌମ୍ୟରଞ୍ଜନ ରାଉତ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ନୟାଗଡ଼ ବିଧାୟକ ଡ. ଅରୁଣ ସାହୁ, ସମ୍ମାନିତ ଅତିଥିଭାବେ ପୂର୍ବତନ ବିଧାୟକ ସୁରେଶ ରାଉତରାୟ ଓ କଂଗ୍ରେସ୍ ନେତା କିଶୋର ଜେନା ଯୋଗଦେଇଥିଲେ। ରେଫରୀ ସୁଦୀପ୍ ଦାସ, ବ୍ରହ୍ମାନନ୍ଦ ଭୋଇ ଓ ଜ୍ୟୋତିରଞ୍ଜନ ସ୍ୱାଇଁ ଖେଳକୁ ପରିଚାଳନା ଓ ଭାଷ୍ୟକାର ରଙ୍କନିଧି ରାଉତ ଧାରାବିବରଣୀ ଦେଇଥିଲେ।



### ବିଶ୍ୱ ଚେସ୍ ଚାମ୍ପିଅନସିପ୍

# ସତରଞ୍ଜର ନୂଆ ବାଦ୍‌ଶାହ ଗୁକେଶ

**ସିଙ୍ଗାପୁର, ୧୨।୧୨(ଏଜେନ୍ସି):** ସିଙ୍ଗାପୁରର ରିସୋର୍ଟ୍ସ ୱାର୍ଲ୍ଡ ସେଣ୍ଟୋସାଠାରେ ଅନୁଷ୍ଠିତ ବିଶ୍ୱ ଚେସ୍ ଚାମ୍ପିଅନସିପ୍‌ରେ ଭାରତୀୟ ଗ୍ରାଣ୍ଡମାଷ୍ଟର ଗୁକେଶ ଦୋମ୍ମାରାଜୁ ଟାଇଟଲ ହାସଲ କରିଛନ୍ତି। ଗୁରୁବାର ଅନୁଷ୍ଠିତ ଫାଇନାଲ ମୁକାବିଲାରେ ସେ ଡିଫେଣ୍ଡିଂ ଚାମ୍ପିଅନ ଚୀନ୍‌ର ଡିଙ୍ଗ ଲିରେନ୍‌ଙ୍କୁ ପରାସ୍ତ କରି ବାଜି ମାରିଛନ୍ତି। ଏଥିସହ ଗୁକେଶ ସତରଞ୍ଜର ନୂଆ ବାଦ୍‌ଶାହା ଭାବେ ଉଭା ହୋଇଛନ୍ତି। ୧୮ ବର୍ଷୀୟ ଗୁକେଶ ଏଥିସହ ବିଶ୍ୱର ସର୍ବକନିଷ୍ଠ ଖେଳାଳି ଭାବେ ବିଶ୍ୱ ଚେସ୍ ଚାମ୍ପିଅନସିପ୍‌ରେ ଚାମ୍ପିଅନ ହେବା ସହ ଇତିହାସ ସୃଷ୍ଟି କରିଛନ୍ତି। ପୂର୍ବରୁ ୧୯୮୫ରେ ରୁଷିଆର ଗ୍ୟାରୀ କାସ୍ପାରୋଭ ୨୨ ବର୍ଷରେ ଟାଇଟଲ ଜିତି ସର୍ବକନିଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଚତୁର୍ଦ୍ଦଶ ତଥା ଅନ୍ତିମ ଗେମ୍‌ରେ ଚୀନ୍ ଖେଳାଳିଙ୍କୁ ସେ ପରାସ୍ତ କରିଥିଲେ। ୧୪ଟି ଗେମ୍ ଶେଷ ସୁଦ୍ଧା ସେ ୭.୫-୬.୫ରେ ଲିରେନ୍‌ଙ୍କୁ ପଛରେ ପକାଇ ବାଜି ମାରିଛନ୍ତି। ଚାମ୍ପିଅନ ହେବା ସହ ଗୁକେଶ ଏବେ ୨.୫ ମିଲିଅନ ଆମେରିକୀୟ ଡଲାର ଅର୍ଥାତ ୨୦ କୋଟି ୮୬ ଲକ୍ଷ ଟଙ୍କା ପୁରସ୍କାର ପାଇବେ।

ନଭେମ୍ବର ୨୫ରେ ଏହି ଚାମ୍ପିଅନସିପ୍ ଆରମ୍ଭ ହୋଇଥିଲା। ଡିସେମ୍ବର ୧୧ ପର୍ଯ୍ୟନ୍ତ ଦୁଇ ଖେଳାଳିଙ୍କ ମଧ୍ୟରେ ୧୩ଟି ଗେମ୍ ଖେଳାଯାଇଥିଲା ଓ ସ୍କୋର ୬.୫- ୬.୫ ବରାବର ସ୍ଥିତିରେ ରହିଥିଲା। କିନ୍ତୁ ଗୁକେଶ ଗୁରୁବାର ୧୪ତମ ଗେମ୍ ଜିତିନେଇ ଶେଷରେ ବାଜି ମାରିଥିଲେ। ବିଜୟ ହାସଲ କରିବାପରେ ଗୁକେଶ ଭାବପ୍ରବଣ ହୋଇ କାନ୍ଦି ପକାଇଥିଲେ।

**ସର୍ବକନିଷ୍ଠ ଖେଳାଳି ଭାବେ ଜିତିଲେ ଟାଇଟଲ୍**

**୨୦.୮୬ କୋଟି ଟଙ୍କା ପୁରସ୍କାର ପାଇବେ**




### ଆନନ୍ଦଙ୍କ ପରେ ୨ୟ ଭାରତୀୟ ଗୁକେସ

ଗୁକେଶ ବିଶ୍ୱ ଚାମ୍ପିଅନ ହେବାରେ ଦ୍ୱିତୀୟ ଭାରତୀୟ। ତାଙ୍କ ପୂର୍ବରୁ ୨୦୧୨ରେ ବିଶ୍ୱନାଥନ ଆନନ୍ଦ ପ୍ରଥମ ଭାରତୀୟ ଖେଳାଳି ଭାବେ ବିଶ୍ୱ ଚାମ୍ପିଅନ ହେବାର ଗୌରବ ଅର୍ଜନ କରିଥିଲେ। ରବିବାର ଶେଷସୁଦ୍ଧା ୧୧ଟି ଗେମ୍ ପରେ ଗୁକେଶ ୬-୫ରେ ଅଗ୍ରଣୀ ଥିଲେ। ଲିରେନ ଏହାପରେ ପ୍ରତ୍ୟାବର୍ତ୍ତନ କରି ଦ୍ୱାଦଶ ଗେମ୍ ଜିତିଥିଲେ ଓ ସ୍କୋର ପୁଣିଥରେ ବରାବର ସ୍ଥିତିକୁ ଆସିଥିଲା। ବୁଧବାର ୧୩ତମ ଗେମକୁ ୬୮ଟି ଚାଲିପରେ ଗୁକେଶ ଗେମ୍‌କୁ ଡ୍ର ରଖିଥିଲେ। ଫଳରେ ସ୍କୋର ୬.୫- ୬.୫ ସ୍ଥିତିରେ ରହିଥିଲା। ଗୁକେଶ ମୋଟ ଉପରେ ତୃତୀୟ, ଏକାଦଶ ଓ ଚତୁର୍ଦ୍ଦଶ ଗେମ୍ ଜିତିଥିଲେ। ଅପରପକ୍ଷରେ ଲିରେନ ପ୍ରଥମ ଓ ଦ୍ୱାଦଶ ଗେମ୍‌ରେ ବିଜୟୀ ହୋଇଥିବା ବେଳେ ବାକି ଗେମ୍ ଡ୍ର ରଖିଥିଲେ।

### ପ୍ରଥମଥର ଦୁଇ ଏସୀୟ ଖେଳାଳି ମୁହାଁମୁହିଁ

ବିଶ୍ୱ ଚେସ୍ ଚାମ୍ପିଅନସିପ୍‌ର ୧୩୮ ବର୍ଷର ଇତିହାସରେ ପ୍ରଥମଥର ପାଇଁ ଦୁଇ ଏସୀୟ ଖେଳାଳି ଅର୍ଥାତ ଚୀନ୍ ଓ ଭାରତର ପ୍ରତିଯୋଗୀ ମୁହାଁମୁହିଁ ହୋଇଥିଲେ। ଫଳରେ ବିଶ୍ୱ ଚେସ୍‌ରେ ଏବେ ଏସିଆର ଆଧିପତ୍ୟ ଦେଖିବାକୁ ମିଳିବ ବୋଲି କହିଲେ ଭୁଲ ହେବ ନାହିଁ।

### ୭ ବର୍ଷରେ ଚେସ୍ ଖେଳିବା ଆରମ୍ଭ କରିଥିଲେ

ଗୁକେଶଙ୍କ ପୂରା ନାମ ଡୋମ୍ମାରାଜୁ ଗୁକେଶ। ୨୦୦୬ ମେ ୨୯ ତାରିଖରେ ସେ ଜନ୍ମଗ୍ରହଣ କରିଥିଲେ। ୭ ବର୍ଷ ବୟସରେ ସେ ଚେସ୍ ଖେଳିବା ଆରମ୍ଭ କରିଥିଲେ। ଭାସ୍କର ନାଗୋୟା ତାଙ୍କୁ ଆରମ୍ଭରୁ ପ୍ରଶିକ୍ଷଣ ଦେଇଥିଲେ। ବିଶ୍ୱନାଥନ ଆନନ୍ଦ ଗୁକେଶଙ୍କୁ ଚେସ୍ ସମ୍ପର୍କରେ ଜ୍ଞାନ ପ୍ରଦାନ କରିବା ସହ କୋଚିଂ ଦେଇଥିଲେ। ତାଙ୍କ ପିତା ରଜନିକାନ୍ତ ଜଣେ ଡାକ୍ତର ଓ ମା ପଦ୍ମା ଜଣେ ମାଇକ୍ରୋବାୟୋଲୋଜିଷ୍ଟ। ୨୦୨୨ରେ ସେ ଅଲିମ୍ପିଆଡ ବ୍ୟକ୍ତିଗତ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଗୁକେଶ ପୂର୍ବରୁ ୧୭ ବର୍ଷ ବୟସରେ ଫିଡେ କାଣ୍ଡିଡେଟ୍ ଚେସ୍ ଟୁର୍ଣ୍ଣାମେଣ୍ଟ ଜିତି ନିଜର ଅସାଧାରଣ ପ୍ରତିଭା ଓ ଦକ୍ଷତାର ପ୍ରମାଣ ଦେଇଥିଲେ।

### ସର୍ବକନିଷ୍ଠ ବିଶ୍ୱ ଚେସ୍ ଚାମ୍ପିଅନ ତାଲିକା

| ନାମ | ବୟସ | ତାରିଖ |
|---|---|---|
| ଡି ଗୁକେଶ | ୧୮ ବର୍ଷ ୮ ମାସ ୧୪ ଦିନ | ଡିସେମ୍ବର ୧୨, ୨୦୨୪ |
| ଗ୍ୟାରୀ କାସ୍ପାରୋଭ | ୨୨ ବର୍ଷ ୬ ମାସ ୨୭ ଦିନ | ନଭେମ୍ବର ୯, ୧୯୮୫ |
| ମାଗ୍ନସ କାର୍ଲସେନ | ୨୨ ବର୍ଷ ୧୧ମାସ ୨୪ ଦିନ | ନଭେମ୍ବର ୨୩, ୨୦୨୪ |
| ମିଖାଇଲା ତାଲ | ୨୩ ବର୍ଷ ୫ ମାସ ୨୮ ଦିନ | ମେ ୭, ୧୯୬୦ |
| ଆନାତୋଲି କାର୍ପୋଭ | ୨୩ ବର୍ଷ ୧୦ମାସ ୧୧ ଦିନ | ଏପ୍ରିଲ ୩, ୧୯୭୫ |
| ଭ୍ଲାଦିମୀର କ୍ରାମନିକ | ୨୫ବର୍ଷ ୪ ମାସ ୧୦ ଦିନ | ନଭେମ୍ବର ୪, ୨୦୨୦ |
| ଇମାନୁଏଲ ଲାସ୍କେର | ୨୫ ବର୍ଷ ୫ ମାସ ୨ ଦିନ | ମେ ୨୬, ୧୯୮୪ |

■ **ଓଡ଼ିଶା ମାଷ୍ଟର୍ସ-୨୦୨୪**

## ପ୍ରି-କ୍ୱାର୍ଟରରେ ହାରିଲେ ପଣ୍ଡା ଭଗିନୀ

**କଟକ, ୧୨।୧୨(ସମିସ):** ଅନ୍ତର୍ଜାତୀୟ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଓଡ଼ିଶା ମାଷ୍ଟର୍ସ-୨୦୨୪ର ପ୍ରି-କ୍ୱାର୍ଟର ରାଉଣ୍ଡରେ ପରାଜୟ ସହ ଅଭିଯାନ ଶେଷ କରିଛନ୍ତି ଓଡ଼ିଆ ଭଗିନୀଙ୍କ ଯୋଡ଼ି ଋତୁପର୍ଣ୍ଣା ପଣ୍ଡା ଏବଂ ଶ୍ୱେତପର୍ଣ୍ଣା ପଣ୍ଡା। ଜବାହରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମରେ ଆଜି ଖେଳାଯାଇଥିବା ମହିଳା ଡବଲ୍ସ ରାଉଣ୍ଡ-୧୬ର ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ଉଭୟ ଅନ୍ୟତମ ଭାରତୀୟ ଯୋଡ଼ି କନିକା କନୱାଲ ଏବଂ ଭାରତୀ ପାଲଙ୍କ ଠାରୁ ୨-୧ ସେଟ୍‌ରେ ହାରିଥିଲେ। ବିଡବ୍ଲ୍ୟୁଏଫ ୱାର୍ଲଡ ର୍‍ୟାଙ୍କିଙ୍ଗ ମହିଳା ଡବଲ୍ସ ବର୍ଗରେ ପଣ୍ଡା ଭଗିନୀ ୩୭ ନଂ ସ୍ଥାନରେ ଅଛନ୍ତି। ପ୍ରତିପକ୍ଷ କନିକା ଏବଂ ଭାରତୀଙ୍କ ଯୋଡ଼ି ୩୩୦ନଂ ର୍‍ୟାଙ୍କରେ ରହିଛି। କୋର୍ଟ-୪ରେ ଆଜି ମୁକାବିଲା ହୋଇଥିଲା। ପ୍ରଥମ ସେଟକୁ କନିକା ଏବଂ ଭାରତୀ ୨୧-୧୪ ଗେମ୍‌ରେ ଜିତିଥିଲେ। ଘରୋଇ ଷ୍ଟାଡିୟମର ଉତ୍ସାହଜନ ପରିବେଶ ଭିତରେ ଋତୁପର୍ଣ୍ଣା ଏବଂ ଶ୍ୱେତପର୍ଣ୍ଣା ଦ୍ୱିତୀୟ ସେଟ୍‌ରେ ପ୍ରତ୍ୟାବର୍ତ୍ତନ କରିଥିଲେ। ୨୧-୧୨ରେ ବିଜୟୀ ହୋଇ ମ୍ୟାଚ୍‌କୁ ବରାବର ସ୍ଥିତିରେ ପହଞ୍ଚାଇଥିଲେ। ୩ୟ ତଥା ନିର୍ଣ୍ଣାୟକ ସେଟ୍‌ରେ କଡ଼ା ମୁକାବିଲା ହୋଇଥିଲା। ଶେଷରେ ୨୧-୧୫ ଗେମ୍‌ରେ ବିଜୟୀ ହୋଇ କନିକା ଏବଂ ଭାରତୀ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। କଟକରେ ୩ୟଥର ଓଡ଼ିଶା ମାଷ୍ଟର୍ସ ଆୟୋଜନ ହୋଇଥିଲେ ସୁଦ୍ଧା ଋତୁପର୍ଣ୍ଣା ଏବଂ ଶ୍ୱେତପର୍ଣ୍ଣା ଆଶାନୁରୂପ ପ୍ରଦର୍ଶନ କରି ପାରିନାହାନ୍ତି। ଯାହାକି ଓଡ଼ିଶାର ବ୍ୟାଡମିଣ୍ଟନ ପ୍ରଶଂସକଙ୍କୁ ନିରାଶ କରିଛି। ଅନ୍ୟପକ୍ଷରେ ଚଳିତ ଟୁର୍ଣ୍ଣାମେଣ୍ଟରେ ସମସ୍ତ ଓଡ଼ିଆ ଖେଳାଳିଙ୍କ ଅଭିଯାନ ଶେଷ ହୋଇଛି। ମହିଳା ଡବଲ୍ସ ରାଉଣ୍ଡ-୩୨ରେ ଅନ୍ୟତମ ଓଡ଼ିଆ ଯୋଡ଼ି ପ୍ରଗତି ପରିଡ଼ା ଏବଂ ବିଶାଖା ଟପ୍ପୋ ପ୍ରତିପକ୍ଷ କନିକା ଏବଂ ଭାରତୀଙ୍କ ଠାରୁ ହିଁ ହାରିଥିଲେ। ସେହିପରି ପୁରୁଷ ଡବଲ୍ସ ରାଉଣ୍ଡ-୩୨ରେ ମଧ୍ୟ ଓଡ଼ିଶାକୁ ନିରାଶାଜନକ ଫଳ ମିଳିଥିଲା।

**ଓଡ଼ିଆ ପ୍ରତିଯୋଗୀଙ୍କ ଅଭିଯାନ ଶେଷ**

## ମହିଳା କ୍ରିକେଟ ଦଳ ଦଣ୍ଡିତ

**ଭୁବନେଶ୍ୱର, ୧୨।୧୨(ସମିସ):** ଅଷ୍ଟ୍ରେଲିଆ ବିପକ୍ଷ ଦ୍ୱିତୀୟ ଦିନିକିଆରେ ମନ୍ଥର ବୋଲିଂ ଲାଗି ଭାରତୀୟ ମହିଳା ଦଳକୁ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ ଦଣ୍ଡିତ କରିଛି। ଦଣ୍ଡସ୍ୱରୂପ ଭାରତୀୟ ଖେଳାଳିଙ୍କ ୧୦ ଶତକଡ଼ା ମ୍ୟାଚ୍ ଫି କାଟିନିଆଯାଇଛି। ଏହି ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୮ ୱିକେଟରେ ୩୭୧ ରନ୍ କରି ବିଶାଳ ସ୍କୋର କରିଥିଲା। ଭାରତ ଭଲ ବ୍ୟାଟିଂ କରିଥିଲେ ମଧ୍ୟ ବିଜୟଲକ୍ଷ୍ୟଠାରୁ ଦୂରରେ ରହିଥିଲା। ଦିନିକିଆ ସିରିଜ୍‌ରେ ଭାରତ ସମସ୍ତ ୩ଟିଯାକ ମ୍ୟାଚ୍‌ରେ ପରାଜିତ ହୋଇଥିଲା। ଆଇସିସି ଆଚାର ସଂହିତା ଧାରା ୨.୨୨ ଅନୁଯାୟୀ ଭାରତର ଖେଳାଳିଙ୍କର ଶତକଡ଼ା ୧୦ ଭାଗ, ସପୋର୍ଟ ଷ୍ଟାଫ୍‌ଙ୍କର ୫ ଭାଗ ମ୍ୟାଚ୍ ଫି କାଟି ନିଆଯାଇଛି। ମ୍ୟାଚ୍ ପରିଚାଳନା ଦାୟିତ୍ୱରେ ଥିବା ଫିଲ୍ଡ ଅମ୍ପାୟାର କ୍ଲାରି ପୋଲୋସାକ୍ ଓ ଡୋନୋଭାନ କୋଚ୍, ତୃତୀୟ ଅମ୍ପାୟାର ଜ୍ୟାକ୍‌ଲିନ୍ ୱିଲିୟମ୍ସ ଓ ଚତୁର୍ଥ ଅମ୍ପାୟାର ଡେଭିଡ ଟେଲର ଭାରତ ବିରୋଧରେ ଏହି ଅଭିଯୋଗ ଆଣିଥିଲେ। ଭାରତୀୟ ଅଧିନାୟକ ହରଭଜନପ୍ରୀତ୍ ଏହି ଦୋଷ ସ୍ୱୀକାର କରିବା ସହ ଦିଆଯାଇଥିବା ଦଣ୍ଡକୁ ଗ୍ରହଣ କରିନେଇଥିଲେ।

### କନିଷ୍ଠ ଏସିଆ କପ୍ ମହିଳା ହକି

## ସେମିଫାଇନାଲରେ ଭାରତ


**ମସ୍କାଟ, ୧୨।୧୨(ଏଜେନ୍ସି):** ଏଠାରେ ଚାଲିଥିବା କନିଷ୍ଠ ମହିଳା ଏସିଆ କପ୍ ହକିର ଗୁରୁବାର ଖେଳାଯାଇଥିବା ମ୍ୟାଚ୍‌ରେ ଭାରତ ୯-୦ ଗୋଲରେ ଥାଇଲାଣ୍ଡକୁ ପରାସ୍ତ କରିଛି। ଏହି ବିଜୟ ଫଳରେ ଭାରତ ସେମିଫାଇନାଲରେ ପ୍ରବେଶ କରିବା ସହ ଚିଲିରେ ଖେଳାଯିବାକୁ ଥିବା ଏଫ୍ଆଇଏଚ କନିଷ୍ଠ ବିଶ୍ୱକପ୍-୨୦୨୫ ଲାଗି ଯୋଗ୍ୟତା ଅର୍ଜନ କରିଛି। ଏହି ମ୍ୟାଚ୍‌ରେ ବିଜୟୀ ଭାରତ ଦଳ ପକ୍ଷରୁ ଦୀପିକା ସର୍ବାଧିକ ୪ଟି ଗୋଲ ସ୍କୋର କରିଥିଲେ। କନିକା ସିୱାଚ୍ ୩ଟି ଲେଖାଏଁ ଗୋଲ ସ୍କୋର କରିଛନ୍ତି। ଏବେ ଭାରତ ଆସନ୍ତା ୧୪ ତାରିଖରେ ଜାପାନ ସହ ସେମିଫାଇନାଲ ମୁକାବିଲାରେ ଅବତୀର୍ଣ୍ଣ ହେବ।

## ଇଷ୍ଟବେଙ୍ଗଲକୁ ହରାଇଲା ଓଡ଼ିଶା ଏଫ୍‌ସି

**ଭୁବନେଶ୍ୱର, ୧୨।୧୨(ସମିସ):** ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇଏସ୍ଏଲ୍) ଏକାଦଶ ସଂସ୍କରଣରେ ଗୁରୁବାର ଖେଳାଯାଇଥିବା ମ୍ୟାଚ୍‌ରେ ଓଡ଼ିଶା ଏଫ୍‌ସି ୨-୧ ଗୋଲରେ ଘରୋଇ ଇଷ୍ଟବେଙ୍ଗଲକୁ ପରାସ୍ତ କରିଛି। କୋଲକାତାର ସଲ୍ଟଲେକ୍ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଜବରଦସ୍ତ ସଂଘର୍ଷ ଦେଖିବାକୁ ମିଳିଥିଲା। କିନ୍ତୁ ଓଡ଼ିଶା ସବୁ ବିଭାଗରେ ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ପ୍ରଥମାର୍ଦ୍ଧ ଗୋଲ ଶୂନ୍ୟଭାବେ ଶେଷ ହେବା ପରେ ୫୩ତମ ମିନିଟ୍‌ରେ ଲାଲ ଚୁଙ୍ଗନୁଙ୍ଗା ଗୋଲ ଦେଇ ବେଙ୍ଗଲକୁ ଅଗ୍ରଣୀ କରାଇଥିଲେ। କିନ୍ତୁ ଏହାପରେ ଓଡ଼ିଶା ପ୍ରତ୍ୟାବର୍ତ୍ତନ କରିଥିଲା। ୨ ମିନିଟ୍ ପରେ ଅର୍ଥାତ ୫୫ତମ ମିନିଟ୍‌ରେ ଓଡ଼ିଶାର ଜେରୀ ମାଇହିମିଙ୍ଗଥାଙ୍ଗା ଗୋଲ ଦେଇ ମ୍ୟାଚ୍ ବରାବର ସ୍ଥିତିକୁ ଆଣିଥିଲେ। ଶେଷରେ ୮୧ତମ ମିନିଟ୍‌ରେ ହୁଗୋ ବୌମସ ଗୋଲ ଦେଇ ଓଡ଼ିଶାକୁ ୨-୧ରେ ଅଗ୍ରଣୀ କରାଇଥିଲେ। ଏହାପରେ ଗୋଲ ନ ହେବା ଫଳରେ ଓଡ଼ିଶା ବିଜୟୀ ହୋଇଥିଲା। ଏଥିସହ ଗତ ୫ଟି ମ୍ୟାଚ୍‌ରେ ଓଡ଼ିଶା ଅପରାଜେୟ ରହିଛି। ୧୨ ମ୍ୟାଚ୍ ଖେଳି ଓଡ଼ିଶା ୭ ବିଜୟ, ୨ଟି ଲେଖାଏ ଡ୍ର ଓ ପରାଜୟ ସହ ୧୯ ପଏଣ୍ଟ ପାଇ ତାଲିକାର ତୃତୀୟ ସ୍ଥାନରେ ରହିଛି। ୨୨ ତାରିଖରେ ଓଡ଼ିଶା ତା'ର ପରବର୍ତ୍ତୀ ମ୍ୟାଚ୍‌ରେ ମହମ୍ମଡାନ ଏସ୍‌ସିକୁ ଭେଟିବ।

**ଇଣ୍ଡିଆନ ସୁପର ଲିଗ୍**

## ସଟଲ୍ ଉଦ୍‌ଘାଟିତ, ବ୍ୟାଡ୍‌ମିଣ୍ଟନ ଏଚ୍‌ପିସି ଲୋକାର୍ପିତ



**ଭୁବନେଶ୍ୱର, ୧୨।୧୨(ସମିସ):** ଆଇକନିକ୍ କଳିଙ୍ଗ ଷ୍ଟାଡିୟମରେ ସଟଲକକ୍ ସଦୃଶ ବ୍ୟାଡ୍‌ମିଣ୍ଟନ ହାଇପରଫର୍ମାନ୍ସ ସେଣ୍ଟର (ଏଚ୍‌ପିସି) ଉଦ୍‌ଘାଟିତ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ସନ୍ଧ୍ୟାରେ ଏହି ବହୁ ପ୍ରତୀକ୍ଷିତ ବ୍ୟାଡମିଣ୍ଟନ ଏଚ୍‌ପିସିର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଆସାମ ମୁଖ୍ୟମନ୍ତ୍ରୀ ତଥା ବ୍ୟାଡମିଣ୍ଟନ ଆସୋସିଏସନ ଅଫ ଇଣ୍ଡିଆ (ବିଏଆଇ) ସଭାପତି ହେମନ୍ତ ବିଶ୍ୱ ଶର୍ମା, ପୂର୍ବତନ ବ୍ୟାଡ୍‌ମିଣ୍ଟନ ଖେଳାଳି ତଥା ଜାତୀୟ ବ୍ୟାଡମିଣ୍ଟନ ମୁଖ୍ୟ ପ୍ରଶିକ୍ଷକ ପୁଲେଲା ଗୋପୀଚାନ୍ଦ, କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, କ୍ରୀଡ଼ା ଓ ଯୁବସେବା ବିଭାଗ ପ୍ରମୁଖ ଶାସନ ସଚିବ ଭାସ୍କରଜ୍ୟୋତି ଶର୍ମା, ଡାଲମିଆ ଭାରତ ଗ୍ରୁପ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ପିୱାଇ ଡାଲମିଆ, ସରକାରୀ ଦଳର ମୁଖ୍ୟ ସଚେତକ ତଥା ବିଧାୟକ ସରୋଜ ପ୍ରଧାନ, ଏକାମ୍ର ବିଧାୟକ ବାବୁ ସିଂ, ଭାରତ ଡାଲିମଆ ଗ୍ରୁପ୍ ଏମ୍‌ଡି ଗୌତମ ଡାଲମିଆ, ଓଡ଼ିଶା ରାଜ୍ୟ ବ୍ୟାଡମିଣ୍ଟନ ଆସୋସିଏସନ ସଭାପତି ରାଜେଶ ପ୍ରଭାକର ପାଟିଲ ପ୍ରମୁଖ ଉପସ୍ଥିତ ଥିଲେ। ୭୫ କୋଟି ଟଙ୍କା ବିନିମୟରେ ଏହି ଏଚ୍‌ପିଟିସି ନିର୍ମିତ ହୋଇଛି। ଓଡ଼ିଶା ସରକାର, ଡାଲମିଆ ଭାରତ ଗ୍ରୁପ୍ ଓ ପୁଲେଲା ଗୋପୀଚାନ୍ଦ ବ୍ୟାଡମିଣ୍ଟନ ଫାଉଣ୍ଡେସନ (ପିଜିବିଏଫ୍)ର ମିଳିତ ସହଯୋଗରେ ଏହି ବିଶ୍ୱସ୍ତରୀୟ ଏକାଡେମୀ ନିର୍ମିତ ହୋଇଛି।

୭୭ ହଜାର ବର୍ଗଫୁଟ ପରିମିତ ଅଞ୍ଚଳରେ ନିର୍ମିତ ହୋଇଥିବା ଏହି ବିଶ୍ୱସ୍ତରୀୟ ତଥା ଇଣ୍ଡୋର ହାଇପରଫର୍ମାନ୍ସ ସେଣ୍ଟରରେ ୪୦୦ ଦର୍ଶକ ବସିବାର ସୁବିଧା ରହିଛି। ୭ ମହଲା ବିଶିଷ୍ଟ ଏହି ଏଚ୍‌ପିସିରେ ୮ଟି ଶୀତତାପ ନିୟନ୍ତ୍ରିତ ଅତ୍ୟାଧୁନିକ ବ୍ୟାଡମିଣ୍ଟନ କୋର୍ଟ ରହିଛି। ଏଠାରେ ଜାତୀୟ ତଥା ଅନ୍ତର୍ଜାତୀୟସ୍ତରର ଟୁର୍ଣ୍ଣାମେଣ୍ଟ ଆୟୋଜନ ହେବାର ସୁବିଧା ରହିଛି। ସେହିପରି ଏହି ଏକାଡେମୀରେ ୩୬ ଜଣ ଖେଳାଳି ରହିବା ଭଳି ଅତ୍ୟାଧୁନିକ ସୁବିଧା ସୁଯୋଗ ମଧ୍ୟ ରହିଛି। ୨୦୦ ସିଟ୍ ବିଶିଷ୍ଟ ଏକ ଆମ୍ଫିଥିଏଟର ମଧ୍ୟ ରହିଛି। କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ କ୍ରୀଡ଼ା ସଚିବ ଭାସ୍କରଜ୍ୟୋତି ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅତ୍ୟାଧୁନିକ ଏକାଡେମୀ ରାଜ୍ୟ ତଥା ଦେଶର ବ୍ୟାଡମିଣ୍ଟନ ଖେଳାଳିଙ୍କ ପାଇଁ ଯୁଗାନ୍ତକାରୀ ସୁଯୋଗ ସୃଷ୍ଟି କରିଛି। ଏହି ସେଣ୍ଟର ଭାରତୀୟ ବ୍ୟାଡମିଣ୍ଟନକୁ ନୂଆ ଶିଖରରେ ପହଞ୍ଚାଇବ। ଏହା କେବଳ ଏକ ସୁନ୍ଦର ସୌଧ ନୁହଁ, ଏହା କ୍ରୀଡ଼ା ବିକାଶର ପ୍ରାଣକେନ୍ଦ୍ର ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

**୮ଟି ଶୀତତାପ ନିୟନ୍ତ୍ରିତ ବ୍ୟାଡ୍‌ମିଣ୍ଟନ କୋର୍ଟ ରହିଛି**

**୪୦୦ ଦର୍ଶକଙ୍କ ବସିବାର ସୁବିଧା ରହିଛି**

**୨୦୦ ସିଟ୍ ବିଶିଷ୍ଟ ଆମ୍ଫିଥିଏର ରହିଛି**

**୩୬ ଜଣ ଖେଳାଳି ରହିବାର ସୁବିଧା ରହିଛି**




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS